ପୃଷ୍ଠା-୮+୮ 48 ଧରିତ୍ରୀ DHARITRI ୪୮
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୦/୨୦୨୧ (୮+୮=୧୬ ପୃଷ୍ଠା) Bhubaneswar, Friday, December 10/2021 ★★★★★★
୪୮ଶ ଭାଗ ୧୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



## ଦେବବ୍ରତଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ

ଦେବବ୍ରତ ପ୍ରଧାନଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଓଡ଼ିଶା ବିଜୟ ହଜାରେ ଟ୍ରଫି କ୍ରିକେଟ ମ୍ୟାଚରେ ଗୁରୁବାର ଆନ୍ଧ୍ରପ୍ରଦେଶକୁ ୬୩ ରନରେ ପରାସ୍ତ କରିଛି।

୦୮

୦୭

## ଜୀବନସାଥୀ ହେଲେ କ୍ୟାଟ୍-ଭିକ୍ଷି

ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଅଭିନେତା ଭିକ୍କି କୌଶଲଙ୍କୁ ହିନ୍ଦୁ ରୀତିନୀତିରେ ବିବାହ କରିଛନ୍ତି।



NATIONAL HEALTH MISSION
ନୂଆ କରୋନା ଭୂତାଣୁ 'ଓମିକ୍ରନ୍' ସଂକ୍ରମଣରୁ ଦୂରେଇ ରହିବାର ଉପାୟ
DADLS - 45
ଓଡ଼ିଶା ସରକାର
କୋଭିଡ୍ କଟକଣା ମାନିବା, 'ଓମିକ୍ରନ୍' ସଂକ୍ରମଣରୁ ରକ୍ଷା ପାଇବା


ନିୟମିତ ୪୦ ସେକେଣ୍ଡ୍ ପର୍ଯ୍ୟନ୍ତ ହାତକୁ ଭଲଭାବରେ ଧୁଅନ୍ତୁ
ସର୍ବଦା ସଠିକ୍ ଭାବରେ ମାସ୍କ ପିନ୍ଧନ୍ତୁ
ନିଜକୁ ଅନ୍ୟମାନଙ୍କ ଠାରୁ ୨ ମିଟର ଦୂରରେ ରଖନ୍ତୁ
ଜନଗହଳି ବା ଭିଡ଼ରୁ ଦୂରେଇ ରୁହନ୍ତୁ
୧୮ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ୨ ଡୋଜ୍ କୋଭିଡ୍ ଟୀକା ନିଶ୍ଚୟ ନିଅନ୍ତୁ
'ଓମିକ୍ରନ୍' ସଂକ୍ରମିତ ଦେଶରୁ ସଦ୍ୟ ଫେରିଥିବା କିମ୍ବା ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି କୋଭିଡ୍ ନେଗେଟିଭ୍ ଥିଲେ ମଧ୍ୟ ୭ ଦିନ ସଙ୍ଗରୋଧରେ ରହିବେ ଓ ଅଷ୍ଟମ ଦିନ ଆର୍.ଟି.ପି.ସି.ଆର୍ ପରୀକ୍ଷା କରାଇବେ। ପଜିଟିଭ୍ ଚିହ୍ନଟ ହେଲେ ହସ୍ପିଟାଲ୍ ଆଇସୋଲେସନ୍ ବାଧ୍ୟତାମୂଳକ। ରିପୋର୍ଟ ନେଗେଟିଭ୍ ହେଲେ ଆଉ ୭ ଦିନ ନିଜ ନିରୀକ୍ଷଣରେ ରହିବେ।
OIPR-15001/13/0083/2122
ଅଧିକ ଜାଣିବା ପାଇଁ ୧୦୪କୁ କଲ୍ କରନ୍ତୁ ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଜନହିତରେ ଜାରି
facebook.com/HFWOdisha
http://www.health.odisha.gov.in/
@HFWOdisha



ମମିତା ମେହେର ହତ୍ୟା ଘଟଣାକୁ ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୁରୁବାର ବିଧାନସଭା ଘେରାଉ ଉଦ୍ୟମବେଳେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ପୋଲିସ ସହ ମୁହାଁମୁହିଁ।

# ଭାଜପା-ପୋଲିସ ମୁହାଁମୁହିଁ

## ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ଭାଜପା ଯୁବମୋର୍ଚ୍ଚାର ବିଧାନସଭା ଘେରାଉ

- ପୋଲିସର ଲାଠି ମାଡ଼ରେ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଆହତ
- ଢେଲା ମାଡ଼ରେ ୧୫ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ଆହତ
- ୮ ପୋଲିସ ଭ୍ୟାନ୍ ଭାଙ୍ଗିଲେ ଆନ୍ଦୋଳନକାରୀ
- ଆହତ ହେଲେ ଗଣମାଧ୍ୟମ କର୍ମଚାରୀ

ଭୁବନେଶ୍ୱର,୯।୧୨(ବ୍ୟୁରୋ)

କଳାହାଣ୍ଡି ଜିଲା ମହାଲିଙ୍ଗ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ସହ ଉକ୍ତ ମାମଲାର ସିବିଆଇ ତଦନ୍ତ ଦାବିରେ ୨ମାସ ହେବ ବିରୋଧୀ ପ୍ରତିବାଦ କରି ଆସୁଛନ୍ତି। ରାଜ୍ୟବ୍ୟାପୀ ଆନ୍ଦୋଳନ ହେଉଥିଲେ ସୁଦ୍ଧା ସରକାର ମନ୍ତ୍ରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଫଳରେ ବିରୋଧୀ ସେମାନଙ୍କ ଆନ୍ଦୋଳନକୁ ତୀବ୍ର କରିଛନ୍ତି। ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ଆହ୍ୱାନରେ ଗୁରୁବାର ବିଧାନସଭା ଘେରାଉ କରିବାକୁ ଉଦ୍ୟମ କରାଯାଇଛି। ହଜାର ହଜାର ଭାଜପା କର୍ମୀ ଦଳୀୟ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ଆସିଥିଲେ। ଗାନ୍ଧୀମାର୍ଗରେ ଥିବା ବାରିକେଡ୍ ପାରହୋଇ ବିଧାନସଭା ଆଡ଼କୁ ଯିବାକୁ ଚେଷ୍ଟା କରିବାବେଳେ ଲୋୟର ପିଏମ୍‌ଜି ରଣକ୍ଷେତ୍ର ପାଲଟିଥିଲା। ପୋଲିସ ଅଟକାଇବାରୁ ଭାଜପା କର୍ମୀମାନେ ଢେଲା ମାଡ଼ କରିଥିଲେ। ଫଳରେ ପୋଲିସ ଗୋଡ଼ାଇ ଗୋଡ଼ାଇ ଲାଠିଚାଳନା କରିଥିଲା। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଆହତ ହୋଇଛନ୍ତି। ଅପରପକ୍ଷରେ ଢେଲା ପଥର ମାଡ଼ରେ୧୫ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ଏବଂ ୩ଜଣ ସାମ୍ବାଦିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ☞ପୃଷ୍ଠା-୪

# ଆନ୍ଦୋଳନରୁ ଓହରିଲେ ଚାଷୀ

ନୂଆଦିଲ୍ଲୀ, ୯।୧୨(ପି.ଟି.)

କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ବିରୋଧରେ ଦୀର୍ଘ ୧୫ ମାସ ହେଲା ଚାଲିଥିବା କୃଷକ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଶନିବାରଠାରୁ ଚାଷୀମାନେ ଦିଲ୍ଲୀ ସୀମା ଛାଡ଼ି ଘରକୁ ଫେରିଯିବେ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ତେବେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ଲାଗି ଆନ୍ଦୋଳନ ଜାରି ରହିବ ବୋଲି ଏସ୍‌କେଏମ୍ ପକ୍ଷରୁ କୁହାଯାଇଛି। ସରକାର ସେମାନଙ୍କ ଦାବି କେତେଦୂର ପୂରଣ କରୁଛନ୍ତି, ତାହା ଦେଖିବା ଲାଗି ଜାନୁୟାରୀ ୧୫ରେ କୃଷକ ନେତାମାନଙ୍କର ପୁଣିଥରେ ବୈଠକ ବସିବାକୁ ସ୍ଥିର ହୋଇଛି।

ଆନ୍ଦୋଳନରେ ଚାଷୀମାନଙ୍କର ବିଜୟ ହୋଇଛି। ଏହି ଐତିହାସିକ ବିଜୟକୁ ଆନ୍ଦୋଳନରେ ଶହୀଦ ହୋଇଥିବା ୭୧୫ ଚାଷୀଙ୍କୁ ଉତ୍ସର୍ଗ କରାଗଲା ବୋଲି ଏସ୍‌କେଏମ୍ କହିଛି। ଏଥିସହିତ ସମସ୍ତ ଆନ୍ଦୋଳନକାରୀ ଏବଂ ଜନସାଧାରଣଙ୍କୁ ସଂଗଠନ ପକ୍ଷରୁ ଅଭିନନ୍ଦନ ଜଣାଇ ଦିଆଯାଇଛି। ପଛରେ ସେମାନଙ୍କର ଅଭୂତପୂର୍ବ ସମର୍ଥନରୁ ଆନ୍ଦୋଳନରେ ବିଜୟ ପ୍ରାପ୍ତ ହୋଇପାରିଛି। ଚାଷୀମାନଙ୍କ ଏକତା, ଧୈର୍ଯ୍ୟ, ଶାନ୍ତି ଆନ୍ଦୋଳନର ମୁଖ୍ୟ ପୁଞ୍ଜି। କୌଣସି ପରିସ୍ଥିତିରେ ଏହାକୁ ହରାଇବାକୁ ଦିଆଯିବ ନାହିଁ ବୋଲି ଏସ୍‌କେଏମ୍ ପକ୍ଷରୁ ମିଳିତ ବିବୃତିରେ କୁହାଯାଇଛି।

ଚାଷୀମାନଙ୍କର ଅଧିକାଂଶ ବକେୟା ଦାବି ପୂରଣ କରିବା ଲାଗି କେନ୍ଦ୍ର ସରକାର ରାଜି ଥିବା ପତ୍ର ଲେଖି ୪୦ କୃଷକ ୟୁନିୟନର ମହାସଂଘ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍)କୁ ଜଣାଇବା ପରେ ଆନ୍ଦୋଳନ ପ୍ରତ୍ୟାହାର ନିଷ୍ପତ୍ତି ହୋଇଥିଲା। ଏମ୍‌ଏସ୍‌ପି ଉପରେ ବିଚାର ପାଇଁ କମିଟି ଗଠନ, ଚାଷୀମାନଙ୍କ ବିରୋଧରେ ରୁଜୁ ହୋଇଥିବା ସମସ୍ତ ମାମଲା ପ୍ରତ୍ୟାହାର ସମେତ ଅନ୍ୟାନ୍ୟ ଦାବି ପୂରଣ ଲାଗି ସରକାର ରାଜି ହୋଇଛନ୍ତି। ତେବେ ଏହା ଆନ୍ଦୋଳନର ଶେଷ ନୁହେଁ, ସ୍ଥଗିତ ରହିଛି। ଜାନୁୟାରୀ ୧୫ରେ ପୁଣିଥରେ ବୈଠକ



ଦିଲ୍ଲୀର ସିଂଘୁ ସୀମାରେ ସଂଯୁକ୍ତ କିଷାନ ମୋର୍ଚ୍ଚା ନେତା ଏବଂ ସ୍ୱରାଜ ଇଣ୍ଡିଆ ମୁଖ୍ୟ ଯୋଗେନ୍ଦ୍ର ଯାଦବ ବିଜୟ ସୂଚନା ଦେଉଛନ୍ତି।

## ୧୧ରୁ ଘରକୁ ଫେରିବେ

### ଏମ୍‌ଏସ୍‌ପି ପାଇଁ ଜାରି ରହିବ ଲଢ଼େଇ

ପାଇଁ ନିଷ୍ପତ୍ତି ହୋଇଥିବା କୃଷକ ନେତା ତଥା ଏସ୍‌କେଏମ୍ କୋର କମିଟିସଦସ୍ୟ ବଲବୀର ସିଂ ରାଜେୱାଲ କହିଛନ୍ତି। ଯଦି ସରକାର ସମସ୍ତ ଦାବି ପୂରଣ ନ କରନ୍ତି, ତେବେ ପୁଣି ଥରେ ଆନ୍ଦୋଳନ ଡାକରା ଦିଆଯିବ ବୋଲି ଏସ୍‌କେଏମ୍ ସଦସ୍ୟ ଗୁରନାମ ସିଂ ଚାଦୁନି କହିଛନ୍ତି। ଆସନ୍ତା ୧୧ରେ ଚାଷୀମାନେ ବିଜୟ ଶୋଭାଯାତ୍ରାରେ ସେମାନଙ୍କ ଘରକୁ ଫେରିଯିବେ। ଏଥିପାଇଁ କିଛିଦିନ ସମୟ ଲାଗିବ ବୋଲି କୃଷକ ନେତା ରାକେଶ ଟିକାଏତ୍ କହିଛନ୍ତି। ☞ପୃଷ୍ଠା-୪

# ରାଣାପ୍ରତାପଙ୍କୁ ଝୁରୁଛି ଜନ୍ମମାଟି

ତାଳଚେର,୯।୧୨(ନି.ପ୍ର.)

ତାମିଲନାଡୁର କୁନ୍ନୁର ନିକଟରେ ବୁଧବାର ବାୟୁସେନାର ଏମ୍‌ଆଇ-୧୭ଭି୫ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୩ ଜଣଙ୍କ ମଧ୍ୟରେ ରହିଛନ୍ତି ଓଡ଼ିଆ ପୁଅ ରାଣା ପ୍ରତାପ ଦାସ (୩୫)। ବାୟୁସେନାରେ ଜୁନିୟର ୱାରେଣ୍ଟ ଅଫିସର (ଜେଡବ୍ଲ୍ୟୁଓ) ଥିବା ରାଣା ପ୍ରତାପଙ୍କ ମୃତ୍ୟୁ ସମ୍ପର୍କରେ ସ୍ପଷ୍ଟ ହେବା ପରେ ଓଡ଼ିଶାରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଜନ୍ମମାଟି ଅନୁଗୋଳ ଜିଲା ତାଳଚେର ବ୍ଲକ କଣ୍ଢାଳ ପଞ୍ଚାୟତର କୃଷ୍ଣଚନ୍ଦ୍ରପୁରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏକମାତ୍ର ପୁଅକୁ ହରାଇ ମା' ସୁଷମା ଦାସ ଓ ବାପା ଶ୍ରୀବତ୍ସ ଦାସ ମୂକ ପାଲଟିଯାଇଥିବା ବେଳେ ବାୟୁସେନାରେ ଡାକ୍ତର ଥିବା ସ୍ତ୍ରୀ ଶିବାଙ୍ଗୀ ସିଂ ଏବଂ ଭଉଣୀ ସୁଶ୍ରୀ ଦାସ ସ୍ତବ୍ଧ ହୋଇଯାଇଛନ୍ତି। ଗାଁର ଗର୍ବ ଓ ଗୌରବ ରାଣାଙ୍କ ଏପରି ଅକାଳ ବିୟୋଗକୁ ଗ୍ରାମବାସୀ ବିଶ୍ୱାସ କରିପାରୁ ନ ଥିବାବେଳେ ଝୁରି ହେଉଛି ଜନ୍ମମାଟି।

ବଲଣ୍ଡା କଲେଜର ଅବସରପ୍ରାପ୍ତ ବରିଷ୍ଠ କିରାଣି ଶ୍ରୀବତ୍ସ ଦାସଙ୍କ ପୁଅ ରାଣାପ୍ରତାପ ଦେଶମାତୃକାର ସେବା କରିବା ପାଇଁ ପିଲା ଦିନରୁ ସ୍ୱପ୍ନ ଦେଖିଥିଲେ। କଣ୍ଢାଳ ପଞ୍ଚାୟତ ତାଳବେଡ଼ା ☞ପୃଷ୍ଠା-୪

**ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରରେ ଥିଲେ ତାଳଚେରର ପୁଅ**



ରାଣା ପ୍ରତାପ ଦାସ

## ରାୱତ୍‌ଙ୍କୁ ସଂସଦରେ ଶ୍ରଦ୍ଧାଞ୍ଜଳି

**ନୂଆଦିଲ୍ଲୀ,୯।୧୨:** ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ସିଡିଏସ୍ ଜେନେରାଲ ବିପିନ ରାୱତ୍, ତାଙ୍କ ସ୍ତ୍ରୀ ମଧୁଲିକା ରାୱତ୍ ଓ ଅନ୍ୟ ୧୧ ଜଣଙ୍କୁ ଗୁରୁବାର ପାର୍ଲାମେଣ୍ଟରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଉଭୟ ଗୃହରେ ନୀରବ ପ୍ରାର୍ଥନା କରି ଅମର ଆତ୍ମାଙ୍କ ସଦ୍‌ଗତି କାମନା କରାଯାଇଛି। ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ସ୍ୱର୍ଗତ ରାୱତ୍‌ଙ୍କୁ ଜଣେ ଅନନ୍ୟ ସାମରିକ ନେତା ଥିଲେ ବୋଲି ସ୍ମରଣ କରିଥିଲେ। ଉଚ୍ଚ ସଦନରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉପାଧ୍ୟକ୍ଷ ଏହି ଦୁଃଖଦ ଦୁର୍ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଗଣତନ୍ତ୍ର ଚିନ୍ତା

# ଏମ୍‌ଆଇ-୧୭ଭି୫ ବ୍ଲାକ୍‌ବକ୍ସ ଠାବ

ନୂଆଦିଲ୍ଲୀ,୯।୧୨

ଦେଶର ବରିଷ୍ଠତମ ପ୍ରତିରକ୍ଷା ଅଧିକାରୀ ସିଡିଏସ୍ ଜେନେରାଲ ବିପିନ ରାୱତ୍, ତାଙ୍କ ସ୍ତ୍ରୀ ମଧୁଲିକା ରାୱତ୍ ଏବଂ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀମାନଙ୍କୁ ନେଇ ୱେଲିଂଟନ ଡିଫେନ୍ସ ଷ୍ଟାଫ୍ କଲେଜକୁ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଭାରତୀୟ ବାୟୁସେନାର ଏମ୍‌ଆଇ-୧୭ଭି୫ ହେଲିକପ୍ଟରର ବ୍ଲାକ୍‌ବକ୍ସ ମିଳିଛି। ତଦନ୍ତକାରୀ ଅଧିକାରୀମାନେ ଗୁରୁବାର ଏହାକୁ ଦୁର୍ଘଟଣାସ୍ଥଳ ନିକଟରୁ ଠାବ କରିଛନ୍ତି। ଅଧିକାରୀମାନେ କହିଛନ୍ତି, ଦୁର୍ଘଟଣାସ୍ଥଳର ୩୦୦ ମିଟରରୁ ୧ କି.ମି. ପର୍ଯ୍ୟନ୍ତ ବ୍ୟାପକ ତଲାସି କରାଯାଇଥିଲା। ତଲାସି ଅଭିଯାନ ବେଳେ ଏହାକୁ ଉଦ୍ଧାର କରାଯାଇଛି। ବ୍ଲାକ୍‌ବକ୍ସକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବା ପରେ ହେଲିକପ୍ଟର ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ିବ। ବ୍ଲାକ୍‌ବକ୍ସ ହେଉଛି ☞ପୃଷ୍ଠା-୪



# କିଏ ହେବେ ପରବର୍ତ୍ତୀ ସିଡିଏସ୍

ନୂଆଦିଲ୍ଲୀ,୯।୧୨

ତାମିଲନାଡୁର କୁନ୍ନୁର ନିକଟରେ ବାୟୁସେନା ହେଲିକପ୍ଟର ଦୁର୍ଘଟଣାରେ ବୁଧବାର ଦେଶର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ ରାୱତ୍‌ଙ୍କ ଆକସ୍ମିକ ମୃତ୍ୟୁ ପରେ ଏବେ ଗୋଟିଏ ପ୍ରଶ୍ନ। ତାହା ହେଲା କିଏ ହେବେ ଭାରତର ପରବର୍ତ୍ତୀ ସିଡିଏସ୍? ନୂଆ ସିଡିଏସ୍‌ଙ୍କ କାର୍ଯ୍ୟକାଳ କେତେ ବର୍ଷ ପାଇଁ ହେବ ତାହା ମଧ୍ୟ ସ୍ଥିର ହୋଇନାହିଁ। ସାମାଜିକ ଗଣମାଧ୍ୟମରେ ଏହି ପ୍ରସଙ୍ଗକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଥିବାବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏନେଇ କୌଣସି ପ୍ରତିକ୍ରିୟା ଆସିନାହିଁ। ପରବର୍ତ୍ତୀ ସିଡିଏସ୍ ଚୟନ ମୋଦି ସରକାରଙ୍କ ପାଇଁ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ସରକାର ସପ୍ତାହେ ଭିତରେ ନୂଆ ସିଡିଏସ୍ ବାଛିପାରନ୍ତି ବୋଲି କୁହାଯାଉଛି।

ସୂଚନା ଅନୁସାରେ ସିଡିଏସ୍ ଚୟନ ପାଇଁ କୌଣସି ନିର୍ଦ୍ଦିଷ୍ଟ ନିୟମ ସ୍ଥିର କରାଯାଇ ନାହିଁ। ସୀମା ସୁରକ୍ଷା ଆହ୍ୱାନଗୁଡ଼ିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଅଭିଜ୍ଞତାସମ୍ପନ୍ନ ଉଚ୍ଚ ସେନା ଅଧିକାରୀଙ୍କୁ ସିଡିଏସ୍ ନିଯୁକ୍ତ କରିଥାଆନ୍ତି। ତେବେ ଏହି ପଦରେ ଅବସ୍ଥାପିତ ହେଉଥିବା ସାମରିକ ଅଧିକାରୀଙ୍କ ବୟସ ୬୫ରୁ ଊର୍ଦ୍ଧ୍ୱ ହେବ ନାହିଁ ବୋଲି ଆରମ୍ଭରୁ ସ୍ଥିର କରାଯାଇଛି। ମୃତ୍ୟୁ ବେଳକୁ ଜେନେରାଲ ବିପିନ ରାୱତ୍‌ଙ୍କୁ ୬୩ ବର୍ଷ ହୋଇଥିଲା। ସ୍ୱର୍ଗତ ରାୱତ୍ ୨୦୧୯ ଡିସେମ୍ବର ୩୧ରେ ଭାରତର ୨୭ତମ ସ୍ଥଳସେନା ମୁଖ୍ୟ ପଦରୁ ଅବସର ନେଇ ୨୦୨୦ ଜାନୁୟାରୀ ପହିଲାରେ ପ୍ରଥମ ସିଡିଏସ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ୨୦୨୩ ମାର୍ଚ୍ଚରେ ସିଡିଏସ୍ ପଦରୁ ଅବସର ନେଇଥାଆନ୍ତେ। ☞ପୃଷ୍ଠା-୪



# କେନ୍ଦ୍ର ବିରୋଧରେ ଗର୍ଜିଲା ବିଜେଡି

■ ପ୍ରାୟ ୩ ଘଣ୍ଟାରୁ ଅଧିକ ସମୟ ବନ୍ଦ ହୋଇଗଲା ଏଜି-ଆଚାର୍ଯ୍ୟ ବିହାର ରାସ୍ତା

■ ବିଜେଡି ଛାତ୍ର ରାଲିବେଳେ ମାନିଲେନି କଟକଣା

ଭୁବନେଶ୍ୱର, ୯।୧୨(ବ୍ୟୁରୋ)

ପଞ୍ଚାୟତ ନିର୍ବାଚନ ଯେତିକି ପାଖେଇ ଆସୁଛି କେନ୍ଦ୍ର ବିରୋଧରେ ଶାସକ ଦଳ ନିଜ ସ୍ୱରକୁ ସେତିକି ଶାଣିତ କରିବାରେ ଲାଗିଛି। ଗୋଟିଏ ପଟେ ଭାଜପା ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ସହ ସିବିଆଇ ତଦନ୍ତ ଦାବିରେ ଅଡି ବସିଥିବା ବେଳେ ଦରଦାମ୍ ବୃଦ୍ଧିକୁ ଢାଲ କରିଛି ବିଜେଡି। ଏମ୍ଏସ୍‌ପି ବୃଦ୍ଧି, ତୈଳ ଓ ଗ୍ୟାସ୍ ଦର ବୃଦ୍ଧି, ରାଜ୍ୟରୁ କେନ୍ଦ୍ର ସରକାର ଉଷୁନା ଚାଉଳ ନ ଉଠାଇବା, ବେକାରି ସମସ୍ୟା ଆଦି ପ୍ରସଙ୍ଗରେ ରାଜଧାନୀ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଅଫିସ୍ ସମ୍ମୁଖରେ ହଜାର ହଜାର ଯୁବ, ଛାତ୍ର ଓ ମହିଳାଙ୍କୁ ନେଇ ବିଜେଡି ପକ୍ଷରୁ ପ୍ରତିବାଦ ସଭା କରାଯାଇଥିଲା। ଦଳର ସବୁ ଛାମୁଆ ଓ ବରିଷ୍ଠ ନେତାମାନେ ଆସି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ସକାଳ ୧୦ଟା ସମୟରେ ରାସ୍ତାରେ କେତେଜଣ ବିଜେଡି କର୍ମୀ ଏକାଠି ହୋଇଥିଲେ।



ଦରଦାମ୍ ବୃଦ୍ଧି ପ୍ରତିବାଦରେ ଗୁରୁବାର ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ଭୁବନେଶ୍ୱରରେ ବାଇକ୍ ରାଲି।

ଏହାପରେ ବିଧାନସଭା ମୁଲତବୀ ହେବା ମାତ୍ରେ ବିଧାୟକମାନେ ନିଜ ନିଜର ସମର୍ଥକମାନଙ୍କ ସହ ସଭାସ୍ଥଳରେ ପହଞ୍ଚିଯାଇଥିଲେ। ଭୁବନେଶ୍ୱରର ୩ ନିର୍ବାଚନ ମଣ୍ଡଳୀ ସହ ଏହାର ନିକଟବର୍ତ୍ତୀ ବିଧାୟକମାନେ ନିଜ ନିଜର ଶତାଧିକ କର୍ମୀଙ୍କୁ ଧରି କେନ୍ଦ୍ର ବିରୋଧୀ ନାରା ସହ ପ୍ରତିବାଦ ସଭା ନିକଟରେ ପହଞ୍ଚିଥିଲେ। ପ୍ରାୟ ୨୦ ହଜାରରୁ ଅଧିକ ଲୋକଙ୍କୁ ଏକାଠି ହୋଇଥିବାର ଦେଖିବାକୁ ମିଳିଥିଲା। ଏହାସହ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ଏକ ବିଶାଳ ବାଇକ ରାଲି ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରୁ ବାହାରି ସଭାସ୍ଥଳରେ ପହଞ୍ଚିଥିଲା। ହେଲେ ବାଇକ୍ ରାଲିରେ ଆସିଥିବା ଯୁବ, ଛାତ୍ରଙ୍କ ମୁଣ୍ଡରେ ହେଲ୍‌ମେଟ୍ ନ ଥିଲା କି ମୁହଁରେ ମାସ୍କ ନ ଥିଲା। କୋଭିଡ୍ କଟକଣାକୁ ସମ୍ପୂର୍ଣ୍ଣ ବେଖାତିର କରି ଏହି ରାଲି ଆସି ସେଠାରେ ପହଞ୍ଚିଥିଲା। ବିଧାନସଭା ଚାଲିବା ଯୋଗୁ ମାଲମାଲ ପୋଲିସ ରାସ୍ତା କଡରେ ଟ୍ରାଫିକ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ସତ୍ତ୍ୱେ ଶାସକ ଦଳ କର୍ମୀଙ୍କ ଏହି ବେଆଇନ କାମକୁ ଦେଖି ନ ଦେଖିଲା ଭଳି ଠିଆ ହୋଇ ରହିଥିଲେ। କିଛି ସମୟ ମଧ୍ୟରେ ଏଜି ଏବଂ ଆଚାର୍ଯ୍ୟ ବିହାର ରାସ୍ତା ସମ୍ପୂର୍ଣ୍ଣ ବିଜେଡି କର୍ମୀଙ୍କ ଅକ୍ତିଆରକୁ ଚାଲିଯାଇଥିଲା। ଫଳରେ ସାଧାରଣ ଲୋକଙ୍କୁ ମଧ୍ୟ ଗମନାଗମନ ଲାଗି ବ୍ୟାପକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ଅନ୍ୟପଟ ରାସ୍ତା ଉପରେ ମହିଳାମାନେ ଚୁଲି ଜାଳି ଚା କରିବା ସହିତ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ଏହି ଅବସରରେ ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି, କ୍ରମାଗତ ଭାବେ ଓଡ଼ିଶାର ସ୍ୱାର୍ଥକୁ କେନ୍ଦ୍ର ଭାଜପା ସରକାର ଯେଉଁଭଳି କୁଠାରାଘାତ କରିଚାଲିଛି ଯେପରି କି ପ୍ରଧାନମନ୍ତ୍ରୀ ଆୱାସ ଯୋଜନା, ଏମ୍ଏସପି, ଚାଉଳ ରାଜ୍ୟରୁ ନ ଉଠାଇବା, କେବିକେ ଯୋଜନା ହଟାଇବା ଆଦି ବିଭିନ୍ନ କଥା ସହ ରାଜ୍ୟର ୬୦ ହଜାର କୋଟି ଟଙ୍କାର ଅର୍ଥ ସେମାନେ କାଟିଛନ୍ତି। ଏଥିଲାଗି ଆରମ୍ଭ ହୋଇଥିବା ପ୍ରତିବାଦ ବର୍ତ୍ତମାନ ଲୋକଙ୍କ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଆଜି ବିଜେଡି ରାଜରାସ୍ତାରେ ଓଡ଼ିଶାବାସୀଙ୍କ ହକ୍ ପାଇଁ ଲଢ଼େଇ କରୁଛି। ଯେପର୍ଯ୍ୟନ୍ତ ହକ୍ ନ ମିଳିଛି ଏହାକୁ ପଞ୍ଚାୟତ ତଥା ୱାର୍ଡସ୍ତର ପର୍ଯ୍ୟନ୍ତ ନେବୁ ବୋଲି ପ୍ରଣବ କହିଛନ୍ତି। ପ୍ରାୟ ଦୁଇଘଣ୍ଟାରୁ ଅଧିକ ସମୟ ଏହି ଆନ୍ଦୋଳନ ତଥା ପ୍ରତିବାଦ ସଭା ଚାଲିବା ପରେ ଧୀରେ ଧୀରେ ରାସ୍ତା ଫାଙ୍କା ହୋଇଥିଲା। ବିଜେଡି କାର୍ଯ୍ୟକ୍ରମ ଲାଗି ଶତାଧିକ ପୋଲିସ ମଧ୍ୟ ସେଠାରେ ମୁତୟନ କରାଯାଇଥିଲା। ରାଜଧାନୀ ବାହାରୁ ମଧ୍ୟ ପୋଲିସଙ୍କୁ ଏହି କାମରେ ନିୟୋଜିତ କରାଯାଇଥିଲା। ଆନ୍ଦୋଳନ ସ୍ଥଳରେ ବହୁ କଲେଜର ଛାତ୍ରୀଛାତ୍ରମାନେ ମଧ୍ୟ ସାମିଲ ହୋଇଥିବା ନଜରକୁ ଆସିଥିଲା।

## ଭାଜପାର ଅସଲ ଚେହେରା ଦେଖିଲେ ରାଜ୍ୟବାସୀ:ପ୍ରତାପ ଦେବ

ଭୁବନେଶ୍ୱର, ୯।୧୨(ବ୍ୟୁରୋ)

ମମିତା ମେହେର ହତ୍ୟାକୁ ପ୍ରସଙ୍ଗକରି ଗୁରୁବାର ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ ନାଁରେ ଭାଜପା ଯୁବମୋର୍ଚ୍ଚା ଗୁଣ୍ଡାଗର୍ଦ୍ଦି ଓ ବ୍ୟାପକ ହିଂସାକାଣ୍ଡ ଘଟାଇଛି। ଏହି ଘଟଣାରେ ରାଜ୍ୟବାସୀ ଭାଜପାର ଅସଲ ଚେହେରା ଦେଖିବାକୁ ପାଇଥିବା ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି। ଭାଜପାର ବିଧାନସଭା ଘେରାଉ କାର୍ଯ୍ୟକ୍ରମକୁ ଟାର୍ଗେଟ କରି ପ୍ରତାପ କହିଛନ୍ତି, ଯୁବମୋର୍ଚ୍ଚା କର୍ମୀଙ୍କ ମାଡ଼ରେ ଅନେକ ପୋଲିସ ଆହତ ହୋଇଥିବା ବେଳେ ଏଥିରୁ ଖବରଦାତା ମଧ୍ୟ ବାଦ୍ ପଡ଼ିନାହାନ୍ତି। ରକ୍ତମୁଖା ହୋଇ ସେମାନେ ପୋଲିସ ଗାଡ଼ିକୁ ମଧ୍ୟ ବାଡେଇ ଭାଙ୍ଗି ଦେଇଛନ୍ତି। ମମିତାଙ୍କୁ ନ୍ୟାୟ ଦେବା ନାଁରେ ରାଜରାସ୍ତାରେ ହିଂସା ଆପଣାଇ ଭାଜପା ଯେଉଁ ହୀନ ରାଜନୀତି କରୁଛି ତାହା ପଦାରେ ପଡିଯାଇଛି। ଶୋଭାଯାତ୍ରାରେ ଭାଜପା କର୍ମୀ ଧରିଥିବା ପ୍ଲାକାର୍ଡରେ ମୃତ ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ଯେଉଁଭଳି ଚିତ୍ରଣ କଲେ, ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଛନ୍ତି।

# ‘ବିଧାନସଭାରେ ବାଘ, ସଂସଦରେ ବିଲେଇ’

ମମିତା ହତ୍ୟା ଘଟଣା

■ ମୁଖ୍ୟମନ୍ତ୍ରୀ ଓ ବିଜେଡି ନେତାଙ୍କୁ କଂଗ୍ରେସର ପୁଣି ଟାର୍ଗେଟ

■ ଷଡ଼ଯନ୍ତ୍ରକାରୀଙ୍କୁ ପୋଲିସ ଘଣ୍ଟ ଘୋଡାଉଥିବା ଅଭିଯୋଗ

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ବିଧାନସଭା ବାଟଦେଇ ହକି ଟ୍ରଫି ଦେବାପାଇଁ କଳିଙ୍ଗ ଷ୍ଟାଡିୟମ ଯାଉଛନ୍ତି। ସ୍ୱାସ୍ଥ୍ୟ କାର୍ଡ ବାଣ୍ଟିବାକୁ ବିଭିନ୍ନ ଜିଲା ଗସ୍ତ କରୁଛନ୍ତି। ହେଲେ ରାଜ୍ୟର ସମ୍ବେଦନଶୀଳ ପ୍ରସଙ୍ଗରେ ଆଲୋଚନା ବେଳକୁ କରୋନାର ଆଳ ଦେଖାଇ ବିଧାନସଭା ଆସୁ ନ ଥିବା କଂଗ୍ରେସ ଅଭିଯୋଗ କରିଛି। ଗୁରୁବାର ରାଜ୍ୟ କଂଗ୍ରେସ ଭବନ କର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ମନୋଜ କୁମାର ମହାପାତ୍ର କହିଛନ୍ତି, କୃଷକ, ଶ୍ରମିକ ଓ ଶିକ୍ଷିତ ବେକାରୀ ସମସ୍ୟାରେ ଓଡ଼ିଶା ଜର୍ଜରିତ। ରାଜ୍ୟ କ୍ୟାବିନେଟ ମନ୍ତ୍ରୀମାନେ ବିଭିନ୍ନ ଅପରାଧରେ ଜଡ଼ିତ। ଏଣୁ ମୁଖ୍ୟମନ୍ତ୍ରୀ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗର ଆଲୋଚନା ପାଇଁ ବିଧାନସଭା ଆସୁନାହାନ୍ତି। ମମିତା ହତ୍ୟାକାଣ୍ଡ ପ୍ରସଙ୍ଗରେ ଲୋକଙ୍କ ଦୃଷ୍ଟି ହଟାଇବା ପାଇଁ ବିଧାନସଭାକୁ ଅଚଳ କରୁଛନ୍ତି। ଦରଦାମ ବୃଦ୍ଧି, କେନ୍ଦ୍ର ଅବହେଳା ଓ ୧୮୧୭ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ମାନ୍ୟତା ଦେବା ଦାବିରେ ବିଧାନସଭାରେ ବାଘ ପରି ଗର୍ଜନ କରୁଥିବାବେଳେ ଲୋକସଭା ଓ ରାଜ୍ୟସଭାରେ ଏମାନେ ବିଲେଇ ଭଳି ଆଚରଣ କରୁଛନ୍ତି ବୋଲି ମହାପାତ୍ର କହିଛନ୍ତି।

ମମିତା ଘଟଣାରେ କଂଗ୍ରେସ ତରଫରୁ ହାଇକୋର୍ଟ ତତ୍ତ୍ୱାବଧାନରେ ଏସ୍ଆଇଟିତଦନ୍ତ କରାଯାଇ ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକରୀଙ୍କୁ ଖୋଜି ବାହାର କରିବା ପାଇଁ ଦୃଢ଼ ଦାବି କରାଯାଇଛି।

## ଆଜି ବିଧାନସଭା ଘେରିବ ଛାତ୍ର କଂଗ୍ରେସ

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ମମିତା ମେହେରଙ୍କୁ ନ୍ୟାୟ ପାଇଁ ଶୁକ୍ରବାର ପୂର୍ବାହ୍ନରେ ପ୍ରଦେଶ ଛାତ୍ର କଂଗ୍ରେସ ବିଧାନସଭା ଘେରାଉ କରିବ ବୋଲି ସଭାପତି ୟାସିର ନୱାଜ ସୂଚନା ଦେଇଛନ୍ତି। ୟାସିର କହିଛନ୍ତି, ମମିତା ମେହେର ହତ୍ୟାକାଣ୍ଡରେ ବିଧାନସଭା ଭିତରେ ଓ ବାହାରେ ପ୍ରତିବାଦ ପରେ ମୁଖ୍ୟମନ୍ତ୍ରୀ ଏକ ବିବୃତି ଦେଇ ଘଟଣାକୁ ଚପାଇ ଦେବାପାଇଁ ହୀନ ଉଦ୍ୟମ କରିଥିଲେ। ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ଉପରେ ଲଗାଇଥିବା ଆରୋପ ପାଇଁ କ୍ଷମା ମାଗନ୍ତୁ ବୋଲି ନୱାଜ ଦାବି କରିଛନ୍ତି।



ସିଡିଏସ୍ ଜେନେରାଲ ବିପିନ ରାୱତ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନର ସୁଯୋଗ ରାଜ୍ୟ ସଭାରୁ ନିଲମ୍ବିତ ୧୨ ସଦସ୍ୟଙ୍କୁ ନ ମିଳିବାରୁ ପାର୍ଲାମେଣ୍ଟ ପରିସରସ୍ଥିତ ଗାନ୍ଧୀମୂର୍ତ୍ତି ସାମ୍ନାରେ ବିରୋଧୀ ନେତାମାନେ ଏହାର ପ୍ରତିବାଦ କରୁଛନ୍ତି।

## ରାଜ୍ୟ ସଭା ସମାଚାର

### କ୍ଷୁଧା ଓ କୁପୋଷଣ ଦୂର ଯୋଜନାର ପୁନର୍ବିଚାର ଲାଗି ପ୍ରସନ୍ନଙ୍କ ଦାବି



ପ୍ରସନ୍ନ ଆଚାର୍ଯ୍ୟ

**ନୂଆଦିଲ୍ଲୀ, ୯।୧୨:** ବିଶ୍ୱ କ୍ଷୁଧା ତାଲିକାରେ ଭାରତ ନିମ୍ନରେ ରହିଛି। ତେଣୁ କ୍ଷୁଧା ଓ କୁପୋଷଣ ଦୂର ଲାଗି ରହିଥିବା ଯୋଜନାଗୁଡ଼ିକର ପୁନର୍ବିଚାର କରିବା ଲାଗି ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ନିକଟରେ ପ୍ରକାଶ ପାଇଥିବା ବିଶ୍ୱ କ୍ଷୁଧା ସୂଚକାଙ୍କ,୨୦୨୧ରେ ୧୧୬ ଦେଶ ମଧ୍ୟରେ ଭାରତର ସ୍ଥାନ ୧୦୧ରେ ରହିଛି। ଏହା ଦେଶର ଦୟନୀୟ ସ୍ଥିତିକୁ ସୂଚାଉଛି। କ୍ଷୁଧା ଓ ଅପପୁଷ୍ଟି ଯୋଗୁ ଦେଶରେ ଶିଶୁ ମୃତ୍ୟୁହାର ବଢୁଛି ବୋଲି ରାଜ୍ୟ ସଭାରେ ବିଜେଡି ନେତା ଶୂନ୍ୟ କାଳରେ କହିଥିଲେ। ସାରା ବିଶ୍ୱରେ ୪୫ ପ୍ରତିଶତ ଶିଶୁ ମୃତ୍ୟୁର କାରଣ କୁପୋଷଣ ହୋଇଥିବାବେଳେ ଭାରତରେ ଏହା ୬୯% ବୋଲି ୟୁନିସେଫ୍ ରିପୋର୍ଟରୁ ଜଣାପଡ଼ିଛି। ବିଭିନ୍ନ ବର୍ଗର ଆଦିବାସୀ, ବନବାସୀମାନେ ସର୍ବାଧିକ କୁପୋଷଣର ଶିକାର ହେଉଛନ୍ତି। ସରକାରଙ୍କ ପୋଷଣ ଯୋଜନା ଉପାନ୍ତ ଅଞ୍ଚଳରେ ପହଞ୍ଚିପାରୁନାହିଁ ଓ ଏଥିପାଇଁ କେହି ସରକାରୀ ଅଧିକାରୀ ଉତ୍ତରଦାୟୀ ହେଉନାହାନ୍ତି। ପିଲାଙ୍କ କୁପୋଷଣ ରୋକିବା ଲାଗି ସରକାରୀ ସ୍କୁଲରେ ଚାଲୁଥିବା ମଧ୍ୟାହ୍ନ ଭୋଜନ ଯୋଜନା ଧାର୍ଯ୍ୟ ମାନ ବଜାୟ ରଖିବାରେ ବିଫଳ ହୋଇଛି। ଭାରତରେ ୪୪ ପ୍ରତିଶତ କିଶୋରୀ କୁପୋଷଣର ଶିକାର ହେଉଥିବା ଆଚାର୍ଯ୍ୟ କହିବା ସହ କ୍ଷୁଧା ଓ କୁପୋଷଣ ଦୂର ଲାଗି ରହିଥିବା ଯୋଜନାଗୁଡ଼ିକର ପୁନର୍ବିଚାର ଆବଶ୍ୟକ ବୋଲି କହିଥିଲେ।

### ପ୍ରସାଦ ଯୋଜନାରେ କାର୍ଯ୍ୟ ୧୦%ରୁ କମ୍ ଆଗେଇଛି

ପ୍ରସାଦ ଯୋଜନାରେ ଶ୍ରୀଜଗନ୍ନାଥ ଧାମ, ରାମଚଣ୍ଡୀ, ଦେଉଳିଠାରେ ପ୍ରାଚୀ ନଦୀ ସମ୍ମୁଖରେ ଭିତ୍ତିଭୂମି ବିକାଶ ପ୍ରକଳ୍ପ କାର୍ଯ୍ୟ ୧୦ ପ୍ରତିଶତରୁ କମ୍ ଆଗେଇଥିବା କେନ୍ଦ୍ର ସରକାର କହିଛନ୍ତି। ରାଜ୍ୟ ସରକାରଙ୍କ ପ୍ରସ୍ତାବକ୍ରମେ ୨୦୧୫ ମାର୍ଚ୍ଚରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ୫୦ କୋଟି ଟଙ୍କାର ଉକ୍ତ ମେଗା ସର୍କିଟ ପ୍ରକଳ୍ପକୁ ମଞ୍ଜୁରୀ ଦେବା ସହ ୧୦ କୋଟି ଟଙ୍କା ପ୍ରଦାନ କରିଥିଲା। ଏଥିରେ ପୁରୀରେ ପର୍ଯ୍ୟଟନ ସୁବିଧା କେନ୍ଦ୍ର, ଶ୍ରୀଜଗନ୍ନାଥ ବିଶ୍ରାମସ୍ଥଳୀ ଏବଂ ଆଖଡ଼ାଗୁଡ଼ିକର ବିକାଶ, ଶ୍ରୀଜଗନ୍ନାଥ ଧାମ ପୁରୀ ବେଳାଭୂମିର ବିକାଶ, ଗୁଣ୍ଡିଚା ମନ୍ଦିର, ରାମଚଣ୍ଡୀ ମନ୍ଦିର, ପ୍ରାଚୀ ନଦୀ ସମ୍ମୁଖ ଓ ମା’ ମଙ୍ଗଳା ମନ୍ଦିର ବିକାଶ କାର୍ଯ୍ୟ ଅନ୍ତର୍ଭୁକ୍ତ। ତେବେ ବର୍ତ୍ତମାନ ସୁଦ୍ଧା ଏହାର କାର୍ଯ୍ୟ ମାତ୍ର ୧୦ ପ୍ରତିଶତରୁ କମ୍ ଆଗେଇଛି ଏବଂ ରାଜ୍ୟ ସରକାର ବିନିଯୋଗ ପ୍ରମାଣପତ୍ର ଦାଖଲ କରି ନ ଥିବା ପର୍ଯ୍ୟଟନ ମନ୍ତ୍ରୀ ଜି. କିଷନ ରେଡ୍ଡୀ ରାଜ୍ୟ ସଭାରେ କହିଛନ୍ତି। ପ୍ରକଳ୍ପ ଅଗ୍ରଗତି ସମ୍ପର୍କିତ ବିଜେଡି ଏମ୍‌ପି ସୁଭାଷ ଚନ୍ଦ୍ର ସିଂଙ୍କ ପ୍ରଶ୍ନର ଉତ୍ତରରେ ପର୍ଯ୍ୟଟନ ମନ୍ତ୍ରୀ ଏହା କହିଥିଲେ।

### ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ଲାଗି ଦାବି



ପ୍ରଶାନ୍ତ ନନ୍ଦ

ବନ୍ୟା, ବାତ୍ୟା ପ୍ରଭାବିତ ଓଡ଼ିଶାର ଉପକୂଳ ଜିଲାଗୁଡ଼ିକରେ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ଲାଗି ବିଜେଡି ଏମ୍‌ପି ପ୍ରଶାନ୍ତ ନନ୍ଦ ଗୁରୁବାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟ ସଭାରେ ଶୂନ୍ୟକାଳ ଆଲୋଚନାରେ ଭାଗନେଇ ନନ୍ଦ କହିଥିଲେ, ଉତ୍ତର ଭାରତ ମହାସାଗରରେ ସୃଷ୍ଟ ବାତ୍ୟା ଯୋଗୁ ଭାରତ କ୍ଷତିଗ୍ରସ୍ତ ହେଉଛି। ବାତ୍ୟା ଯୋଗୁ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହେବା ସହ ବିଦ୍ୟୁତ୍ ଭିତ୍ତିଭୂମି କ୍ଷତିଗ୍ରସ୍ତ ହେଉଛି। ପ୍ରତିବର୍ଷ ଦୁଇ ତିନୋଟି ବାତ୍ୟା ଭାରତରେ ଲ୍ୟାଣ୍ଡଫଲ୍ କରୁଛି। ବିଦ୍ୟୁତ ଖୁଣ୍ଟ ଉପୁଡ଼ିବା ଓ ତାର ଛିଡ଼ିବା ଯୋଗୁ ଦୀର୍ଘଦିନ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହେଉଛି। ସହରକୁ ପାନୀୟ ଜଳ ଯୋଗାଣ ହୋଇପାରୁ ନାହିଁ ବୋଲି ବିଜେଡି ଏମ୍‌ପି କହିଥିଲେ। ବ୍ୟାଙ୍କ ସମେତ ବିଭିନ୍ନ କାର୍ଯ୍ୟାଳୟ ବହୁଦିନ ଅଚଳ ରହିଯାଉଛି। ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହେବାକୁ ମାସେ ଦୁଇମାସ ଲାଗିଯାଉଛି। ତେଣୁ ବାତ୍ୟା ଭୟ ଥିବା ଉପକୂଳ ଜିଲାଗୁଡ଼ିକରେ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ ଲାଗି ନନ୍ଦ ଦାବି କରିଛନ୍ତି।

## ବିଧାନସଭା ସମାଚାର

# ବିରୋଧୀ ଅଟଳ, ଗୃହ ଅଚଳ

ମମିତା ପ୍ରସଙ୍ଗ

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ମମିତା ମେହେର ହତ୍ୟା ପ୍ରସଙ୍ଗକୁ ନେଇ ବିଧାନସଭାରେ ଅଚଳାବସ୍ଥା ଜାରି ରହିଛି। ଭାଜପା ଓ କଂଗ୍ରେସ ବ୍ୟାନର, ପୋଷ୍ଟର, ପ୍ଲାକାର୍ଡ ପ୍ରଦର୍ଶନ ଓ ଘଣ୍ଟ ବଜାଇବା ମଧ୍ୟ ଜାରି ରଖିଛି। ମମିତା ହତ୍ୟାକାଣ୍ଡ ପ୍ରସଙ୍ଗରୁ ବିରୋଧୀ ଓହରୁନାହାନ୍ତି। ଗୋଟିଏ ଜିଦ୍ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଉ। ଘଟଣାର ତଦନ୍ତ ସିବିଆଇକୁ ଦିଆଯାଉ। ଗୁରୁବାର ଅପରାହ୍ନରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି।

ଗୁରୁବାର ୧୦ଟା ୩୦ ମିନିଟରେ ବାଚସ୍ପତି ସଭା କାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିଥିଲେ। ତାମିଲନାଡୁର କୁନ୍ନୁରରେ ବୁଧବାର ହୋଇଥିବା ହେଲିକପ୍ଟର ଦୁର୍ଘଟଣାରେ ସିଡିଏସ୍ ବିପିନ ରାୱତ, ତାଙ୍କ ସ୍ତ୍ରୀ ଓ ଅନ୍ୟ ୧୧ ଜଣ ଯବାନଙ୍କ ମୃତ୍ୟୁରେ ବିଧାନସଭାରେ ଶୋକ ପ୍ରସ୍ତାବ ଆଗତ ହୋଇଛି। ଶୋକ ପ୍ରସ୍ତାବ ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ କଂଗ୍ରେସ ଓ ଭାଜପା ଘଣ୍ଟ ବଜାଇବା ସହ ହୋହଲ୍ଲା କରିଥିଲେ। ଭାଜପା ସଦସ୍ୟମାନେ ଘଣ୍ଟ ବାଡେଇ ଫ୍ଲାଗ କାର୍ଡ ପ୍ରଦର୍ଶନ କରିଥିଲେ। କଂଗ୍ରେସ ମଧ୍ୟ ଗୃହର ମଧ୍ୟଭାଗରେ ହୋହଲ୍ଲା କରିଥିଲା। ହଟ୍ଟଗୋଳ ମଧ୍ୟରେ ବିଭିନ୍ନ ବିଭାଗର ଖର୍ଚ୍ଚଦାବି ପାରିତ ହୋଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ଖର୍ଚ୍ଚଦାବି ଉପସ୍ଥାପନ କରୁଥିବା ବେଳେ ବିରୋଧୀଙ୍କ ହୋହଲ୍ଲା ଓ ଘଣ୍ଟମାଡ଼ ଜାରି ରହିଥିଲା। ଏହା ଭିତରେ ବାଚସ୍ପତି ସମସ୍ତ ବିଭାଗର ଖର୍ଚ୍ଚ ଦାବିକୁ ଗିଲୋଟିନ ଜରିଆରେ ଗୃହରେ ପାରିତ କରାଯିବା ନେଇ ଘୋଷଣା କରିଥିଲେ। ହଟ୍ଟଗୋଳ ଯୋଗୁ ଗୃହକୁ ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି।



### ଆଜି ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍

ବିଧାନସଭାରେ ୨୦୨୧-୨୨ ଆର୍ଥିକବର୍ଷ ପାଇଁ ଶୁକ୍ରବାର ବିଧାନସଭାରେ ପ୍ରଥମ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ଆଗତ ହେବ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହାକୁ ବିଧାନସଭାରେ ଆଗତ କରିବେ। ଚଳିତ ବର୍ଷ ଲାଗି ରାଜ୍ୟ ସରକାର ୧୯ ହଜାର ୮୩୩ କୋଟି ଟଙ୍କାର ଅତିରିକ୍ତ ବଜେଟ ପ୍ରସ୍ତୁତ କରିଛନ୍ତି। ଏହାକୁ ଡିସେମ୍ବର ୧ ତାରିଖରେ ବିଧାନସଭାର ଅନୁମୋଦନ ପାଇଁ ଉପସ୍ଥାପନ କରାଯାଇଥିଲା। ବଜେଟରେ ପ୍ରଶାସନିକ ଖର୍ଚ୍ଚ ପାଇଁ ୪,୫୭୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ୧୩,୫୬୮ କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧,୬୮୨ କୋଟି ବ୍ୟୟବରାଦ କରାଯାଇଛି। ଏହି ଅତିରିକ୍ତ ବଜେଟର ମୋଟ ବ୍ୟୟ ମଧ୍ୟରୁ ୬୧୩୭ କୋଟି ସହବନ୍ଧିତ ସମ୍ବଳ ଏବଂ ୭୪୩୧ କୋଟି ଅତିରିକ୍ତ ନିଜସ୍ୱ ରାଜସ୍ୱରୁ ଭରଣା କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

### ରାୱତଙ୍କୁ ଶ୍ରଦ୍ଧାଞ୍ଜଳି

ସିଡିଏସ୍ ଜେନେରାଲ ବିପିନ ରାୱତ, ତାଙ୍କ ସ୍ତ୍ରୀ ମଧୁଲିକା ରାୱତ ଏବଂ ଅନ୍ୟ ୧୧ ଜଣ ଯବାନଙ୍କୁ ବିଧାନସଭାରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଗୁରୁବାର ବିଧାନସଭା ଆରମ୍ଭ ହେବା ମାତ୍ରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୋକ ପ୍ରସ୍ତାବ ଆଗତ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଜରିଆରେ ବିଧାନସଭାରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ରାୱତ ଗତ ୪ ଦଶନ୍ଧି ଧରି ଦେଶର ସେବା କରି ଆସିଛନ୍ତି। ତାଙ୍କର ଅସାଧାରଣ ବୀରତ୍ୱ ପାଇଁ ତାଙ୍କୁ ବହୁ ପୁରସ୍କାର ମିଳିଛି। ଏହା ଦେଶ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବର୍ଣ୍ଣନା କରିବା ସହ ମୃତକଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗୃହର ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ପ୍ରସ୍ତାବକୁ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ସିପିଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ସମର୍ଥନ କରିବା ସହ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ନିଜର ସମବେଦନା ଜଣାଇଥିଲେ। ଗୃହରେ ଏ ନେଇ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକ ପ୍ରସ୍ତାବ ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଦେଇଥିଲେ।

### ଛତିଶଗଡ଼ର ବ୍ୟାରେଜ ଯୋଗୁ ମହାନଦୀରେ ଜଳ ପ୍ରବାହ କମିଛି

ମହାନଦୀରେ ଜଳପ୍ରବାହ ରୋକିବାକୁ ଛତିଶଗଡ଼ ସରକାର ପାଖାପାଖି ୫୧୬ ଚେକ୍ ଡ୍ୟାମ୍ କରିଛନ୍ତି। ଏହି ଚେକ୍ ଡ୍ୟାମ୍ ନିର୍ମାଣ ଦ୍ୱାରା ବାସ୍ତବରେ ଅଣମୌସୁମୀ ସମୟରେ ହୀରାକୁଦଠାରେ ମହାନଦୀକୁ ଜଳପ୍ରବାହ କମିଛି। କେବଳ ସେତିକି ନୁହେଁ ଛତିଶଗଡ଼ ସରକାର ୮ଟି ବୃହତ୍ ଓ ୨୯ଟି ମଧ୍ୟମ ନଦୀବନ୍ଧ ପ୍ରକଳ୍ପ ନିର୍ମାଣ କରିଛନ୍ତି। ୪ଟି ବୃହତ୍ ଓ ୩ଟି ମଧ୍ୟମ ନଦୀବନ୍ଧ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ହୀରାକୁଦ ଜଳଭଣ୍ଡାରକୁ ୨ ନିୟୁତ ଏକର ଫୁଟ ମୌସୁମୀ ଜଳ ପ୍ରବାହ ହେବାକୁଥିବାବେଳେ ଗତ ୧୯୯୧-୯୨ରୁ ୨୦୦୪-୦୫ ମଧ୍ୟରେ ହାରାହାରି ୪ ପ୍ରତିଶତ ଏବଂ ୨୦୦୫-୦୬ରୁ ୨୦୧୫-୧୬ ମଧ୍ୟରେ ୩୭ ପ୍ରତିଶତ କମିଛି। ସେହିପରି ୨୦୧୬-୧୭ ରେ ୬୫ ପ୍ରତିଶତ ଜଳ ପ୍ରବାହ ହ୍ରାସ ପାଇଥିବା ବେଳେ ୨୦୧୭-୧୮ରେ ୬୧ ପ୍ରତିଶତ, ୨୦୧୮-୧୯ରେ ୫୭ ପ୍ରତିଶତ ଏବଂ ୨୦୧୯-୨୦ରେ ୩ ପ୍ରତିଶତ ଜଳପ୍ରବାହ କମିଛି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ଏବଂ ବିଜେଡି ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ଜଳ ପ୍ରବାହ ହ୍ରାସ ଯୋଗୁ ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ, ଶିଳ୍ପକୁ ଜଳ ଯୋଗାଣ ଓ ପାନୀୟ ଜଳ ଯୋଗାଣ ପ୍ରଭାବିତ ହେବାର ଆଶଙ୍କା ରହିଛି। ହୀରାକୁଦ ନିମ୍ନ ସ୍ରୋତରେ ମହାନଦୀ ଜଳ ସଂରକ୍ଷଣ ପାଇଁ ଦେଗାଁ, କପାଶିରା, ଖଇରମାଳ, ଗୋଧନେଶ୍ୱର, ସୁବଳୟା ଓ ତାଳଦଣ୍ଡାଠାରେ ଇନ୍‌ଷ୍ଟ୍ରିମ ୱାଟର ଷ୍ଟୋରେଜ ପ୍ରକଳ୍ପ ନିର୍ମାଣ କରିବା ପ୍ରସ୍ତାବ ରହିଛି।

### ବଢୁଛି ଦୁର୍ଘଟଣାଜନିତ ମୃତ୍ୟୁ

୩ ବର୍ଷରେ ୧୫,୩୮୬ ମୃତ

ରାଜ୍ୟରେ ସଡ଼କ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଗତ ୩ ବର୍ଷରେ ରାଜ୍ୟରେ ୧୫ ହଜାର ୩୮୬ ଜଣ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ୨୦୧୮ରେ ସଡ଼କ ଦୁର୍ଘଟଣାରେ ୫୩୧୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୧୯ରେ ୫୩୩୩ ଏବଂ ୨୦୨୦ରେ ୪୭୩୮ ଜଣଙ୍କର ମୃତ୍ୟୁ ହୋଇଛି। ବିଜେଡି ସଭ୍ୟ ଅମର ଶତପଥୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ଦ୍ରୁତ ଗାଡ଼ିଚାଳନା, ମଦ୍ୟପାନ କରି ଗାଡ଼ି ଚଳାଇବା, ରାସ୍ତାର ବିପରୀତ ଦିଗରେ ଗାଡ଼ି ଚଳାଇବା, ରେଡ୍‌ଲାଇନକୁ ଅତିକ୍ରମ କରିବା ଏବଂ ଗାଡି ଚଳାଇବା ସମୟରେ ମୋବାଇଲରେ କଥା ହେବା ଯୋଗୁ ଅଧିକ ଦୁର୍ଘଟଣା ହେଉଛି। ୨୦୧୦ରେ ୯୪୧୩ ସଡ଼କ ଦୁର୍ଘଟଣାରେ ୩୮୩୭ ଜଣ ପ୍ରାଣ ହରାଇଥିବା ବେଳେ ୨୦୧୧ରେ ୯୩୯୮ ଦୁର୍ଘଟଣାରେ ୩୬୦୨, ୨୦୧୨ରେ ୯୨୮୫ ଦୁର୍ଘଟଣାରେ ୩୭୦୧, ୨୦୧୩ରେ ୯୬୮୦ ଦୁର୍ଘଟଣାରେ ୪୦୬୨, ୨୦୧୪ରେ ୯୨୭୪ ଦୁର୍ଘଟଣାରେ ୩୭୬୫, ୨୦୧୫ରେ ୧୦୫୪୨ ଦୁର୍ଘଟଣାରେ ୪୩୦୩, ୨୦୧୬ରେ ୧୦୫୩୨ ଦୁର୍ଘଟଣାରେ ୪୪୬୩, ୨୦୧୭ରେ ୧୦୮୫୫ ଦୁର୍ଘଟଣାରେ ୪୭୯୦, ୨୦୧୮ରେ ୧୧୨୬୨ ଦୁର୍ଘଟଣାରେ ୫୩୧୫, ୨୦୧୯ରେ ୧୧୦୬୪ ଦୁର୍ଘଟଣାରେ ୫୩୩୩, ୨୦୨୦ରେ ୯୮୧୭ ଦୁର୍ଘଟଣାରେ ୪୭୩୮ ଏବଂ ୨୦୨୧ ସେପ୍ଟେମ୍ବର ସୁଦ୍ଧା ୮୨୮ ଦୁର୍ଘଟଣାରେ ୧୭୫୮ ଜଣଙ୍କର ମୃତ୍ୟୁ ହୋଇଛି। ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀ ଓ ପ୍ରଦୀପ ପାଣିଗ୍ରାହୀଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏହି ସୂଚନା ଦେଇଛନ୍ତି।

### ବରପୁତ୍ରଙ୍କ ଜନ୍ମସ୍ଥାନ ହେବ ଆଦର୍ଶ ଗ୍ରାମ

ରାଜ୍ୟର ଗରିମାମୟ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସକାଶେ ବରପୁତ୍ରମାନଙ୍କ ଆବେଦନକୁ ଉତ୍ତର ପିଢିଙ୍କ ନିକଟରେ ସ୍ମରଣୀୟ କରିବାକୁ ତାଙ୍କ ଜନ୍ମ ସ୍ଥାନକୁ ରାଜ୍ୟ ସରକାର ଆଦର୍ଶ ଗ୍ରାମରେ ପରିଣତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୨୦ ଡିସେମ୍ବର ୨୮ତାରିଖରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏ ସଂକ୍ରାନ୍ତରେ ଗଠିତ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ଦ୍ୱାରା ବରପୁତ୍ରମାନଙ୍କ ତାଲିକା ଚୂଡ଼ାନ୍ତ କରାଯିବ। ବିଜେଡି ସଭ୍ୟ ସୁଧୀର କୁମାର ସାମଲଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୮୪,୪୮,୨୨୬ | ୫୨,୯୯,୫୯୨ | ୨୬,୧୫,୭୫,୨୧୯ |
| ଭାରତ | ୩,୪୬,୬୬,୨୪୧ | ୪,୭୪,୧୧୧ | ୩,୪୦,୯୭,୩୮୮ |
| ଓଡ଼ିଶା | ୧୦,୫୦,୯୫୫ | ୮୪୨୮(+୫୩) | ୧୦,୪୦,୪୦୩ |

ଗୁରୁବାର ରାତି ୧୨ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଅନ୍‌ଲାଇନରେ ବୁକ୍ କରିହେବ ଭକ୍ତନିବାସ

## ନୂଆ ୱେବ୍ ଆପ୍ଲିକେଶନ ଲୋକାର୍ପିତ

**ପୁରୀ ଅଫିସ,୯।୧୨**

ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ଭକ୍ତନିବାସଗୁଡ଼ିକର ବୁକିଂ ପାଇଁ ଏକ ନୂଆ ୱେବ ଆପ୍ଲିକେଶନ୍ ଲୋକାର୍ପିତ ହୋଇଛି। ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା ଯୋଗଦେଇ ନୂଆ ୱେବ ଆପ୍ଲିକେଶନ୍‌କୁ ଲୋକାର୍ପଣ କରିଛନ୍ତି। ଏହି ନୂତନ ଆପ୍ଲିକେଶନ୍‌ର ଆଡ୍ରେସ୍ ହେଉଛି- https://stayat-purijagannath.in। ଏହି ଆପ୍ଲିକେଶନ୍ ଜରିଆରେ ନୀଳାଦ୍ରି ଭକ୍ତନିବାସ,



ଶ୍ରୀଗୁଣ୍ଡିଚା ଓ ନୀଳାଚଳ ଭକ୍ତ ନିବାସ ପାଇଁ ଅନ୍‌ଲାଇନରେ ରୁମ୍ ବୁକ୍ କରିହେବ। ପୂର୍ବରୁ ଭକ୍ତ ନିବାସରେ ବ୍ୟବସ୍ଥିତ ଭାବେ ଅନଲାଇନ୍ ବୁକିଂ ସୁବିଧା ନ ଥିବା ବେଳେ ଅଧିକାଂଶ ଲୋକେ ଅଫଲାଇନ୍ ଜରିଆରେ ଭକ୍ତନିବାସରେ ରହିବା ପାଇଁ ରୁମ୍ ବୁକ୍ କରୁଥିଲେ। ମାତ୍ର ବର୍ତ୍ତମାନ ନୂଆ ୱେବ ପୋର୍ଟାଲ ଜରିଆରେ ୩ମାସ ପୂର୍ବରୁ ଆଡଭାନ୍ସ ବୁକିଂ ମଧ କରାଯାଇପାରିବ। ସେହିଭଳି ଅଫଲାଇନ୍ କ୍ଷେତ୍ରରେ ୭ଦିନ ଭିତରେ ଆଡଭାନ୍ସ ବୁକିଂ କରାଯିବାର ବ୍ୟବସ୍ଥା ରହିଛି। ୩ଟି ଯାକ ଭକ୍ତନିବାସ ମଧ୍ୟରୁ ନୀଳାଦ୍ରିରେ ୧୧୨, ନୀଳାଚଳରେ ୬୪ ଓ ଶ୍ରୀଗୁଣ୍ଡିଚା ଭକ୍ତ ନିବାସରେ ୭୨ଟି ରୁମ୍‌କୁ ମିଶାଇ ସମୁଦାୟ ୨୫୦ଟି ରୁମ୍ ରହିଛି। ବିନା ଶୀତତାପ ନିୟନ୍ତ୍ରିତ କକ୍ଷ ବାବଦକୁ ଦିନ ପିଛା ୬୬୦ ଟଙ୍କା ଦର ସ୍ଥିର ହୋଇଥିବାବେଳେ ଶୀତତାପ ନିୟନ୍ତ୍ରିତ କକ୍ଷ ପାଇଁ ୧୨୫୪ ସହ ଜିଏସ୍‌ଟି କର ଦେବାକୁ ପଡୁଛି। ପୋର୍ଟାଲ ଲୋକାର୍ପଣ କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଏବଂ ଅନ୍ୟ ଅଧିକାରୀଙ୍କ ସମେତ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ପୁରୀରେ ପର୍ଯ୍ୟଟକଙ୍କ ଆଗମନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ନୂଆ ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ମହାପ୍ରଭୁଙ୍କ ଦର୍ଶନ ଓ ପୁରୀ ଭ୍ରମଣ ପାଇଁ ଆସୁଥିବା ଲୋକେ ଭକ୍ତ ନିବାସରେ ରାତ୍ରୀଯାପନ କରିବାର ସୁବିଧା ନେବାକୁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ନିବେଦନ କରାଯାଇଛି।

# ଫଟେପୁର ସମୁଦ୍ର କୂଳରେ ତିମି



**କୃଷ୍ଣପ୍ରସାଦ,୯।୧୨(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଫଟେପୁର ନିକଟ ସମୁଦ୍ର କୂଳରେ ଗୁରୁବାର ଅପରାହ୍ନରେ ଏକ ବିରାଟକାୟ ଜୀବନ୍ତ ତିମି ମାଛ ଲାଗିଛି। ଏହି ତିମି ପାଣି ମଧକୁ ଯିବା ପାଇଁ ଚେଷ୍ଟା କରୁଥିଲେ ମଧ ଯାଇପାରୁ ନାହିଁ। ଉକ୍ତ ତିମିକୁ କେତେକ କାଉ, ଚିଲ ଜାତୀୟ ଚଢ଼େଇ ଥଣ୍ଟରେ ଖୁମ୍ପି ଆକ୍ରମଣ କରୁଥିବା ଦେଖିବାକୁ ମିଳିଛି। ତିମିକୁ ଦେଖିବା ପାଇଁ ସମୁଦ୍ର କୂଳରେ ଲୋକଙ୍କ ଭିଡ଼ ଜମିଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ବନ ବିଭାଗ ଅଧିକାରୀ କିମ୍ବା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି।

# ବିଧାନସଭା ସଚିବ, କର୍ମଚାରୀଙ୍କୁ କରୋନା

**ଭୁବନେଶ୍ୱର,୯।୧୨(ବ୍ୟୁରୋ)**

ବିଧାନସଭା ସଚିବ ଦାଶରଥି ଶତପଥୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିସହିତ ତାଙ୍କ ଡ୍ରାଇଭର ମଧ କରୋନା ଆକ୍ରାନ୍ତ ହୋଇଛନ୍ତି। ପୂର୍ବରୁ ଦାଶରଥିଙ୍କ ବ୍ୟକ୍ତିଗତ ସଚିବ ମଧ କରୋନାରେ ଆକ୍ରାନ୍ତ ହୋଇଥିଲେ। ବିଧାନସଭାର କର୍ମଚାରୀ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ମଧ କୋଭିଡ୍ ଟେଷ୍ଟ କରାଇଥିବା ଜଣାପଡ଼ିଛି। ଅନ୍ୟ ସଦସ୍ୟଙ୍କୁ ଟେଷ୍ଟ କରାଇବାକୁ ପରାମର୍ଶ ଦିଆଯାଇଛି।

ବିଧାନସଭାରେ ୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ବାଚସ୍ପତି କହିଛନ୍ତି, ଯେଉଁମାନେ ସେମାନଙ୍କ ସଂସ୍ପର୍ଶରେ ଆସିଛନ୍ତି ଆଣ୍ଟିଜେନ୍ ଟେଷ୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଧାନସଭାର ସମସ୍ତ ସଦସ୍ୟଙ୍କ କରୋନା ଟେଷ୍ଟ କରାଯିବ। ଗୁରୁବାର କଂଗ୍ରେସ ବିଧାୟକ ଦଳ ନେତା, ବାଚସ୍ପତି, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ କରୋନା ଟେଷ୍ଟ କରାଯାଇଥିଲା। ସମସ୍ତଙ୍କ ରିପୋର୍ଟ ନେଗେଟିଭ୍ ଆସିଥିବା ଜଣାପଡ଼ିଛି।

# ସୀମାନ୍ତରେ ମାଓବାଦୀଙ୍କ ବର୍ବରତା

## ୫ ଗାଡ଼ି ପୋଡ଼ି ସୁପରଭାଇଜରଙ୍କୁ ଅପହରଣ

**ମାଲକାନଗିରି,୯।୧୨ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ପୁଣି ମାଓବାଦୀଙ୍କ ବର୍ବରତା ଦେଖିବାକୁ ମିଳିଛି। ସେମାନେ ଉନ୍ନୟନମୂଳକ କାମକୁ ବିରୋଧ କରି ପୋଡାଜଳା କରିଛନ୍ତି। ଛତିଶଗଡ ଗାରିଆବନ୍ଧ ଜିଲା ପିପଲଖୁଟା ଗ୍ରାମ ନିକଟରେ ଚାଲିଥିବା ଏକ କେନାଲ ନିର୍ମାଣ କାମକୁ ବିରୋଧ କରି ସେମାନେ କାମରେ ନିୟୋଜିତ ୫ଟି ଗାଡିକୁ ପୋଡି ଦେଇଥିବା ଜଣାପଡିଛି। ଏଥିସହ ସେଠାରେ ଉପସ୍ଥିତ ସୁପରଭାଇଜରଙ୍କୁ ମଧ ମାଓବାଦୀମାନେ ଅପହରଣ କରି ନେଇଛନ୍ତି। ତାଙ୍କ ପରିଚୟ ଜଣାପଡିନାହିଁ। ଖବର ଲେଖା ହେବା ପର୍ଯ୍ୟନ୍ତ ଅପହୃତ ସୁପରଭାଇଜରଙ୍କ କୌଣସି ସନ୍ଧାନ ମିଳି ନ ଥିବା ସ୍ଥାନୀୟ ପୋଲିସ ପକ୍ଷରୁ କୁହାଯାଇଛି।

# ୫ ଡିଗ୍ରୀ ଖସିବ ପାରଦ, ଆଜିଠୁ ବଢ଼ିବ ଶୀତ

## ଗୁରୁଚାପ: କୋହଲା ପାଗ, ଝିପିଝିପି ବର୍ଷା

**ଭୁବନେଶ୍ୱର,୯।୧୨(ବ୍ୟୁରୋ)**

ଓଡ଼ିଶା ଉପରେ ଏକ ଟ୍ରପ୍ ଲାଇନ ରହିଛି। ଏଥିସହିତ ଉପକୂଳରେ ଏକ ଗୁରୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଗୁରୁଚାପ ଯୋଗୁ ସମୁଦ୍ରରୁ ଜଳୀୟ ବାଷ୍ପ ସ୍ଥଳଭାଗକୁ ଆସିବା ଯୋଗୁ ଗୁରୁବାର ଗଞ୍ଜାମ, ଗଜପତି, ନୟାଗଡ଼, କନ୍ଧମାଳ, ପୁରୀ, ଖୋର୍ଦ୍ଧା, କଟକ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ାରେ ଝିପିଝିପି ବର୍ଷା ହୋଇଛି। ଏଥିଯୋଗୁ ଆସନ୍ତା ୮ ଦିନ ଯାଏ ଆକାଶ ମେଘୁଆ ରହିବ। ସର୍ବନିମ୍ନ ତାପମାତ୍ରା ୪ରୁ ୫ ଡିଗ୍ରୀ ସେଲସିୟସ ତଳକୁ ଖସି ଯିବ। ଶୁକ୍ରବାରଠାରୁ ରାଜ୍ୟରେ ଶୀତ ବଢ଼ିବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି।

ନିକଟରେ ହୋଇଥିବା ଲଘୁଚାପଜନିତ ବର୍ଷାରେ ପାଚିଲା ଧାନ ଭାସୁଥିବା ବେଳେ ମେଘୁଆ ପାଗ ସାଙ୍ଗକୁ ଝିପିଝିପି ବର୍ଷା ଚାଷୀଙ୍କ ସମସ୍ୟାକୁ ବଢ଼ାଇ ଦେଇଛି। ପାଗ ଶୁଖିଲା ହେଉ ନ ଥିବାରୁ ଧାନ ଗଜା ହେବା ଆଶଙ୍କା ବଢ଼ିଯାଇଛି।



**ଆଜିର ମନ୍ତବ୍ୟ**

"ସଂସ୍କୃତକୁ ସରକାରୀ ଭାଷା କରାଯିବା ଉଚିତ। ସ୍କୁଲଗୁଡ଼ିକରେ ସଂସ୍କୃତ ଶିକ୍ଷାକୁ କେନ୍ଦ୍ର ସରକାର ପ୍ରୋତ୍ସାହନ ଦିଅନ୍ତୁ।

– ସୁବ୍ରମଣ୍ୟମ ସ୍ୱାମୀ, ଭାଜପା ରାଜ୍ୟ ସଭା ସଦସ୍ୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଚିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାଇ ସଙ୍ଗେ ଯେହୁ କରଇ କଳି**
**ଭାଣ୍ଡିଆ ବୋଲିଣ ତାହାକୁ ବୋଲି**
**ଭଲ ଭଲ ଲୋକ ବୋଲନ୍ତି ମନ୍ଦ**
**କହେ ଦନାଇ ଏ ସ୍ୱଭାବେ ମନ୍ଦ।**

ଭାଇ ହିଁ ସବୁଠାରୁ ବଳି ପ୍ରିୟ ଓ ଅନ୍ତରଙ୍ଗ ହୋଇଥାଏ। ଏପରି ସ୍ଥଳେ ଭାଇ ସହ ମନୋମାଳିନ୍ୟ ବା କଳିଗୋଳ କରିବା ଆଦୌ ଉଚିତ ହୋଇ ନ ଥାଏ। ତେବେ ଆଜିକାଲି ଅନେକ ସ୍ୱାର୍ଥପର ବ୍ୟକ୍ତି ନିଜ ସମ୍ପତ୍ତି ବାଡ଼ି ତଥା ଭାଗବଣ୍ଟା ନେଇ ଭାଇ ସହ ଗଣ୍ଡଗୋଳ କରୁଥିବାର ଦେଖିବାକୁ ମିଳିଥାଏ। ଏଭଳି ସ୍ୱଭାବଧାରୀ ବ୍ୟକ୍ତିଙ୍କୁ ଆମ ସମାଜରେ କେବଳ ତିରସ୍କାର ହିଁ ମିଳେ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଭୋଇ କୁ କହିଲେ ଭାଇ**
**ସେ ସଭିଙ୍କ ଭାର ବୋହି**

ସମାଜର ଖୁବ୍ ନିମ୍ନ ସ୍ତରରେ ଥିବା ଲୋକଙ୍କୁ ଆଦର ଭାବ ଦେଖାଇଲେ ସେମାନେ ସହଜରେ ବଶୀଭୂତ ହୋଇଯା'ନ୍ତି। ଏପରି ଲୋକଙ୍କୁ ଟିକେ ଆପଣାର ଭାବ ଦେଖାଇଲେ ସେ ସମସ୍ତ କାର୍ଯ୍ୟ ବିନା ଦ୍ୱିଧା ବା କୁଣ୍ଠାରେ କରିଦେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ହିଣ୍ଡାଲ୍କୋ, ଜିଏମ୍ଆର୍‌କୁ ୧୦କୋଟି ଜରିମାନା

## ଏନ୍‌ଜିଟିରେ ଦୋଷୀ ସାବ୍ୟସ୍ତ ୨ କମ୍ପାନୀ

**ସମ୍ବଲପୁର,୯।୧୨(ବ୍ୟୁରୋ)**

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ତଲାବିରା କୋଇଲାଖଣି ୧ରେ ପୂର୍ବରୁ ଉତ୍ତୋଳନ କରୁଥିବା ହିଣ୍ଡାଲ୍କୋ କମ୍ପାନୀ ଓ ଛତିଶଗଡ଼ର ଜିଏମ୍ଆର୍ କମ୍ପାନୀ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏନ୍‌ଜିଟି ରାୟ ପ୍ରକାଶ କରି ଦୁଇ କମ୍ପାନୀକୁ ୧୦ କୋଟି ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛି। ହିଣ୍ଡାଲ୍କୋ ୭୫ ପ୍ରତିଶତ ଓ ଜିଏମ୍ଆର୍ ୨୫ ପ୍ରତିଶତ ଟଙ୍କା ଦେବାକୁ ନିର୍ଦ୍ଦେଶ ରହିଛି। ନଭେମ୍ବର ୨୯ରେ ୬ ଜଣିଆ ଖଣ୍ଡପୀଠରେ ଶେଷ ଶୁଣାଣି ହୋଇଥିବା ବେଳେ ଡିସେମ୍ବର ୮ରେ ରାୟ ପ୍ରକାଶ ପାଇଥିଲା। କୋଇଲା ଟନ୍ ପ୍ରତି ୧୦ ଟଙ୍କା ଲେଖାଏ ସ୍ଥାନୀୟ ଅଞ୍ଚଳର ବିକାଶ ଓ ପରିବେଶ ସୁରକ୍ଷା ଦିଗରେ ଖର୍ଚ୍ଚ କରିବାକୁ ନିୟମ ରହିଥିଲେ ମଧ୍ୟ କମ୍ପାନୀ ତାହା ପାଳନ କରି ନ ଥିବାରୁ ଏଭଳି ଦଣ୍ଡାଦେଶ ହୋଇଛି। ଏହାସହ ୬ ଜଣିଆ ବୈଷୟିକ ଟିମ୍ ଗଠନ କରାଯାଇ ନିର୍ଦ୍ଦେଶ ପାଳନର ଅଗ୍ରଗତି ସମ୍ବନ୍ଧରେ ରିପୋର୍ଟ ପ୍ରସ୍ତୁତ କରି ଦାଖଲ କରିବାକୁ କୁହାଯାଇଛି।

ତଲାବିରା କୋଇଲାଖଣି ବିରୋଧରେ ପରିବେଶବିତ୍ ସୁବାସ ମହାପାତ୍ର, ସାମାଜିକ କର୍ମୀ ହେମନ୍ତ ରାଉତ ଓ ମନବୋଧ ବିଶ୍ୱାଳ ୨୦୧୬ରେ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ। ସେମାନେ ଅଭିଯୋଗ କରିଥିଲେ, ତଲାବିରା କୋଇଲାଖଣିରେ ଖନନ ସମୟରେ ହୀରାକୁଦ ଜଳଭଣ୍ଡାର ଜମିକୁ ବେଆଇନ ଭାବେ ବ୍ୟବହାର କରିବା, ପରିବେଶ ଓ ଜଳଭଣ୍ଡାର ଜମିକୁ ପ୍ରଦୂଷିତ କରିବା, ଅଞ୍ଚଳର ପରିବେଶ ବିଗାଡ଼ିବା, ନିଲାମ ଧାର୍ଯ୍ୟ ପରିମାଣଠାରୁ ଅଧିକ କୋଇଲା ଉତ୍ତୋଳନ କରିବା ନେଇ ଅଞ୍ଚଳବାସୀ ସ୍ୱର ଉତ୍ତୋଳନ କରିଥିଲେ। ସେ ସମୟରେ ଜିଲାପାଳ, ଭିଜିଲାନ୍ସ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାଖରେ ଅଭିଯୋଗ କରାଯାଇଥିଲା। ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ତେଣୁ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲରେ ଅଭିଯୋଗ କରାଯାଇଥିଲା। ପର୍ଯ୍ୟାୟକ୍ରମେ ମାମଲାର ଶୁଣାଣି ଚାଲିଥିଲା। ବନ ବିଭାଗ, ଜଳ ସମ୍ପଦ ବିଭାଗ, ଜିଲା ପ୍ରଶାସନ, ରାଜ୍ୟ ସରକାରଙ୍କୁ ପକ୍ଷ କରାଯାଇଥିଲା। ପ୍ରଥମ ପକ୍ଷ ଓ ଦ୍ୱିତୀୟ ପକ୍ଷ ଶୁଣିବା ପରେ ବୁଧବାର ରାୟ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ତଲାବିରା କୋଇଲାଖଣି ୨୦୦୨-୦୪ ମସିହାରେ ହିଣ୍ଡାଲ୍କୋ କମ୍ପାନୀ ହାତରେ ରହିଥିଲା। ସେ ସମୟରେ କମ୍ପାନୀ କୋଇଲା ଖନନ ସହ ପ୍ରଦୂଷଣ କରିଚାଲିଥିଲା। ପ୍ରଭାବିତ ୮ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଏପରିସ୍ଥଳେ ୨୦୧୪ରେ ଏହି କୋଇଲାଖଣି ଛତିଶଗଡର ଜିଏମ୍ଆର୍ କମ୍ପାନୀ ହାତକୁ ଚାଲିଯାଇଥିଲା। ଏବେ ମଧ୍ୟ ଜିଏମ୍ଆର୍ କମ୍ପାନୀର ଅଫିସ ସେଠାରେ ରହିଛି। ହେଲେ କମ୍ପାନୀ କୋଇଲା ଉତ୍ତୋଳନ କରୁ ନ ଥିବା ଜଣାପଡିଛି।

**ପ୍ରଥମ ପୃଷ୍ଠାରୁ...**

## ଆନ୍ଦୋଳନରୁ ଓହରିଲେ...

କେନ୍ଦ୍ର ସରକାରଙ୍କ ୩ ବିବାଦୀୟ କୃଷି ଆଇନ ବିରୋଧରେ ପଞ୍ଜାବ, ହରିୟାଣା ଓ ଉତ୍ତରପ୍ରଦେଶର ଚାଷୀମାନେ ଗତବର୍ଷ ନଭେମ୍ବର ୨୬ରୁ ଦିଲ୍ଲୀର ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମାରେ ଆନ୍ଦୋଳନ ଚଳାଇ ଆସୁଥିଲେ। ସରକାର ଇତିମଧ୍ୟରେ ଉକ୍ତ ଆଇନକୁ ରଦ୍ଦ କରିଛନ୍ତି। ତେବେ ସମସ୍ତ ଫସଲ ପାଇଁ ଏମ୍ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ ଏବଂ ଚାଷୀଙ୍କ ବିରୋଧରେ ରୁଜୁ ମାମଲା ପ୍ରତ୍ୟାହାର ସମେତ ଅନ୍ୟାନ୍ୟ ଦାବି ପୂରଣ ଦାବିରେ ଆନ୍ଦୋଳନ ଜାରି ରହିଥିଲା। ଆନ୍ଦୋଳନ ସ୍ଥଗିତ ଲାଗି ଏସ୍‌କେଏମ୍ ଘୋଷଣା କରିବା ପରେ ଅଧିକାଂଶ ଚାଷୀ ଉଦାସୀନ ହୋଇପଡ଼ିଥିବା ଦେଖାଯାଇଥିଲା। ସିଙ୍ଘୁ ସୀମା ଆନ୍ଦୋଳନ ଶିବିରକୁ ସେମାନେ ନିଜ ଘର ଭଳି ଅନୁଭବ କରୁଥିଲେ ବୋଲି ପଟିଆଲାର ୬୫ ବର୍ଷୀୟ ଚାଷୀ ଅମ୍ରିକ୍ ସିଂ କହିଛନ୍ତି। ଘରକୁ ଫେରିବା ଖବର ତାଙ୍କୁ ଦୁଃଖିତ କରିଛି। ଏଠାରେ ବିତିଥିବା ସମୟ ସବୁଦିନ ମନେ ରହିବ ବୋଲି ସେ କହିଛନ୍ତି। ସେହିପରି ଲୁଧିଆନାର ଜଣେ ମଧ୍ୟବୟସ୍କ ଚାଷୀ ବର୍ଷବ୍ୟାପୀ ଆନ୍ଦୋଳନର ସ୍ମୃତିଚାରଣ କରି ସେଠାରେ ସେ ଅନେକ ନୂଆ ବନ୍ଧୁ ପାଇଥିଲେ ବୋଲି କହିଛନ୍ତି। ସରକାର ଆମ ଦାବି ଶୁଣି ନ ଥିଲେ ଆମେ ଏହିଠାରେ ପଡ଼ିରହିଥାନ୍ତୁ। ଶେଷରେ ଆମର ବିଜୟ ହୋଇଛି ଓ କୃଷି ଆଇନ ପ୍ରତ୍ୟାହୃତ ହୋଇଛି ବୋଲି ସେ କହିଛନ୍ତି।

## ଭାଜପା-ପୋଲିସ...

ଆନ୍ଦୋଳନକାରୀମାନେ ଢେଲାମାଡ଼ କରି ୮ଟି ପୋଲିସ ଭ୍ୟାନ୍‌କୁ ଭାଙ୍ଗିବା ସହ ଜଣେ ଡ୍ରାଇଭରଙ୍କୁ ମଧ୍ୟ ପିଟିଛନ୍ତି। ପୋଲିସ ଘଟଣାସ୍ଥଳରୁ ଶତାଧିକ ଭାଜପା କର୍ମୀଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିବା ପରେ ଛାଡ଼ି ଦେଇଛି। ଘଟଣା ପରେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତ ୩ ପୋଲିସ କର୍ମଚାରୀଙ୍କୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏନେଇ କମିଶନର ଗଣମାଧ୍ୟମକୁ କହିଛନ୍ତି, କନଷ୍ଟେବଲଙ୍କ ଠାରୁ ଏସିପି ପର୍ଯ୍ୟନ୍ତ ୧୫ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଢେଲା ମାଡ଼ରେ କିଛି ଗଣମାଧ୍ୟମ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ଆକ୍ରମଣକୁ ଅତି ନିନ୍ଦନୀୟ କହିବା ସହ ଏହା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ କହିଛନ୍ତି, ଘଟଣାକୁ ଗୁରୁତର ସହ ନିଆଯାଇଛି। ପୋଲିସ କ୍ୟାମେରା ମ୍ୟାନ୍ ଓ ଘଟଣାସ୍ଥଳରେ ଲାଗିଥିବା ସିସିଟିଭିରେ ସମସ୍ତ ଦୃଶ୍ୟ କଏଦ ହୋଇଛି। ତଦନ୍ତ କରାଯାଇ କିଏ କିଏ ଏହି ଘଟଣାରେ ସମ୍ପୃକ୍ତ ଥିଲେ ସେମାନଙ୍କୁ ଚିହ୍ନଟ କରାଯାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସେପଟେ ପୋଲିସ ମାଡରେ ଆହତ ହୋଇ ଚିକିତ୍ସିତ ହେଉଥିବା କର୍ମୀମାନଙ୍କୁ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତିଙ୍କ ସମେତ ବିଧାୟକମାନେ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ସମୀର କହିଛନ୍ତି, ଭାଜପା କେବେହେଲେ ହିଂସାତ୍ମକ ଆଚରଣ କରେ ନାହିଁ। ଓଡ଼ିଆ ଜାତି ସବୁକିଛି ସହିଛି, ହେଲେ ମା' ଓ ଭଉଣୀଙ୍କ ପ୍ରତି ଅତ୍ୟାଚାର କେବେ ସହ୍ୟ କରି ନାହିଁ। ପୋଲିସ ଶାସକ ଦଳର ହାତବାରିସି ସାଜି ହିଂସ୍ର ହୋଇଯାଇଛି। ପୋଲିସର ଏଭଳି କ୍ରୂର ବ୍ୟବହାର ସମସ୍ତଙ୍କୁ ମର୍ମାହତ କରିଛି ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ବିଭିନ୍ନ ଅଞ୍ଚଳରୁ ଭାଜପା ଯୁବମୋର୍ଚ୍ଚା କର୍ମୀମାନେ ଆସି ମଧ୍ୟାହ୍ନରେ ଦଳୀୟ କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିଲେ। ଦଳୀୟ ପତାକା ଓ ପ୍ଲାକାର୍ଡ ଧରି ଏକ ବିଶାଳ ରାଲି ଯୋଗେ ହଜାର ହଜାର କର୍ମୀ ଲୋୟର ପିଏମ୍‌ଜିରେ ପହଞ୍ଚିଥିଲେ। ସେମାନେ ପ୍ରଥମ ବ୍ୟାରିକେଡ ଭାଙ୍ଗି ବିଧାନସଭା ଆଡକୁ ଅଗ୍ରସର ହୋଇଥିଲେ। ଶେଷ ବ୍ୟାରିକେଡରେ ପାର ହେବାବେଳକୁ ପୋଲିସ ସେମାନଙ୍କୁ ଅଟକାଇଥିଲା। ହଠାତ ପୋଲିସ ଉପରକୁ ସେମାନେ ଢ଼େଲା ପଥର ମାଡ଼ କରିଥିଲେ। ଫଳରେ ପୋଲିସ ଭାଜପା କର୍ମୀଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିବା ସହ ଘଉଡ଼ାଇଥିଲେ। ପରେ ଭାଜପା କର୍ମୀ ଛତ୍ରଭଙ୍ଗ ଦେଇ ପଳାଇ ଯାଇଥିଲେ।

## ରାଣାପ୍ରତାପଙ୍କୁ ଝୁରୁଛି...

ଉ.ପ୍ରା. ବିଦ୍ୟାଳୟ, ନୀଳକଣ୍ଠେଶ୍ୱର ହାଇସ୍କୁଲ ଓ ଏଫ୍‌ସିଆଇ ହାଇସ୍କୁଲରେ ସ୍କୁଲ ଶିକ୍ଷା ଶେଷ କରିବା ପରେ ବଲଣ୍ଡା କଲେଜରୁ ଯୁକ୍ତ ୨ ପାସ କରିଥିଲେ। ଅନୁଗୋଳ କଲେଜରେ ବିଏସ୍‌ସି ପଢୁଥିବାବେଳେ ୨୦୦୫ରେ ବାୟୁସେନାରେ ଚାକିରି ପାଇଥିଲେ। ୨୦୧୭ରେ ରାଣା ବିହାର ଏୟାରଫୋର୍ସରେ ଡେଣ୍ଟିଷ୍ଟ ଥିବା ଶିବାଙ୍ଗୀ ସିଂହଙ୍କୁ ବିବାହ କରିଥିଲେ। ତାଙ୍କର ଦେଢ଼ବର୍ଷର ପୁତ୍ର ସନ୍ତାନ ରହିଛି। ରାଜସ୍ଥାନରେ ଥିବାବେଳେ ତାଙ୍କୁ ପଦୋନ୍ନତି ମିଳିଥିଲା। ତାମିଲନାଡୁର କୋୟମ୍ବାଟୁରରେ ପୋଷ୍ଟିଂ ହେବା ପରେ ଉତ୍ତରାଖଣ୍ଡର ମସୁରୀକୁ ଟ୍ରେନିଂ ପାଇଁ ପଠାଯାଇଥିଲା। ଏମ୍ଆଇ୧୭ଭି୫ ହେଲିକପ୍ଟରରେ ସେ କ୍ରିଉ ମେମ୍ବର ଥିଲେ ବୋଲି ପରିବାର ଲୋକେ ସୂଚନା ଦେଇଛନ୍ତି। ଭିଣୋଇ ଡାକ୍ତର ଅତନୁ ପଟ୍ଟନାୟକ କହିଛନ୍ତି, ଭାରତର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ (ସିଡିଏସ୍) ଜେନେରାଲ ବିପିନ ରାୱତଙ୍କୁ ନେଇ ଯାଇଥିବା ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟରରେ ରାଣାପ୍ରତାପ ଥିବାର ଖବର ବୁଧବାର ଅପରାହ୍ନରେ ମିଳିଥିଲା। ତେବେ ରାତି ପ୍ରାୟ ୭ଟା ୩୦ରେ ଦୁର୍ଘଟଣାରେ ରାଣାପ୍ରତାପଙ୍କ ମୃତ୍ୟୁ ହୋଇଥିବା ସ୍ତ୍ରୀ ଶିବାଙ୍ଗୀଙ୍କୁ ସୂଚନା ମିଳିଥିଲା। ଗତ ଦୁର୍ଗାପୂଜା ସମୟରେ ରାଣାପ୍ରତାପ ଘରକୁ ଆସିଥିଲେ। ମା'ଙ୍କ ଦେହ ଅସୁସ୍ଥ ଥିବାରୁ କିଛିଦିନ ରହି କର୍ମକ୍ଷେତ୍ରକୁ ଫେରିଯାଇଥିଲେ। ଆସନ୍ତା ଜାନୁୟାରୀରେ ସେ ପୁଣି ଘରକୁ ଆସିଥାନ୍ତେ ଓ ଅସୁସ୍ଥ ମା'ଙ୍କ ସହ ବାପାଙ୍କୁ ଏଠାରୁ ନେଇଯାଇଥାନ୍ତେ। ଆଉ ମାତ୍ର ୨ ବର୍ଷ ଚାକିରି କରିବା ପରେ ସେ ୨୦୨୩ରେ ଅବସର ନେବାର ଯୋଜନା କରିଥିଲେ। ହେଲେ ତାହା ପୂର୍ବରୁ ହେଲିକପ୍ଟର ଦୁର୍ଘଟଣା ତାଙ୍କୁ ସମସ୍ତଙ୍କଠାରୁ ଛଡ଼ାଇନେଲା। ମୃତଦେହ ସମ୍ପୂର୍ଣ୍ଣ ପୋଡ଼ିଯାଇଥିବାରୁ ଚିହ୍ନଟ କରିବାକୁ ଦିଲ୍ଲୀରେ ଡିଏନ୍ଏ ଟେଷ୍ଟ କରାଯିବ। ରିପୋର୍ଟ ମିଳିବା ପରେ ରବିବାର କିମ୍ବା ସୋମବାର ତାଙ୍କ ମୃତଦେହ ତାଳଚେରରେ ପହଞ୍ଚିବ। ଏଠାରେ ତାଙ୍କର ଶେଷକୃତ୍ୟ କରାଯିବାର ଯୋଜନା ଥିବା ଭିଣୋଇ ଅତନୁ ପ୍ରକାଶ କରିଛନ୍ତି। ବାୟୁସେନା ଯବାନଙ୍କ ମୃତ୍ୟୁ ସମ୍ପର୍କରେ ଜଣାପଡ଼ିବା ପରେ ଗୁରୁବାର ସକାଳୁ ତାଙ୍କ ବାସଭବନକୁ ଲୋକଙ୍କ ସୁଅ ଛୁଟିଥିଲା। ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ କହିଛନ୍ତି, ଯବାନଙ୍କ ମୃତଦେହ କେବେ ପହଞ୍ଚିବ ସେ ନେଇ ସରକାରୀସ୍ତରରେ କୌଣସି ଖବର ଆସିନାହିଁ। ବାହାରୁ ଖବରପାଇ ସକାଳେ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛି। ରବିବାର କିମ୍ବା ସୋମବାର ମରଶରୀର ପହଞ୍ଚିବାର ସମ୍ଭାବନା ରହିଛି। ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ ଅନ୍ତିମ ସଂସ୍କାର କରାଯିବ।

## କିଏ ହେବେ...

ତାଙ୍କ ପରଲୋକ ପରେ ଭାରତର ଏହି ସର୍ବୋଚ୍ଚ ସାମରିକ ପଦ ପାଇଁ ଶୂନ୍ୟତା ସୃଷ୍ଟି ହୋଇଛି। ତାଙ୍କ ଉତ୍ତରାଧିକାରୀ ଚୟନକୁ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ କିଛି ସ୍ଥିର କରାଯାଇ ନ ଥିବାବେଳେ ସ୍ଥଳସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରୱଣେଙ୍କୁ ଏହି ପଦରେ ନିଯୁକ୍ତ କରାଯାଇପାରେ ବୋଲି କୁହାଯାଉଛି। କାରଣ ବର୍ତ୍ତମାନ ନରୱଣେ ହେଉଛନ୍ତି ଦେଶର ବରିଷ୍ଠତମ ସେନା ଅଧିକାରୀ। ଏପରି ହେଲେ ନରୱଣେଙ୍କ ସ୍ଥାନରେ ଅବସ୍ଥାପିତ କରିବା ପାଇଁ ବରିଷ୍ଠତା ଦୃଷ୍ଟିରୁ ଅନ୍ୟ ଜଣେ ସେନା ଅଧିକାରୀଙ୍କୁ ଖୋଜିବାକୁ ପଡ଼ିବ। ୨୮ତମ ସେନା ମୁଖ୍ୟ ଭାବେ ଜେନେରାଲ ରାୱତ୍‌ଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିବା ନରୱଣେଙ୍କ କାର୍ଯ୍ୟକାଳ ୨୦୨୨ ଏପ୍ରିଲରେ ଶେଷ ହେବାକୁ ଯାଉଛି। ବାୟୁସେନା ମୁଖ୍ୟ ମାର୍ଶଲ ଭି.ଆର୍. ଚୌଧୁରୀ ଗତ ସେପ୍ଟେମ୍ବର ୩୦ରେ ଏବଂ ନୌସେନା ମୁଖ୍ୟ ଆଡ୍‌ମିରାଲ ଆର୍. ହରି କୁମାର ନଭେମ୍ବର ୩୦ ତାରିଖରେ ଦାୟିତ୍ୱ ଗ୍ରହଣ କରିଥିଲେ। ତେଣୁ ଉଭୟ ଅଭିଜ୍ଞତା ଓ ବରିଷ୍ଠତା ଦୃଷ୍ଟିରୁ ନରୱଣେ ସିଡିଏସ୍ ଦୌଡ଼ରେ ଆଗରେ ଅଛନ୍ତି। ସିଡିଏସ୍ ପଦବୀରେ ଅବସ୍ଥାପିତ ହେଉଥିବା ଅଫିସର ପ୍ରତିରକ୍ଷା ମନ୍ତ୍ରଣାଳୟର ସାମରିକ ବ୍ୟାପାର ବିଭାଗ ସଚିବ, ଷ୍ଟାଫ୍ କମିଟିର ସ୍ଥାୟୀ ଚେୟାରମ୍ୟାନ୍ ଚିଫ୍ ଏବଂ ପ୍ରତିରକ୍ଷା ମନ୍ତ୍ରୀଙ୍କ ପ୍ରଧାନ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥାନ୍ତି। ଏଥିସହିତ ତିନି ସେନାର ଅପରେଶନ, ଲଜିଷ୍ଟିକ୍ସ, ପରିବହନ, ତାଲିମ, ସପୋର୍ଟ ସର୍ଭିସ୍, ଯୋଗାଯୋଗ ଆଦି କ୍ଷେତ୍ରରେ ସମନ୍ୱୟ ରକ୍ଷା କରିବା ହେଉଛି ସିଡିଏସ୍‌ଙ୍କ ଦାୟିତ୍ୱ। ଦେଶର ପ୍ରଥମ ସିଡିଏସ୍ ରୂପେ ଜେନେରାଲ ରାୱତ୍ ଦାୟିତ୍ୱ ଗ୍ରହଣ କରିବା ପରେ ସ୍ଥଳସେନା, ବାୟୁସେନା ଓ ନୌସେନାରେ ସମନ୍ୱୟ ରଖି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ଏହାବାଦ୍ ବିଭିନ୍ନ କମାଣ୍ଡ୍ ଗଠନ ନିମନ୍ତେ ଅଧ୍ୟୟନ କରି ସୁପାରିସ କରିବା ପାଇଁ ସେ ତିନିସେନାର ଉପମୁଖ୍ୟଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ଗଠନ କରିଥିଲେ। ତାଙ୍କର ଥିଏଟର କମାଣ୍ଡ ପ୍ରତିଷ୍ଠା ଯୋଜନା ଅଧୁରା ରହିଯାଇଛି। ପରବର୍ତ୍ତୀ ସିଡିଏସ୍‌ଙ୍କୁ ଜେନେରାଲ ରାୱତ୍‌ଙ୍କ ଲିଗାସିକୁ ଆଗେଇ ନେଇ ସହମତି ଭିତ୍ତିରେ କମାଣ୍ଡ୍‌ଗୁଡ଼ିକର ପୁନର୍ଗଠନ ପ୍ରକ୍ରିୟାରେ ଅଗ୍ରଗତି ଦେବାକୁ ପଡ଼ିବ।

## ରାୱତ୍‌ଙ୍କୁ ସଂସଦରେ...

ଏହା ପରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ହେଲିକପ୍ଟର ଦୁର୍ଘଟଣା ନେଇ ଉଭୟ ଗୃହରେ ବିବୃତି ରଖିଥିଲେ। ରାଜନାଥ କହିଥିଲେ, ଦୁର୍ଘଟଣାର କାରଣ ସ୍ପଷ୍ଟ କରିବା ଲାଗି ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏୟାର ମାର୍ଶଲ ମାନବେନ୍ଦ୍ର ସିଂଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଛି। ତିନିସେନାକୁ ନେଇ ଗଠିତ ଏକ ତଦନ୍ତକାରୀ ଟିମ୍ ୱେଲିଂଟନରେ ପହଞ୍ଚି ତନାଘନା ଚଳାଇଛନ୍ତି। ବର୍ତ୍ତିଯାଇଥିବା ଗ୍ରୁପ୍ କ୍ୟାପଟେନ ବରୁଣ ସିଂଙ୍କୁ ୱେଲିଂଟନ ହସ୍ପିଟାଲରେ ଜୀବନ ରକ୍ଷକ ବ୍ୟବସ୍ଥା ମଧ୍ୟରେ ଚିକିତ୍ସା କରାଯାଉଛି। ଉପଯୁକ୍ତ ସାମରିକ ସମ୍ମାନ ସହ ରାୱତ୍ ଓ ସେନାର ଅନ୍ୟମାନଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ଉଭୟ ଗୃହକୁ ପ୍ରତିରକ୍ଷାମନ୍ତ୍ରୀ ଅବଗତ କରାଇଥିଲେ। ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ସବୁ ଦଳର ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ନିମନ୍ତେ ଅନୁମତି ଦେବା ପାଇଁ ହରିବଂଶଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଉପାଧ୍ୟକ୍ଷ ହରିବଂଶ ଅନୁମତି ଦେବାକୁ ମନା କରିଥିଲେ। ଅନ୍ୟପକ୍ଷେ ବିଶୃଙ୍ଖଳିତ ଆଚରଣ ପାଇଁ ରାଜ୍ୟ ସଭାରୁ ନିଲମ୍ବିତ ୧୨ ସଦସ୍ୟ ରାୱତ୍‌ଙ୍କୁ ସମ୍ମାନ ଜଣାଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖ ଧାରଣାସ୍ଥଳରୁ ଦିନକ ପାଇଁ ଓହରିଯାଇଥିଲେ। ତେବେ ଶ୍ରଦ୍ଧାଞ୍ଜଳି ପାଇଁ ସୁଯୋଗ ଦିଆଯାଇ ନ ଥିବାରୁ ସେମାନେ ସରକାରଙ୍କୁ ନିନ୍ଦା କରିଥିଲେ। ଲୋକ ସଭାରେ ବାଚସ୍ପତି ଓମ୍ ବିର୍ଲା ରାୱତ୍‌ଙ୍କ ବୀରତ୍ୱ ଓ ତ୍ୟାଗକୁ ସ୍ମରଣ କରିଥିବାବେଳେ ସମସ୍ତ ସଦସ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଏମ୍ଆଇ-୧୭ଭି୫...

ଏୟାରକ୍ରାଫ୍ଟରେ ସଂଲଗ୍ନ କରାଯାଇଥିବା ଏକ ଉପକରଣ। ହେଲିକପ୍ଟର ବା ବିମାନ ଦୁର୍ଘଟଣାଗ୍ରସ୍ତ ହେଲେ ତାହା ସମ୍ପୂର୍ଣ୍ଣ ରୂପେ ଭାଙ୍ଗିରୁଜି ଛାରଖାର ହୋଇଯାଏ। କିନ୍ତୁ ଉଚ୍ଚ ସୁରକ୍ଷାଯୁକ୍ତ ମେଶିନ ବ୍ଲାକ୍‌ବକ୍ସର କିଛି କ୍ଷତି ହୋଇ ନ ଥାଏ। ସେଥିରେ ସମସ୍ତ ଉଡ଼ାଣ ତଥ୍ୟ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଡାଟା ରେକର୍ଡ ହୋଇ ରହିଥାଏ। ଏପରି କି କକ୍‌ପିଟରେ ପାଇଲଟ ଓ ଯାତ୍ରୀଙ୍କ ମଧ୍ୟରେ ହୋଇଥିବା କଥୋପକଥନକୁ ମଧ୍ୟ ବ୍ଲାକ୍‌ବକ୍ସ ରେକର୍ଡ କରିଥାଏ। ଫ୍ଲାଇଟ୍ ଡାଟା ରେକର୍ଡର (ଏଫ୍‌ଡିଆର୍) ଏବଂ କକ୍‌ପିଟ ଭଏସ୍ ରେକର୍ଡର (ସିଭିଆର୍) ଦୁର୍ଘଟଣାର କାରଣ ଖୋଜିବାରେ ସହାୟକ ହୋଇଥାଏ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର କାମଗୁଡ଼ିକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ କିନ୍ତୁ ସମ୍ପୂର୍ଣ୍ଣ ନୁହେଁ। ଜଳ, ତୈଳ, ବିଦ୍ୟୁତ ବ୍ୟବସାୟରୁ ଲାଭବାନ ହେବେ। ରାଜନୀତିରେ କୂଟନୀତି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବେ।

**ବୃଷ**
ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ବଦାନ୍ୟତାରୁ କାମ ହୋଇଯିବ। ଭାଇ,ଭଉଣୀଙ୍କ ସ୍ୱାର୍ଥ ସକାଶେ ଘରେ କଳହ କରିପାରନ୍ତି।

**ମିଥୁନ**
ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ଚଳନ୍ତୁ ନଚେତ୍ ଝମେଲା ବଢ଼ି ଯାଇପାରେ। ପରିବାରର ଖର୍ଚ୍ଚ ପରିମାଣ ଦି'ଗୁଣା ହୋଇପାରେ, ଯାହା କି ଦୁଶ୍ଚିନ୍ତାର କାରଣ ହୋଇପାରେ। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସପାଇବ। ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କର୍କଟ**
କର୍ମକ୍ଷେତ୍ରରେ ସହକର୍ମୀ ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ, ଫଳରେ ଟେନ୍ସନ ଲାଗି ରହିବ। ଘର କଥାନେଇ ସ୍ତ୍ରୀଙ୍କ ସହ ଆଲୋଚନା କଲେ ଆଶଙ୍କା ଅପରାହ୍ନେ ଦୂର ହୋଇଯିବ। ସଂଗଠନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ**
ଅଭାବ ଓ ଧାରକରଜ ହେତୁ ମନ ବେଶି ବିବ୍ରତ ରହିବ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହୋଇପାରନ୍ତି। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ରହିବ। ସାମାଜିକ ସ୍ତରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ।

**କନ୍ୟା**
କଠିନଶ୍ରମ ଓ ବିଶେଷ ଭ୍ରମଣଜନିତ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବ। ସୁନା ଜିନିଷ କିଣା ବିକାରେ ଠକାମିରେ ପଡ଼ିପାରନ୍ତି। ଅପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବ ଏବଂ ତାହାଠାରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସହକର୍ମୀଙ୍କ ମାଧ୍ୟମରେ ଇଚ୍ଛା କରୁଥିବା ଜିନିଷଟି ପାଇ ପାଇ ଖୁସୀ ହେବେ।

**ତୁଳା**
ପିଲାର ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉ ଥିବାରୁ ମନ ଭଲ ରହିବ ନାହିଁ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ମାତ୍ରାଧିକ ଭ୍ରମଣ ଯୋଗୁ ଆଳସ୍ୟ ଅନୁଭବ କରିବେ। ବିବାଦୀୟ ଘଟଣାଟି ସାୟାହ୍ନରେ ସମସ୍ୟାର ସମାଧାନ ହୋଇଯିବ।

**ବିଛା**
ନାନା ସମସ୍ୟାରେ ପଡ଼ି ବିରସ ମନରେ ରହିବେ ଏବଂ ପରିବାରରେ ମଧ୍ୟ ସ୍ତ୍ରୀଙ୍କ ସହ ମତାନ୍ତର ଘଟିବ। ମାତ୍ର ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପରିସ୍ଥିତିରେ ପଡ଼ି ବହୁତଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହୋଇପାରନ୍ତି।

**ଧନୁ**
ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପ୍ରତିଯୋଗିତାରେ ସଫଳତା ହାସଲ କରି ସମ୍ମାନିତ ହୋଇପାରନ୍ତି। ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମକର**
ଅଟକି ରହିଥିବା କାମ ବନ୍ଧୁ ସୁବିଧାରେ କରାଇ ଦେଇ ପାରନ୍ତି। ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ କିନ୍ତୁ ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଓ ଶ୍ରବଣା ନକ୍ଷତ୍ର ସହଜରେ କାମ ହାସଲ କରିବେ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟ ସକାଶେ ମନ ବ୍ୟସ୍ତ ରହିବ।

**କୁମ୍ଭ**
ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ମୀନ**
ପାରିବାରିକ ପ୍ରତିରୋଧ ହେତୁ କାମ ଗୁଡ଼ିକ ଅଟକି ଯିବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ସାମୟିକ ମନ ଖୁସୀ ରହିବ। ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଆକସ୍ମିକ ଭାବରେ ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ।


# classifieds Everyday
0674-2580101, 2549302





**HIRE**

JCB Machine Excavators 38T, 22T,20T,12T,10T,8T & Loader- 2DX,3DX,JCB Compactor, JCB Loadall,Tata/Eicher Bus,Mercedes Benz available for Sale/Hire. Contact: 9556240228, 9937292015, 7077714312. Email-kttbbsr@gmail.com. D-22404





**SALE**

**Residential gharabari plot near English Medium School, Brahmanjharilo with boundarywall 7km. from Nakhara, Cuttack and 12km. to BBSR. Contact No.- 7809525452.** D-71825

**Complete boundarywall 30' Blacktop Road, Electricity fully developed plot near Balianta Police Station. 9777025016.** D-22489

Hanspal, Balianta ଛକରୁ ଅଳ୍ପ ଦୂରତାରେ gharabari boundarywall plot ମିଳୁଛି। 7008492511. D-22490

**Bhubaneswar, Patia, Bigbazar 2.5.k.m.distance 1200sqft. 8,40,000/-. Conatct: 8328864710.** D-71740

Layer poultry farm for Lease/Sale 70km. from Bhubaneswar. Contact: 7008566481. D-22420

**Ready to move 1BHK Holiday apartment sale Jagannathdham Puri, Rate-14.5lakhs-18.5lakhs Bank Loan available with monthly rent facilities. 9040033905, 6372753860.** D-71749

ଘରବାଡ଼ି ପ୍ଲଟ୍ **30'road** ସହିତ **Sum Hospital**ରୁ **4k.m.** ଘଙ୍ଗାପାଟଣାରେ ମିଳୁଛି। **Owner-9090963952.** D-71746

ତ୍ରିଶୁଳିଆରେ ଘରବାରି **residential ready to construction plot sale with boundary & electric. Registration free. 9124843881.** D-22479

**ହଂସପାଳ ବଜାରରୁ ୨ କି.ମି. ଦୂରତାରେ ୩୦ ଫୁଟ ରୋଡ୍, ଲାଇନ୍, ପାଣି ସୁବିଧା ଥାଇ ବାସ ଉପଯୋଗୀ ପ୍ଲଟ୍ ମିଳୁଅଛି । 7205047488.** D-22487

3BHK flat backside Esplanade Mall Rasulgarh, Bhubaneswar. Contact: 9437685154. D-71515

**4500sqft. 4BR Independent double storied building at Nageswartangi, BBSR, land-72 decimals. Contact: 9437928245 (11am-7pm).** D-71916

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥପୁରବଜାର sqft.-200/- (outright). 9348232008. D-22469

ଭୁବନେଶ୍ୱର ଚନ୍ଦକାରେ **Nalanda/BCCST College** ପାଖରେ **road, electricity, water, boundary** ଥାଇ ବାସୋପଯୋଗୀ **plot** ପୋଜେସନ ଥାଇ ମିଳୁଛି। **9348870771, 9090543542.** D-71742

**PURCHASE**

ମୋର ଦରକାର ରାସ୍ତା କଡ଼ ଜାଗା ନଖରା ଠାରୁ ଅଡଶପୁର ପର୍ଯ୍ୟନ୍ତ। **Only owners to Contact: 7978991126.** D-71826





Ground floor 1700sqft. near Rabi Talkies Square for Office, Institutions. Contact: 8249204856. D-22492





Newly Open Saikrupa Panchakarma Spa positively health benefits with Expert. 8984068077. D-22470

Newly open full body massage ladies and gents. 8327740003. D-71828

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

One hour any therapy by expert therapist @800 only. 9078484455. D-71449

@999 refreshing your mind, body with the best therapy - 7873794731. D-71918





**Admissions for Regular B.ED courses of andhra university are available at here in ashoka collage of education, vizayanagaram Contact numbers -9337987055, 9861223512.** D-22474

**AFFIDAVIT**

By virtue of Notary affidavit, I changed my name from Sridevi Patnaik to C. Sridevi for all purposes. signed. D-65926

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ସୁମିତ-ତପସ୍ୱିନୀ ଆଉ ୭ ଦିନ ଏକାଠି ରହିବେ

ବ୍ରହ୍ମପୁର ଅଫିସ,୯।୧୨

## ପରବର୍ତ୍ତୀ ଶୁଣାଣି ୧୭ରେ

ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ନ୍ୟାୟ ପାଇଁ ବୋହୂ ତପସ୍ୱିନୀ ଦାଶ ରୁଜୁ କରିଥିବା ପିଟିଶନ୍‌ର ଶୁଣାଣି ପାଇଁ ଗୁରୁବାର ତାରିଖ ଧାର୍ଯ୍ୟ ହୋଇଥିଲା। ତପସ୍ୱିନୀଙ୍କ ପକ୍ଷରୁ ରୁଜୁ ହୋଇଥିବା ପିଟିଶନ୍ ଉପରେ ଉତ୍ତର ରଖିବାକୁ ଶ୍ୱଶୁର ପ୍ରମୋଦ ସାହୁଙ୍କ ଓକିଲ ୭ଦିନ ସମୟ ମାଗିଥିଲେ। ଏସ୍‌ଡିଜେଏମ୍ ମାମଲାର ଶୁଣାଣି କରି ସମୟ ଦେଇଛନ୍ତି। ସେହିପରି ଡାକ୍ତର ସ୍ୱାମୀ ସୁମିତ ସାହୁ ଓ ତପସ୍ୱିନୀଙ୍କୁ ଏକ ଭଡ଼ାଘରେ ୭ ଦିନ ଏକାଠି ରହିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଡା.ସୁମିତଙ୍କ କାର୍ଯ୍ୟସ୍ଥଳ ଆସିକା ଅଞ୍ଚଳରେ ଭଡ଼ାଘରେ ରଖିବା ସହ ସ୍ତ୍ରୀ ତପସ୍ୱିନୀଙ୍କ ସମସ୍ତ ଖର୍ଚ୍ଚ ବହନ କରିବେ। ତାଙ୍କ ୭ ଦିନ ରହଣି ସମୟରେ ଆସିକା ଥାନାଧିକାରୀ ଓ ସୁରକ୍ଷା ଅଧିକାରୀ ତାଙ୍କ ସହ କଥା ହୋଇ କୋର୍ଟରେ ରିପୋର୍ଟ ଦାଖଲ କରିବେ। ଏହି ସମୟରେ ସୁମିତ ଓ ତପସ୍ୱିନୀ ତାଙ୍କ ସମ୍ପର୍କୀୟଙ୍କ ସହିତ ଦେଖାକରିବା ସହ କଥା ହୋଇ ପାରିବେ। ଏହା ସହିତ ପୋଲିସର ସୁରକ୍ଷା ବ୍ୟବସ୍ଥା ମଧ୍ୟ ରହିବ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଥିବା ତପସ୍ୱିନୀଙ୍କ ଓକିଲ ରଞ୍ଜନ କୁମାର ଉପାଧ୍ୟାୟ, ପ୍ରଦୀପ ବେହେରା ସୂଚନା ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୭ତାରିଖକୁ ଧାର୍ଯ୍ୟ କରାଯାଇଛି।

ସୂଚନାଯୋଗ୍ୟ, ଛତ୍ରପୁରର ତପସ୍ୱିନୀ ଓ ବ୍ରହ୍ମପୁରର ଜଣେ ଯୁବ ଡାକ୍ତର ସୁମିତଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟେ ଗତବର୍ଷ କୋର୍ଟରେ ବିବାହ କରିବା ସହ ଏକାଠି ରହିଥିଲେ। ଗତ କିଛି ମାସ ହେବ ସ୍ୱାମୀ, ଶାଶୁ ଓ ଶ୍ୱଶୁର ମିଶି ତାଙ୍କୁ ନିର୍ଯାତନା ଦେଇଥିବା ନେଇ ତପସ୍ୱିନୀ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ଏହା ପରେ ଡାକ୍ତରଙ୍କ ପରିବାର ଲୋକେ ମାମଲା ଉଠାଇବା ପାଇଁ ବୋହୂଙ୍କୁ ମନାଇବା ସହ ବାହାଘର କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଗତ ୨୨ ତାରିଖରେ ବାହାଘର ଲଗ୍ନ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଶ୍ୱଶୁର ଘର ଲୋକ କୌଣସି ଆୟୋଜନ କରି ନ ଥିବାରୁ ତପସ୍ୱିନୀ ବଧୂ ବେଶରେ ସଜେଇ ହୋଇ ସମାଜସେବୀ ପ୍ରମିଳା ତ୍ରିପାଠୀଙ୍କ ସହାୟତାରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ରହ୍ମାନଗରସ୍ଥିତ ଶ୍ୱଶୁର ଘର ଆଗରେ ଧାରଣା ଜାରି ରଖିଥିଲେ। ନ୍ୟାୟ ନ ମିଳିବାରୁ ଶେଷରେ ତପସ୍ୱିନୀ କୋର୍ଟରେ ଆଶ୍ରୟ ନେଇଥିଲେ। ସ୍ୱାମୀଙ୍କ ସହିତ ରହିବା ପାଇଁ ନିର୍ଦ୍ଦେଶ ଦେବାକୁ ସେ ପିଟିଶନରେ ଆବେଦନ କରିଥିଲେ। ଗତ ୨ତାରିଖରେ ଏହାର ଶୁଣାଣି କରି ଏସ୍‌ଡିଜେଏମ୍ ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ଡା. ସୁମିତଙ୍କ କର୍ମସ୍ଥଳ ଆସିକାଠାରେ ଏକାଠି ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ପୁଅ କି ଝିଅର ପରିବାରବର୍ଗ କେହି ସେମାନଙ୍କ ସହିତ ଦେଖା କରି ପାରିବେ ନାହିଁ କି ଫୋନରେ କଥା ହୋଇପାରିବେ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆସିକା ପୋଲିସ ହେପାଜତରେ ଉଭୟ ସ୍ୱାମୀ-ସ୍ତ୍ରୀ ଚିନିକଲସ୍ଥିତ ଆଇବିରେ ରହୁଛନ୍ତି। ଗୁରୁବାର ପୂର୍ବାହ୍ନରେ ଆସିକା ଥାନା ଅଧିକାରୀ ପ୍ରଶାନ୍ତ ସାହୁ ଓ ସୁରକ୍ଷା ଅଧିକାରୀ ସଙ୍ଗୀତା ପାତ୍ର କୋର୍ଟରେ ତାଙ୍କର ରିପୋର୍ଟ ଦାଖଲ କରିଥିଲେ। ଏହି ରିପୋର୍ଟକୁ ତର୍ଜମା କରି କୋର୍ଟ ତାଙ୍କର ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ଶୁକ୍ରବାରଠାରୁ ସୁମିତ ଓ ତପସ୍ୱିନୀ ଏକ ଭଡ଼ାଘର ନେଇ ଏକତ୍ରିତ ରହିବେ ବୋଲି ସୂଚନା ମିଳିଛି।

# ଅତିଥିଙ୍କ ପାଇଁ ଫେରିଲା କଣ୍ଟେନମେଣ୍ଟ ଜୋନ୍

## ପରୀକ୍ଷା ଲାଗି ଗଲା ୩ ସମ୍ପର୍କୀୟଙ୍କ ସ୍ୱାବ୍

ଭଞ୍ଜନଗର,୯।୧୨(ଡି.ଏନ୍.ଏ)

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଲାଲସିଂ ପଞ୍ଚାୟତ ଛେଦାଭୂମି ରୋଡ଼ ଗାୟତ୍ରୀ ନଗର ଛକରୁ ବାରିକ ସିମେଣ୍ଟ ଦୋକାନ ପର୍ଯ୍ୟନ୍ତ ଅଞ୍ଚଳକୁ ଗୁରୁବାର କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଉକ୍ତ ଅଞ୍ଚଳକୁ ସମ୍ପର୍କୀୟଙ୍କ ଘରକୁ ଆସିଥିବା ଜଣେ ଦୁବାଇ ଫେରନ୍ତା ଅତିଥି କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଅତିଥି ଜଣକ ରାଉରକେଲା ବାସିନ୍ଦା। ସେ ଦୁବାଇରୁ ଗତ ୩୦ ତାରିଖରେ ଭୁବନେଶ୍ୱର ଆସିଥିଲେ। ରାଉରକେଲା ଯାଇ କିଛିଦିନ ରହିବା ପରେ ଗତ ୭ ତାରିଖରେ ବସ୍ ଯୋଗେ ଭଞ୍ଜନଗର ସହରତଳି ଲଣ୍ଡେଇସାହିରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ସେ କରୋନା ଆକ୍ରାନ୍ତ ହୋଇଥିବା ସନ୍ଧ୍ୟାରେ ତାଙ୍କ ପାଖକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଫୋନ ଆସିଥିଲା। ୨ ଘଣ୍ଟା ପରେ ଭଞ୍ଜନଗର ମେଡିକାଲ ଷ୍ଟାଫ୍ ଲଣ୍ଡେଇସାହିରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଣି ମେଡିକାଲର ଆଇସୋଲେଶନ ୱାର୍ଡ଼ରେ ରଖିଛନ୍ତି। ସେ ସୁସ୍ଥ ଥିଲେ ମଧ୍ୟ ଓମିକ୍ରନ୍‌ରେ ଆକ୍ରାନ୍ତ କିନାହିଁ ଜାଣିବା ଲାଗି ତାଙ୍କ ସ୍ୱାବ୍ ପରୀକ୍ଷା ନିମନ୍ତେ ଭୁବନେଶ୍ୱର ପଠାଯାଇଛି। ଏଥିସହ ସମ୍ପର୍କୀୟଙ୍କ ଘରର ୩ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ଏହି ଖବର ଜଣାପଡ଼ିବା ପରେ ସମ୍ପୃକ୍ତ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସୂଚନାଯୋଗ୍ୟ, କରୋନାର ପ୍ରଥମ ଲହର ବେଳେ ଭଞ୍ଜନଗର ବ୍ଲକର ଲାଲସିଂ ପଞ୍ଚାୟତରେ ଅଧିକାଂଶ ଲୋକ ସଂକ୍ରମିତ ହୋଇଥିଲେ। ଏକାଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ପଞ୍ଚାୟତକୁ ପୁଣି କଣ୍ଟେନମେଣ୍ଟ ଜୋନ ଫେରିଥିବାରୁ ଲୋକେ ଏବଂ ପ୍ରଶାସନ ସତର୍କତା ଅବଲମ୍ବନ ନ କଲେ ଭଞ୍ଜନଗରରେ ପୁଣି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ଆଶଙ୍କା ରହିଛି।



ଲଣ୍ଡେଇସାହିରେ ବାଉଁଶ ବାଡ଼ ଦିଆଯାଇଛି।


**ଭାରତ ସରକାର, ରେଳ ମନ୍ତ୍ରଣାଳୟ**
**ରେଳପଥ ନିଯୁକ୍ତି କୋଷ, କେନ୍ଦ୍ରୀୟ ରେଳପଥ**
ସିପିଏମ୍ କନ୍‌ଭର୍ସନ୍ସ ଅଫିସ୍ ବିଲ୍‌ଡିଂ, ପି. ଡି'ମେଲ୍ଲୋ ରୋଡ୍, ୱାଡିବନ୍ଦର, ମୁମ୍ବାଇ - ୪୦୦୦୧୦

କର୍ମନିଯୁକ୍ତି ବିଜ୍ଞପ୍ତି ସଂ. ଆର୍‌ଆର୍‌ସି/ସିଆର୍/୦୨/୨୦୨୧
ତାରିଖ: ୧୧।୧୨।୨୦୨୧

**ବର୍ଷ ୨୦୨୧-୨୨ ନିମନ୍ତେ ଉନ୍ମୁକ୍ତ ବିଜ୍ଞାପନ କ୍ରୀଡ଼ା କୋଟା ଅଧୀନରେ ନିଯୁକ୍ତି**

କେନ୍ଦ୍ରୀୟ ରେଳପଥରେ ବର୍ଷ ୨୦୨୧-୨୨ ନିମନ୍ତେ କ୍ରୀଡ଼ା କୋଟାରେ (ସାମଗ୍ରୀ ୨ ଅନୁଯାୟୀ) ୨୧ଟି ପଦବୀ ପୂରଣ କରିବା ପାଇଁ କେନ୍ଦ୍ରୀୟ ରେଳପଥ ଯୋଗ୍ୟ କ୍ରୀଡ଼ାବିତ୍‌ଙ୍କଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଛି, ଯେଉଁମାନେ ଭାରତୀୟ ନାଗରିକ ହୋଇଥିବା ଆବଶ୍ୟକ । ପଦବୀଗୁଡ଼ିକ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଉନ୍ମୁକ୍ତ । ଏସ୍‌ସି/ଏସ୍‌ଟି/ଓବିସି ନିମନ୍ତେ କୌଣସି ସଂରକ୍ଷଣ ନାହିଁ । ଅଧିକନ୍ତୁ, କେବଳ ଟ୍ରାଏଲ୍‌ରେ ଯୋଗ୍ୟ ବିବେଚିତ ପ୍ରାର୍ଥୀମାନଙ୍କୁ ପରବର୍ତ୍ତୀ ପ୍ରକ୍ରିୟା ଲାଗି ଡକାଯିବ ।

| | |
|---|---|
| ଅନ୍‌ଲାଇନ ଦରଖାସ୍ତ ଖୋଲିବାର ତାରିଖ ଓ ସମୟ | ୧୩।୧୨।୨୦୨୧, ୧୧.୦୦ ଘଟିକାରେ |
| ଅନ୍‌ଲାଇନ ଦରଖାସ୍ତ ବନ୍ଦ ହେବାର ତାରିଖ ଓ ସମୟ | ୨୭।୧୨।୨୦୨୧, ୧୭.୦୦ ଘଟିକାରେ |

ସବିଶେଷ ବିଜ୍ଞାପନ ତା୧୧।୧୨।୨୦୨୧ରିଖରେ ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ମଧ୍ୟ ପ୍ରକାଶିତ କରାଯିବ, ଦୟାକରି ତାହାକୁ ଦେଖନ୍ତୁ ।
ପ୍ରାର୍ଥୀମାନଙ୍କୁ www.rrccr.com ପରିଦର୍ଶନ କରି ଅନ୍‌ଲାଇନ ଆବେଦନ କରିବାକୁ ହେବ । ଅନ୍‌ଲାଇନ ଦରଖାସ୍ତ ପୂରଣ କରିବାର ସବିଶେଷ ନିର୍ଦ୍ଦେଶାବଳୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।

ଅଧ୍ୟକ୍ଷ
ରେଳପଥ ନିଯୁକ୍ତି କୋଷ,
କେନ୍ଦ୍ରୀୟ ରେଳପଥ

ରେଲ୍‌ମଦଦ ହେଲ୍‌ପଲାଇନ୍ ୧୩୯


# ସୀମିତ ଅନୁଦାନରେ ସ୍ମାର୍ଟସ୍କୁଲ ଯୋଜନା

## ■ପୂର୍ବଭଳି ଅସମ୍ପୂର୍ଣ୍ଣ ସ୍କୁଲ ପରିବେଶ
## ■ଟଙ୍କା ନ ମିଳିବାରୁ ଠିକାଦାରଙ୍କ ପଛଘୁଞ୍ଚା

ସମ୍ବଲପୁର,୯।୧୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ୫-ଟି ବିଭାଗ ପରିଚାଳନାରେ ହାଇସ୍କୁଲ ରୂପାନ୍ତରଣ କରାଯାଉଛି। ଘରୋଇ ସ୍କୁଲ ଭଳି ସମସ୍ତ ସୁବିଧା ଯୋଗାଇ ଦେବାକୁ ଯୋଜନା କରାଯାଇଛି। ହେଲେ ସୀମିତ ଅନୁଦାନରେ ସ୍ମାର୍ଟସ୍କୁଲ ଯୋଜନା କରାଯାଇଥିବା ଏଠାରେ ଆଲୋଚନା ହେଉଛି। ଅନୁଦାନ ଅଭାବରୁ ସ୍କୁଲଗୁଡିକ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ।

ସମ୍ବଲପୁର ଜିଲାରେ ପ୍ରଥମ ପର୍ଯ୍ୟାୟରେ ୨୫ ଗୋଟି ସ୍କୁଲ ନଭେମ୍ବର ୧୬ରେ ଲୋକାର୍ପଣ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୫୩ ସ୍କୁଲ ରୂପାନ୍ତରଣ ଯୋଜନା ରହିଛି। ହେଲେ ଅଧିକାଂଶ ସ୍ଥାନରେ ଅନୁଦାନ ଅଭାବରୁ ସ୍କୁଲ ନିର୍ମାଣ କରିବାକୁ ସ୍ଥାନୀୟ ଠିକାଦାର ପଛଘୁଞ୍ଚା ଦେଉଛନ୍ତି। ତେଣୁ ଅନୁଦାନ ବୃଦ୍ଧି ନ କଲେ ଏହି ଯୋଜନା ଫେଲ୍ ମାରିବା ସମ୍ଭାବନା ଥିବା କୁହାଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍କୁଲଗୁଡିକ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ରହିଛି। ଜିଲା ପ୍ରଶାସନ ପକ୍ଷରୁ ଏସ୍‌ଏଫ୍‌ସି, ସିଏସ୍‌ଏଫ୍‌ସି, ପଶ୍ଚିମଓଡ଼ିଶା ବିକାଶ ପରିଷଦ, ବିଆର୍‌ଜିଏଫ୍, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ସିଆର୍‌ଏଫ୍ ଭଳି ସରକାରୀ ଅନୁଦାନ ସହ କମ୍ପାନୀର ସିଏସ୍‌ଆର ଅନୁଦାନ ଖର୍ଚ୍ଚ କରିବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଡିଓମାନେ ମଧ୍ୟ କାମ ସମ୍ପୂର୍ଣ୍ଣ କରିବା ନେଇ ଚିନ୍ତାରେ ପଡିଛନ୍ତି। ପୂର୍ବ ସ୍କୁଲ କାମର ବିଲ୍ ଟଙ୍କା ସହଯୋଗ କରିଥିବା ଠିକାଦାର ଓ ସିମେଣ୍ଟ, ବାଲି, ଲୁହାଛଡ ଭଳି ସାମଗ୍ରୀ ଯୋଗାଣ ସଂସ୍ଥା ମଧ୍ୟ ଟଙ୍କା ବକେୟା ଥିବାରୁ ମନା କରିଦେଉଛନ୍ତି। ଏପରି କି କେତେଜଣ ଠିକାଦାର ଓ ଯୋଗାଣ ସଂସ୍ଥା ବିଡିଓ ଓ ପଞ୍ଚାୟତ ଅଫିସକୁ ଆସି ବକେୟା ଟଙ୍କା ଦାବି କରୁଛନ୍ତି। ବିଡିଓ ଓ ପଞ୍ଚାୟତ ସ୍ତରର ଅଧିକାରୀ ଅସହାୟ ପ୍ରକାଶ କରି କିଛିଦିନ ଅପେକ୍ଷା କରିବାକୁ କହୁଛନ୍ତି।

ମିଳିଥିବା ରିପୋର୍ଟ ଅନୁସାରେ ସ୍ମାର୍ଟ ସ୍କୁଲ ପାଇଁ ରାଜ୍ୟ ସରକାରଙ୍କ ୪୫ ଲକ୍ଷ ଟଙ୍କା ଅନୁଦାନ ରହିଛି। ଏଥିରୁ ୧୦ ଲକ୍ଷ ଟଙ୍କା ସ୍କୁଲ ପରିଚାଳନା କମିଟି ଜମା ଖାତାରେ ରହିବ। ସେମାନେ ଉକ୍ତ ଟଙ୍କାକୁ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ କରିବେ। ୧୫ ଲକ୍ଷ ଟଙ୍କାରେ ସାଇନ୍ସ ଲ୍ୟାବରେ ବ୍ୟବହୃତ ସାମଗ୍ରୀ, ବେଞ୍ଚ ଡେକ୍ସ, କମ୍ପ୍ୟୁଟର, ପ୍ରୋଜେକ୍ଟର ଭଳି ସାମଗ୍ରୀ କିଣାଯାଉଛି। ବାକି ୩୫ ଲକ୍ଷ ଟଙ୍କାରେ ପୁରାତନ ସ୍କୁଲ ରୂପାନ୍ତରଣ କରାଯିବାକୁ ଯୋଜନା କରାଯାଇଛି। ସମ୍ବଲପୁର ସମେତ ଅଧିକାଂଶ ଜିଲାରେ ହାଇସ୍କୁଲରେ ୨ରୁ ୩ଟି କୋଠରୀ ରହିଛି। ବାକି ମାଟିକାନ୍ଥ ଥିବା ଆଜ୍‌ବେଷ୍ଟସ ଘର ରହିଛି। ଏହାକୁ ମରାମତି କଲେ ଅଧିକ ଅନୁଦାନ ଆବଶ୍ୟକ। ଏ ସମ୍ପର୍କରେ ଡିଆର୍‌ଡିଏ ପିଡି ଦିଲୀପ କୁମାର ବଳ କହିଛନ୍ତି, ସ୍ମାର୍ଟ ସ୍କୁଲ ଶୀଘ୍ର ସମ୍ପୂର୍ଣ୍ଣ କରାଯିବା ସହ ଅନୁଦାନ ଅଭାବ ଦୂର କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୫୩ ସ୍କୁଲ ହାତକୁ ନିଆଯାଇଛି। କେତେଜଣଙ୍କ ବକେୟା ଟଙ୍କା ରହିଛି, ତାହା ମଧ୍ୟ ଦିଆଯିବ ବୋଲି କହିଥିଲେ।



ସମ୍ବଲପୁର ଜିଲାର ସ୍ମାର୍ଟସ୍କୁଲ ଯୋଜନାରେ ନିଆଯାଇଥିବା ଏକ ସ୍କୁଲ।

# ଆନ୍ଧ୍ରରେ ଓଡ଼ିଆ ଶ୍ରମିକ ମୃତ

ପାତ୍ରପୁର,୯।୧୨(ଡି.ଏନ.ଏ.)

ଆନ୍ଧ୍ରପ୍ରଦେଶ କାଡ଼ପା ଜିଲାର ଏକ ରେଳଲାଇନରୁ ଗଞ୍ଜାମ ଜିଲାର ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ମିଳିଛି। ସେ ହେଲେ ଜରଡ଼ା ଥାନା ଅନ୍ତର୍ଗତ ନରସିଂହପୁର ଗ୍ରାମର ବଳରାମ ପ୍ରଧାନ (୪୩) । ବଳରାମ ୧୫ ଦିନ ତଳେ ଗ୍ରାମର କେତେଜଣ ସାଙ୍ଗଙ୍କ ସହ କାମ କରିବାକୁ ଆନ୍ଧ୍ର କାଡପା ଅଞ୍ଚଳକୁ ଯାଇଥିଲେ। ସେଠାରେ କାମ କରିବା ପରେ ଓଡ଼ିଆ ଶ୍ରମିକମାନେ ଠିକାଦାରଙ୍କୁ ଟଙ୍କା ମାଗିଥିଲେ। ଠିକାଦାର ଟଙ୍କା ନ ଦେବାରୁ ଯୁକ୍ତିତର୍କ ହୋଇଥିଲା। ଟଙ୍କା ପାଇଁ ବଳରାମ ଓ ଅନ୍ୟ କେତେଜଣ ସେଠାରେ ରହିଥିବା ବେଳେ ଆଉ କେତେଜଣ ଶ୍ରମିକ ଗାଁକୁ ଫେରି ଆସିଥିଲେ। ବଳରାମ ବୁଧବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ତାଙ୍କ ବସାଘରକୁ ଆସି ନ ଥିଲେ। ସେଠାରେ ଥିବା ତାଙ୍କ ଭାଇ ଓ ସମ୍ପର୍କୀୟମାନେ ଖୋଜାଖୋଜି କରି ନ ପାଇବାରୁ ପୋଲିସକୁ ଖବର ଦେଇଥିଲେ। ଗୁରୁବାର ସକାଳେ କାଡ଼ପା ଷ୍ଟେଶନ ନିକଟ ରେଳଧାରଣାରୁ ବଳରାମଙ୍କ ମୃତଦେହ ମିଳିଥିଲା। ସେଠାକାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ନରସିଂହପୁର ପଠାଇଛି। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।


**OFFICE OF THE SUPERINTENDING ENGINEER, RWS & S DIVISION, BARGARH**
Email: eerwss_bgh@nic.in, Ph.(O)- 06646 233220, FAX: 06646 234626
No.4649 / Dt.01.12.2021
**GOVERNMENT OF ODISHA "e" PROCUREMENT NOTICE**
**Bid Identification No. 03. of 2021-22**

No.O-1253:- The Executive Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of Class 'B' or 'A' registered with any department of State Government or equivalent class of Central Govt. etc. to be eventually drawn up in G2 Contract Form for the work as per terms and condition noted below.

1. Name of the work: Execution of RPWS to Village Chhotkunjari under Jharbandh Block in the District of Bargarh.
2. Approx. estimated cost : Rs.79.21 lakhs.
3. Date and time of availability of document in the portal: Dt.10.12.21 to Dt.3.1.22 upto 5.00 P.M.
4. Last date / time for receipt of bids in the portal: Dt.3.1.22 upto 5.00 P.M.
5. Date & time of opening of tender : Dt.4.1.22 at 11.00 A.M.
6. Name and address of the officer inviting bid: Executive Engineer, RWS&S Division, Bargarh, District: Bargarh.

Further details can be seen from the e-procurement portal "http// tendersorissa.gov.in".
The authority reserves the right to reject any or all the tenders without assigning any reason thereof.

Sd./- Executive Engineer, RWS&S Division, Bargarh
OIPR-25157/11/0005/2122



**CUTTACK MUNICIPAL CORPORATION**
No.C-1541:- **"e" PROCUREMENT NOTICE**
**Tender ID: 2021_ORULB_72291**
**Tender Call Notice No.6540 (PW) Date 08.12.2021**

Name of works: Civil work
No. of works: 5 Nos.
Bid value : **Rs.4.59 Lakhs to Rs.33.22 Lakh**
Period of completion: One calendar month to Three calendar months.
Date and Time schedule:

| Start | End | Opening |
|---|---|---|
| 11.00 A.M. on dt. 10.12.2021 | 5.00 P.M. on dt. 20.12.2021 | 11.00 A.M. on dt. 23.12.2021 |

Tender details: Can be seen from the procurement portal: www.tendersorissa.gov.in

Executive Engineer
City Division-II, CMC
OIPR-13031/11/0055/2122



**JAJPUR MUNICIPALITY, JAJPUR**
**QUOTATION CALL NOTICE**
No.3666/ Date: 08.12.2021

No.C-1550:- Sealed quotations are invited from the Registered Firms/ Bidders / Agencies / for Purchase of a DG set of 62.5 KVA with necessary electrical wiring and fitting for smooth functioning to Jajpur Municipality. The intending bidders satisfying the eligible criteria as provided in the quotation paper can take part in the bidding process. The quotation paper containing general bid informations, terms & conditions will be issued from the office of the undersigned w.e.f. 09.12.2021 to 20.12.2021 in the working days & hours respectively on payment of cash of Rs.2000/- (Two thousand) & same will be received on or before 20.12.2021 upto 5.00 P.M. which shall be opened on 21.12.2021 at 11.00 A.M. All other terms and conditions are mentioned in the quotation schedule.

The authority reserves the right to reject or cancel the Notice without assigning any reason thereof.

Sd./- Executive Officer, Jajpur Municipality
OIPR- 13171/11/0018/2122



**OFFICE OF THE SUPERINTENDING ENGINEER**
**CUTTACK (R&B) DIVISION -I, CUTTACK**
E-Mail I.D. eepwdcuttack@gmail.com
No.B-758:- Tel./ Fax No.(0671)-2304128
**EXPRESSION OF INTEREST FOR MAINTENANCE OF NEW BUILDING OF ORISSA HIGH COURT AT CUTTACK**
**No.8323/ Dtd.01/12/2021**

Offers are invited from specialized agencies to provide Comprehensive Operation & Maintenance Services for New Building of Orissa High Court at Cuttack. The Offers must reach the Superintending Engineer, Cuttack (R&B) Division -I, Cuttack on or before **21.12.2021 at 5.00 P.M.** through Registered Post / Speed Post only and will be opened on **22.12.2021 at 11.00 A.M.** in the Office of the Superintending Engineer, Cuttack (R&B) Division - I, Cuttack . For further details please see our website www.tenders.gov.in.

Sd./- Er.P.K.Majhi
Superintending Engineer, Cuttack (R&B) Division -I
OIPR-34091/11/0017/2122


# ଆଶା ବାନ୍ଧି ବସିଛନ୍ତି ଆଶାୟୀ କନିଷ୍ଠ ଶିକ୍ଷକ

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ଚୁକ୍ତିଭିତ୍ତିକ ନିଯୁକ୍ତି ନିମନ୍ତେ ତୁରନ୍ତ ବିଜ୍ଞପ୍ତି ପ୍ରକାଶ, ନିଯୁକ୍ତି ବୟସ ସୀମା ୪୨ବର୍ଷକୁ ବୃଦ୍ଧି, ସ୍କୁଲ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ଓ ବେଆଇନ ଭାବେ ଚାଲୁଥିବା ସ୍କୁଲ୍‌କୁ ବନ୍ଦ ଦାବି କରି ପୁଣି ଆନ୍ଦୋଳନକୁ ଓହ୍ଲାଇଛି ଓଡ଼ିଶା କନିଷ୍ଠ ଶିକ୍ଷକ ଆଶାୟୀ ସଂଘ। ପ୍ରଥମେ ଦୁଇ ଦଫା ଦାବି ନେଇ ଅକ୍ଟୋବର୨୭ରୁ ନଭେମ୍ବର୧୭ ଯାଏ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଥିଲା। ହେଲେ ସରକାର ଦାବି ପୂରଣ ନେଇ କିଛି ପଦକ୍ଷେପ କିମ୍ବା ଆଲୋଚନା ନ କରିବାରୁ ସଂଘ ନଭେମ୍ବର ୩୦ରୁ ପୁଣି ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରୁଛି। ଏହି ଧାରଣା ଗୁରୁବାର ୧୦ଦିନରେ ପହଞ୍ଚିଥିବାବେଳେ ପୂର୍ବଭଳି ଧାରଣାସ୍ଥଳରେ ମାଣବସାଇ ଅଭିନବ ପ୍ରତିବାଦ କରିଛନ୍ତି।

ସଂଘ ସଭାପତି ଜୀବନ ବନ୍ଧୁ ଭୋଇ ଓ ସାଧାରଣ ସମ୍ପାଦକ ସୁବ୍ରତ କୁମାର ପଣ୍ଡା କହିଛନ୍ତି, ରାଜ୍ୟ ସରକାର ଓଡ଼ିଶାରେ ୨୨୯୦୦୬ ପ୍ରାଥମିକ ଶିକ୍ଷକ ପଦବୀ ଅନୁମୋଦିତ କରିଥିବା କେନ୍ଦ୍ର ସରକାରଙ୍କୁ ଜଣାଇଛନ୍ତି। ଆର୍‌ଟିଆଇ ତଥ୍ୟ ଅନୁଯାୟୀ, ଅନୁମୋଦିତ ଶିକ୍ଷକ ପଦବୀରୁ ଓଡ଼ିଶାରେ ୨୦୧୯-୨୦ ଶିକ୍ଷା ବର୍ଷ ସୁଦ୍ଧା ୧୯୩୧୭୧ଜଣ ପ୍ରାଥମିକ ଶିକ୍ଷକ କାର୍ଯ୍ୟରତ ଅଛନ୍ତି ଓ ବର୍ତ୍ତମାନ ୩୪୮୩୫ ପଦବୀ ଖାଲି ରହିଛି। ତେବେ ରାଜ୍ୟରେ ଏତେ ସଂଖ୍ୟକ ପ୍ରାଥମିକ ସ୍କୁଲ୍‌ରେ ଶିକ୍ଷକ ପଦବୀ ଖାଲି ରହିଥିଲେ ମଧ୍ୟ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଉନି। ସେହିପରି ରାଜ୍ୟ ସରକାର କେତେବେଳେ ପଦ ଖାଲି ନାହିଁ, ତ ପୁଣି ଆଉ କେତେବେଳେ ଶିକ୍ଷକ ଛାତ୍ର ଅନୁପାତ ୧:୨୨ ବୋଲି କହୁଛନ୍ତି। ଶିକ୍ଷକ ଓ ଛାତ୍ରର ଅନୁପାତକୁ ନେଇ ସରକାର ଗୋଟେ କଥା କହୁଥିବାବେଳେ ସରକାରଙ୍କ ଆର୍‌ଟିଆଇ ତଥ୍ୟ ଭିନ୍ନ କଥା କହୁଛି। ୨୦୧୦-୧୧ ଶିକ୍ଷାବର୍ଷ ପରଠାରୁ ଏହି ଅନୁପାତ ୩୦ରୁ ତଳକୁ ଖସିଥିଲେ ମଧ୍ୟ ସରକାର ଉକ୍ତ ବର୍ଷ ୨୪ହଜାର, ୨୦୧୧-୧୨ବର୍ଷ ୧୭୫୪୩, ୨୦୧୩-୧୪ବର୍ଷ ୧୪୧୮୧, ୨୦୧୪-୧୫ବର୍ଷ ୧୬୬୦୧ ଓ ୨୦୧୬-୧୭ବର୍ଷରେ ୧୪୦୮୭ କନିଷ୍ଠ ପଦବୀ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହାପରଠାରୁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ହୋଇନାହିଁ। ତେଣୁ ସରକାର ଦାବି ମୁତାବକ ଶୀଘ୍ର ଚୁକ୍ତିଭିତ୍ତିକ ନିଯୁକ୍ତି ଦେଇ ପଦବୀ ପୂରଣ ସହ ପ୍ରାର୍ଥୀଙ୍କ ବୟସ ସୀମା ବୃଦ୍ଧି ଓ ଅନ୍ୟାନ୍ୟ ଦାବି ପୂରଣ କରନ୍ତୁ।



ଓଡ଼ିଶା କନିଷ୍ଠ ଶିକ୍ଷକ ସଙ୍ଘ ପକ୍ଷରୁ ଭୁବନେଶ୍ୱର ପିଏମ୍‌ଜିଠାରେ ଗୁରୁବାର ଧାରଣାସ୍ଥଳରେ ମାଣ ବସାଯାଇଛି।


**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA**
E-Mail ID: serwcbaripada@gmail.com, Ph. No.: 06792-261343/261344, Gangraj, Baripada
Office Order No. 3929
No. O-1283
Date: 07.12.2021
**1st Corrigendum to National Competitive Bidding**
**e-Procurement Notice No. 3836/Weir on Bridge Works Dt.04.12.2021**
Due to unavoidable circumstances the important dates of tendering process for Weir on Bridge works are being changed as follows.

| Procurement Officer | Bid Identification No. | Last date of availability of tender On-line for bidding | | Last date & Time of seeking Tender Clarification | | Opening of Technical Bid | | Opening of Financial Bid | |
|---|---|---|---|---|---|---|---|---|---|
| 1 | 2 | 5 | 6 | 7 | 8 | 9 | 10 | 11 | 12 |
| | | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to |
| Chief Construction Engineer Rural Works Circle, Baripada | Weir on Bridge Online N.C.B. No-202 | 23.12.2021 up to 5.00 pm | 17.12.2021 up to 5.00 pm | 22.12.2021 up to 5.00 pm | 16.12.2021 up to 1.00 pm | 24.12.2021 up to 11.00 am | 18.12.2021 up to 11.00 AM | Will be intimated later | 20.12.2021 up to 11.00 am |

All other terms and conditions remain unchanged.
OIPR-25130/11/0031/2122
Sd./- Er. N.V. H. Rao, Chief Construction Engineer, R.W. Circle, Baripada



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, BOLANGIR**
E-mail ID: eerw_blgr@yahoo.co.in
e Procurement Notice
No.1263:-
**IFB IDENTIFICATION NO. EEBLGR-online-05/2021-22**

| | | | |
|---|---|---|---|
| 1 | Name of work | : | Special repairr and new construction of building |
| 2 | Total No. of works | : | 6 (Six) Nos. |
| 3 | Approximate estimate cost | : | Rs.0.88 to 39.94 lakh |
| 4 | EMD @ 1% of the estimate cost | : | As per Works Department Office Memorandum No. 8943 Dt.18.03.2021, considering the difficulties faced by the vendors and to facilitate competition in wake of slowdown of the economy due to Covid-19 pandemic. Bid security / EMD is not required to be furnished at the time of uploading the tender documents but "Bid Security Declaration" in lieu of Bid Security with stipulation that if they withdraw or modify their bids during period of validity etc. they will be suspended for the time specified in the tender documents. |
| 5 | Cost of tender paper | : | Rs.400/- to Rs.6000/- |
| 6 | Time for completion | : | 2 to 6 months |
| 7 | Mode of submission of tender | : | Tender should be submitted online in www.tenders.ori.nic.in |
| 8 | Other details are as follow | : | As per TCN No. EEBLGR- online 05/2021-22 |

| Procurement officer | Bid Identification No. | Availability of tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Superintending Engineer, R.W. Divn., Bolangir | Online Tender / 05/BLGR | 10.12.2021 at 11.00 A.M. | 16.12.2021 upto 5.00 P.M. | 15.12.2021 upto 1.00 P.M. | 17.12.2021 at 11.00 A.M. |

* Further details can be seen from the website www.tenders.ori.nic.in. * Any corrigendum / addendum will be displayed in the above e tender website only.
OIPR-25068/11/0007/2122
Sd./- Superintending Engineer, R.W. Division, Bolangir



**GOVERNMENT OF ODISHA**
**DISTRICT PROJECT OFFICE**
**SAMAGRA SHIKSHA, SUNDARGARH**
E-mail ID: dpcsndgssa.opepa@nic.in
**"e"- Procurement Notice**
**Bid Identification No.-DPC/SS/SNG/08 of 2021-22**
**Letter No.: 6696/ Civil / Date: 09/December / 2021**

| | | | |
|---|---|---|---|
| 1 | District Project Co-odinator, Samagra Shiksha, Sundargarh on behalf of Governor of Odisha inviting percentage rate bid in Double cover system on ONLINE mode from eligible contractors with valid licences for "Improvement of Infrastructure (Civil + Electrical + PH + Renovation) in the Schools" as detailed in DTCN. | | |
| 2 | Nature of work | : | Improvement of Infrastructure (Civil + Electrical + PH + Repair & Renovation) in the Schools. |
| 3 | No. of works | : | 34 (Thirty four Nos.) |
| 4 | Cost of tender paper | : | Rs.10,000/- |
| 5 | Class of contractor | : | 'B' & 'A' in 32 projects / 'A' & 'Special' in 2 projects |
| 6 | Availability of bid document in the website | : | From 09.00 hours of date-10.12.2021 to 18.00 hours of date 24.12.2021 |
| 7 | Date of opening of bid | : | 09.00A.M. on Dt.26.12.2021 |
| 8 | The bidders have to participate in ONLINE bidding only. Further details can be seen from the website (https://tendersodisha.gov.in). Any addendum / corrigendum / cancellation of tender can also be seen in the said website only. | | |

Sd./- District Project Co-ordinator
Samagra Shiksha, Sundargarh

❝ ମୁଁ ଜଣେ ଭକ୍ତ ନୁହେଁ, ମୁଁ ମଧ ଜ୍ଞାନୀ ନୁହେଁ। ମୁଁ ମଧ ଭଗବାନଙ୍କର ଜଣେ କର୍ମୀ ନୁହେଁ। ମୁଁ ତା'ହେଲେ କ'ଣ ? ମୁଁ ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ- ପବନରେ ଉଡ଼ିଯାଉଥିବା ପତ୍ରଟିଏ। **-ଶ୍ରୀଅରବିନ୍ଦ**



# ଗଣତନ୍ତ୍ର ଚିନ୍ତା




ମିଶେଲ ବାଚ୍‌ଲେଟ
ପୂର୍ବତନ ରାଷ୍ଟ୍ରପତି, ଚିଲି

ଡାରେନ ୱାକର
ପ୍ରେସିଡେଣ୍ଟ,ଫୋର୍ଡ ଫାଉଣ୍ଡେଶନ

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଦ୍ୱାରା ଗଣତନ୍ତ୍ର ପାଇଁ ଭର୍ଚୁଆଲ ସମ୍ମିଳନୀ ଡିସେମ୍ବର ୯ରୁ ୧୦ ଯାଏ ଅନୁଷ୍ଠିତ ହେଉଛି। ଏଥିରେ ବିଶ୍ୱ ନେତୃବର୍ଗ ଏକାଠି ଆଲୋଚନାରେ ଭାଗ ନେଇଛନ୍ତି। ସୁଦାନରେ ନିଜ ଜୀବନକୁ ବିପଦରେ ପକାଇ ପ୍ରତିବାଦକାରୀମାନେ ଗଣତନ୍ତ୍ର ସପକ୍ଷରେ ଯେଉଁ ସାହସିକତା ପ୍ରଦର୍ଶନ କରୁଛନ୍ତି ସେମାନଙ୍କୁ କିପରି ସାହାଯ୍ୟ କରାଯାଇପାରିବ ସେଥିପାଇଁ ସମବେତ ନେତୃବର୍ଗ ନିଜକୁ ପ୍ରଶ୍ନ କରିବା ଆବଶ୍ୟକ। ୪ ମାସ ହେବ ଲକ୍ଷ ଲକ୍ଷ ଲୋକ ସୁଦାନ ରାଜରାସ୍ତାକୁ ଓହ୍ଲାଇ ସେଠାରେ ସାମରିକ ଶାସନ ଶେଷ କରି ଏକ ଉତ୍ତରଦାୟୀ ଗଣତାନ୍ତ୍ରିକ ସରକାର ପାଇଁ ଦାବି କରୁଛନ୍ତି। ହେଲେ ସୁଦାନ ସୁରକ୍ଷା ବଳ ସେମାନଙ୍କ ଉପରକୁ ଗୁଳି ଚଳାଇବା ଫଳରେ ବହୁ ପ୍ରତିବାଦକାରୀ ନିହତ ହୋଇଛନ୍ତି। କେବଳ ସୁଦାନର ଗଣତନ୍ତ୍ର ସପକ୍ଷବାଦୀ ଯେଉଁ ସାହସ ଦେଖାଇଛନ୍ତି ତାହା ଅନ୍ୟ କେଉଁଠି ଘଟିନାହିଁ ବୋଲି କହିପାରିବା ନାହିଁ। ବେଲାରୁଷରୁ ବଲିଭିଆ ଏବଂ ଏପରିକି ଇଂଲଣ୍ଡ ଓ ଆମେରିକାରେ ସିଭିଲ୍ ସୋସାଇଟି ସଂଗଠକ ଏବଂ ଜନଲ୍ୟାଣକାରୀ ସଂଗଠନଗୁଡ଼ିକ ଶାସକୀୟ ଦମନ,ଏକଚ୍ଛତ୍ରବାଦୀ ଏବଂ ଅନ୍ୟାୟକୁ ପ୍ରତିହତ କରିବା ଲାଗି ଦୃଢ ଅଭିଯାନ ଚଳାଉଛନ୍ତି। କିନ୍ତୁ ଦୁଃଖର କଥା,ସେମାନଙ୍କ କାର୍ଯ୍ୟର ଆବଶ୍ୟକତାକୁ ଅଧିକ ଗୁରୁତ୍ୱ ଦିଆଯାଉନାହିଁ।

ବିଶ୍ୱରେ ସିଭିଲ୍ ସୋସାଇଟି ନେତୃବର୍ଗ ଏବଂ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ପ୍ରତି ବିପଦ ବଢୁଛି। ସାରା ବିଶ୍ୱରେ ବୃଦ୍ଧି ପାଉଥିବା ଜାତୀୟତାବାଦ, ଅସମାନତା ଏବଂ ରାଜନୈତିକ ଧ୍ରୁବୀକରଣ ବୃଦ୍ଧିପାଇଛି। ଏହାସହ ମହାମାରୀରେ ସର୍ବସାଧାରଣ ସ୍ଥାନରେ ଏକାଠି ହେବାର କଟକଣା ଏବଂ ବୃଦ୍ଧି ପାଉଥିବା ଅତ୍ୟାଧୁନିକ ସର୍ଭିଲାନ୍ସ ଟେକ୍‌ନୋଲୋଜି ଏକଚ୍ଛତ୍ରବାଦୀ ଶାସନକୁ ଶକ୍ତିଶାଳୀ କରିଛି। ୨୦୨୦ରେ କଲମ୍ବିଆରେ ୬୫ ଜଣ ପରିବେଶ କର୍ମକର୍ତ୍ତାଙ୍କ ମୃତ୍ୟୁ ଘଟିଥିଲା। ଚଳିତ ବର୍ଷ ଜୁନ୍‌ରେ ଟୁଇଟର୍‌ର ଘରୋଇ ବ୍ୟବହାରକୁ ନାଇଜେରିଆ ସରକାର ବନ୍ଦ କରିଦେଇଥିଲେ ଓ ତାହା ଏଯାବତ ବଳବତ୍ତର ରହିଛି। ୨୦୨୦ ଅଗଷ୍ଟରେ ଉଗାଣ୍ଡା ସରକାର ୫୪ଟି ମାନବ ଅଧିକାର ସଂଗଠନର କାର୍ଯ୍ୟ ବନ୍ଦ କରି ଦେଇଛନ୍ତି। ଉଭୟ ଗଣତନ୍ତ୍ର ଓ ସାମରିକ ଶାସନ ଅଧୀନ ଦେଶଗୁଡ଼ିକରେ ଲୋକମାନଙ୍କର କାର୍ଯ୍ୟ ଉପରେ କଟକଣା ଲଗାଇବାର କଠୋର ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ଏହାର ଦୀର୍ଘମିଆଦୀ ପରିଣାମ ପରିଦୃଶ୍ୟ ହୋଇଛି। ଗଣମାଧ୍ୟମର କଣ୍ଠରୋଧ ହେଉଛି। ସମବେତ ହେବା ଏବଂ ବାକ୍ ସ୍ୱାଧୀନତା ଭଳି ନାଗରିକ ଅଧିକାରଗୁଡ଼ିକୁ ନ୍ୟୂନ କରାଯାଉଛି। ଭବିଷ୍ୟତରେ ସାମାଜିକ ଅନୁଷ୍ଠାନଗୁଡ଼ିକ କିଭଳି ସରକାରଙ୍କୁ ଆଉ ଆକ୍ରମଣ କରି ନ ପାରିବେ ସେଥିପାଇଁ ଏଗୁଡ଼ିକୁ ଦୁର୍ବଳ କରିଦିଆଯାଉଛି। ଏଥିପାଇଁ ଆମ ସିଭିଲ୍ ସୋସାଇଟି ଅନୁଦେୟୀ ଏବଂ ଅଂଶୀଦାରମାନେ ଏହାକୁ ନେଇ ବିବ୍ରତ ହୋଇ ପଡ଼ିଛନ୍ତି। ବିଭିନ୍ନ କାରଣରୁ ବିଭିନ୍ନ ଦେଶରେ ଅନୁଷ୍ଠାନଗୁଡ଼ିକୁ ସମାନ ରଣନୀତିରେ ଟାର୍ଗେଟ କରାଯାଉଛି। ଏଭଳି ଆକ୍ରମଣ ଜାରି ରହିବା ଠିକ୍ ନୁହେଁ। ଏହା ବିଶ୍ୱରେ ସିଭିଲ୍ ସୋସାଇଟି ସଂଗଠକ ଏବଂ କର୍ମକର୍ତ୍ତାଙ୍କ ଜୀବନ ଜୀବିକା ପ୍ରତି ବିପଦ ସୃଷ୍ଟି କରୁଛି। ଗଣତନ୍ତ୍ରକୁ ସଂକଟକୁ ଠେଲି ଦେଉଛି। ଏକଚ୍ଛତ୍ରବାଦୀ ସରକାରଗୁଡ଼ିକ ସାମାଜିକ ଗ୍ରୁପଗୁଡ଼ିକୁ ଦୁର୍ବଳ କରିବା ସହ ସେମାନଙ୍କ କାର୍ଯ୍ୟରେ ବାଧା ଦେଉଛନ୍ତି। ଆମେ ସେମାନଙ୍କର ଏଭଳି ଦୃଷ୍ଟିକୋଣକୁ ସ୍ୱୀକାର କରୁନାହୁଁ। ଗଣତନ୍ତ୍ରର ଶକ୍ତି ଓ ମୂଲ୍ୟବୋଧ ବଢେ ଲଗାତର ସଞ୍ଚାଳନ, ସୁରକ୍ଷା ଏବଂ ଭାଗୀଦାରି ବଳରେ। ଏଥିପାଇଁ ଗଣତନ୍ତ୍ରର ଶକ୍ତି ଆମ ପାଇଁ ନିଶ୍ଚିତ ଭାବେ ଗ୍ରହଣୀୟ। ଏହା ଯେଉଁ ଶାନ୍ତି ଓ ସ୍ଥିରତା ବଢାଏ ତାହା ଏକ ସମ୍ମିଳିତ ସାମାଜିକ ସମ୍ପର୍କରୁ ମିଳିଥାଏ, କଠୋର ନିୟମ ଦ୍ୱାରା ନୁହେଁ।

ବାଇଡେନ୍‌ଙ୍କ ଗଣତନ୍ତ୍ର ସମ୍ମିଳନୀ ଏହି ଚିନ୍ତାଧାରା ପୋଷଣ କରେ। ଗଣତାନ୍ତ୍ରିକ ନବୀକରଣ, ନାଗରିକ ଭାଗୀଦାରି ଏବଂ ବହୁପକ୍ଷୀୟ ସହଯୋଗକୁ ସମର୍ଥନ ଦେବା ଏହାର ମୁଖ୍ୟ ଲକ୍ଷ୍ୟ। ଦେଶରେ ସମାବେଶ କରିବା, ସଂଗଠିତ ହେବା, ବାକ୍ ଓ ତଥ୍ୟଗତ ଅଧିକାରଗୁଡ଼ିକ ପ୍ରତି ପୁନଃ ପ୍ରତିବଦ୍ଧତା ପ୍ରକାଶ କରିବା ଏବଂ ରଣନୀତିକ କୂଟନୀତି ମାଧ୍ୟମରେ ବିଶ୍ୱରେ ଉକ୍ତ ଅଧିକାରଗୁଡ଼ିକୁ ପ୍ରୋତ୍ସାହିତ କରିବା ଲାଗି ନେତୃବର୍ଗଙ୍କ ପାଇଁ ସୁଯୋଗ ଦେଇଛି। କିନ୍ତୁ ଏବେ ଯାଏ ପ୍ରତିବଦ୍ଧତା ବଚନରେ ସୀମିତ ରହିଆସିଛି। ଯେହେତୁ ଭର୍ଚୁଆଲ ଆଲୋଚନାରେ ଦେଶଗୁଡ଼ିକ ଭାଗ ନେଉଛନ୍ତି, ସେଥିପାଇଁ ସେମାନେ ସାମାଜିକ ସଂଗଠନଗୁଡ଼ିକର ସ୍ଥିତି ଓ ଅଧିକାର ଲାଗି ସର୍ବସମ୍ମତି କ୍ରମେ ବାକ୍‌ପଟୁତା ଛାଡ଼ି କାର୍ଯ୍ୟ କରିବା ଲାଗି ପ୍ରସ୍ତୁତ ହେବା ଉଚିତ ଏବଂ ଏହି ଅଧିକାରଗୁଡ଼ିକୁ ସ୍ୱୀକାର କରିବା ଆବଶ୍ୟକ। ମାନବ ଅଧିକାର କ୍ଷେତ୍ରରେ, ଅର୍ଥାତ୍ ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ବାକ୍ ଏବଂ ସମାବେଶ ସ୍ୱାଧୀନତା ବଢାଇବା ଯୋଗୁ ଏକଚ୍ଛତ୍ରବାଦ ବିରୋଧରେ ବ୍ୟକ୍ତିର ସ୍ୱର ଉତ୍ତୋଳନ ଅଧିକାର ନିଶ୍ଚିତ କରାଯାଇପାରିବ। ଅନେକ ଦେଶରେ ବାକ୍ ସ୍ୱାଧୀନତା ନିଶ୍ଚିତ କରିବାକୁ ହେଲେ ରାଜଦ୍ରୋହ ଆଇନ ଉଚ୍ଛେଦ କରିବାକୁ ପଡ଼ିବ । ଏହାସହ ଯେଉଁ ଦେଶରେ ଦମନକାରୀ ଶାସକ ରହିଛନ୍ତି ସେଠାକୁ ଅନ୍ୟ ଦେଶଗୁଡ଼ିକ ସର୍ଭିଲାନ୍ସ ଉପକରଣ ରପ୍ତାନୀ ବନ୍ଦ କରିବା ଉଚିତ। ସବୁଠୁ ଜରୁରୀ ହେଉଛି, ବୈଶ୍ୱିକ ନେତାମାନେ ସିଭିଲ୍ ସୋସାଇଟି ସଂଗଠନଗୁଡ଼ିକରେ ନିବେଶ ବଢ଼ାଇବା ଦରକାର। ଫଳରେ ଏକଚ୍ଛତ୍ରବାଦୀ କ୍ଷମତାରେ ଅଙ୍କୁଶ ଲାଗିପାରିବ। ମାନବ ଅଧିକାର ରକ୍ଷକ, ସ୍ଥାନୀୟ ସାମ୍ବାଦିକ, ସାମାଜିକ ସେବା ଏବଂ ଗୋଷ୍ଠୀକେନ୍ଦ୍ରଗୁଡ଼ିକୁ ଆବଶ୍ୟକ ସଂସାଧନ ଯୋଗାଇବା ପାଇଁ ପଦକ୍ଷେପ ନେବା ଦରକାର। ବାସ୍ତବରେ ଏବେ ସଂଗଠନଗୁଡ଼ିକୁ ସାମାଜିକ ସେବା କରିବାକୁ ପାଇଁ ସଂଘର୍ଷ କରିବାକୁ ପଡୁଛି ଓ ଏଭଳି ସଂକଟରେ ଏହି ଆବଶ୍ୟକତା ପୂରଣ ହେଲେ ତାହା ସଂଗଠନଗୁଡ଼ିକୁ ସାହାଯ୍ୟ କରିବ। ସେମାନଙ୍କ ଦୀର୍ଘମିଆଦୀ ଅଭିବୃଦ୍ଧିରେ ନିବେଶ ବଢ଼ାଇବ। ଫଳରେ ସଂଗଠନଗୁଡ଼ିକ ଆଗାମୀ ଦିନରେ ଜରୁରୀ ପରିସ୍ଥିତିକୁ ସାମ୍ନା କରିବାକୁ ପ୍ରସ୍ତୁତ ହୋଇପାରିବେ।

ଶେଷରେ ନେତୃମଣ୍ଡଳୀ ଏକ ସର୍ବସ୍ୱୀକୃତ ସାଧାରଣ ଗଣତନ୍ତ୍ର ପ୍ରତିଷ୍ଠା ଉଦ୍ଦେଶ୍ୟରେ ଏକାଠି ନିବିଡ଼ ସହଯୋଗ ଏବଂ ବହୁପକ୍ଷୀୟ ଭାଗୀଦାରି ବଢାଇବା ଦରକାର। ସରକାରଙ୍କ ଠାରୁ ଆରମ୍ଭ କରି ଜନକଲ୍ୟାଣକାରୀ ଓ ଘରୋଇ କ୍ଷେତ୍ର ଏବଂ ସିଭିଲ ସୋସାଇଟି ଯାଏ, ସମସ୍ତଙ୍କ ପାଇଁ ଉକ୍ତ ସମ୍ମିଳନୀ ଗୁରୁତ୍ୱପୂର୍ଣ୍ଣ। ଆଲୋଚନା ଓ କ୍ଷମତା ବଳରେ ସିଭିଲ ସୋସାଇଟିର କାର୍ଯ୍ୟ ସମ୍ପ୍ରସାରିତ କରିବା ଲାଗି ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ଏଠାରେ ଏକ ସୁଯୋଗ ରହିଛି ଓ ଏଥିପାଇଁ ମଧ ଆମେ ଚୁକ୍ତିବଦ୍ଧ ହୋଇପାରିବା। ସର୍ବୋପରି ସିଭିଲ ସୋସାଇଟିଗୁଡ଼ିକର ସବୁଠୁ ଭଲ ରକ୍ଷକ ଦେଶ ଏ କ୍ଷେତ୍ରରେ ନାଗରିକମାନଙ୍କୁ କାର୍ଯ୍ୟରେ ଲଗାଇ ଏବଂ ସେମାନଙ୍କ ସଂସାଧନ ଓ ସୁରକ୍ଷା ବଳରେ ବେଶ୍ ଲୋକପ୍ରିୟ ହୋଇପାରିବ। ନାଗରିକମାନେ ସେମାନଙ୍କ ନିଜ ଅଧିକାର ଏବଂ ଜୀବିକା ରକ୍ଷା କରିବାକୁ ସକ୍ଷମ ହୋଇପାରିବେ ଓ ସେହି ରାଷ୍ଟ୍ର ନାଗରିକମାନଙ୍କୁ ଉକ୍ତ ଅଧିକାରଗୁଡ଼ିକୁ ନିଶ୍ଚିତ କରିବାର କ୍ଷମତା ହାସଲ କରିବ।

ସିଭିଲ୍ ସୋସାଇଟି କାର୍ଯ୍ୟରେ ନାଗରିକମାନଙ୍କ ସକ୍ରିୟ ଭାଗୀଦାରି ପ୍ରବର୍ତ୍ତନକାରୀ ହୋଇପାରେ। ମାଲ୍‌ଡୋଭା, ମାଲେସିଆ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ଚଳିତ ବର୍ଷ ସେଠାରେ ଗଣତନ୍ତ୍ରର ବିପଜ୍ଜନକ ଅବକ୍ଷୟକୁ ଅଟକାଇବାକୁ ଯାଇ ଦମନକାରୀ 'ଷ୍ଟେଟ୍‌ଅଫ୍‌ଏମର୍ଜେନ୍ସି' ଆଇନକୁସିଭିଲ ସୋସାଇଟି ସଂଗଠନଗୁଡ଼ିକ ରଦ୍ଦ କରିବାରେ ସାହାଯ୍ୟ କରିଥିଲେ। ଏହାସହ ୨୦୨୦ରେ 'ବ୍ଲାକ୍ ଲାଇଭ୍ ମ୍ୟାଟର' ଆନ୍ଦୋଳନରେ ଲକ୍ଷ ଲକ୍ଷ ଲୋକ ଅଂଶଗ୍ରହଣ କରିବା ସମ୍ଭବତଃ ଆମେରିକା ଇତିହାସରେ ସବୁଠୁ ବଡ଼ ଗଣଆନ୍ଦୋଳନ ହୋଇଛି। ସଂଗ୍ରାମ ଯେଉଁଠି ଆରମ୍ଭ ହେଉ କିମ୍ବା ଯେତେଦିନ ଚାଲୁ ପଛେ, ଲୋକେ ଯେତେବେଳେ ସେମାନଙ୍କ ମୌଳିକ ଅଧିକାରର ସୁରକ୍ଷା ଲାଗି ଶାନ୍ତିପୂର୍ଣ୍ଣ ଭାବେ ସମବେତ ହୁଅନ୍ତି,ସେତେବେଳେ ସେମାନେ ସମସ୍ତଙ୍କ ପାଇଁ ଏକତା, ସମାନତା ଏବଂ ନ୍ୟାୟ ପ୍ରତିଷ୍ଠା କରିବାରେ ଅଭୂତପୂର୍ବ ପ୍ରଗତି ହାସଲ କରିଥାଆନ୍ତି। ଖାରତୁମ୍‌ଠାରୁ କୁଆଲାଲ୍‌ମପୁର ପର୍ଯ୍ୟନ୍ତ, ଆସନ୍ତୁ ସମସ୍ତେ ସିଭିଲ୍ ସୋସାଇଟି ଓ ଗଣତନ୍ତ୍ରର ସୁରକ୍ଷା କରିବା। କଥା ଓ କାମରେ ଯେଉଁ ପ୍ରଗତି କଥା କହୁଛେ ସେଥିରେ ଆଗେଇବା। ଏହା କିଭଳି ପରପିଢିରେ ଦୃଢ ରହିବ ତାହା ମଧ ନିଶ୍ଚିତ କରିବା।

## କ୍ଷମତାର ମୋହ



ରବିନାରାୟଣ ସାମଲ

ସାମ୍ରାଜ୍ୟବାଦୀ ଆମେରିକା ଆଫଗାନିସ୍ତାନରୁ ପଳାୟନ କଲା ପରେ ଆତଙ୍କବାଦୀ ତାଲିବାନ ନିରୀହ ଲୋକଙ୍କ ରକ୍ତରେ ହୋଲି ଖେଳି ଏହାକୁ ଦଖଲ କରିନେଲା। ଏଭଳି କ୍ଷମତା ଲୋଭରେ ବର୍ବର ହୋଇଯିବା ଆଉ କ୍ଷମତା ବଳରେ ଅନ୍ଧ ହୋଇଯିବା ଘଟଣା ସାରା ପୃଥିବୀରେ ଅଭାବ ନାହିଁ। ଇତିହାସରେ ଏହାର ବହୁ ପ୍ରମାଣ ରହିଛି। ସିଂହାସନ ପାଇଁ କିଏ ବାପାକୁ ହତ୍ୟା କରିଛି ତ କିଏ ପୁତ୍ରକୁ ହତ୍ୟା କରିଛି। କିଏ ଭାଇକୁ ହତ୍ୟା କରିଛି ତ ଆଉ କିଏ କାହାର ବଂଶକୁ ନିପାତ କରିଦେଇଛି। ଆମେ ଅଜାତଶତ୍ରୁ ଓ ବିମ୍ବିସାର କଥା ଜାଣିଛନ୍ତି। ମୀବାରର ରାଜା ଅଜିତ୍ ସିଂ ତାଙ୍କ ପୁତ୍ର ଭକ୍ତ ସିଂଙ୍କ ଦ୍ୱାରା ନିହତ ହୋଇଛନ୍ତି। ଶିଶୁନାଗ ସାମ୍ରାଜ୍ୟର ମହାପଦ୍ମ ସିଂହାସନ ପାଇଁ ତାଙ୍କ ଭାଇମାନଙ୍କୁ ହତ୍ୟା କରିଛନ୍ତି। ସମ୍ରାଟ ଅଶୋକ ମହାପଦ୍ମଙ୍କ ପଥ ଅନୁସରଣ କରିଛନ୍ତି। ଔରଙ୍ଗଜେବ୍ ତାଙ୍କ ଭାଇ ଦାରାକୁ ଓ ଶାହାଜାହାନ ତାଙ୍କ ଭାଇ ଖୁସରାଓ ମିର୍ଜାଙ୍କୁ ହତ୍ୟା କରିଛନ୍ତି। ରୁଷିଆର ପିଟର୍ ଦି ଗ୍ରେଟ୍ ତାଙ୍କ ପୁଅ ଆଲେକ୍ସିଙ୍କୁ ହତ୍ୟା କରିଛନ୍ତି। ଇଜିପ୍ଟର କ୍ଲିଓପାଟ୍ରା ତାଙ୍କର ଭାଇ ଓ ଭଉଣୀଙ୍କୁ ହତ୍ୟା କରିଛନ୍ତି। ସ୍କଟ୍‌ଲାଣ୍ଡର ଜେମ୍ସ ପ୍ରଥମ ନିଜ ପରିବାରର ଅଧିକାଂଶ ଦାୟାଦଙ୍କୁ ଶାସ୍ତି ଦେଇଛନ୍ତି। ସାଉଦି ଆରବର ରାଜା ଫୈଜାଲ୍‌ଙ୍କୁ ତାଙ୍କ ପୁତୁରା ରାଜକୁମାର ଫୈଜାଲ୍ ହତ୍ୟା କରିଥିଲେ। ସେହିପରି ଓମାନ୍‌ରେ ସୁଲତାନ କ୍ୱାବୁସ୍ ତାଙ୍କ ପିତାଙ୍କୁ ବିତାଡ଼ିତ କରି ରାଜା ହୋଇଥିଲେ।

ଇଏ ତ ଗଲା ରାଜାରାଜୁଡ଼ା ବେଳର କଥା। ଏବେ ବି ପୃଥିବୀରେ ୪୦ଟିରୁ ଊର୍ଦ୍ଧ୍ୱ ଦେଶରେ ରାଜାଙ୍କ ଶାସନ ଚାଲିଛି। ସେହି ସବୁ ରାଜ ପରିବାରରେ ସିଂହାସନ ପାଇଁ କନ୍ଦଳ ଚାଲୁ ରହିଛି। ଗଣତାନ୍ତ୍ରିକ ଦେଶରେ ରାଜ ସିଂହାସନ ନ ଥିଲେ ବି କେଉଁଠି ପ୍ରଧାନମନ୍ତ୍ରୀ ତ ଆଉ କେଉଁଠି ରାଷ୍ଟ୍ରପତି ରାଷ୍ଟ୍ରମୁଖ୍ୟ । ଉକ୍ତ ପଦବୀ ସକାଶେ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ତଥାକଥିତ ଗଣତାନ୍ତ୍ରିକ ପଦ୍ଧତିରେ ରାଷ୍ଟ୍ରମୁଖ୍ୟ ନିର୍ବାଚିତ ହେଉଛନ୍ତି। ଗତ ବର୍ଷ ଯୁକ୍ତରାଷ୍ଟ୍ର ଆମେରିକାରେ ରାଷ୍ଟ୍ରପତି ନିର୍ବାଚନରେ ଜୋ ବାଇଡେନ୍ ବହୁମତରେ ରାଷ୍ଟ୍ରପତି ରୂପେ ନିର୍ବାଚିତ ହେଲେ। ମାତ୍ର ଡୋନାଲ୍ଡ ଟ୍ରମ୍ପ୍ ତାଙ୍କୁ ରାଷ୍ଟ୍ରପତି କରାଇ ନ ଦେବାକୁ ବିଭିନ୍ନ ଅପକୌଶଳ ଅବଲମ୍ବନ କରିଥିଲେ। କ୍ଷମତା ଲୋଭରେ ଟ୍ରମ୍ପ୍ ଗଣତାନ୍ତ୍ରିକ ପଦ୍ଧତିକୁ ପ୍ରତ୍ୟାଖ୍ୟାନ କରିଦେବାକୁ ସବୁମତେ ଉଦ୍ୟମ କରିଥିଲେ। ଭ୍ଲାଦିମିର୍ ପୁଟିନ୍ ବର୍ତ୍ତମାନ ରୁଷିଆର ରାଷ୍ଟ୍ରପତି। ସେ ୧୯୯୯ରୁ କେତେବେଳେ ରାଷ୍ଟ୍ରପତି ତ ଆଉ କେତେବେଳେ ପ୍ରଧାନମନ୍ତ୍ରୀ ରୂପେ ରହି ଆସିଛନ୍ତି। ସମ୍ବିଧାନ ସଂଶୋଧନ କରି ୨୦୩୬ ପର୍ଯ୍ୟନ୍ତ ସେ ରାଷ୍ଟ୍ରପତି ରୂପେ ରହିବାକୁ ପଥ ପରିଷ୍କାର କରି ଦେଇଛନ୍ତି। ତାଙ୍କ ବିରୋଧରେ କେହି ପ୍ରତିବାଦ କି ସମାଲୋଚନା କଲେ ତାଙ୍କୁ ସନ୍ତ୍ରାସବାଦୀ ଭାବେ ପରିଗଣିତ କରି ଶାସ୍ତି ବିଧାନ କରିବାକୁ ଗତ ଜୁଲାଇ ମାସରେ ଏକ ଆଇନ ପ୍ରଣୟନ କରିଛନ୍ତି। ସୁଦାନ, ମ୍ୟାନ୍‌ମାର, ମାଲି, କାମ୍ବୋଡିଆ, ଇଥିଓପିଆ, ଜିମ୍ବାୱେ ଆଦି ଦେଶରେ ଗଣତାନ୍ତ୍ରିକ ସରକାରକୁ ଗାଦିଚ୍ୟୁତ କରି ସାମରିକ ଶାସନ ଚାଲୁ ରହିଛି।

ଆମ ଦେଶର ଶାସନ ବ୍ୟବସ୍ଥାକୁ ତ ଆମେ ଅଙ୍ଗେ ନିଭାଉଛନ୍ତି। ଏଠାରେ ଏକ ନିର୍ବାଚିତ ଗଣତାନ୍ତ୍ରିକ ସରକାର ଥିଲେ ମଧ୍ୟ ବିରୋଧୀ ଦଳଙ୍କ ସ୍ୱରକୁ ଦବାଇ ଦେବାକୁ ରାଷ୍ଟ୍ରଯନ୍ତ୍ରକୁ ବ୍ୟବହାର କରାଯାଉଛି। ଗତବର୍ଷ ଉତ୍ତରପ୍ରଦେଶର ହଥରସ୍‌ରେ ଜଣେ ଦଳିତ ଯୁବତୀଙ୍କୁ ଗଣବଳାତ୍କାର କରି ହତ୍ୟା କରାଯାଇଥିଲା। ଘଟଣାର ରିପୋର୍ଟ ସଂଗ୍ରହ କରିବାକୁ ଦିଲ୍ଲୀର ସାମ୍ବାଦିକ ସିଦ୍ଦିକ୍ କପନ୍ ଯାଉଥିଲା ବେଳେ ବାଟରେ ତାଙ୍କୁ ଗିରଫ କରାଯାଇଥିଲା। ଗଣମାଧ୍ୟମ ଓ ବିରୋଧୀଙ୍କ ମୁହଁ ବନ୍ଦ କରିଦେବାକୁ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ୟୁଏପିଏ ଭଳି ଅନେକ ଆଇନ ଓ ଅଧ୍ୟାଦେଶ ଜାରି ହୋଇଛି।

ଦେଶରେ ଗଣତାନ୍ତ୍ରିକ ଧାରାରେ ନିର୍ବାଚନ ହେଉଥିଲେ ମଧ୍ୟ ବାସ୍ତବରେ ତାହା ରୂପାୟିତ ହେଉ ନାହିଁ। କ୍ଷମତା ହାତେଇବାକୁ ଏଠି ଜାତିକୁ ନେଇ ରାଜନୀତି କରାଯାଉଛି, ଧର୍ମକୁ ନେଇ ରାଜନୀତି କରାଯାଉଛି, ସମ୍ପ୍ରଦାୟକୁ ନେଇ ରାଜନୀତି କରାଯାଉଛି। ଅର୍ଥବଳ ଓ ବାହୁବଳ ନିର୍ବାଚନର ମୁଖ୍ୟ ଆଧାର ହୋଇଯାଇଛି। ସମ୍ବିଧାନରେ ଥିବା 'ମୁକ୍ତ-ଅବାଧ-ନିରପେକ୍ଷ' ନିର୍ବାଚନ ଏଠି ବେଦର ବାଣୀ ପାଲଟି ଯାଇଛି। ସ୍ୱାର୍ଥାନ୍ୱେଷୀ ନେତାମାନଙ୍କର ଦଳବଦଳ ପ୍ରାୟ ପ୍ରତ୍ୟେକ ଦିନ ଦେଖିବାକୁ ମିଳୁଛି। ନୀତି ନୈତିକତାକୁ ଜଳାଞ୍ଜଳି ଦେଇ ସୁବିଧାବାଦୀ ରାଜନେତାମାନେ ଆଜି ଏ ଦଳ ତ କାଲି ସେ ଦଳକୁ ଚାଲି ଯାଉଛନ୍ତି। ସାଧାରଣ ଜୀବନଯାତ୍ରାରେ କ୍ଷମତାର ମୋହ ପ୍ରାୟ ସର୍ବତ୍ର ଦେଖିବାକୁ ମିଳେ। ବିଭିନ୍ନ ସଂଘ, ୟୁନିୟନ୍ ଓ ଅନୁଷ୍ଠାନର ପଦପଦବୀରେ ରହିବାକୁ ଆଶାୟୀମାନଙ୍କ ଭିତରେ ପ୍ରତିଦ୍ୱନ୍ଦ୍ୱିତା ଚାଲେ। ଏହି ପ୍ରତିଦ୍ୱନ୍ଦ୍ୱିତା ବେଳେ ବେଳେ ଉଗ୍ର ରୂପ ଧାରଣ କରେ।

**ମୋ: ୭୯୭୫୦ ୪୬୪୮୬**

## ଏଇ ଭାରତରେ

ଅଦରକାରୀ କପଡ଼ାରୁ ବିଭିନ୍ନ ବ୍ୟବହାରଯୋଗ୍ୟ ଜିନିଷ ତିଆରି କରିବା ସହ ୪୦ ଜଣ ମହିଳାଙ୍କୁ ନିଯୁକ୍ତି ଦେଇ ଏକ ଉଦାହରଣ ସୃଷ୍ଟି କରିଛନ୍ତି କେରଳର ସଞ୍ଜୁ ସୋମାନ। ସଞ୍ଜୁଙ୍କ ବୟସ ୨୮। ସେ ଏବେ ସୁଦ୍ଧା ୩୦,୦୦୦ କେଜି ଅଦରକାରୀ କପଡ଼ାର ପୁନଃ ଉପଯୋଗ କରିସାରିଲେଣି। କଠିନ ବର୍ଜ୍ୟର ଉପଯୋଗ ଏବଂ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ମଧ ସେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଏଥିପାଇଁ ଜାତିସଂଘର ୧୭ ଜଣିଆ କ୍ଲାଇମେଟ୍ ଲିଡର୍‌ଙ୍କ ମଧ୍ୟରେ ସେ ସ୍ଥାନ ପାଇପାରିଛନ୍ତି। ସଞ୍ଜୁ ନିଜସ୍ୱ ଉଦ୍ୟମରେ କେରଳର ଆଲପୁଝା ଜିଲାର ମୁହାମ୍ମାରେ ପ୍ରଥମେ 'ମଡେଲ୍ ୱେଟ୍‌ଲ୍ୟାଣ୍ଡ ଭିଲେଜ୍' କନ୍‌ସେପ୍ଟ କାର୍ଯ୍ୟକାରୀ କରିଛନ୍ତି। ସେ ତ୍ରିଭେନ୍ଦ୍ରମରେ ପ୍ରଥମେ 'ସେଭ୍ ଏ ରୁପି ସ୍ପ୍ରେଡ୍ ସ୍ମାଇଲ' ଏନ୍‌ଜିଓ ଆରମ୍ଭ କରି ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ୫ ବର୍ଷରେ ସେ ପାଖାପାଖି ୭ ଲକ୍ଷ ଟଙ୍କା ଯୋଗାଡ଼ କରି ତାହାକୁ କ୍ୟାନ୍‌ସର ରୋଗୀଙ୍କ ସେବାରେ ବ୍ୟୟ କରିଥିଲେ। ଏବେ ତାଙ୍କ ଏନ୍‌ଜିଓରେ ୩୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗ ଦେଇ ବିଭିନ୍ନ ପରିବେଶ ଅନୁକୂଳ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ଗାଁରେ ଶହ ଶହ ମହିଳାଙ୍କୁ ମତ୍ସ୍ୟଚାଷ ଉପରେ ପ୍ରଶିକ୍ଷଣ ଦେଉଛନ୍ତି। ବର୍ଷାଜଳ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ସହ କୃଷିରେ ବିକାଶ ପାଇଁ ପ୍ରୟାସ ଜାରି ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଡିସେମ୍ବର ୧୯୯୬

- ସର୍ବିଆର ସୁପ୍ରିମ୍‌କୋର୍ଟ ବିବାଦୀୟ ବେଲ୍‌ଗ୍ରେଡ୍ ସିଟି କାଉନ୍‌ସିଲର ନିୟନ୍ତ୍ରଣ ଭାର ରାଷ୍ଟ୍ରପତି ସ୍ଲୋବୋଦାନ ମିଲୋସେଭିକ୍‌ଙ୍କ ଉପରେ ନ୍ୟସ୍ତ କରିଛି।
- ଇରାକ୍ ଉପରେ ଜାରି କରାଯାଇଥିବା ତୈଳ କଟକଣାକୁ ଜାତିସଂଘ ପ୍ରତ୍ୟାହାର କରିନେଇଛି।
- ଦ୍ୱିପାକ୍ଷିକ ପୁଞ୍ଜି ବିନିଯୋଗ କ୍ଷେତ୍ରକୁ ବିସ୍ତାରିତ କରିବା ସହିତ ଏହାର ସୁରକ୍ଷା କରିବା ନେଇ ଭାରତ ଓ କାଜାଖସ୍ତାନ ମଧ୍ୟରେ ୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 2 | | | | | 6 |
| | | | | | | 8 | | |
| 4 | | | | 5 | | | | 1 |
| | | 2 | | 1 | 9 | | 6 | |
| | | 5 | | | 3 | | 1 | |
| | 7 | | | | | | | |
| | | | 4 | | | | 3 | 7 |
| | | 3 | | | 6 | | | 8 |
| | | | 9 | | | 5 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 9 | 3 | 8 | 6 | 5 | 4 | 2 |
| 5 | 8 | 6 | 7 | 4 | 2 | 1 | 3 | 9 |
| 3 | 4 | 2 | 5 | 1 | 9 | 8 | 6 | 7 |
| 7 | 9 | 8 | 1 | 2 | 4 | 6 | 5 | 3 |
| 2 | 3 | 5 | 6 | 7 | 8 | 9 | 1 | 4 |
| 4 | 6 | 1 | 9 | 5 | 3 | 2 | 7 | 8 |
| 8 | 2 | 3 | 4 | 6 | 5 | 7 | 9 | 1 |
| 6 | 1 | 4 | 8 | 9 | 7 | 3 | 2 | 5 |
| 9 | 5 | 7 | 2 | 3 | 1 | 4 | 8 | 6 |

ଗତକାଲିର ଉତ୍ତର

# ମାନବ ଅଧିକାରର ସୁରକ୍ଷା ଜରୁରୀ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ନିକଟରେ ନାଗାଲାଣ୍ଡର ମୋନ୍ ଜିଲାରେ ନିକଟସ୍ଥ ଖଣିରେ କାମ କରି ଘରକୁ ଫେରୁଥିବା ଛଅ ଜଣ ଶ୍ରମିକଙ୍କୁ ଆସାମ ରାଇଫଲ୍ସର ଯବାନମାନେ ପ୍ରଥମେ ହତ୍ୟା କରିବା ଏବଂ ପରେ ଏହି ହତ୍ୟାର ପ୍ରତିବାଦ କରିବାକୁ ଯାଇଥିବା ସ୍ଥାନୀୟ ଲୋକଙ୍କ ଉପରେ ଗୁଳି ଚଳାଇ ପୁନଶ୍ଚ ଆଠ ଜଣଙ୍କୁ ହତ୍ୟା କରିବାର ଲୋମହର୍ଷଣକାରୀ ଘଟଣା ସାମ୍ନାକୁ ଆସିଛି। ଏହି ଘଟଣାର କିଛିଦିନ ପୂର୍ବରୁ କଶ୍ମୀରରେ ତିନି ଜଣ ବ୍ୟବସାୟୀଙ୍କୁ ସେନା ଦ୍ୱାରା ସୁନିୟୋଜିତ ଭାବେ ହତ୍ୟା କରିବା ପରେ ତା'ର ପ୍ରମାଣ ନଷ୍ଟ ପାଇଁ ରାତାରାତି ଶବସତ୍କାର କରିବାର ଘଟଣା ମଧ ଦେଖିବାକୁ ମିଳିଛି। ରାଷ୍ଟ୍ର ଦ୍ୱାରା ହତ୍ୟାର ଉପରୋକ୍ତ ଦୁଇଟି ଯାକ ଘଟଣାରେ ବିଳମ୍ବରେ ହେଲେ ବି ସରକାର ସେନାର ଭଲ୍‌କୁ ସ୍ୱୀକାର କରି ସ୍ଥିତିକୁ ଶାନ୍ତ କରିବାକୁ ଚେଷ୍ଟା କରିଛନ୍ତି। ତେବେ ଉପରୋକ୍ତ ଦୁଇଟିଯାକ ଘଟଣା ଯେଉଁ ଅଞ୍ଚଳରେ ଘଟିଛି ସେଠାରେ ଆତଙ୍କବାଦର ମୁକାବିଲା ନାଁରେ ଦୀର୍ଘ ବର୍ଷ ହେଲା ସଶସ୍ତ୍ର ବଳ (ସ୍ୱତନ୍ତ୍ର କ୍ଷମତା) ବା ଆଫସ୍ପା ଆଇନ ଲାଗୁ ହୋଇଛି। ଏହି ଆଇନ ବଳରେ କେବଳ ସନ୍ଦେହର ଆଧାରରେ ଜଣେ ବ୍ୟକ୍ତିକୁ ହତ୍ୟା କରିବାର କ୍ଷମତା ପୋଲିସ ଓ ସେନାକୁ ଦିଆଯାଇଛି। ସବୁଠାରୁ ଉଦ୍‌ବେଗଜନକ କଥା ହେଲା, ଏସବୁ ହତ୍ୟା କ୍ଷେତ୍ରରେ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା କେବଳ କେନ୍ଦ୍ର ସରକାରଙ୍କ ଅନୁମତି ପରେ ହିଁ ଦାଏର କରାଯାଇପାରିବ ଏବଂ ତା'ର ବିଚାର ମଧ ସାଧାରଣ ଅଦାଲତ ନୁହେଁ, କେବଳ ସାମରିକ ଅଦାଲତରେ ହିଁ କରାଯାଇପାରିବ ବୋଲି ଏଥିରେ ବ୍ୟବସ୍ଥା ରହିଛି। ଆଫସ୍ପା ପରି ଆଇନର ସୁରକ୍ଷା ପାଇଁ ସେସବୁ ଅଞ୍ଚଳରେ ମୁତୟନ ଥିବା ପୋଲିସ ଓ ସେନାର ଅଧିକାରୀମାନେ ଏକରକମ ଲଗାମହୀନ ହେବା ସହ ସେମାନଙ୍କ ବିରୋଧରେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ମାନବିକ ଅଧିକାର ଉଲ୍ଲଂଘନର ଅସଂଖ୍ୟ ଅଭିଯୋଗ ଆସିବା ଦେଖାଯାଉଛି। ମାନବ ଅଧିକାରକୁ ହରାଇ ସାଧାରଣ ଜନତା ଏକରକମ ବନ୍ଧୁକର ଛାଇତଳେ ବଞ୍ଚିବାକୁ ବାଧ ହେଉଛନ୍ତି।

ଶାସକ ଶ୍ରେଣୀର ଶୋଷଣ ଏବଂ ଦମନ ବିରୋଧରେ ଶୋଷଣ ଏବଂ ନିର୍ଯାତନାରୁ ମୁକ୍ତ ହୋଇ ଏକ ସ୍ୱାଧୀନ ତଥା ସମ୍ମାନଜନକ ଜୀବନଯାପନ ପାଇଁ ମଣିଷର ଆକାଂକ୍ଷା ଓ ସଂଗ୍ରାମ ହିଁ ବିଶ୍ୱରେ ମାନବ ଅଧିକାରର ଧାରଣାଟିକୁ ଜନ୍ମ ଦେଇଛି। ବିଶେଷ କରି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କୋଟି କୋଟି ସାଧାରଣ ମଣିଷଙ୍କ ଉପରେ ହୋଇଥିବା ଅତ୍ୟାଚାର, ହତ୍ୟାର ଲୋମହର୍ଷଣକାରୀ ଘଟଣା ବିଶ୍ୱରେ ପ୍ରଥମ ଥର ପାଇଁ ମାନବ ଅଧିକାର ନେଇ ଆଲୋଚନାକୁ ବ୍ୟାପକ କରିବା ସହିତ ସେସବୁର ପରିସମାପ୍ତି ଦିଗରେ ହସ୍ତକ୍ଷେପ କରିବାକୁ ରାଷ୍ଟ୍ରମାନଙ୍କୁ ବାଧ କରିଥିଲା। ଏହି କ୍ରମରେ ୧୯୪୮ରେ ମିଳିତ ଜାତିସଂଘ ଦ୍ୱାରା ଆହୂତ ବୈଠକରେ ବିଶ୍ୱର ଅନେକ ଦେଶର ରାଷ୍ଟ୍ରମୁଖ୍ୟ ଅଂଶଗ୍ରହଣ କରି ମାନବ ଅଧିକାରର ସୁରକ୍ଷା ପାଇଁ ଏକ ସାର୍ବଜନୀନ ଘୋଷଣା ପତ୍ରରେ ସ୍ୱାକ୍ଷର କରିବା ସହିତ ପ୍ରତିବର୍ଷ ଡିସେମ୍ବର ୧୦କୁ 'ମାନବ ଅଧିକାର ଦିବସ' ରୂପେ ପାଳନ କରିବାକୁ ସହମତ ହୋଇଥିଲେ।

ଆମ ଦେଶରୁ ୧୯୪୭ରେ ବ୍ରିଟିଶ ଯିବା ପରେ ଦେଶରେ କ୍ଷମତାସୀନ ହୋଇଥିବା ଶାସକମାନେ କେବଳ ବ୍ରିଟିଶ ସରକାରର ପୋଲିସ, ସେନା ଓ ପ୍ରଶାସନ ପରି ଦମନକାରୀ ରାଷ୍ଟ୍ରଯନ୍ତ୍ରକୁ ଯଥାବତ୍ ଅବ୍ୟାହତ ରଖିଲେନି ବରଂ ସେମାନଙ୍କ କଳା ଆଇନ ଓ ଦମନକାରୀ ନୀତିକୁ ଗୋଟାପଣେ ଆପଣେଇବା ଦେଖାଗଲା। କୁଖ୍ୟାତ ରାଷ୍ଟ୍ରଦ୍ରୋହ ଆଇନ ପରି ବ୍ରିଟିଶ ସମୟର ସବୁ କଳା ଆଇନକୁ ଅବ୍ୟାହତ ରଖିବା ସହ ନୂତନ ଭାବେ ସଶସ୍ତ୍ର ବଳ (ସ୍ୱତନ୍ତ୍ର କ୍ଷମତା) ଆଇନ ବା ଆଫସ୍ପା, ଜାତୀୟ ନିରାପତ୍ତା ଆଇନ

### ବିଶ୍ୱ ମାନବ ଅଧିକାର ଦିବସ ଉପଲକ୍ଷେ

(ନାସା), ପବ୍ଲିକ୍ ସେଫ୍ଟି ଆଇନ, ପ୍ରତିଷେଧକମୂଳକ ଅଟକ ଆଇନ, ମିସା, ପୋଟା ବା ଏବର ୟୁଏପିଏ ପରି ଭଳିକି ଭଳି କଳା ଆଇନ ତିଆରି କରି ତା'ରି ଜରିଆରେ ଜନଗଣଙ୍କ ଉପରେ ଦମନକୁ ବଢ଼ାଇବା ସହ ସେମାନଙ୍କ ଗଣତାନ୍ତ୍ରିକ ଅଧିକାରର କଣ୍ଠରୋଧ କରିବା ଦେଖାଗଲା। ଗତ କିଛିବର୍ଷ ମଧ୍ୟରେ ଏନ୍‌ଆଇଏ ଆଇନ ଓ ୟୁଏପିଏ ଆଇନର ବ୍ୟାପକ ଅପବ୍ୟବହାର ହୋଇଥିବା ବେଳେ ମୋଦି ସରକାର ବିଗତ ବର୍ଷ ସେଥିରେ ଅନେକ ସଂଶୋଧନ କରି ତାକୁ ଅଧିକ କଠୋର କରିଛନ୍ତି। ୟୁଏପିଏ ଓ ଦେଶଦ୍ରୋହ ଆଇନକୁ କିପରି ଭିନ୍ନମତକୁ ଦମନ କରିବାକୁ ଅପବ୍ୟବହାର କରାଯାଉଛି, ତାହା ନିକଟ ଅତୀତରେ ସୁପ୍ରିମକୋର୍ଟ ତଥା ବିଭିନ୍ନ ହାଇକୋର୍ଟର ରାୟରୁ ସ୍ପଷ୍ଟ ପ୍ରମାଣିତ ହୋଇଛି।

ଦିନଥିଲା ମାନବ ଅଧିକାର କହିଲେ କେବଳ ରାଷ୍ଟ୍ର ଦ୍ୱାରା ନିର୍ଦ୍ଧାରିତ ରାଜନୈତିକ ବା ଗଣତାନ୍ତ୍ରିକ ଅଧିକାରକୁ ହିଁ ବୁଝାଯାଉଥିଲା। ଜଣେ ବ୍ୟକ୍ତିକୁ ରାଷ୍ଟ୍ର ପ୍ରଦତ୍ତ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ କରିବା ସ୍ଥିତିରେ ହିଁ ତା'ର ଅଧିକାରର ଉଲ୍ଲଂଘନ ହେଉଛି ବୋଲି କୁହାଯାଉଥିଲା। କିନ୍ତୁ ସମାଜର ବିକାଶ ସହିତ ମାନବ ଅଧିକାରର ପରିଭାଷା ଓ ପରିସୀମାଟି ମଧ ବଦଳି ପୂର୍ବାପେକ୍ଷା ଅଧିକ ବ୍ୟାପକ ହୋଇଛି। ବର୍ତ୍ତମାନ ଖାଦ୍ୟ, ପାନୀୟ ଜଳ, ବାସଗୃହ, ମାଗଣାରେ ଶିକ୍ଷା ଓ ପ୍ରଦୂଷଣମୁକ୍ତ ପରିବେଶ ପାଇବା ବି ମାନବ ଅଧିକାରର ପରିସରଭୁକ୍ତ ହୋଇଛି। ଲିଙ୍ଗଗତ ବିଭେଦ ଓ ଜାତିଗତ ନିର୍ଯାତନାରୁ ମୁକ୍ତିର ଅଧିକାର, ଜାତୀୟତାର ଅଧିକାର, ଶିଶୁ ଅଧିକାର ଏପରି କି ସମଲିଙ୍ଗୀମାନଙ୍କ ଅଧିକାର ମଧ ମାନବ ଅଧିକାରର ପରିଭାଷାରେ ସାମିଲ ହୋଇ ଏହାର ପରିସୀମାକୁ ଅନେକ ପ୍ରସାରିତ କରିଛି।

ମାନବ ଅଧିକାରର ସୁରକ୍ଷା ପାଇଁ ଜାତିସଂଘର ତତ୍ତ୍ୱାବଧାନରେ ସାର୍ବଜନୀନ ଘୋଷଣାର ସାତ ଦଶକ ପରେ ମଧ ଆମ ଦେଶରେ ମାନବ ଅଧିକାରର ସ୍ଥିତି ଉଦ୍‌ବେଗଜନକ ରହିଛି। ନିକଟରେ ଆନ୍ତର୍ଜାତିକ ମାନବିକ ଅଧିକାର ସଂସ୍ଥା 'ହ୍ୟୁମାନ ରାଇଟସ୍ ୱାଚ୍'ର ରିପୋର୍ଟ ଅନୁସାରେ ଭାରତରେ ମାନବ ଅଧିକାରଟି ଅତି ଭୟଙ୍କର ସ୍ଥିତିରେ ରହିଛି। ଗତ କିଛିବର୍ଷ ମଧ୍ୟରେ ଦେଶରେ ଜାତିବାଦୀ ଓ ସାଂପ୍ରଦାୟିକ ଶକ୍ତିଙ୍କ ପ୍ରଭାବ ବଢ଼ିବା ସହ ସମାଜର ସଂଖ୍ୟାଲଘୁ ଏବଂ ଦଳିତଙ୍କ ଅଧିକାର କ୍ଷୁଣ୍ଣ ହେବାରେ ଲାଗିଛି। ସମାଜରେ ଭିନ୍ନମତକୁ ଅପରାଧ ପର୍ଯ୍ୟାୟଭୁକ୍ତ କରିବାର ଏକ ଫାଶୀବାଦୀ ଅଭିଯାନ ଚାଲିଛି। ଭିନ୍ନମତ ବିଶେଷ କରି ସରକାରଙ୍କ ନୀତି ସହ ଅସହମତି ପ୍ରକାଶ କରୁଥିବା ଅନେକ ଲେଖକ, ସାମ୍ବାଦିକ, ବୁଦ୍ଧିଜୀବୀ, ଓକିଲ, ହେତୁବାଦୀ, ମାନବିକ ଅଧିକାର କର୍ମୀ ଏପରି କି ରାଜନୈତିକ କର୍ମୀଙ୍କୁ ରାଷ୍ଟ୍ରର ପ୍ରୋତ୍ସାହନରେ ଧର୍ମାନ୍ଧ ମୌଳବାଦୀ ଶକ୍ତିମାନେ ଖୋଲାଖୋଲି ଭାବେ ଦେଶଦ୍ରୋହୀ ବୋଲି କହିବା, ସାମାଜିକ ଗଣମାଧ୍ୟମରେ ଟ୍ରୋଲ କରିବା ବଢ଼ିଚାଲିଥିବା ବେଳେ ଅନେକ ସିଧାସଳଖ ରାଷ୍ଟ୍ରର ଆକ୍ରମଣର ଶିକାର ହେଉଛନ୍ତି। ଉଦ୍‌ବେଗର ବିଷୟ ହେଲା, ଦେଶରେ ମାନବ ଅଧିକାରର ବ୍ୟାପକ ଉଲ୍ଲଂଘନ ଘଟୁଥିବା ବେଳେ ନାଗରିକମାନଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷାର ଦାୟିତ୍ୱ ନେଇଥିବା ଦେଶର ବିଚାର ବିଭାଗର ସକ୍ରିୟତାର ଅଭାବ ଏକଦମ୍ ନିରାଶାଜନକ ମନେହେଉଛି। ଯଦିଓ ଗତ କିଛି ମାସ ମଧ୍ୟରେ ଦେଶର ସୁପ୍ରିମକୋର୍ଟ ଭିନ୍ନମତକୁ ଦବାଇବା ପାଇଁ ସରକାର ଦ୍ୱାରା ଦେଶଦ୍ରୋହ ଓ ୟୁଏପିଏ ଆଇନର ବ୍ୟାପକ ଅପବ୍ୟବହାରକୁ ପ୍ରଶ୍ନ କରି ଅନେକ ଭଲ ରାୟ ଦେଇଛନ୍ତି, କିନ୍ତୁ ତାହା ପର୍ଯ୍ୟାପ୍ତ ନୁହେଁ। ଦେଶରେ ମାନବ ଅଧିକାର ଉଲ୍ଲଂଘନର ବର୍ଦ୍ଧିତ ଘଟଣାକୁ ଦେଖି ଜାତୀୟ ସ୍ତରରେ ଓ ବିଭିନ୍ନ ରାଜ୍ୟରେ ମାନବ ଅଧିକାର କମିଶନ ଗଠିତ ହୋଇଥିଲେ ମଧ ସେସବୁର କାର୍ଯ୍ୟ ପରିସର ଓ କ୍ଷମତା ଅତ୍ୟନ୍ତ ସୀମିତ ଥିବାରୁ ଜନଗଣଙ୍କ ମାନବ ଅଧିକାରର ଉପଯୁକ୍ତ ସୁରକ୍ଷା ହୋଇପାରୁ ନାହିଁ। ଏଭଳି ପରିସ୍ଥିତିରେ ଦେଶରେ ମାନବ ଅଧିକାରର ସୁରକ୍ଷା ପାଇଁ ରାଷ୍ଟ୍ର ଓ ତା'ର ଏଜେନ୍ସିଙ୍କ ଉତ୍ତରଦାୟିତ୍ୱକୁ ବଢ଼ାଇବା ସହିତ ୟୁଏପିଏ, ଆଫସ୍ପା, ନାସା, ଦେଶଦ୍ରୋହ ଆଇନ ଭଳି କଳା ଆଇନକୁ ଉଚ୍ଛେଦ କରିବା ନିହାତି ଜରୁରୀ।

**ମୋ:୯୪୩୭୧୬୬୩୯୧**

## ପାଠକ ଶ୍ରେଷ୍ଠ ବିଚାରକ

### କେହି ପାଟି ଖୋଲୁ ନାହାନ୍ତି

ମହାଶୟ,

ଭାରତର ସ୍ୱାଧୀନତା ପ୍ରାପ୍ତି ସମ୍ପର୍କରେ କଙ୍ଗନା ରାଣାୱତ୍ ଯେଉଁ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି, ତାହା ଦେଶର ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କର ଗୌରବମୟ ଇତିହାସକୁ ନେଇ ଗର୍ବ ଅନୁଭବ କରୁଥିବା କୋଟି କୋଟି ଭାରତୀୟଙ୍କ ଭାବାବେଗକୁ ଆଘାତ ଦେଇଛି। ଏହା ପୂର୍ବରୁ ସେ ବିଭିନ୍ନ ପ୍ରସଙ୍ଗରେ ଏକାଧିକ ବିବାଦୀୟ ନେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଯାଇଛନ୍ତି। ଦେଶର ସ୍ୱାଧୀନତାପ୍ରାପ୍ତି ସମ୍ପର୍କରେ ତାଙ୍କର ଏହି ମନ୍ତବ୍ୟ ଦ୍ୱାରା କେବଳ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ସୁଭାଷ ବୋଷ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପରି ମହାନାୟକଙ୍କ ସମେତ ସମଗ୍ର ଦେଶବାସୀ ଓ ବର୍ତ୍ତମାନର କେନ୍ଦ୍ର ସରକାରଙ୍କୁ ମଧ ଅପମାନିତ କରାଯାଇଛି। କାରଣ ଦେଶର କୋଟି କୋଟି ଲୋକ ଦେଶର ସ୍ୱାଧୀନତାକୁ ନେଇ ଗର୍ବ ଅନୁଭବ କରନ୍ତି ଏବଂ ସଂଗ୍ରାମୀମାନଙ୍କୁ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରନ୍ତି। ଏହାଛଡ଼ା ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ସମୟରେ ସେ ଏଭଳି ବିବାଦୀୟ ମନ୍ତବ୍ୟ ଦେବାକୁ ସାହସ କରିଛନ୍ତି। ଏହି ପ୍ରସଙ୍ଗରେ ଦେଶର ଅନେକ ଶୀର୍ଷ ସ୍ତରର ରାଜନୈତିକ ନେତୃବୃନ୍ଦ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ପାଟି ନ ଖୋଲି ନୀରବ ରହିବା ଯେତିକି ଦୁର୍ଭାଗ୍ୟଜନକ ସେତିକି ବେଦନା ଦାୟକ।

**- ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ରଖ ଗୋ ରଖ ମୋତେ ବାନ୍ଧି କୋମଳ ଭୁଜେ
ନ ଜାଣେ ତୁମ ବିନୁ ଆନ ପ୍ରେୟସୀ ମୁଁ ଯେ,
ବସନ୍ତ ଫୁଲବନେ
ପାହାନ୍ତିଆ ପବନେ
ବାନ୍ଧ କୋମଳ ଭୁଜେ
ନା ଜାଣେ ଆନ ମୁଁ ଯେ।
-(ଆଶ୍ୱାସନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସେନ୍‌ସେକ୍ସ ୫୮ ହଜାର ଟପିଲା

ମୁମ୍ବାଇ,୯।୧୨

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ନୂତନ ମୁଦ୍ରାନୀତିକୁ ନେଇ ନିବେଶକ ବର୍ତ୍ତମାନ ମଧ୍ୟ ଆଶା ଓ ଆଶଙ୍କାରେ ରହିଛନ୍ତି, ଯାହାର ପ୍ରଭାବ ଗୁରୁବାର ଶେୟାର ବଜାରରେ ଦେଖିବାକୁ ମିଳିଛି। ଡିସେମ୍ବର ୯ରେ ନିବେଶକଙ୍କ ମନ ଖୁସି ଥିଲେ ସୁଦ୍ଧା ଦାଲାଲ ଷ୍ଟ୍ରିଟ୍‌ରେ ସେଭଳି ଉତ୍ସାହ ଦେଖିବାକୁ ମିଳି ନ ଥିଲା। ଫଳରେ ବମ୍ବେ ଷ୍ଟକ୍ ବଜାର (ବିଏସ୍‌ଇ)ର ସୂଚକାଙ୍କ ସେନ୍‌ସେକ୍ସ ପ୍ରାୟ ୧୫୮ ପଏଣ୍ଟ ବୃଦ୍ଧି ପାଇ ୫୮ ହଜାର ଟପିଯାଇଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ସୂଚକାଙ୍କ ନିଫ୍ଟିରେ ମଧ୍ୟ ୪୭ ପଏଣ୍ଟ ବଢ଼ି ୧୭ ହଜାର ପଏଣ୍ଟ ଉପରେ ରହିଛି। ବିଏସ୍‌ଇର ସୂଚନା ଅନୁସାରେ ଡିସେମ୍ବର ୯ରେ ସେନ୍‌ସେକ୍ସ ୧୫୭.୪୫ ପଏଣ୍ଟ ବୃଦ୍ଧି ପାଇ ୫୮,୮୦୭.୧୩ ଅଙ୍କରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟିର ଇଣ୍ଡେକ୍ସ ମଧ୍ୟ ୪୭.୧୦ ଅଙ୍କ ବୃଦ୍ଧି ଘଟି ୧୭,୫୧୬.୮୫ ପଏଣ୍ଟରେ ରହିଛି।

# ୫ଜି ସେବାକୁ ପ୍ରାଥମିକତା ଦେବା ଜରୁରୀ: ଅମ୍ବାନୀ

ଭୁବନେଶ୍ୱର,୯।୧୨


ମୁକେଶ ଅମ୍ବାନୀ

ଯେତେ ଶୀଘ୍ର ସମ୍ଭବ ଭାରତକୁ ୨ଜିରୁ ୪ଜି ଓ ୫ଜିକୁ ରୂପାନ୍ତରିତ ହେବାକୁ ପଡ଼ିବ। ସାମାଜିକ, ଅର୍ଥନୈତିକ ଦୃଷ୍ଟିକୋଣରୁ ତଳସ୍ତରରେ ବାସ କରୁଥିବା ନିୟୁତାଧିକ ଭାରତୀୟଙ୍କୁ ୨ଜି ମଧ୍ୟରେ ସୀମିତ ରଖିବାର ଅର୍ଥ ସେମାନଙ୍କୁ ଡିଜିଟାଲ୍ ବିପ୍ଳବରୁ ବଞ୍ଚିତ କରିବା ସହ ସମାନ। ୫ଜି ସେବା ଆରମ୍ଭ କରିବା ଭାରତର ଜାତୀୟ ପ୍ରାଥମିକତା ହେବା ଉଚିତ ବୋଲି ଇଣ୍ଡିଆ ମୋବାଇଲ କଂଗ୍ରେସ ୨୦୨୧ ଭର୍ଚୁଆଲ୍‌କୁ ସମ୍ବୋଧିତ କରି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍)ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ କହିଛନ୍ତି। ଜିଓ ଏକ ସମ୍ପୂର୍ଣ୍ଣ ୧୦୦% ସ୍ୱଦେଶୀ ଓ ବ୍ୟାପକ ୫ଜି ସମାଧାନ ବିକଶିତ କରିଛି ଯାହା ସମ୍ପୂର୍ଣ୍ଣ ରୂପେ କ୍ଲାଉଡ୍ ଉପରେ ପର୍ଯ୍ୟବସିତ ଓ ଡିଜିଟାଲ୍ ମାଧ୍ୟମରେ ପରିଚାଳିତ । ଏହା ଏକ ସମନ୍ୱିତ ଓ ଭବିଷ୍ୟତ ପାଇଁ ଉପଯୋଗୀ ଢାଞ୍ଚା ହୋଇଥିବାରୁ ଜିଓର ନେଟ୍‌ୱର୍କ ଶୀଘ୍ର ଓ ନିରବଚ୍ଛିନ୍ନ ଭାବେ ୪ଜିରୁ ୫ଜିକୁ ରୂପାନ୍ତରିତ ହୋଇପାରିବ ବୋଲି ସେ କହିଛନ୍ତି। ଦେଶରେ ମୋବାଇଲ ଗ୍ରାହକ ସଂଖ୍ୟାରେ ହୋଇଥିବା ଉଲ୍ଲେଖନୀୟ ଦ୍ରୁତ ବୃଦ୍ଧିର ପ୍ରମୁଖ ବାହକ ଥିଲା ସୁଲଭତା। ଆମେ ଯେତେବେଳେ ନୀତି ଦୃଷ୍ଟିରୁ ସୁଲଭତା କଥା କହିବା ଆମକୁ କେବଳ ସେବାର ସୁଲଭତା ଉପରେ ବିଚାର କରିବାକୁ ହେବ। ପ୍ରକୃତରେ ଭାରତକୁ କେବଳ ସେବାର ସୁଲଭତା ନୁହେଁ ବରଂ ଡିଭାଇସ୍ ଓ ପ୍ରୟୋଗର ସୁଲଭତାକୁ ନିଶ୍ଚିତ କରିବାକୁ ପଡ଼ିବ ବୋଲି ମୁକେଶ କହିଛନ୍ତି। ସୁଲଭ ମୂଲ୍ୟରେ ଲୋକମାନଙ୍କ ପାଖରେ ଡିଭାଇସ୍ ପହଞ୍ଚାଇବା ଲାଗି ୟୁନିଭର୍ସାଲ୍ ସର୍ଭିସ୍ ଓବ୍ଲିଗେସନ ଫଣ୍ଡ୍ (ୟୁଏସ୍‌ଓଏଫ୍)ର ପାଣ୍ଠି ବ୍ୟବହାର କରିବା ସପକ୍ଷରେ ସେ ମତ ପ୍ରକାଶ କରିଛନ୍ତି। ସମାଜରେ ପଛୁଆ ବର୍ଗର ଲୋକମାନଙ୍କୁ ଡିଜିଟାଲ ଅଭିବୃଦ୍ଧି ଧାରାରେ ସାମିଲ କରିବା ପାଇଁ ଏମାନଙ୍କୁ ସୁଲଭ ମୂଲ୍ୟରେ ସେବା ଓ ଡିଭାଇସ୍ ଉପଲବ୍ଧ କରାଇବା ଜରୁରୀ ବୋଲି ସେ କହିଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିର ସିଏମ୍‌ଡି ଅମ୍ବାନି ଏହି ଅବସରରେ କହିଛନ୍ତି, ଫାଇବରରେ ଅସୀମିତ ଡାଟା ଧାରଣ କ୍ଷମତା ରହିଛି। ତେଣୁ ଭବିଷ୍ୟତ ଲାଗି ପ୍ରସ୍ତୁତ ରହିବା ପାଇଁ ଭାରତକୁ ଫାଇବର ଲାଗି ପ୍ରସ୍ତୁତ ରହିବାକୁ ପଡ଼ିବ। ଏଭଳିକି କୋଭିଡ୍ ସମୟରେ ଜିଓ ପକ୍ଷରୁ ୫ନିୟୁତ ଘରକୁ ଫାଇବର୍ ଟୁ ହୋମ୍ ସଂଯୋଗ ପ୍ରଦାନ କରାଯାଇଥିଲା। ଯଦି ଶିଳ୍ପର ସବୁ ସଂସ୍ଥା ମିଳିତ ଭାବେ କାର୍ଯ୍ୟ କରିବେ ତେବେ ଆମେ ଗତ ଦଶନ୍ଧିରେ ଯେଭଳି ମୋବାଇଲ ଟେଲିଫୋନ୍ ସେବାକୁ ଦେଶର କୋଣ ଅନୁକୋଣରେ ପହଞ୍ଚାଇଥିଲେ ସେହିଭଳି ଦ୍ରୁତ ଗତିରେ ସାରା ଦେଶରେ ଫାଇବର୍‌କୁ ପହଞ୍ଚାଇବା ଲକ୍ଷ୍ୟ ହାସଲ କରିବା। ଭାରତୀୟମାନେ ପ୍ରଯୁକ୍ତିକୁ ବଡ଼ ଉତ୍ସାହର ସହ ଗ୍ରହଣ କରିଛନ୍ତ। କୋଭିଡ୍ ମୁକାବିଲା ଲାଗି ଲଗାଯାଇଥିବା ଲକ୍‌ଡାଉନ୍ ଆମକୁ ଦୋହଲାଇ ଦେଇଥିବା ବେଳେ ପ୍ରଯୁକ୍ତି ହିଁ ଆମକୁ ବଞ୍ଚାଇଥିଲା ଏବଂ ଜୀବନଜୀବିକାକୁ ସୁରକ୍ଷିତ ରଖିଥିଲା ବୋଲି ମୁକେଶ କହିଛନ୍ତି। ସୂଚନାଯୋଗ୍ୟ, ଇଣ୍ଡିଆନ୍ ମୋବାଇଲ୍ କଂଗ୍ରେସ ୨୦୨୧ ଭର୍ଚୁଆଲ୍ ମୋଡ୍‌ରେ ବୁଧବାରଠାରୁ ଆରମ୍ଭ ହୋଇଛି ଓ ଏହା ଚଳିତ ମାସ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି।

# ରାଜଧାନୀରେ ରୟାଲ ଏନ୍‌ଫିଲ୍ଡର ନୂତନ ଶୋ'ରୁମ୍


ରାମ ମନ୍ଦିର ଛକ ନିକଟସ୍ଥ ଶୁଭମ୍ ମାର୍କେଟ ପରିସରରେ ରୟାଲ ଏନଫିଲ୍ଡର ନୂତନ ଶୋରୁମ୍ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

ଭୁବନେଶ୍ୱର,୯।୧୨

ଦେଶର ସର୍ବପୁରାତନ ମୋଟରସାଇକେଲ ବ୍ରାଣ୍ଡ 'ରୟାଲ ଏନ୍‌ଫିଲ୍ଡ' ଯାହାକି ଚେନ୍ନାଇରୁ ଉତ୍ପାଦିତ ହୋଇଥାଏ। କମ୍ପାନୀ ସବୁ ବର୍ଗର ଯୁବପିଢ଼ିଙ୍କ ଚାହିଦାକୁ ଆଖି ଆଗରେ ରଖି ଭିନ୍ନ ଭିନ୍ନ ଡିଜାଇନ ଓ ମଡେଲ ବଜାରକୁ ପ୍ରବେଶ କରାଇଥାଏ। କମ୍ପାନୀର ଉତ୍ପାଦକୁ (ଗାଡ଼ି) ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ପାଇଁ ରୟାଲ ଏନ୍‌ଫିଲ୍ଡ ତା'ର ସହଯୋଗୀ ସଂସ୍ଥା ସହ ମିଳିତ ଭାବେ ବିକ୍ରି ଓ ସେବା ଯୋଗାଇ ଦେଇଥାଏ। ଗୁରୁବାର କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ସ୍ୱପ୍ନା ଅଟୋମୋବାଇଲ ସ୍ଥାନୀୟ ଜନପଥ ରୋଡ୍ ରାମମନ୍ଦିର ଛକ ସ୍ଥିତ ଶୁଭମ୍ ମାର୍କେଟ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଶୋରୁମ୍‌ର ମୁଖ୍ୟ ସ୍ୱତ୍ୱାଧିକାରୀ ସ୍ୱପ୍ନା ଦାଶ, ରଞ୍ଜିତ କୁମାର ଦାଶ, ଆର୍‌ଇର ଏଏସ୍‌ଏମ୍ ଭି.ଜି. ଓଷ୍ଟା ଏବଂ ଏଏସ୍‌ଏମ୍(ଏସ୍) ବିଶ୍ୱରଞ୍ଜନ ଘଡେଇଙ୍କ ସମେତ କମ୍ପାନୀ ଓ ଶୋ'ରୁମ୍‌ର ବହୁ କର୍ମଚାରୀମାନେ ଉପସ୍ଥିତ ଥିଲେ। ରୟାଲ ଏନ୍‌ଫିଲ୍ଡ (ୟୁନିଟ୍ ଅଫ୍ ଆଇଚର ମୋଟର ଲିମିଟେଡ)ର ରାଜ୍ୟ ମୁଖ୍ୟ ସଂଗ୍ରାମ କେଶରୀ ସାହୁଙ୍କ ତତ୍ତ୍ୱାବଧାନରେ ଏହି ଶୋ'ରୁମ୍‌ର ଶୁଭାରମ୍ଭ ସହ ଭଲ ବ୍ୟବସାୟ ପାଇଁ ଆବଶ୍ୟକ ସହଯୋଗ ଓ ସେବା କମ୍ପାନୀ ପକ୍ଷରୁ ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ସହରର ମଧ୍ୟ ଭାଗରେ ଖୋଲିଥିବା ଏହି ଶୋ'ରୁମ୍ ଟି ୨୫୦୦ ବର୍ଗଫୁଟ ପରିମିତ ଜମିରେ ସମ୍ପୂର୍ଣ୍ଣ ଅତ୍ୟାଧୁନିକ ପଦ୍ଧତିରେ ଆରମ୍ଭ ହୋଇଛି। ଆର୍‌ଇ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ କମ୍ପାନୀ ବିଭିନ୍ନ ମଡେଲ ଯଥା ରୟାଲ ଏନ୍‌ଫିଲ୍ଡ ବୁଲେଟ, କ୍ଲାସିକ-୩୫୦, ମେଟର-୩୫୦, କ୍ଲାସିକ୍-୫୦୦, ଇଣ୍ଟରସେପ୍ଟର-୬୫୦, କଣ୍ଟିନେଣ୍ଟାଲ ଏବଂ ଆହୁରି ଅନେକ ମୋଟରସାଇକେଲ ପ୍ରସ୍ତୁତ କରୁଛି। କମ୍ପାନୀର ସମସ୍ତ ଗାଡ଼ିର ଚାହିଦା ମଧ୍ୟ ବଜାରରେ ଭଲ ରହିଛି। ଉପରୋକ୍ତ ଗାଡିଗୁଡିକର ଏକ୍ସ ଶୋ'ରୁମ୍ ମୂଲ୍ୟ ୧.୩୮.୩୧୯ ଟଙ୍କାରୁ ଆରମ୍ଭ ହୋଇ ୩,୨୦.୧୭୬ ଟଙ୍କା ପର୍ଯ୍ୟନ୍ତ ରହିଥିବା ଜଣାପଡ଼ିଛି। ସେହିଭଳି କମ୍ପାନୀ ଖାଲି ଗାଡ଼ି ବିକ୍ରି ପାଇଁ ଶୋ'ରୁମ୍ ଖୋଲି ନାହିଁ ବିକ୍ରି ପରବର୍ତ୍ତୀ ସେବା ଠିକ ଭାବେ ଗ୍ରାହକଙ୍କୁ ଯୋଗାଇବା ସହିତ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ଦିଗରେ କମ୍ପାନୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ ବୋଲି କୁହାଯାଇଛି।

# ଭାରତରେ ଅଂଶଧନ ବଢ଼ାଇବ ଜେନେରାଲି

ନୂଆଦିଲ୍ଲୀ/ ମିଳାନ, ୮।୧୨




ଇଟାଲୀର ଜେନେରାଲୀ ଇନ୍ସ୍ୟୁରାନ୍ସ କମ୍ପାନୀ ଏବେ ଭାରତ ବଜାରରେ ଏହାର ଅଂଶଧନକୁ ୭୪%କୁ ବୃଦ୍ଧି କରିବାକୁ ଯୋଜନା କରୁଛି। ଏଥିପାଇଁ ୨ଟି ଭାରତୀୟ ବୀମା କମ୍ପାନୀ ସହ ମିଳିତ ସହଭାଗିତାରେ କାମ କରିବାକୁ ଆଲୋଚନା ଆରମ୍ଭ କରିଛି। କାରଣ ଏହାର ଭାରତୀୟ ସହଯୋଗୀ ଫ୍ୟୁଚର ଗ୍ରୁପ୍ ଏବେ ଋଣଭାରରେ ବୁଡ଼ି ରହିଛି। ଫ୍ୟୁଚର ଋଣଭାରରେ ବୁଡ଼ି ରହିଥିବାରୁ କମ୍ପାନୀ ଏବେ ଭାରତରୁ ଏହାର ୪୦୦ମିଲିୟନ ଡଲାର ଅଂଶଧନ ବିକ୍ରି କରିବାକୁ ଚାହୁଁଛି। ଫ୍ୟୁଚର ଏବଂ ଅନ୍ୟ ଏକ ଭାରତୀୟ ସଂସ୍ଥା ସହ ଜେନେରାଲି କମ୍ପାନୀ ଭାରତରେ ବୀମା ବ୍ୟବସାୟ କରୁଛି। ଏଥିରେ ଜେନେରାଲିର ୪୯% ମାଲିକାନା ରହିଥିବାବେଳେ ଫ୍ୟୁଚର ଓ ଅନ୍ୟ ଏକ ଭାରତୀୟ କମ୍ପାନୀର ମିଳିତଭାବେ ୫୧% ଅଂଶଧନ ରହିଛି। ଜେନେରାଲି ଏବେ ଭାରତରେ ଜୀବନ ବୀମା ଏବଂ ଅଣ-ଜୀବନ ବୀମାରେ ଏହାର ଅଂଶଧନକୁ ୭୪%କୁ ବୃଦ୍ଧି କରିବାକୁ ଚାହୁଁଛି। ତେବେ ଏହା ସାମାନ୍ୟ କମ୍ ଓ ବେଶି ମଧ୍ୟ ହୋଇପାରେ ବୋଲି ନିଜର ନାମ ଗୋପନ ରଖି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଫ୍ୟୁଚର ଗ୍ରୁପ୍ ଏବଂ ଅନ୍ୟ ଏକ ଭାରତୀୟ ସଂସ୍ଥା ମିଳିତ ଭାବରେ ଜେନେରାଲି ସହିତ ଜୀବନ-ବୀମା ମିଳିତ ଉଦ୍ୟୋଗର ୫୧% ଅଂଶଧନ ଧାରଣ କରିଥିବାବେଳେ ଅବଶିଷ୍ଟ ୪୯% ଅଂଶ ଫ୍ୟୁଚର ଅଣ-ଜୀବନ ବୀମା ଉଦ୍ୟୋଗରେ ରଖିଛି। ଏବେ ଏହା ସମ୍ପୂର୍ଣ୍ଣ ଭାବେ ଏହାର ଅଂଶଧନକୁ ପ୍ରତ୍ୟାହାର କରିବାକୁ ଚାହୁଁଛି।

ଭାରତୀୟ ବୀମା କ୍ଷେତ୍ରର ନିୟମାବଳୀ ଅନୁସାରେ କୌଣସି ବିଦେଶୀ କମ୍ପାନୀ ସ୍ଥାନୀୟ କର୍ମାନୀର ସର୍ବାଧିକ ୭୪% ଧାରଣ କରିବାକୁ ଅନୁମତି ରହିଛି। ତେଣୁ ଫ୍ୟୁଚର ଯଦି ବ୍ୟବସାୟରୁ ସମ୍ପୂର୍ଣ୍ଣରୂପେ ବାହାରକୁ ଆସେ ତେବେ ଜେନେରାଲି ପାଇଁ ଅନ୍ୟ ଜଣେ ବା ଏକାଧିକ ଭାରତୀୟ ନିବେଶକ ଆବଶ୍ୟକ ପଡ଼ିପାରେ। ଦ୍ୱିତୀୟରେ ଫ୍ୟୁଚର ଏହାର ସମସ୍ତ ଅଂଶଧନକୁ ୨ଟି କମ୍ପାନୀକୁ ୪୦୦ମିଲିୟନ ଡଲାରରେ ବୃଦ୍ଧି କରିବାକୁ ଚାହୁଁଛି, ତେଣୁ ଇଟାଲୀୟ ଜେନେରାଲି କମ୍ପାନୀ ଏହାର ଅଂଶଧନକୁ ଖୁବ୍‌ଶୀଘ୍ର ବୃଦ୍ଧି କରିବ ବୋଲି ଶୁଣିବାକୁ ମିଳୁଛି। ତେବେ ଏନେଇ ଫ୍ୟୁଚର ଜେନେରାଲି କୌଣସି ମତ ଦେବାକୁ ମନା କରିଦେଇଛି।

# ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର,୯।୧୨

ଆନ୍ଧ୍ର ପ୍ରଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୯୪ ସ୍ନାତକ ଛାତ୍ରୀଛାତ୍ରଙ୍କୁ ବିଶ୍ୱବଦ୍ୟାଳୟର ଡିଗ୍ରୀ ପ୍ରଦାନ କରାଯାଇଥିଲା। ହାଇବ୍ରିଡ୍ ମୋଡ୍‌ରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ନ୍ୟୁୟର୍କ ୟୁନିଭର୍ସିଟିର ସଭାପତି ଡ. ଆଣ୍ଡ୍ରୁ ଡି.ହାମିଲଟନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ପ୍ରଥମ ଥର ପାଇଁ ବିଶ୍ୱବିଦ୍ୟାଳୟରୁ କୃତକାର୍ଯ୍ୟ ହୋଇଥିବା ପିଲାମାନେ ଇତିହାସ ରଚିବା ସମ୍ଭାବନା ସୃଷ୍ଟି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆମେରିକାର ନ୍ୟାଶନାଲ ସାଇନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ଡ.ସେଥୁରମନ ପଞ୍ଚନାଥନଙ୍କୁ ସମ୍ମାନଜନକ ଡକ୍ଟରେକ୍ଟ ଉପାଧି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଡ.ସେଥୁରମନ ଛାତ୍ରୀଛାତ୍ରମାନଙ୍କୁ ସଫଳତାର ୬ ସି'ର ମନ୍ତ୍ର ପ୍ରଦାନ କରିଥିଲେ। ଏସ୍‌ଆରଏମ୍ ୟୁନିଭର୍ସିଟିର ସଭାପତି ଡ. ପି.ସତ୍ୟନାରାୟଣନ କହିଛନ୍ତି, ଶିକ୍ଷା ଏବଂ ଗବେଷଣା ଦ୍ୱାରା ବିଶ୍ୱବିଦ୍ୟାଳୟ ସମ୍ମାନ ବୃଦ୍ଧି ସାଙ୍ଗକୁ ଉତ୍ତରୋତ୍ତର ଉନ୍ନତି ଦିଗରେ ନିଜର ଯୋଗଦାନ ରଖିବ। ସେହିଭଳି ସରକାରଙ୍କ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦କୁ ବିଶ୍ୱବିଦ୍ୟାଳୟର ସବୁ ସ୍ତରରେ ପ୍ରଚଳନ କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ କୁଳାଧିପତି ଡ. ଟିଆର ପରିବେଦର ଏବଂ ପ୍ରଫେସର ଭି.ଏସ୍. ରାଓ ଉପସ୍ଥିତ ଥିଲେ।




# ବିମାନ ଯାତ୍ରାରେ ମିଳିବ ଅଫର ସେବା

ଭୁବନେଶ୍ୱର,୯।୧୨

ଦେଶର ଜଣାଶୁଣା ଡିଜିଟାଲ ଅର୍ଥ ପ୍ରଦାନକାରୀ କମ୍ପାନୀ ପେଟିଏମ୍ ବିମାନ ଟିକେଟରେ ରିହାତି ପ୍ରଦାନ କରୁଛି। ଏ ନେଇ କମ୍ପାନୀ ଟୁଇଟ୍ କରି ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛି। ପେଟିଏମ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସଶସ୍ତ୍ର ବାହିନୀର କର୍ମଚାରୀ, ଛାତ୍ରୀଛାତ୍ର ଏବଂ ବରିଷ୍ଠ ନାଗରିକଙ୍କୁ ଏହି ସ୍ୱତନ୍ତ୍ର ଅଫର ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଉପରୋକ୍ତ ବର୍ଗଙ୍କ ପାଇଁ ୧୫ରୁ ୫୦% ପର୍ଯ୍ୟନ୍ତ ରହିଛି।


## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



(ଟିକି)

**ସୁଦୀକ୍ଷା ପ୍ରିୟଦର୍ଶିନୀ ମହାରଣା**

ସାଇପ୍ରିୟ ନଗର, ରାୟଗଡ଼ା

ଆଜି ତୋର ପ୍ରଥମ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଉଜ୍ଜ୍ୱଳମୟ ଭବିଷ୍ୟତର କାମନା କରୁଛୁ। ତୋର ଚଲାପଥ ହସ ଖୁସିରେ ଭରି ଉଠୁ।

**ଶୁଭ ଆଶୀର୍ବାଦ ସହ:** ମହାରଣା ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୭୦୯୮୨


ଫୁରସତ୍

# ଜୀବନସାଥୀ ହେଲେ କ୍ୟାଟ୍-ଭିକ୍କି



**ମୁମ୍ବାଇ:** ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଓ ଭିକ୍କି କୌଶଲଙ୍କ ବହୁ ପ୍ରତୀକ୍ଷିତ ବିବାହ ଗୁରୁବାର ସମ୍ପନ୍ନ ହୋଇଛି। ଉଭୟେ ରାଜସ୍ଥାନର ସିକ୍ସ ସେନ୍ସ ଦୁର୍ଗରେ ହିନ୍ଦୁ ରୀତିନୀତିରେ ବିବାହ କରି ଜୀବନସାଥୀ ହୋଇଛନ୍ତି। ଅପରାହ୍ନରେ ଭିକ୍କି ବରଯାତ୍ରୀଙ୍କ ସହ ଶୋଭାଯାତ୍ରାରେ ଆସିଥିଲେ। ପରେ ଘୋଡ଼ା ଉପରେ ବସି ବିବାହ ମଣ୍ଡପକୁ ଏଣ୍ଟ୍ରି ମାରିଥିଲେ। ପ୍ରବେଶ ପଥରେ ରୀତିନୀତି ଶେଷ ହେବା ପରେ ସେ ଭିତରକୁ ଯାଇଥିଲେ। ସମସ୍ତେ ରାଜପୁତମାନଙ୍କ ଶୈଳୀରେ ଶେରଓ୍ୱାନି ପିନ୍ଧିଥିବା ଦେଖିବାକୁ ମିଳିଥିଲା। ଲାଲଯୋଡ଼ାରେ କ୍ୟାଟ୍ରିନା ସାତଫେରା ନେଇଥିଲେ। ଏହି ବିବାହ ଦେଖିବାକୁ କଟକଣା ଥିବାରୁ ଗ୍ରାମବାସୀ ଉଚ୍ଚ ସ୍ଥାନରେ ଠିଆ ହୋଇ ଦୂରରୁ ଏହି ଦୃଶ୍ୟ ଦେଖୁଥିବାର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭିଡ଼କୁ ଏଡାଇବା ପାଇଁ ରିସର୍ଟକୁ ଏକ କଳା କପଡ଼ାରେ ଘୋଡ଼ାଇ ଦିଆଯାଇଛି। ଏହି ବିବାହରେ ଅନେକ ସେଲିବ୍ରିଟି ଯୋଗ ଦେଇଥିଲେ। ଅର୍ଜୁନ କପୁର, ଅକ୍ଷୟ କୁମାର, ସାରା ଅଲ୍ଲୀ ଖାନ୍ ଏବଂ ଆଲିଆ ଭଟ୍ଟଙ୍କ ସମେତ ଅନ୍ୟ ସେଲିବ୍ରିଟି ମଧ୍ୟ ଉପସ୍ଥିତ ଥିଲେ। ୨ ଦିନ ଧରି କ୍ୟାଟ୍ରିନାଙ୍କ ମେହେନ୍ଦୀ ଓ ସଙ୍ଗୀତ ସେରିମନି ଚାଲିଥିଲା। ୬ ତାରିଖରୁ ହିଁ ରାଜସ୍ଥାନରେ ଉଭୟ ପରିବାରର ସଦସ୍ୟ ଏବଂ ସୀମିତ ସଂଖ୍ୟାରେ ନିମନ୍ତ୍ରିତ ଅତିଥି ପହଞ୍ଚିଯାଇଥିଲେ। ବେଶ ଗୋପନୀୟ ଭାବେ ଏହିବିବାହ ସମ୍ପନ୍ନ ହୋଇଛି। ଏପରିକି କାହାରିକୁ ମୋବାଇଲ ମଧ୍ୟ ବ୍ୟବହାର କରିବାକୁ ମନା କରାଯାଇଥିଲା ବୋଲି ଜଣାପଡ଼ିଛି। ତେବେ ବାହାଘର ପରେ କ୍ୟାଟ୍ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ କିଛି ଫଟୋ ଶେୟାର କରିଛନ୍ତି।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ରାମଚନ୍ଦ୍ର ପଟ୍ଟନାୟକ**

ଦିଘିରୀ, ବୋଲଗଡ଼, ଖୋର୍ଦ୍ଧା

ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଆମକୁ ଲାଗୁଛି ଆପଣ ଆମ ନିକଟରେ ଥାଇ ସର୍ବଦା ଦିଗ୍‌ଦର୍ଶନ ଦଉଛନ୍ତି। ଆପଣଙ୍କ କର୍ମମୟ ଜୀବନଧାରା, ତ୍ୟାଗ, ସ୍ନେହ, ସମଭାବାପନ୍ନ, ସମୟାନୁବର୍ତ୍ତୀ ଓ ଉତ୍ସର୍ଗୀକୃତ ମନୋଭାବ ଆମମାନଙ୍କ ହୃଦୟକୁ ସର୍ବଦା ଉଦ୍‌ବୁଦ୍ଧ କରି ଆସୁଛି। ଭଗବାନଙ୍କ ଅପାର କୃପାରୁ ଆପଣଙ୍କ ଆତ୍ମା, ପରମାତ୍ମା ପରମ ପୁରୁଷଙ୍କଠାରେ ଲୀନ ହୋଇ ଚିର ଶାନ୍ତିରେ ଅବସ୍ଥାପିତ କରିଛି ଉପଲବ୍ଧି କରି ରହୁଛୁ।

ଆପଣଙ୍କର ପରିବାର, ବନ୍ଧୁ, କୁଟୁମ୍ବ ଓ ପରିଜନମାନେ ।

ଧ-୨୨୪୮୩

### ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଶାନ୍ତିଲତା ପରିଡ଼ା**

ଆବିର୍ଭାବ : ୦୭.୧୨.୧୯୪୭
ତିରୋଧାନ : ୩୦.୧୧.୨୦୨୧
ଶାନ୍ତିନିବାସ, ଭୁଇଁପୁର, ଆଳି, କେନ୍ଦ୍ରାପଡ଼ା

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହନ୍ତି ପାବକଃ
ନଚୈନଂ କ୍ଲେଦୟ ନ୍ତ୍ୟାପନ ଶୋଷୟତି ମାରୁତଃ
ତୁମର ଅମର ଆତ୍ମାର ସଦ୍‌ଗତି ତଥା ମୋକ୍ଷ ପ୍ରାପ୍ତି ଶାନ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।

ଶୋକସନ୍ତପ୍ତ

ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଏବଂ ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

M/S JHARANA INDUSTRIES PVT LTD
JAGATPUR, CUTTACK

ଧ-୭୧୯୧୯

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ଜୀବନ ବଲ୍ଲଭ ଦାଶ**

ଘାଟିକିଆ, ଭୁବନେଶ୍ୱର
ଆବିର୍ଭାବ: ୧୭।୦୯।୧୯୪୫
ତିରୋଧାନ: ୧୮।୧୨।୨୦୧୫

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆଉ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ସ୍ତ୍ରୀ, ପୁଅ-ବୋହୂ, ନାତି-ନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୭୧୫୧୪

### ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ



**୰ବାମନ ଚରଣ ପ୍ରହରାଜ**

ଆବିର୍ଭାବ: ୨୮।୧୦।୧୯୪୦
ତିରୋଧାନ: ୨୧।୧୨।୨୦୨୦

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ଚାହୁଁ ଚାହୁଁ ଗୋଟିଏ ବର୍ଷ ବିତିଗଲା। ଆମକୁ ଶୋକ ସାଗରରେ ଭସାଇ ଆପଣ ଆରପାରିକୁ ଚାଲିଗଲେ। ଆପଣଙ୍କର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଆମର ପାଥେୟ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:** ସ୍ତ୍ରୀ: ବିଷ୍ଣୁପ୍ରିୟା, ପୁତ୍ର: ବୁଟୁ, ଟୁଟୁ, ପୁତ୍ରବଧୂ: ବିଜିନା, ମିତାଲୀ, ଝିଅ: ନନୀ, ଅନୀ, ଜ୍ୱାଇଁ: ଉଦନ, ଚିନୁ, ନାତି-ନାତୁଣୀ: ପିଣ୍ଟୁ, ମାମୁନୀ, ଟିକୁ, ଡୁଡୁଲ, ଶେଲୀ ଏବଂ ଶୁଭମ୍, ନାତୁଣୀବୋହୂ: ଗୁଡ୍ଡୀ ଏବଂ ଶୋକସନ୍ତପ୍ତ ପରିବାରବର୍ଗ ।

ଧ-୨୨୪୮୮


# ସମାନତା ହିଁ ବିକାଶର ମୂଳମନ୍ତ୍ର

## ମାନବାଧିକାର ଦିବସ

ପୃଥିବୀରେ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ସମାନତା ବଜାୟ ରହିବା ଅପରିହାର୍ଯ୍ୟ। ଏହାଦ୍ୱାରା ବିକାଶଧାରା ଅବ୍ୟାହତ ରହିବା ସହ ପୃଥିବୀ ଏକ ବୃହତ୍ ପରିବାରର ଧାରଣା ସୃଷ୍ଟି ହୋଇଥାଏ। ବିଶ୍ୱ ଭ୍ରାତୃତ୍ୱକୁ ଆଗେଇ ନେବାକୁ ପ୍ରତିବର୍ଷ ଡିସେମ୍ବର ୧୦ରେ ଅନ୍ତର୍ଜାତୀୟସ୍ତରରେ ମାନବାଧିକାର ଦିବସ ପାଳନ କରାଯାଇଥାଏ। ୧୯୪୮ ଡିସେମ୍ବର ୧୦ରେ ଜାତିସଂଘର ସାଧାରଣ ମହାସଭାରେ ମାନବିକ ଅଧିକାର ଘୋଷଣାନାମା ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ମାନବିକ ଅଧିକାର ଦିବସର ଆନୁଷ୍ଠାନିକ ପ୍ରତିଷ୍ଠା ୪ ଡିସେମ୍ବର ୧୯୫୦ରେ ସାଧାରଣ ସଭାର ୩୧୭ ତମ ବୈଠକରେ ହୋଇଥିଲା। ବିଧିବଦ୍ଧ ଭାବେ ୧୯୫୦ ଡିସେମ୍ବର ୧୦ଠାରୁ ଏହାର ପାଳନ ଆରମ୍ଭ ହୋଇଥିଲା। କାହାର ସ୍ୱାର୍ଥରେ ଉଲ୍ଲଂଘନ ହେଲେ ମିଳିତ ଜାତିସଂଘ ପକ୍ଷରୁ ଏନେଇ ପଦକ୍ଷେପ ଗ୍ରହଣ କରାଯାଇଥାଏ।

ଏହି ଦିବସର ପାଳନ ମାନବିକ ଅଧିକାରର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥାଏ। ବିଶ୍ୱର ବୃହତ ପରିବାର ମଧ୍ୟରେ ସମସ୍ତଙ୍କର ସ୍ୱାର୍ଥ ସୁରକ୍ଷା ହିଁ ଏକମାତ୍ର ଲକ୍ଷ୍ୟ ବୋଲି ମାନବାଧିକାର ଦିବସ ସୂଚିତ କରିଥାଏ। ଏହି ଦିବସ ପାଳନ ଅବସରରେ ବିଶ୍ୱସ୍ତରରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ କ୍ଷେତ୍ରରେ ଯେପରି ସଭିଙ୍କୁ ସମାନ ସୁବିଧା ସୁଯୋଗ ଉପଲବ୍ଧ କରାଯିବ ସେ ନେଇ ସଚେତନତା ସୃଷ୍ଟି କରାଯାଇଥାଏ।


## CLASSIFIED DISPLAY

MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ADMISSION OPEN 2021-23
Acharya Nagarjuna University
B.Ed
Admission in Top 15 B.Ed Colleges (Guntur Township) with current NCTE & University affiliation.
MBA,MCA,M.Sc,M.Com,MA & PG Dip.
Odisha's Most Reliable
KALINGA B.ED ACADEMY
H.O. 359, 2nd Floor, Rupali Square, BBSR
Ph : 8895760756, 9937233156
Branch - PURI, Ph- 7008529726

FINANCE
ପର୍ସନାଲ, ବିଜ୍‌ନେସ୍, ପ୍ରପର୍ଟି, ଗୃହ, ଶିକ୍ଷା, କୃଷି, ଗାଈ, କୁକୁଡ଼ା ଓ ଛେଳି ପାଳନ ପାଇଁ ସମସ୍ତ ପ୍ରକାର LOAN 7 ଦିନ ମଧ୍ୟରେ ଯୋଗାଇ ଦିଆଯାଉଛି । ଘରେ ବସି ONLINE ମାଧ୍ୟମରେ, ସୁଧ ୨% ।
Mob.- 7656825030
W.- 8280679121
B.D.F.C. FINANCE
BIJAPADA, BILASPUR, BARAGARH

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

କେମିତି ମଦ ଛାଡିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ୍, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ୍, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡ଼ା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡ଼ା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଡ଼ିଶା ୮୩ ରନରେ ବିଜୟୀ


ଆଶୁତୋଷ ଛୁରିଆ


ସୁଶୀଲ ବାରିକ

**ଭୁବନେଶ୍ୱର, ୯।୧୨ (କ୍ରୀଡ଼ା ପ୍ରତିନିଧି):** ପୁଣେର ଡେକାନ୍ ଜିମ୍ଖାନା ଗ୍ରାଉଣ୍ଡରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ବିସିସିଆଇ କୁଚ୍‌ବିହାର ଟ୍ରଫି (ଏଲିଟ୍-ଏ) ୪ ଦିନିଆ କ୍ରିକେଟ ମ୍ୟାଚରେ ଓଡ଼ିଶା ୮୩ ରନରେ ଆସାମକୁ ପରାସ୍ତ କରିଛି। ଏହି

## ୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫି

ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସରେ ୧୯୮ ରନ କରିଥିଲା। ଆସାମ ପ୍ରଥମ ଇନିଂସ ୧୭୮ ରନରେ ଶେଷ ହୋଇ ଯାଇଥିଲା। ତୃତୀୟ ଦିନ ଶେଷ ବେଳକୁ ଓଡ଼ିଶା ଦ୍ୱିତୀୟ ଇନିଂସରେ ୭ ଉଇକେଟ ହରାଇ ୨୨୫ ରନ କରିଥିଲା। ଗୁରୁବାର ୪ର୍ଥ ଦିବସରେ ଆଉ ୬ ରନ ଯୋଗ କରି ଓଡ଼ିଶା ଅବଶିଷ୍ଟ ୩ଟି ଉଇକେଟ ହରାଇଥିଲା। ଅର୍ଥାତ୍ ଓଡ଼ିଶାର ଦ୍ୱିତୀୟ ଇନିଂସ ୨୩୧ରେ ଶେଷ ହୋଇଥିଲା। ଫଳରେ ଆସାମ ଆଗରେ ୨୫୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ତେବେ ଓଡ଼ିଶା ବୋଲରମାନେ ଚମତ୍କାର ବୋଲିଂ କରି ଆସାମର ଦ୍ୱିତୀୟ ଇନିଂସକୁ ୪୪.୩ ଓଭରରେ ୧୬୮ ରନରେ ଶେଷ କରି ଦେଇଥିଲେ। ଆସାମ ପକ୍ଷରୁ ପରଭେଜ ମୁଶାରଫ ସର୍ବାଧିକ ୫୧, ସୌରଭ ଦେ ୨୯ ଓ ରୋଶନ ଟପ୍ପୋ ୨୮ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଆଶୁତୋଷ ଛୁରିଆ ୩ଟି, ସୁଶିଲ ବାରିକ ୨ଟି ଏବଂ ଆଦିତ୍ୟ ଜୟସିଂ ଓ ଅଧିନାୟକ ଶ୍ରେଷ୍ଠ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଓଡ଼ିଶା ଏହାର ତୃତୀୟ ମ୍ୟାଚ ପୁଣେରେ ଡିସେମ୍ବର ୧୩ରୁ ପଞ୍ଜାବ ବିପକ୍ଷରେ ଖେଳିବ।




# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ବିଜୟ

**ଭୁବନେଶ୍ୱର, ୯।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ବିଜୟ ହଜାରେ ଟ୍ରଫିରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ଆନ୍ଧ୍ର ପ୍ରଦେଶକୁ ୬୩ ରନରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଗୁରୁବାର ଦ୍ୱିତୀୟ ମୁକାବିଲାରେ ଗୁଜରାଟକୁ ପରାସ୍ତ କରିଛି। ଅଭିଷେକ ରାଉତଙ୍କ ଅପରାଜିତ ୬୦ ରନ (୫୦

## ବିଜୟ ହଜାରେ ଟ୍ରଫି

ବଲ, ୫ ଚୌକା, ୧ ଛକା) ବଳରେ ଓଡ଼ିଶା ୩ଟି ବଲ ବାକି ଥାଇ ୩ ଉଇକେଟରେ ବିଜୟୀ ହୋଇ ୪ ପଏଣ୍ଟ ହାସଲ କରିଛି। ମୁମ୍ବାଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସସ୍ଥିତ ଶରତ ପାୱାର କ୍ରିକେଟ ଏକାଡେମୀରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ଓଡ଼ିଶା ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଗୁଜରାଟ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୨୪ ରନ ସଂଗ୍ରହ କରିଥିଲା। ଦଳ ତରଫରୁ


ଅଭିଷେକ ରାଉତ

କଥନ ଦୀନେଶ ପଟେଲ ୧୬୬ଟି ବଲର ସାମ୍ନା କରି ୧୫ ଚୌକା ଓ ୩ ଛକା ସହ ୧୩୦ ରନର ଅପରାଜିତ ଶତକୀୟ ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହେମାଙ୍ଗ ପଟେଲ ୨୫, ଚିନ୍ତନ ଗାଜା ୧୫, ରିପାଲ ପଟେଲ ୧୨, ରାହୁଲ ଶାହା ୧୧ ରନ ସଂଗ୍ରହ କରିଥିଲେ। ଓଡ଼ିଶା ତରଫରୁ ବୋଲିଂରେ ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୁନୀଲ ରାଉଳ ଓ ଜୟନ୍ତ ବେହେରା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଓଡ଼ିଶା ୪୯.୩ ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଅଭିଷେକ ସର୍ବାଧିକ ଅପରାଜିତ ୬୦ ରନ କରିଥିବା ବେଳେ ଗୋବିନ୍ଦ ପୋଦ୍ଦାର ୩୫, ଦେବବ୍ରତ ପ୍ରଧାନ ୩୪, ବିପ୍ଳବ ସାମନ୍ତରାୟ ୩୨, ସନ୍ଦୀପ ପଟ୍ଟନାୟକ ୧୯, ରାଜେଶ ଧୂପର ୧୫, ଓପନର ଅନୁରାଗ ଷଡଙ୍ଗୀ ୧୨ ରନ କରି ଆଉଟ ହୋଇଥିଲେ। ଗୁଜରାଟ ପକ୍ଷରୁ ସିଦ୍ଧାର୍ଥ ଦେଶାଇ ୩, ଚିନ୍ତନ ଗାଜା, ହେମାଙ୍ଗ ପଟେଲ ଓ ପୀୟୂଷ ଚାୱଲା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ୫୦ ଓଭରରେ ୨୨୪/୯ (କଥନ ପଟେଲ- ୧୩୦*, ହେମାଙ୍ଗ ପଟେଲ- ୨୫, ଚିନ୍ତନ ଗାଜା- ୧୫, ରାଜେଶ ମହାନ୍ତି- ୨/ ୩୨, ଦେବବ୍ରତ ପ୍ରଧାନ- ୨/ ୩୮, ସୁନୀଲ ରାଉଳ- ୨/୪୯, ଜୟନ୍ତ ବେହେରା- ୨/ ୩୪)। ଓଡ଼ିଶା ୪୯.୩ ଓଭରରେ ୨୨୫/୭ (ଅଭିଷେକ ରାଉତ- ୬୦*, ଗୋବିନ୍ଦ ପୋଦ୍ଦାର- ୩୫, ଦେବବ୍ରତ- ୩୪, ବିପ୍ଳବ ସାମନ୍ତରାୟ- ୩୨, ରାଜେଶ ଧୂପର- ୧୫, ସିଦ୍ଧାର୍ଥ ଦେଶାଇ- ୩/ ୩୦)।

# ଜାତୀୟ ଜୁନିୟର ରଗ୍‌ବୀ ସେଭେନ୍ସ ଆଜିଠାରୁ



**ଭୁବନେଶ୍ୱର, ୯।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶାରେ ଜାତୀୟ ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ୨୦୨୧ ଶୁକ୍ରବାରଠାରୁ ଅନୁଷ୍ଠିତ ହେବ। ଓଡ଼ିଶା ସରକାର, ସୋସାଇଟି ଜେନେରାଲ, କିଟ୍ ୟୁନିଭର୍ସିଟି ଏବଂ ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନର ମିଳିତ ସହଯୋଗ କ୍ରମେ ଭାରତରେ ରଗ୍‌ବୀ ଖେଳର ପରିଚାଳନା ପରିଷଦ ଦି ଇଣ୍ଡିଆନ ରଗ୍‌ବୀ ଫୁଟ୍‌ବଲ ୟୁନିୟନ (ଆଇଆର୍‌ଏଫ୍‌ୟୁ) ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି। ୬ଷ୍ଠ ଜାତୀୟ ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଭୁବନେଶ୍ୱରସ୍ଥିତ କିଟ୍ ୟୁନିଭର୍ସିଟି ପରିସରରେ ଆସନ୍ତା ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ହେବ। ଏଥିରେ ଆଇଆର୍‌ଏଫ୍‌ୟୁ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୟୁନିଟ୍ ଓ ୨୪ଟି ରାଜ୍ୟ ଦଳ ଭାଗ ନେଉଛନ୍ତି। ଆସନ୍ତାବର୍ଷ ହେବାକୁଥିବା ଏସିଆନ ରଗ୍‌ବୀ ଚାମ୍ପିୟନଶିପ୍ ପାଇଁ ୧୮ ବର୍ଷରୁ କମ୍ ଓ ୨୦ ବର୍ଷରୁ କମ୍ ଭାରତୀୟ ଦଳ ପାଇଁ ଚୟନ କ୍ଷେତ୍ରରେ ଏହି ଟୁର୍ଣ୍ଣାମେଣ୍ଟ ଏକ ପ୍ଲାଟଫର୍ମ ଭଳି। ରଗ୍‌ବୀ ଇଣ୍ଡିଆ ତରଫରୁ ଆହୁରି ମଧ୍ୟ ଡିସେମ୍ବର ୧୭ରୁ ୧୯ ପର୍ଯ୍ୟନ୍ତ କିଟ୍ ୟୁନିଭର୍ସିଟି ପରିସରରେ ଜାତୀୟ ସିନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଆୟୋଜନ କରାଯାଉଛି। ଏହି ଅବସରରେ ରଗ୍‌ବୀ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନାସେର ହୋସେନ କହିଛନ୍ତି, ଭାରତରେ ରଗ୍‌ବୀ ଖେଳ ପ୍ରତି ଆଗ୍ରହ ବୃଦ୍ଧି ପାଇବାରେ ଲାଗିଛି। ଅଂଶଗ୍ରହଣକାରୀ ଦଳ ସଂଖ୍ୟାରୁ ଏହା ସ୍ପଷ୍ଟ ହେଉଛି। ଏଥିପାଇଁ ସେ ସମସ୍ତ ଅଂଶୀଦାର ଓ ପାର୍ଟନରଙ୍କୁ ଧନ୍ୟବାଦ ଦେଉଛନ୍ତି।

# ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ୧୧ରୁ

**ଭୁବନେଶ୍ୱର, ୯।୧୨(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଭାରୋତ୍ତୋଳନ ସଂଘ ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ଆନୁକୂଲ୍ୟରେ ଚଳିତ ମାସ ୧୧ ଓ ୧୨ ତାରିଖରେ କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ ହଲ୍‌ରେ ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ଆୟୋଜନ ହେବ। ବୟସ ଅନୁଯାୟୀ ଉଭୟ ପୁରୁଷ ଓ ମହିଳା ଖେଳାଳି ଯୁବ, ଜୁନିୟର ଓ ସିନିୟର ବର୍ଗରେ ଭାଗ ନେବେ। କଳିଙ୍ଗ ଷ୍ଟାଡିୟମସ୍ଥିତ ଭାରୋତ୍ତୋଳନ ଉତ୍କର୍ଷ କେନ୍ଦ୍ର ସମେତ ବିଭିନ୍ନ ଜିଲାରୁ ୧୬୦ ପ୍ରତିଯୋଗୀ ଓ ୪୦ ବୈଷୟିକ ଅଧିକାରୀ ଏଥିରେ ସାମିଲ ହେବେ। ସମସ୍ତ ପ୍ରତିଯୋଗୀ, ସହାୟକ ଅଧିକାରୀ ଓ ଆୟୋଜନରେ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷଙ୍କ ଆରଟି-ପିସିଆର୍ କୋଭିଡ୍ ପରୀକ୍ଷଣ ବାଧ୍ୟତାମୂଳକ କରାଯାଇଛି। ପ୍ରତିଯୋଗିତାର ଉତ୍ତମ ସମ୍ପାଦନ ପାଇଁ ସମସ୍ତଙ୍କ ରହିବା, ଖାଇବା ଓ ପରିବହନ ଆଦିର ସୁବନ୍ଦୋବସ୍ତ କରାଯାଇଛି। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ୨୦୨୨ ଜାନୁୟାରୀରେ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ଭାରତୀୟ ଭାରୋତ୍ତୋଳନ ଫେଡେରେଶନ, ଓଡ଼ିଶା ଭାରୋତ୍ତୋଳନ ସଂଘ, କିଟ୍ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ଯୋଗ୍ୟତା ଅର୍ଜନ କରିବେ।

# ମୁମ୍ବାଇ ସିଟି ଏଫ୍‌ସି ବିଜୟୀ

**ଫତୋର୍ଦା, ୯।୧୨:** ସ୍ଥାନୀୟ ପିଏନ୍‌ଜି ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ) ମ୍ୟାଚରେ ମୁମ୍ବାଇ ସିଟି ଏଫ୍‌ସି ୪-୨ ଗୋଲରେ ଜାମସେଦପୁର ଏଫ୍‌ସିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ କାସିନୋ ୩, ବିପିନ ସିଂ ୧୭, ଇଗର ଆଙ୍ଗୁଲୋ ୨୪ ଓ ୟୁଗୋର କାଟାଟାଉ ୭୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଜାମସେଦପୁର ଏଫ୍‌ସି ପକ୍ଷରୁ କୋମଲ ଥତାଲ ୪୮ ଓ ଇଲି ସାବିୟା ୫୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ମୁମ୍ବାଇ ସିଟି ଏଫ୍‌ସି ୫ ମ୍ୟାଚରୁ ୪ ବିଜୟ ସହ ୧୨ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ଏବଂ ଜାମସେଦପୁର ୫ ମ୍ୟାଚରୁ ଦ୍ୱିତୀୟ ପରାଜୟ ସହ ଦ୍ୱିତୀୟ ସ୍ଥାନରେ ରହିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

(ପୃଷ୍ଠା-୮+୮) 48 **ଧରିତ୍ରୀ** DHARITRI ୪୮

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୦/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Friday, December 10/2021 | ପୃଷ୍ଠା-୧



### ଟ୍ରାଭିସ୍ ହେଡ୍‌ଙ୍କ ଦ୍ରୁତ ଅପରାଜିତ ଶତକ

ଇଂଲଣ୍ଡ ବିପକ୍ଷ ପ୍ରଥମ ଆଶେସ ଟେଷ୍ଟରେ ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍ ଅପରାଜିତ ଦ୍ରୁତ ଶତକ ହାସଲ କରିଛନ୍ତି ।

୦୮

୦୩

### ଅଯୋଧ୍ୟା ରାୟ ପରେ ଡିନର ଦେଇଥିଲେ ଜଷ୍ଟିସ୍ ଗୋଗୋଇ

ଅଯୋଧ୍ୟା ରାୟ ପ୍ରଦାନ ପରେ ତତ୍କାଳୀନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଖଣ୍ଡପୀଠର ସହକର୍ମୀ ବିଚାରପତିମାନଙ୍କୁ ଡିନର ଦେଇଥିଲେ।






# ରାଜଧାନୀ ଶିକ୍ଷାନୁଷ୍ଠାନରେ କରୋନା



## କେନ୍ଦ୍ରୀୟ ବିଦ୍ୟାଳୟ- ୧ର ୧୦ ଶିକ୍ଷକ, କ୍ୟାପିଟାଲ ହାଇସ୍କୁଲର ୨ ଛାତ୍ର ପଜିଟିଭ୍

ଭୁବନେଶ୍ୱର, ୯।୧୨(ବ୍ୟୁରୋ)

ରାଜ୍ୟରେ କୋଭିଡ୍ ଗାଇଡ୍ ଲାଇନ ମଧ୍ୟରେ ଶ୍ରେଣୀଗୃହ ଶିକ୍ଷାଦାନ ଚାଲିଥିବାବେଳେ ଦେଖାଦେଇଛି ଭୂତାଣୁ ଆତଙ୍କ। ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର, ଯାଜପୁର, ସୁନ୍ଦରଗଡ଼ର କେତେକ ଶିକ୍ଷାନୁଷ୍ଠାନ ପରେ ଭୁବନେଶ୍ୱରର କ୍ୟାପିଟାଲ ହାଇସ୍କୁଲ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ-୧ରେ ପଶିଛି କରୋନା। ବିଏମ୍‌ସିର କରୋନା ଟେଷ୍ଟିଂ କ୍ୟାମ୍ପରେ କ୍ୟାପିଟାଲ ହାଇସ୍କୁଲର ୨ଜଣ ନବମ ଶ୍ରେଣୀ ଛାତ୍ର ଏବଂ କେନ୍ଦ୍ରୀୟ ବିଦ୍ୟାଳୟ-୧ର ୧୦ ଜଣ ଶିକ୍ଷକ ପଜିଟିଭ୍ ଚିହ୍ନଟ ହେବା ଚିନ୍ତା ବଢ଼ାଇଛି। ସମ୍ପୃକ୍ତ ୨ ଛାତ୍ରଙ୍କୁ ସଙ୍ଗରୋଧରେ ରଖାଯାଇଥିବା ଅନ୍ୟ ଛାତ୍ରୀଛାତ୍ରଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ସ୍କୁଲ ଏବଂ ଶ୍ରେଣୀଗୃହଗୁଡ଼ିକୁ ବିଶୋଧନ କରାଯାଇଛି। କଟକଣା ଭିତରେ ପାଠପଢ଼ା ଚାଲିଥିବା ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

ସେହିପରି କେନ୍ଦ୍ରୀୟ ବିଦ୍ୟାଳୟ-୧ରେ କେତେଜଣ ଶିକ୍ଷକଙ୍କ ନିକଟରେ କରୋନା ଲକ୍ଷଣ ଦେଖାଯିବା ପରେ ଆର୍‌ଟି-ପିସିଆର୍ ଟେଷ୍ଟ କରାଯାଇଥିଲା। ୧୦ ଜଣ ଶିକ୍ଷକଙ୍କ କୋଭିଡ୍ ଆକ୍ରାନ୍ତ ହୋଇଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଛି। ବିଦ୍ୟାଳୟରେ କଟକଣା ମଧ୍ୟରେ ଦଶମ ଶ୍ରେଣୀ ପରୀକ୍ଷା ଚାଲିଥିବାବେଳେ ଅନ୍ୟ ସମସ୍ତ କ୍ଲାସ୍ ଅନ୍‌ଲାଇନରେ ଚାଲିଛି। ଶିକ୍ଷାନୁଷ୍ଠାନର ପ୍ରିନ୍ସିପାଲ ଭୂପେନ୍ଦ୍ର ସିଂ କହିଛନ୍ତି, ବିଦ୍ୟାଳୟରୁ ପର୍ଯ୍ୟାୟକ୍ରମେ ୧୦ଜଣ ଶିକ୍ଷକ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଯାହାର ଲକ୍ଷଣ ଦେଖାଯାଉଛି ସେମାନଙ୍କୁ ଟେଷ୍ଟିଂ କରିବାକୁ କୁହାଯାଉଛି। ଆକ୍ରାନ୍ତ ଶିକ୍ଷକମାନେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଦୈନିକ ସାନିଟାଇଜ୍ କରାଯାଉଛି। ପିଲାଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ଅଫ୍‌ଲାଇନ୍ କ୍ଲାସ୍ ବାତିଲ କରାଯାଇଛି। ଅଫ୍‌ଲାଇନ୍‌ରେ ହେଉଥିବା ପରୀକ୍ଷା ବନ୍ଦ କରିହେବ ନାହିଁ। ପିଲାମାନେ ଅଭିଭାବକଙ୍କଠାରୁ ଏନ୍‌ଓସି ଆଣୁଛନ୍ତି। କାହାରିକୁ ସ୍କୁଲ ଆସିବାକୁ ବାଧ କରାଯାଉନାହିଁ ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟପଟେ କରୋନା ମୁକାବିଲା ପାଇଁ ବିଏମ୍‌ସି ପକ୍ଷରୁ '୩-ଟି' (ଟେଷ୍ଟିଂ, ଟ୍ରେସିଂ ଓ ଟ୍ରିଟ୍‌ମେଣ୍ଟ) ବ୍ୟବସ୍ଥା ଆରମ୍ଭ କରାଯାଇଛି। ପ୍ରତ୍ୟେକ ସ୍କୁଲରେ ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ କର୍ମଚାରୀଙ୍କ ଟେଷ୍ଟିଂ କରାଯାଉଛି। ୩ଟି ୱାର୍ଡର ଶିକ୍ଷାନୁଷ୍ଠାନ ଲାଗି ଗୋଟିଏ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସେମାନେ ଶିକ୍ଷାନୁଷ୍ଠାନ ପରିଦର୍ଶନ କରି ନମୁନା ସଂଗ୍ରହ କରୁଛନ୍ତି। ପ୍ରଥମେ ରାପିଡ୍ ଆଣ୍ଟିଜେନ୍ ପରୀକ୍ଷା ଏବଂ ଆବଶ୍ୟକ ପଡ଼ିଲେ ଆର୍‌ଟି-ପିସିଆର୍ ଟେଷ୍ଟ କରାଯାଉଛି। ଇତିମଧ୍ୟରେ ଉତ୍ତର ଜୋନ୍‌ର ବିଭିନ୍ନ ଶିକ୍ଷାନୁଷ୍ଠାନର ୧୫୦୦ ଜଣଙ୍କ ନମୁନା ପରୀକ୍ଷଣ କରାଯାଇଛି। ଅନୁପସ୍ଥିତ ରହୁଥିବା ପିଲାଙ୍କ ପରବର୍ତ୍ତୀ ପର୍ଯ୍ୟାୟରେ ସ୍ୱାବ୍ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜେଡ୍‌ଡିସି ପୁରନ୍ଦର ନନ୍ଦ, ମହେନ୍ଦ୍ର ବଢ଼େଇ, ରବିନାରାୟଣ ସେଠୀ ଟେଷ୍ଟିଂ କ୍ୟାମ୍ପ ପରିଦର୍ଶନ ଦାୟିତ୍ୱରେ ରହିଛନ୍ତି। ଆଗକୁ ଯେପରି ପରିସ୍ଥିତି ନ ବିଗିଡ଼େ ସେଥିଲାଗି ଏଭଳି ପଦକ୍ଷେପ ନିଆଯାଇଥିବା ବିଏମ୍‌ସି କମିଶନର ସଞ୍ଜୟ ସିଂ କହିଛନ୍ତି।

# ୨୦୨୩ରେ ଇସ୍ରୋର ଗଗନୟାନ ମିଶନ

### ରୁଷିଆରୁ ଆସିବ ସ୍ପେସ୍‌ସୁଟ୍, କ୍ରିଭ ସିଟ୍

ନୂଆଦିଲ୍ଲୀ, ୯।୧୨

ଭାରତର ପ୍ରଥମ ମାନବଯୁକ୍ତ ମହାକାଶ ମିଶନ ଗଗନୟାନ ୨୦୨୩ରେ ଲଞ୍ଚ୍ କରିବ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଉକ୍ତ ବର୍ଷ ଶେଷ ସୁଦ୍ଧା ଏହି ମିଶନ ଶେଷ କରି ସ୍ପେସ୍ ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ିବ ବୋଲି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ ଗୁରୁବାର ରାଜ୍ୟ ସଭାରେ ସୂଚନା ଦେଇଛନ୍ତି। ଏହି ମିଶନ ସଫଳ ହେଲେ ମହାକାଶଯାନରେ ସ୍ପେସ୍‌କୁ ମାନବ ପଠାଇବାରେ ଆମେରିକା, ରୁଷିଆ ଏବଂ ଚାଇନା ପରେ ଭାରତ ଚତୁର୍ଥ ଦେଶ ହେବ। ୨୦୨୨ର ଦ୍ୱିତୀୟାର୍ଦ୍ଧରେ ମାନବରହିତ ଗଗନୟାନ ☞ପୃଷ୍ଠା-୬

# ଅଭିନେତା ମିହିର ଦାସ ଅସୁସ୍ଥ



ଭୁବନେଶ୍ୱର, ୯।୧୨ (ବ୍ୟୁରୋ)

ବରିଷ୍ଠ ଅଭିନେତା ମିହିର ଦାସଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଛନ୍ତି। ଗତ ୭ତାରିଖରେ ତାଙ୍କୁ ଡାଏଲିସିସ୍ ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏବେ ଭେଣ୍ଟିଲେଟରରେ ରହି ଚିକିତ୍ସିତ ହେଉଛନ୍ତି। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବା ଆର୍ଟିଷ୍ଟ ଆସୋସିଏସନ୍‌ର ସେକ୍ରେଟାରୀ ଶ୍ରୀତମ ଦାସ ସୂଚନା ଦେଇଛନ୍ତି। ତେବେ କିଡ୍‌ନୀ ସମସ୍ୟା ଥିବାରୁ ଗତ ୨ବର୍ଷ ହେବ ତାଙ୍କର ଡାଏଲିସିସ୍ ଚାଲିଛି।

# ହଟ୍ଟଗୋଳରେ ଖର୍ଚ୍ଚ ଦାବି ପାରିତ

## ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଆଗରେ ଘଣ୍ଟ ପିଟିଲେ ବିରୋଧୀ

ଭୁବନେଶ୍ୱର, ୯।୧୨(ବ୍ୟୁରୋ)

ଥମୁନି ମମିତା ମେହେର ହତ୍ୟାକାଣ୍ଡ ତାତି କି ସ୍ୱାଭାବିକ ହୋଇପାରୁନି ବିଧାନସଭା। ଦୀର୍ଘ ୭ଦିନ ଧରି ଗୃହରେ ଅଚଳାବସ୍ଥା ଲାଗି ରହିଥିବାବେଳେ ଗୁରୁବାର ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଗିଲୋଟିନ ମାଧ୍ୟମରେ ପାରିତ ହୋଇଛି ୩୯ ବିଭାଗର ଖର୍ଚ୍ଚ ଦାବି। ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ବିଭାଗର ଖର୍ଚ୍ଚ ଦାବି ଉପସ୍ଥାପନ କରିଥିଲେ। ଏହି ସମୟରେ ଭାଜପା ସଦସ୍ୟମାନେ ଘଣ୍ଟ ବାଡ଼େଇବା ସହିତ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ସେହିପରି କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତିଙ୍କ ସମେତ ଅନ୍ୟମାନେ ଗୃହ ମଧ୍ୟଭାଗକୁ ଆସି ମନ୍ତ୍ରୀଙ୍କ ଆଗରେ ଘଣ୍ଟପିଟି ତୀବ୍ର ପ୍ରତିବାଦ କରିଥିଲେ।

ଖର୍ଚ୍ଚ ଦାବି ଉପସ୍ଥାପନ କରି ମନ୍ତ୍ରୀ କହିଛନ୍ତି, ୨୦୨୧-୨୨ ବର୍ଷ ପାଇଁ ବିଭାଗର ମୋଟ ବ୍ୟୟ ଅଟକଳ ୨୦ ହଜାର ୨ଶହ ୯୩ କୋଟି ୯୪ ଲକ୍ଷ ଟଙ୍କା ରହିଛି। ୩ ହଜାର ୬ଶହ ୨୩ କୋଟି ୬୩ ଲକ୍ଷ ଟଙ୍କାର ଅତିରିକ୍ତ ବଜେଟ ପ୍ରସ୍ତାବ ରଖାଯାଇଛି। ସେଥିରୁ ୩ ହଜାର ୫ଶହ ୭୬ କୋଟି ଟଙ୍କା ଯୋଜନା ସମ୍ବନ୍ଧୀୟ ଏବଂ ୪୭ କୋଟି ୬୩ ଲକ୍ଷ ପ୍ରଶାସନିକ ବ୍ୟୟ ବରାଦ ଅନ୍ତର୍ଭୁକ୍ତ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଏବଂ ବିଜୁ ପକ୍କାଘର ଯୋଜନା ପାଇଁ ୩ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ଅଦ୍ୟାବଧି ୧୨ଶହ ୬୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ମୋଟ୍ ୯୮ହଜାର ୬୧୭ଟି ବାସଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ ୨ ଲକ୍ଷ ୧୩ ହଜାର ଅସମ୍ପୂର୍ଣ୍ଣ ବାସଗୃହ ସମ୍ପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ।ଚଳିତ ଆର୍ଥିକ ବର୍ଷର ଅତିରିକ୍ତ ବଜେଟରେ ଏଥିପାଇଁ ୨ହଜାର ୫ଶହ ୬୪ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖାଯାଇଛି।

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୨୧-୨୨ ଆର୍ଥିକ ବର୍ଷରେ ସମୁଦାୟ ୨ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇ ଅଦ୍ୟାବଧି ୧୨ ଶହ ୮ କୋଟି ଟଙ୍କା ଖର୍ଚ୍ଚ କରାଯାଇଅଛି। ସେଥିରୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କ୍ରମେ ୩୨ ଲକ୍ଷ ୬ ହଜାର ହିତାଧିକାରୀଙ୍କ ଲାଗି ୩ ଶହ ୬୦ କୋଟି ଟଙ୍କା ସ୍ୱତନ୍ତ୍ର କୋଭିଡ୍-୧୯ ସହାୟତା ଖର୍ଚ୍ଚ କରାଯାଇଛି। ଦାଦନପ୍ରବଣ ଅଞ୍ଚଳରେ ୭୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ମାନବଦିବସ ପ୍ରତି ଅତିରିକ୍ତ ୯୩ ଟଙ୍କା ପ୍ରଦାନ କରାଯାଇଛି। ଅତିରିକ୍ତ ୨୦୦ ଦିନର କାର୍ଯ୍ୟ ଦିବସ ସୃଷ୍ଟି କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ୧୫ କୋଟି ୫୭ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇ ୩୧ ଲକ୍ଷ ୩୧ ହଜାର ପରିବାରଙ୍କୁ ରୋଜଗାର ଯୋଗାଇ ଦିଆଯାଇଛି। ୨ ଲକ୍ଷ ୬୪ ହଜାର ୨୯୯ ପରିବାରଙ୍କୁ ୧୦୦ ଦିନର କାମ ମିଳିଛି। ଜାତୀୟ ଗ୍ରାମୀଣ ଜୀବିକା ମିଶନରେ ୨୦୨୧-୨୨ ଆର୍ଥିକ ବର୍ଷରେ ୧୨ଶହ କୋଟି ଟଙ୍କାର ବ୍ୟୟବରାଦ କରାଯାଇ ଅଦ୍ୟାବଧି ୪ଶହ ୩୬ କୋଟି ୨୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ଯୋଜନା ଅଧୀନରେ ୧୯ ହଜାର ୭ଶହ ୯୯ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ପ୍ରୋତ୍ସାହିତ କରାଯାଇଛି । ୨୮ ହଜାର ୩ଶହ ୯୮ ଏସ୍‌ଏଚ୍‌ଜିକୁ ଗୋଷ୍ଠୀ ବିନିଯୋଗ ପାଣ୍ଠି ମାଧ୍ୟମରେ ସହାୟତା ପ୍ରଦାନ କରାଯାଇଛି । ୧ ଲକ୍ଷ ୬୪ ହଜାର ୧୦୫ ଏସ୍‌ଏଚ୍‌ଜିକୁ ବ୍ୟାଙ୍କିଙ୍ଗ୍ ସୁବିଧା ଯୋଗାଇ ଦିଆଯାଇଛି । ୨୦୩ କୁକୁଡ଼ା କ୍ଲଷ୍ଟର ଏବଂ ୨୮୯ ଛେଳି କ୍ଲଷ୍ଟର ସ୍ଥାପନ କରାଯାଇଅଛି । ୪ଲକ୍ଷ ୬୯ ହଜାର ପରିବାରଙ୍କୁ ପୋଷଣ ବଗିଚା ଲାଗି ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି।

ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗରେ ଚଳିତ ଆର୍ଥିକ ବର୍ଷ ନିମନ୍ତେ ପ୍ରଥମ କିସ୍ତିରେ ଉଭୟ ଆବଦ୍ଧ ଓ ଅନାବଦ୍ଧ ପାଣ୍ଠି ଭାବରେ ୮ଶହ ୩୪ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ପ୍ରଦାନ କରାଯାଇଛି । ପଞ୍ଚମ ରାଜ୍ୟ ଅର୍ଥ ଆୟୋଗର ହସ୍ତାନ୍ତରଣ ପାଣ୍ଠି (ଡିଭୋଲୁଶନ୍) ବାବଦରେ ୯ ଶହ ୧୫ କୋଟି ୯ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ☞ପୃଷ୍ଠା-୬

# ଏକ୍ସପାଏରି ଔଷଧ ଖାଇ ଶିଶୁ ଗୁରୁତର

ମହାକାଳପଡ଼ା, ୯।୧୨ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ଦିନକୁ ଦିନ କ୍ୱାକ୍‌ଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। ବୁଧବାର ବ୍ଲକର କଂସାର ବଡଦାଣ୍ଡୁଆ ପଞ୍ଚାୟତର ପଙ୍କପାଳ ଗାଁର ବୁଦ୍ଧଦେବ ମାନ୍ନାଙ୍କ ଭଣଜା ରିସନ ଦାସ ୮ ମାସର ଶିଶୁ ଥଣ୍ଡା ଜ୍ୱର ଓ କଫ ଯୋଗୁ ଗୁରୁତର ହୋଇପଡିଥିଲେ। ତାଙ୍କ ଚିକିତ୍ସା ପାଇଁ ମିଲନମୋଡ଼ ବଜାରରେ ଥିବା ଏକ କ୍ଲିନିକକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଥିବା କ୍ୱାକ୍ ଶିଶୁପୁତ୍ରଙ୍କୁ ୧୧/୨୦୨୧ରେ ଏକ୍ସପାଏରି ହୋଇଥିବା ଶିରପ ଖାଇବାକୁ ଦେଇଥିଲେ। ଏହି ଔଷଧ ଖାଇ ଶିଶୁଟି ଗୁରୁତର ହୋଇପଡିଥିଲା। ପରିବାର ଲୋକେ ଶିଶୁଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲେ। ଅବଧି ପୂରଣ ହୋଇଥିବା ଶିରପକୁ ନେଇ ବୁଦ୍ଧଦେବ କ୍ୱାକ୍‌ଙ୍କୁ ପଚାରି ଥିଲେ। ତେବେ କ୍ୱାକ୍ ଜଣକ ଭୁଲରେ ଔଷଧ ଦେଇଥିବା ସ୍ୱୀକାର କରିଥିଲେ। ଏଠାରେ ପ୍ରଶ୍ନ ଉଠେ ଏହି ଉପକୂଳ ଅଞ୍ଚଳରେ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ନେଇ ସ୍ୱାସ୍ଥ୍ୟ ବିଭାଗ ଆଖି ବୁଜି ଦେଇଛି ବୋଲି ବୁଦ୍ଧିଜୀବୀମାନେ କହୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ନକଲି କ୍ଲିନିକ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ବ୍ଲକର ବଟୀଘର, ରାମନଗର, ଜମ୍ବୁ, ବଉଳକଣି, ସୁନିତୀ, ତନ୍ତିଆପାଳ ବଜାର, ଜଗରୀଯୋର ହାଟ, ବାବର ହାଟ, ବେଣାକନ୍ଧା, ପିତାପାଟ ଆଦି ଅଞ୍ଚଳରେ ବହୁଳ ଭାବେ ନକଲି ଡାକ୍ତରମାନେ କ୍ଲିନିକ୍ ଖୋଲି ରକ୍ତ, ମଳ, ମୂତ୍ର, କଫ, ଗର୍ଭ ଆଦି ପରୀକ୍ଷା କରୁଛନ୍ତି। ବର୍ଷେ ମଧ୍ୟରେ ଜମ୍ବୁ ବଜାର ଓ ସୁନିତୀ ପଞ୍ଚାୟତର ମିଲନମୋଡ଼ ବଜାରରେ କ୍ୱାକ କ୍ଲିନିକ୍ ଖୋଲି ରୋଗୀଙ୍କୁ ଚିକିତ୍ସା କରିବାରେ ୨ଜଣଙ୍କ ☞ପୃଷ୍ଠା-୬




ଏକ୍ସପାଏରି ଔଷଧ

# ପୁଣି ବାପା ହେଲେ ବୋରିସ୍

ଲଣ୍ଡନ, ୯।୧୨

ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ(୫୭) ପୁଣି ବାପା ହୋଇଛନ୍ତି। ସ୍ତ୍ରୀ କ୍ୟାରି ଜନ୍‌ସନ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିବା ଗୁରୁବାର ଉଭୟେ ଘୋଷଣା କରିଛନ୍ତି। ଏହା ସେମାନଙ୍କ ଦ୍ୱିତୀୟ ସନ୍ତାନ। ଗତ ବର୍ଷ ଏପ୍ରିଲରେ କ୍ୟାରି ପୁଅ ୱିଲଫ୍ରେଡ୍ ଜନ୍‌ସନ୍‌ଙ୍କୁ ଜନ୍ମ ଦେଇଥିଲେ। ଚଳିତ ବର୍ଷ ଗର୍ଭବତୀ ଥିବାବେଳେ ତାଙ୍କର ଗର୍ଭନଷ୍ଟ ହୋଇଯାଇଥିବା କ୍ୟାରି ଘୋଷଣା କରିଥିଲେ। ତେବେ ସେ ପୁଣି ଗର୍ଭବତୀ ହୋଇଥିବା ନେଇ ଗତ ଜୁଲାଇରେ ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ କରିଥିଲେ ଏବଂ ଖ୍ରୀଷ୍ଟମାସ ସୁଦ୍ଧା ନୂଆ ସନ୍ତାନ ଆସିବାକୁ ଆଶା ଥିବା କ୍ୟାରି ଉଲ୍ଲେଖ କରିଥିଲେ। ୨୦୧୮ରୁ କ୍ୟାରିଙ୍କ ସହ ବୋରିସ୍‌ଙ୍କ ସମ୍ପର୍କ ଥିଲା। ଉଭୟେ ଗତ ମେ'ରେ ବିବାହ କରିଥିଲେ। କ୍ୟାରି ହେଉଛନ୍ତି ତାଙ୍କ ତୃତୀୟ ସ୍ତ୍ରୀ। ଭାରତୀୟ ବଂଶୋଦ୍ଭବ ମାରିନା ହ୍ୱିଲରଙ୍କୁ ଛାଡ଼ପତ୍ର ଦେବା ପରେ ବୋରିସ୍ କ୍ୟାରିଙ୍କ ହାତ ଧରିଥିଲେ। ଆଲ୍ଲେଗ୍ରା ମୋଷ୍ଟେନ୍-ଓଇନ୍ ହେଉଛନ୍ତି ତାଙ୍କ ପ୍ରଥମ ସ୍ତ୍ରୀ। ବୋରିସ୍ ଜଣେ ଆର୍ଟ କନ୍‌ସଲଟାଣ୍ଟ ହେଲେନଙ୍କ ସହ ପ୍ରେମ ସମ୍ପର୍କ ରଖିଥିବାବେଳେ ୨୦୦୯ରେ ଏକ ସନ୍ତାନର ବାପା ହୋଇଥିଲେ। ବୋରିସ୍ ଏବଂ ପ୍ରଥମ ସ୍ତ୍ରୀ ମାରିନାଙ୍କ ୪ ସନ୍ତାନ ରହିଛନ୍ତି।



ବୋରିସ୍ ଜନ୍‌ସନ ଓ କ୍ୟାରି ଜନ୍‌ସନ।

# ରାଜ୍ୟରେ ୧୦୩୩ ପ୍ରଫେସର ପଦବୀ ଖାଲି

- ୧୧ ବିଶ୍ୱବିଦ୍ୟାଳୟର ସ୍ଥିତିକୁ ନେଇ ଚିନ୍ତା
- ରାଜେନ୍ଦ୍ର ଓ କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ଅଣଦେଖା
- ରେଭେନ୍‌ଶାରେ ସର୍ବାଧିକ ୧୯୩ ପ୍ରଫେସର ପଦବୀ ଖାଲି

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୯।୧୨

ରାଜ୍ୟର ବିଭିନ୍ନ ସରକାରୀ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକଙ୍କଠାରୁ ଆରମ୍ଭ କରି ପ୍ରଫେସର ପର୍ଯ୍ୟନ୍ତ ସ୍ଥାୟୀ ପଦବୀ ସୃଷ୍ଟି କରିବାକୁ ସରକାରଙ୍କ ରାଜକୋଷରୁ ବିପୁଳ ପରିମାଣର ଅର୍ଥ ବ୍ୟୟ ହେଉଛି। କିନ୍ତୁ ବିଡମ୍ବନା, ରାଜ୍ୟର ୧୧ଟି ସରକାରୀ ବିଶ୍ୱବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ୧୬୬୩ ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ ପ୍ରଫେସର ଓ ପ୍ରଫେସର ପଦବୀ ମଧ୍ୟରୁ ୧୦୩୩ (୬୦ ପ୍ରତିଶତ) ଖାଲି ପଡିଛି। ଚଳିତ ବିଧାନସଭାରେ ବିଧାୟକ ମୋହନଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ମିଳିଥିବା ତଥ୍ୟ ଅନୁସାରେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଓ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟରେ ଏଯାଏ ମଞ୍ଜୁରୀପ୍ରାପ୍ତ କୌଣସି ପ୍ରଫେସର ପଦବୀ ପୂରଣ ହୋଇପାରିନାହିଁ। ଏହାବାଦ୍ ସର୍ବପୁରାତନ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସର୍ବାଧିକ ୧୯୩ ପ୍ରଫେସରପଦବୀ ଖାଲିପଡିଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ଏଭଳି ଗୁରୁତର ସଙ୍କଟ ଶିକ୍ଷାବିତ୍‌ମାନଙ୍କୁ ଚିନ୍ତାରେ ପକାଇଛି ।

ସୂଚନ ଅନୁଯାୟୀ, ଉତ୍କଳ ବିଶ୍ୱବିଦ୍ୟାଳୟ ରାଜ୍ୟରେ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ । ହେଲେ ସେହି ବିଶ୍ୱବିଦ୍ୟାଳୟରେ ୨୫୭ ମଞ୍ଜୁରୀପ୍ରାପ୍ତ ପ୍ରଫେସର ପଦବୀ ମଧ୍ୟରୁ ୧୨୬ ପ୍ରଫେସର ପଦବୀ ଖାଲିପଡିଛି। ସେଥିମଧ୍ୟରୁ ଆସିଷ୍ଟାଣ୍ଟ ପ୍ରଫେସର ୪୭, ଆସୋସିଏଟ ପ୍ରଫେସର ୪୪ ଓ ପ୍ରଫେସର ୩୫ ପଦବୀ ରହିଛି। ସେହିପରି ଅନ୍ୟତମ ସର୍ବପୁରାତନ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ୨୬୭ ପଦବୀରୁ ୧୯୩ ଜଣ ପ୍ରଫେସର ନାହାନ୍ତି। ସେଥିରେ ଆସିଷ୍ଟାଣ୍ଟ ପ୍ରଫେସର ୧୧୩, ଆସୋସିଏଟ ପ୍ରଫେସର ୫୬ ଓ ୨୪ ପ୍ରଫେସର ପଦବୀ ରହିଛି। ପୂର୍ବରୁ ପଶ୍ଚିମ ଓଡ଼ିଶାର ଛାତ୍ରୀଛାତ୍ର ନିର୍ଭର କରୁଥିବା ଏକମାତ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସମୁଦାୟ ୧୫୩ରୁ ୬୬ ପଦବୀ ଖାଲି ପଡିଛି। ଏଥିରେ ୩୧ ଜଣ ଆସିଷ୍ଟାଣ୍ଟ ପ୍ରଫେସର, ୨୦ ଆସୋସିଏଟ ପ୍ରଫେସର ଏବଂ ୧୫ ପ୍ରଫେସର ପଦବୀ ରହିଛି। ଦକ୍ଷିଣ ଓଡ଼ିଶାର ଛାତ୍ରୀଛାତ୍ର ନିର୍ଭର କରୁଥିବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ୧୯୬ ପଦବୀ ମଧ୍ୟରୁ ଆସିଷ୍ଟାଣ୍ଟ ପ୍ରଫେସର ୩୮, ଆସୋସିଏଟ ପ୍ରଫେସର ୪୧ ଓ ପ୍ରଫେସର ପଦବୀ ୧୭ (ମୋଟ ୯୬) ଖାଲି ପଡିଛି। ସେହିପରି ଗତ ୫ ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟ ଭାବେ ମାନ୍ୟତା ପାଇଥିବା ଅନ୍ୟ ୭ଟି ଶିକ୍ଷାନୁଷ୍ଠାନରେ ୮୦ ପ୍ରତିଶତରୁ ଅଧିକ ପ୍ରଫେସର ପଦବୀ ଖାଲି ପଡିଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ମୋଟ ୩୮ ମଞ୍ଜୁରପ୍ରାପ୍ତ ପଦବୀରୁ ୧୩ ଆସିଷ୍ଟାଣ୍ଟ ପ୍ରଫେସର, ୮ ଆସୋସିଏଟ ପ୍ରଫେସର ଓ ୬ ପ୍ରଫେସର (ମୋଟ ୨୭) ନାହାନ୍ତି। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ମୋଟ ୧୧୫ ପଦବୀରୁ ଆସିଷ୍ଟାଣ୍ଟ ପ୍ରଫେସର ୩୩, ଆସୋସିଏଟ ପ୍ରଫେସର ୨୭ ଓ ପ୍ରଫେସର ୧୫ (ମୋଟ ୭୫) ପଦବୀ ପୂରଣ ହୋଇ ପାରିନାହିଁ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ☞ପୃଷ୍ଠା-୬



# କାନ୍ତକବି ଓଡ଼ିଆ ଜାତିର ଚିର ବନ୍ଦନୀୟ

## କାମଦେବ ମହାପାତ୍ରଙ୍କୁ 'କାନ୍ତକବି ସ୍ମୃତି ସମ୍ମାନ'

ଭୁବନେଶ୍ୱର, ୯।୧୨ (ବ୍ୟୁରୋ)

ଓଡିଶା ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୪ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ସ୍ଥାନୀୟ ମୁଖ୍ୟ ମହାଡ଼ାକପାଳ କାର୍ଯ୍ୟାଳୟସ୍ଥିତ କାନ୍ତକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ଯୋଗଦେଇ କହିଲେ, କାନ୍ତକବି ହେଉଛନ୍ତି ଓଡ଼ିଆ ଜାତିର ଚିର ବନ୍ଦନୀୟ, ସମ୍ପାଦକ, ସାହିତ୍ୟିକ ତଥା ସ୍ୱାଧୀନତା ସଂଗ୍ରାମୀ। ତାଙ୍କ ରଚିତ ଗଳ୍ପ, ଉପନ୍ୟାସ, ନାଟକ ଯଥା ଜାତୀୟ ପତାକା, ବୁଢା ଶଙ୍ଖାରୀ, ପ୍ରଣୟ ଦୁନ୍ଦୁଭି ନାଟ୍ୟ ଜଗତର ଅମର କିର୍ତ୍ତୀ। ତାଙ୍କ ନିଷ୍ଠା, ଆଦର୍ଶ ଓ ସାରସ୍ୱତ କୃତି ତାଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା ବୋଲି ସେମ ମତ ଦେଇଥିଲେ। ଏହି ଅବସରରେ ସାରସ୍ୱତ ପ୍ରତିଭା କାମଦେବ ମହାପାତ୍ରଙ୍କୁ 'କାନ୍ତକବି ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଭିଯାନ ସଂଯୋଜକ ନାରାୟଣ ଚନ୍ଦ୍ର ଓଝା, ରୋହିତ କୁମାର, ରମେଶ ଚନ୍ଦ୍ର ପାତାଳସିଂ, ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ କାନ୍ତକବିଙ୍କ ସ୍ମୃତି ଚାରଣ କରିଥିଲେ।

ସେହିପରି ଉତ୍କଳ ସମ୍ମିଳନୀ ପକ୍ଷରୁ ମଧ୍ୟ କାନ୍ତକବିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କାନ୍ତକବିଙ୍କ ଦାୟଦ ତଥା ବରିଷ୍ଠ ସାମ୍ବାଦିକ ପ୍ରଭୁକଲ୍ୟାଣ ମହାପାତ୍ର ଯୋଗ ଦେଇ ବରପୁତ୍ରଙ୍କ ନାମରେ ଡାକ ଟିକେଟ ପ୍ରଚଳନ ପାଇଁ ଦାବି କରିଥିଲେ। ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା ଯୋଗଦେଇ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତକୁ ଗତ ବର୍ଷ ରାଜ୍ୟ ସଙ୍ଗୀତ ଭାବେ ମାନ୍ୟତା ଦେବା ସହିତ ପାଠ୍ୟପୁସ୍ତକରେ ସାମିଲ କରିଥିବାରୁ ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇଥିଲେ। ବିଧାନସଭା ଗବେଷଣା ଅଧୀକାରୀ ଅମୂଲ୍ୟ କୁମାର ସ୍ୱାଇଁ, ଗୋପୀ କଲ୍ୟାଣ ମହାପାତ୍ର, ଉପସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦିକା ବାସନ୍ତି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ୧୧ ଗ୍ରାମବାସୀଙ୍କୁ ଜିଅନ୍ତା ଜାଳିଦେଲେ ମ୍ୟାନ୍‌ମାର ସୈନ୍ୟ

ବ୍ୟାଙ୍କକ, ୯।୧୨

ମ୍ୟାନ୍‌ମାର ସୈନ୍ୟ ଉତ୍ତରପଶ୍ଚିମାଞ୍ଚଳରେ ଥିବା ଏକ ଗ୍ରାମ ଉପରେ ମଙ୍ଗଳବାର ଚଢ଼ାଉ କରି ୧୧ ଜଣଙ୍କ ହାତ ବାନ୍ଧି ଜିଅନ୍ତା ଜାଳିଦେଇଛନ୍ତି। ମିଲିଟାରୀ ଗାଡ଼ି ଉପରେ ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ସୈନ୍ୟବାହିନୀ ଏଭଳି ବର୍ବରକାଣ୍ଡ ଘଟାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏକ ଭିଡିଓରେ ୧୧ ଜଣଙ୍କ ଜଳିଯାଇଥିବା ମୃତଦେହ ଦେଖିବାକୁ ମିଳିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ନାବାଳକ ବୋଲି ବିଶ୍ୱାସ କରାଯାଉଛି। ସାଗାଇଙ୍ଗ ଅଞ୍ଚଳର ଡୋନ୍‌ଟାଓ ଗ୍ରାମରେ ଏହି ନୃଶଂସ ହତ୍ୟାକାଣ୍ଡ ଘଟିଛି। ଗତ ଫେବୃଆରୀରେ ସୈନ୍ୟବାହିନୀ ଶାସନ କ୍ଷମତା ହାତକୁ ନେବା ପରେ ସରକାର ବିରୋଧୀ ଆନ୍ଦୋଳନକୁ ଦୃଢ଼ ହସ୍ତରେ ଦମନ କରୁଛି। ସୋସିଆଲ ମିଡିଆରେ ଫଟୋ ଭାଇରାଲ ହେବା ପରେ ଉତ୍ତେଜନା ଦେଖାଦେଇଛି। ଅନ୍ତର୍ଜାତୀୟ ସମୁଦାୟ ଏଥିରେ ହସ୍ତକ୍ଷେପ କରି ଏଭଳି ବର୍ବର କାଣ୍ଡ ପାଇଁ ନିର୍ଦ୍ଦେଶ ଦେଇଥିବା କମାଣ୍ଡରମାନଙ୍କୁ ଟାର୍ଗେଟେଡ୍ ଶାସ୍ତି ତାଲିକାରେ ରଖିବା ପାଇଁ ମାନବାଧିକାର ସଂଗଠନ ହ୍ୟୁମ୍ୟାନ ରାଇଟ୍ସ ୱାଚ୍ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏଥିସହିତ ସୈନ୍ୟବାହିନୀକୁ ସହାୟତା ବନ୍ଦ ପାଇଁ ପଦକ୍ଷେପ ନେବାକୁ ଉକ୍ତ ସଂଗଠନ କହିଛି।

# ମାଓବାଦୀ ଦୁବାସିଙ୍କୁ ଜେରା ପାଇଁ ଜୟପୁରରେ ଏନ୍‌ଆଇଏ ଟିମ୍

ଜୟପୁର,୯।୧୨(ନି.ପ୍ର.)

କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅଞ୍ଚଳରୁ ଗିରଫ ହୋଇ ଜେଲରେ ଥିବା ଦୁର୍ଦ୍ଧାନ୍ତ ମାଓବାଦୀ ଦୁବାସି ଶଙ୍କର ଏଲିୟସ ବାବୁ ରାଓଙ୍କୁ ଜେରା କରିବା ଲଗି ନେବା ପାଇଁ ଗୁରୁବାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ଦୁଇଜଣିଆ ଟିମ୍ ଜୟପୁରରେ ପହଞ୍ଚିଛନ୍ତି। ଏହି ୨ ଅଧିକାରୀ ଦୁବାସି ଶଙ୍କରଙ୍କୁ ଅଧିକ ପଚରାଉଚରା ଲାଗି ଜୟପୁର ଏସ୍‌ଡିଜେଏମ୍ କୋର୍ଟରେ ଦ୍ୱାରସ୍ଥ ହୋଇଛନ୍ତି। ଗତ ଫେବୃୟାରୀ ୨୦୧୨ରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅଞ୍ଚଳରେ ବିଏସ୍‌ଏଫ୍ ଯବାନଙ୍କ ଗାଡ଼ିକୁ ମାଓବାଦୀମାନେ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ। ଏହି ବିସ୍ଫୋରଣ ଘଟଣାରେ ଦୁବାସିଙ୍କ ସମ୍ପୃକ୍ତି ରହିଥିବା ଜାଣିବା ପରେ ତାଙ୍କୁ ଅଧିକ ପଚରାଉଚରା କରିବାକୁ ଜୟପୁର ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରାଯାଇଛି। ଏବେ କୋରାପୁଟ ଜେଲରେ ଥିବା ଦୁବାସିଙ୍କୁ ସେଠାରେ ହିଁ ପଚରାଉଚରା କରିବାକୁ ଅନୁମତି ଦେବାକୁ ଟିମ୍ ଆବେଦନରେ ଉଲ୍ଲେଖ କରିଛନ୍ତି। ତେବେ ଏନେଇ କୋର୍ଟ ପକ୍ଷରୁ କୌଣସି ନିଷ୍ପତ୍ତି ହୋଇନାହିଁ ବୋଲି ପବ୍ଲିକ ପ୍ରସିକ୍ୟୁଟର ଶୈଳଜା ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୨ରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ ଅପରେଶନ ପାଇଁ ବିଏସ୍‌ଏଫ୍‌ର ଯବାନମାନେ ଯାଉଥିବା ବେଳେ ମାଓବାଦୀମାନେ ବିସ୍ଫୋରଣ ଘଟାଇବାରୁ ଜଣେ କମାଣ୍ଡାଣ୍ଟ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କ ସହ ୨ ଜଣ ଯବାନଙ୍କ ମୃତ୍ୟୁ ହୋଇଥିଲା। ଦୁବାସିଙ୍କୁ ବୈପାରିଗୁଡ଼ା ପୋଲିସ ଗତ ସେପ୍ଟେମ୍ବର ୧୩ରେ ଗିରଫ କରିଥିଲା। ତାଙ୍କ ନାମରେ ୨୦ ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଥିଲା।

# ୧୧ ପରିବର୍ତ୍ତେ ୧୯ରେ ହେବ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ ଅଫିସ, ୯।୧୨– ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୧୧ ତାରିଖରେ ହାଇକୋର୍ଟ, ଜିଲା ଓ ତାଲୁକ ସ୍ତରରେ ଥିବା ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ କରାଯାଇଥିଲା। ଜନସାଧାରଣଙ୍କ ଅବଗତି ନିମନ୍ତେ ଏ ସମ୍ପର୍କରେ ସୂଚନା ଦିଆଯାଇଥିଲା। ହେଲେ ଅନିବାର୍ଯ୍ୟ କାରଣବଶତଃ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ହାଇକୋର୍ଟ ପରିସରରେ ୧୧ ତାରିଖ ପରିବର୍ତ୍ତେ ୧୯ ତାରିଖରେ ଅନୁଷ୍ଠିତ ହେବ। କିନ୍ତୁ ଜିଲା ଓ ତାଲୁକ ସ୍ତରରେ ଉକ୍ତ ଲୋକ ଅଦାଲତର ତାରିଖ ଅପରିବର୍ତ୍ତିତ ରହିବ ବୋଲି ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ଗୁରୁବାର ସୂଚନା ଦିଆଯାଇଛି।














































# ଏବର୍ଷ ଜେଲ ଗଲେଣି ୨୯୩ ଖବରଦାତା

ନୂଆଦିଲ୍ଲୀ, ୯।୧୨



ବିଶ୍ୱବ୍ୟାପୀ ଖବରଦାତାଙ୍କ ମୁକ୍ତ ଖବର ସଂଗ୍ରହରେ ବାଧା ସୃଷ୍ଟି କରାଯିବା ସହ ମିଡିଆ ସ୍ୱାଧୀନତା ସଙ୍କୁଚିତ ହେବାରେ ଲାଗିଛି। ଜର୍ନାଲିଷ୍ଟମାନଙ୍କ ବିରୋଧରେ ବିଭିନ୍ନ ଦେଶରେ ମାମଲା ବଢ଼ୁଛି। ଖବରସଂଗ୍ରହ ବେଳେ ସେମାନଙ୍କୁ ହତ୍ୟା ମଧ୍ୟ କରାଯାଉଛି। ଅନ୍ୟ ବର୍ଷଗୁଡ଼ିକ ତୁଳନାରେ ୨୦୨୧ରେ ଖବରଦାତାଙ୍କ ଉପରେ ଅତ୍ୟାଚାର ବଢ଼ିଛି। ଚଳିତ ବର୍ଷ ଡିସେମ୍ବର ୧ ସୁଦ୍ଧା ସର୍ବାଧିକ ୨୯୩ ଜଣଙ୍କୁ ଜେଲଦଣ୍ଡ ମିଳିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଖବରଦାତା କେବଳ ଚାଇନାର। ଏଥିସହ ଅତ୍ୟାଚାରର ଶିକାର ହୋଇଥିବା ସାମ୍ବାଦିକଙ୍କ ମଧ୍ୟରେ ୧୪ ପ୍ରତିଶତ ମହିଳା ରହିଛନ୍ତି ବୋଲି ମିଡିଆର ସ୍ୱାଧୀନତା ଏବଂ ସାମ୍ବାଦିକଙ୍କ ଉପରେ ଆକ୍ରମଣ ଉପରେ ନ୍ୟୁୟର୍କ ସ୍ଥିତ କମିଟି ଟୁ ପ୍ରୋଟେକ୍ଟ ଜର୍ନାଲିଷ୍ଟ (ସିପିଜେ) ପକ୍ଷରୁ ଗୁରୁବାର ପ୍ରକାଶିତ ସ୍ୱତନ୍ତ୍ର ରିପୋର୍ଟରେ ଦର୍ଶାଯାଇଛି। ଏସିଆଠାରୁ ଆରମ୍ଭ କରି ୟୁରୋପ ପର୍ଯ୍ୟନ୍ତ ସବୁଠି ଖବରଦାତାଙ୍କ ଉପରେ ନିର୍ଯାତନା ଦେଖିବାକୁ ମିଳିଛି ଏବଂ ସମୟକ୍ରମେ ତାହା ବୃଦ୍ଧି ପାଉଛି ବୋଲି ଏହି କମିଟି କହିଛି।

ରିପୋର୍ଟ ଅନୁଯାୟୀ, ୨୦୨୧ ଖବରଦାତାଙ୍କ ପାଇଁ କଳା ବର୍ଷ ପାଲଟିଛି। ୨୦୨୦ରେ ୨୮୦ ଜଣଙ୍କୁ ଜେଲଦଣ୍ଡ ମିଳିଥିବାବେଳେ ଚଳିତ ବର୍ଷ ତାହା ୨୯୩କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରେ ୪୦ ଜଣ ମହିଳା ରହିଛନ୍ତି। ୨୦୨୧ ଡିସେମ୍ବର ୧ ସୁଦ୍ଧା ୧୯ ଜଣଙ୍କୁ ସେମାନଙ୍କ କାମ ପାଇଁ ହତ୍ୟା କରାଯାଇଛି। ୨୦୨୦ରେ ଏହି ସଂଖ୍ୟା ୨୨ ଥିଲା। ଯୁଦ୍ଧାଞ୍ଚଳରେ ରିପୋର୍ଟିଂ ପାଇଁ ଯାଇଥିବାବେଳେ ଆକ୍ରମଣରେ ୩ ଜଣ ପ୍ରାଣ ହରାଇଛନ୍ତି। ସେହିପରି ବିକ୍ଷୋଭ ଏବଂ ବିଭିନ୍ନ ସ୍ଥାନରେ ସଂଘର୍ଷବେଳର ରିପୋର୍ଟିଂବେଳେ ୨ ଜଣଙ୍କ ଜୀବନ ଯାଇଛି। ଖବର ସଂଗ୍ରହବେଳେ ସେମାନଙ୍କ କାର୍ଯ୍ୟକୁ ବିରୋଧ କରି ଭାରତରେ ସର୍ବାଧିକ ୪ ଜଣ ସାମ୍ବାଦିକଙ୍କୁ ହତ୍ୟା କରାଯାଇଛି। ଆଉ ଜଣେ ବିକ୍ଷୋଭବେଳର ରିପୋର୍ଟିଂ ବେଳେ ଭାରତରେ ପ୍ରାଣ ହରାଇଛନ୍ତି। କ୍ରମାଗତ ତୃତୀୟ ବର୍ଷ ପାଇଁ ଚାଇନାରେ ଖବରଦାତାଙ୍କୁ ନିର୍ଯାତନା ମାମଲା ସବୁଠୁ ଅଧିକ ରହିଛି। ଚଳିତ ବର୍ଷ ପ୍ରାୟ ୫୦ ଜଣଙ୍କୁ ଜେଲ ପଠାଯାଇଛି। ଏହି ମାମଲାରେ ମ୍ୟାନ୍‌ମାର ଦ୍ୱିତୀୟରେ ରହିଛି। ଫେବୃୟାରୀ ୧ରେ ସେଠାରେ ସେନା ବିଦ୍ରୋହ ହେବା ପରଠାରୁ ସାମ୍ବାଦିକଙ୍କୁ ଅତ୍ୟାଚାର କେସ୍ ବଢ଼ିଛି। ଇଜିପ୍ଟ, ଭିଏତନାମ ଏବଂ ବେଲାରୁଷ୍ ଯଥାକ୍ରମେ ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ରହିଛି।

### ବିପଦରେ ପ୍ରେସ୍ ସ୍ୱାଧୀନତା

- ଚାଇନାରେ ସବୁଠୁ ବେଶି ନିର୍ଯାତିତ ଖବରଦାତା
- ୨୪ ଜଣଙ୍କୁ ହତ୍ୟା, ଭାରତରେ ସର୍ବାଧିକ



ଗୁରୁଗ୍ରାମରେ ସିଡିଏସ୍ ଜେନେରାଲ ବିପିନ ରାୱତଙ୍କ ଫଟୋ ଆଗରେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

## ସଂକ୍ଷେପରେ

### ରୋହିଣୀ କୋର୍ଟରୁମ୍‌ରେ ବିସ୍ଫୋରଣ

**ନୂଆଦିଲ୍ଲୀ, ୯।୧୨:** ନୂଆଦିଲ୍ଲୀର ରୋହିଣୀ ଜିଲା କୋର୍ଟର ୧୦୨ ନମ୍ବର ପ୍ରକୋଷ୍ଠରେ ଗୁରୁବାର ସକାଳେ ବିସ୍ଫୋରଣ ଘଟିଥିଲା। ଏଥିରେ ଜଣେ କନଷ୍ଟେବଲ ସାମାନ୍ୟ ଆହତ ହୋଇଛନ୍ତି। ବିସ୍ଫୋରଣ ଯୋଗୁ କୋର୍ଟ ରୁମ୍ ଚଟାଣରେ ଗାତ ସୃଷ୍ଟି ହୋଇଥିଲା। ଏହା ପରେ ଅଦାଲତରେ ବିଚାର କାର୍ଯ୍ୟ ବନ୍ଦ କରିଦିଆଯାଇଥିଲା। ବିସ୍ଫୋରଣର କାରଣ ଜାଣିବା ପାଇଁ ଏଫ୍‌ଏସ୍‌ଏଲ୍ ବିଶେଷଜ୍ଞଙ୍କୁ ଡକାଯାଇଥିବା ରୋହିଣୀ ଜିଲା ଡିସିପି ପ୍ରଣବ ତୟାଲ କହିଛନ୍ତି। ପୂର୍ବାହ୍ନ ୧୦ଟା ୪୦ରେ ବିସ୍ଫୋରଣ ଖବର ପାଇ ଅଗ୍ନିଶମ ବିଭାଗ ତୁରନ୍ତ ୭ଟି ଦମକଳ ଗାଡ଼ି ପଠାଇଥିଲା। ଲାପ୍‌ଟପ୍ ବ୍ୟାଗ୍‌ରେ ଛୋଟ ଧରଣର ବିସ୍ଫୋରଣ ହୋଇଥିବା ଦିଲ୍ଲୀ ପୋଲିସ ମୁଖପାତ୍ର ଚିନ୍ମୟ ବିଶ୍ୱାଳ କହିଛନ୍ତି। ଫୋରେନ୍‌ସିକ୍ ଏବଂ ଏନ୍‌ଏସ୍‌ଜି ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

### ଜେଲରୁ ବାହାରିଲେ ସୁଧା ଭରଦ୍ୱାଜ



**ମୁମ୍ବାଇ, ୯।୧୨:** ଏଲ୍‌ଗାର ପରିଷଦ-ମାଓବାଦୀ ଲିଙ୍କ ମାମଲାର ଅଭିଯୁକ୍ତ ସୁଧା ଭରଦ୍ୱାଜ ୩ ବର୍ଷ ଜେଲ୍‌ରେ ବିତାଇବା ପରେ ଗୁରୁବାର ଜାମିନରେ ମୁକୁଳିଛନ୍ତି। କେନ୍ଦ୍ର ସରକାରଙ୍କୁ ହଟାଇବା ପାଇଁ ଅପରାଧ ଷଡ଼ଯନ୍ତ୍ରରେ ସାମାଜିକ କର୍ମୀ ସୁଧା ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ଏଲ୍‌ଗାର ପରିଷଦ ସମ୍ମିଳନୀରେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେବା ଅଭିଯୋଗରେ ସୁଧା ଓ ଅନ୍ୟମାନଙ୍କୁ ୨୦୧୭ ଡିସେମ୍ବର ୩୧ରେ ଗିରଫ କରାଯାଇଥିଲା। ୧ ତାରିଖରେ ବମ୍ବେ ହାଇକୋର୍ଟ ତାଙ୍କୁ ଡିଫଲ୍ଟ ଜାମିନ ପ୍ରଦାନ କରିଥିଲେ ଏବଂ ଜାମିନ ସର୍ତ୍ତ ସ୍ଥିର କରିବା ଲାଗି ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟକୁ ନିର୍ଦ୍ଦେଶ ଦେଇଥିଲେ। ୫୦,୦୦୦ ଟଙ୍କାର ବଣ୍ଡ୍ ଦାଖଲ କରି ଜାମିନରେ ଯିବା ଲାଗି ବୁଧବାର ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ସୁଧାଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଅଯୋଧ୍ୟା ରାୟ ପରେ ବିଚାରପତିମାନଙ୍କୁ ଡିନର ଦେଇଥିଲେ ଗୋଗୋଇ

ନୂଆଦିଲ୍ଲୀ, ୯।୧୨



୨୦୧୯ ନଭେମ୍ବର ୯ରେ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ୍ ମାମଲାରେ ଐତିହାସିକ ରାୟ ପ୍ରଦାନ ପରେ ତତ୍କାଳୀନ ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ ଖଣ୍ଡପୀଠରେ ଥିବା ତାଙ୍କ ସହକର୍ମୀ ବିଚାରପତିମାନଙ୍କୁ ଡିନର ପାଇଁ ହୋଟେଲ ତାଜ୍ ମାନସିଂକୁ ନେଇଥିଲେ ଏବଂ ସବୁଠୁ ଭଲ ମଦ ଅର୍ଡର କରିଥିଲେ ବୋଲି କହିଛନ୍ତି। ଏବେ ରାଜ୍ୟ ସଭା ସଦସ୍ୟ ଥିବା ଜଷ୍ଟିସ୍ ଗୋଗୋଇ ତାଙ୍କ ଆତ୍ମଜୀବନୀ 'ଜଷ୍ଟିସ୍ ଫର୍ ଦି ଜଜ୍'ରେ ନିଜ କ୍ୟାରିୟରର ଅନେକ ପ୍ରମୁଖ ଘଟଣାର ଅବତାରଣା କରିଛନ୍ତି। ଏଥିରେ ୨୦୧୮ରେ ସୁପ୍ରିମକୋର୍ଟର ୪ ବରିଷ୍ଠ ବିଚାରପତିଙ୍କ ଖବରଦାତା ସମ୍ମିଳନୀ, ଗୋଗୋଇଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଓ ତାଙ୍କ କାର୍ଯ୍ୟକାଳ ସମୟରେ ସୁପ୍ରିମକୋର୍ଟ କଲେଜିୟମରେ ଏହାର ବିଚାର ଭଳି ପ୍ରସଙ୍ଗ ସ୍ଥାନ ପାଇଛି।

ସିଜେଆଇ ଗୋଗୋଇଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଅଯୋଧ୍ୟା ରାୟ ପ୍ରଦାନ କରିଥିଲେ। ଖଣ୍ଡପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍. ଅବଦୁଲ ନାଜିର ଥିଲେ। ରାୟ ପ୍ରକାଶ ପରେ ସନ୍ଧ୍ୟାରେ ସୁପ୍ରିମକୋର୍ଟ ମହାସଚିବ କୋର୍ଟ ରୁମ୍-୧ ବାହାରେ ଥିବା ଜଜ୍ ଗ୍ୟାଲେରିରେ ଫଟୋ ସେସନ୍‌ର ଆୟୋଜନ କରିଥିଲେ। ଏହା ପରେ ଗୋଗୋଇ ଖଣ୍ଡପୀଠର ବିଚାରପତିମାନଙ୍କୁ ନେଇ ତାଜ ମାନସିଂ ହୋଟେଲକୁ ଯାଇଥିଲେ। ସେଠାରେ ସେମାନେ ଚାଇନିଜ୍ ଖାଦ୍ୟ ଖାଇବା ସହ ଗୋଟିଏ ବୋତଲ ସବୁଠୁ ଭଲ ମଦକୁ ବାଣ୍ଟି ପିଇଥିଲେ। ସେ ବରିଷ୍ଠ ହୋଇଥିବାରୁ ଠିପି ଖୋଲିଥିଲେ ବୋଲି ଜଷ୍ଟିସ୍ ଗୋଗୋଇ ଲେଖିଛନ୍ତି। ସେହିପରି କଲେଜିୟମ ମଧ୍ୟପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ନିଯୁକ୍ତି ଲାଗି ଜଷ୍ଟିସ୍ ଅକିଲ କୁରେଶୀଙ୍କ ନାମ ସୁପାରିସ କରିଥିଲେ ହେଁ ସାମ୍ବିଧାନିକ ସଂସ୍ଥା ମଧ୍ୟରେ ମୁହାଁମୁହିଁକୁ ଏଡ଼ାଇବା ପାଇଁ ଏହାକୁ ପ୍ରତ୍ୟାହାର କରାଯାଇ ତାଙ୍କୁ ତ୍ରିପୁରା ହାଇକୋର୍ଟ ମୁଖ୍ୟ ବିଚାରପତି ନିଯୁକ୍ତ କରାଯାଇଥିଲା ବୋଲି ଗୋଗୋଇ ଲେଖିଛନ୍ତି।

# ଡେମୋକ୍ରାସି ସମିଟ୍‌କୁ ପାକ୍‌ର ପ୍ରତ୍ୟାଖ୍ୟାନ

**ଇସ୍‌ଲାମାବାଦ, ୯।୧୨:** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଗୁରୁବାର ଓ ଶୁକ୍ରବାର ଆୟୋଜନ କରିଥିବା ଡେମୋକ୍ରାସି ସମ୍ମିଳନୀରେ ପାକିସ୍ତାନ ଯୋଗ ନ ଦେବାକୁ ନିଷ୍ପତ୍ତି ନେଇଛି। ବାଇଡେନ୍ ପ୍ରଶାସନ ପାକିସ୍ତାନ ସମେତ ଶତାଧିକ ରାଷ୍ଟ୍ରଙ୍କୁ ଏହି ସମ୍ମିଳନୀକୁ ନିମନ୍ତ୍ରଣ କରିଥିଲା। ତେବେ ଚାଇନା ଓ ରୁଷିଆକୁ ଆମେରିକା ଏହି ସମ୍ମିଳନୀକୁ ଡାକି ନ ଥିଲା। ତାଇୱାନକୁ ନିମନ୍ତ୍ରଣ କରାଯିବାକୁ ନେଇ ବେଜିଂ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଚାଇନାର ହସ୍ତକ୍ଷେପ ଯୋଗୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। ଏଥିଯୋଗୁ ଆମେରିକା ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ପ୍ରଭାବିତ ହୋଇପାରେ। ଶେଷ ମୁହୂର୍ତ୍ତରେ ପାକିସ୍ତାନର ଏହି ନିଷ୍ପତ୍ତି ପଛରେ ଏକାଧିକ କାରଣ ରହିଥିବା ଆଲୋଚନା ହେଉଛି। ପ୍ରଥମତଃ ଆମେରିକା ସମ୍ମିଳନୀରେ ପାକିସ୍ତାନର ବନ୍ଧୁ ଚାଇନାକୁ ବାଦ୍ ଦେଇଛି। ତେଣୁ ଚାଇନା ସହ ସମ୍ପର୍କ ଖରାପ ନ କରି ସମ୍ମିଳନୀରେ ଯୋଗ ଦେବାକୁ ପାକିସ୍ତାନ ଚାହିଁନି। ସେହିପରି ଆମେରିକା କ୍ରମାଗତ ଭାବେ ଦୀର୍ଘଦିନ ହେଲା ପାକିସ୍ତାନକୁ ଅଣଦେଖା କରିଆସିଛି। ବାଇଡେନ୍ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରଠାରୁ ଇମ୍ରାନଙ୍କ ସହ ସିଧାସଳଖ କଥା ହୋଇନାହାନ୍ତି। ଏହା ମଧ୍ୟ ପାକ୍ ନିଷ୍ପତ୍ତି ପଛର ଆଉ ଏକ କାରଣ ହୋଇଥାଇପାରେ ବୋଲି ବିଶ୍ୱାସ କରାଯାଏ।

# 'ପାର୍ଲାମେଣ୍ଟକୁ ବିଭ୍ରାନ୍ତ କରିଛନ୍ତି ଶାହା'

ନୂଆଦିଲ୍ଲୀ, ୯।୧୨(ପି.ଟି.)

### ନାଗାଲାଣ୍ଡ ଗୁଳିକାଣ୍ଡ

ନାଗାଲାଣ୍ଡରେ ସେନା ଗୁଳିରେ ୧୪ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ଘଟଣାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଲୋକ ସଭାକୁ ଭୁଲ୍ ତଥ୍ୟ ଦେଇ ବିଭ୍ରାନ୍ତ କରିଥିବା କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଗୁରୁବାର କହିଛନ୍ତି। କଂଗ୍ରେସ ପ୍ରତିନିଧି ଦଳ ମୃତକମାନଙ୍କ ପରିବାରକୁ ଭେଟିବା ଲାଗି ଯାଉଥିବାବେଳେ ଜିଲା ପ୍ରଶାସନ ତାଙ୍କୁ ଜୋରହାଟଠାରେ ଅଟକାଇବା ଘଟଣାକୁ ଚୌଧୁରୀ ନିନ୍ଦା କରିଛନ୍ତି।

ଖଣି ଶ୍ରମିକମାନଙ୍କ ଗାଡ଼ିକୁ ସୁରକ୍ଷା ଯବାନ ଅଟକାଇବାକୁ ସଙ୍କେତ ଦେବା ପରେ ସେମାନେ ଖସି ପଳାଇବାକୁ ଉଦ୍ୟମ କରିବାରୁ ଯବାନମାନେ ଗୁଳି ଚଳାଇଥିଲେ ବୋଲି ଶାହା କହିଥିଲେ। ଏହା ସମ୍ପୂର୍ଣ୍ଣ ଭୁଲ୍ ତଥ୍ୟ। ଯବାନମାନେ ହଠାତ୍ ଗୁଳି ଚଳାଇଥିବା କଥା ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ଶ୍ରମିକ କହିଛନ୍ତି। ଗୁଳିକାଣ୍ଡ ହୋଇଥିବା ମୋନ୍ ଜିଲା ଗସ୍ତ କରିବାକୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏକ କମିଟି ଗଠନ କରିଥିଲେ। ସେମାନେ ମୃତକଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହ ଘଟଣାସ୍ଥଳରୁ ରିପୋର୍ଟ ସଂଗ୍ରହ କରିଥାନ୍ତେ। ସେମାନଙ୍କୁ ମୋନ୍ ଜିଲାକୁ ଯିବା ଲାଗି ଅନୁମତି ଦିଆଗଲା ନାହିଁ। ଲଖିମ୍‌ପୁର ଖେରି ଘଟଣାରେ ମଧ୍ୟ ସରକାର ଅନୁରୂପ ଭାବେ କଂଗ୍ରେସ ନେତାଙ୍କୁ ସେଠାକୁ ଯିବାକୁ ଦେଇ ନ ଥିଲେ ବୋଲି ଚୌଧୁରୀ କହିଛନ୍ତି। ତେବେ କଂଗ୍ରେସ ପ୍ରତିନିଧି ଦଳକୁ ଜିଲା ପ୍ରଶାସନ ରୋକିଥିବାରୁ ଏହା ରାଜ୍ୟ ସରକାରଙ୍କ ପ୍ରସଙ୍ଗ, ଲୋକ ସଭାର ନୁହେଁ ବୋଲି ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଥିଲେ।

DSPL - 317

ସୁରକ୍ଷିତ ମାତୃତ୍ୱ ଆଶ୍ୱାସନା ଅଭିଯାନ "ସୁମନ"

ବିନା ମୂଲ୍ୟରେ ଉପଲବ୍ଧ ସେବାଗୁଡ଼ିକ:

- ଆମ୍ବୁଲାନ୍ସ ସେବା
- ଅତି କମ୍‌ରେ ୪ଟି ପ୍ରସବ ପୂର୍ବ ସ୍ୱାସ୍ଥ୍ୟ ପରୀକ୍ଷା (ଅଲଟ୍ରାସାଉଣ୍ଡ ସହିତ)
- ନର୍ମାଲ କିମ୍ବା ଅସ୍ତ୍ରୋପଚାର ମାଧ୍ୟମରେ ପ୍ରସବ ସେବା
- ମାଆ ପାଇଁ ଲ୍ୟାବରୋଟୋରି ଟେଷ୍ଟ, ଔଷଧ (ଗର୍ଭାବସ୍ଥା ଠାରୁ ପ୍ରସବର ୬ମାସ ପର୍ଯ୍ୟନ୍ତ) ଏବଂ ଶିଶୁପାଇଁ ଔଷଧ ଓ ଚିକିତ୍ସା (୧ବର୍ଷ ପର୍ଯ୍ୟନ୍ତ)
- ଆଦର ଓ ସମ୍ମାନର ସହିତ ଚିକିତ୍ସା ସେବା
- ଅଭିଯୋଗ ନିବାରଣ ସ୍ୱାସ୍ଥ୍ୟ ସହାୟତା ଫୋନ୍ ନଂ-୧୦୪ (ନିଃଶୁଳ୍କ)

OIPR-01303/13/0015/2122

ଏବେ ଖୁସି ଖବର ହେବ ଦୁଇ ଗୁଣ !

ଉପରୋକ୍ତ ସେବାଗୁଡ଼ିକ ସମସ୍ତ ସରକାରୀ ଡାକ୍ତରଖାନା ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ବିନା ମୂଲ୍ୟରେ ଉପଲବ୍ଧ

ସର୍ବଦା କୋଭିଡ୍ ନିୟମ ମାନି ଚଳନ୍ତୁ।

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

ତ୍ୱରିତ ଆୟ ପ୍ରଦାନର ମାଧ୍ୟମ ସାଜିଛି କୁକୁଡ଼ା ପାଳନ

DSPL-316

ରାଜ୍ୟର ପ୍ରାଣୀ ପାଳକ ଓ ଚାଷୀଙ୍କୁ ଜୀବିକା ପ୍ରଦାନ ତଥା ସେମାନଙ୍କ ଆୟ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ନିରନ୍ତର ପ୍ରୟାସ କରିଆସୁଛନ୍ତି। **ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ପ୍ରାଣୀସମ୍ପଦ ବିକାଶକୁ ଗୁରୁତ୍ୱ ପ୍ରଦାନ କରାଯାଇ ପ୍ରାଣୀପାଳକଙ୍କ ଉନ୍ନତି ଓ ରାଜ୍ୟର ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଉଅଛି।** ପ୍ରାଣୀପାଳନ କ୍ଷେତ୍ରରେ କୁକୁଡ଼ା ପାଳନ ଅଧିକ ଲାଭ ଓ ରୋଜଗାର ଯୋଗାଇଥାଏ। ଏହା ଜୀବିକା ଯୋଗାଣ ଓ ତ୍ୱରିତ ଆୟ ପ୍ରଦାନର ଏକ ନିର୍ଭରଯୋଗ୍ୟ ମାଧ୍ୟମ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କୁକୁଡ଼ା ଓ ବତକ ପାଳନ ନିମନ୍ତେ ଚାଷୀଙ୍କୁ ସହାୟତା ଯୋଗାଇ ଦେଉଛନ୍ତି। ଏହା ମାଧ୍ୟମରେ ପ୍ରବାସୀ କର୍ମଜୀବି, ଚାଷୀ, ତଫସିଲଭୁକ୍ତ ଜାତି/ଉପଜାତି ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କ ଆୟବୃଦ୍ଧି ସହ ସେମାନଙ୍କୁ ଜୀବିକା ଯୋଗାଇଦେବା ଏବଂ ଗ୍ରାମାଞ୍ଚଳ ଲୋକଙ୍କ ଅର୍ଥନୈତିକ ଅବସ୍ଥାରେ ସୁଧାର ଆଣିବାର ଲକ୍ଷ୍ୟ ରଖାଯାଇଛି।

**ବ୍ରଏଲର କୁକୁଡ଼ା ପାଳନ:**
ଏହି ଯୋଜନାରେ ସମୁଦାୟ ୪୧୨୦ ଚାଷୀ ଓ ପ୍ରାଣୀ ପାଳକ ସହାୟତା ପାଇବେ। କୁକୁଡ଼ା ଘର, କୁକୁଡ଼ା ଚିଆଁ ଏବଂ ଆନୁଷଙ୍ଗିକ ଖର୍ଚ୍ଚକୁ ମିଶାଇ ଏହି ଯୋଜନାରେ ପ୍ରତ୍ୟେକ ୟୁନିଟ ପିଛା ୧ ଲକ୍ଷ ୮୦ ହଜାର ଟଙ୍କା ଖର୍ଚ୍ଚ ହେବ।



ପ୍ରତ୍ୟେକ ହିତାଧିକାରୀ ୫୦୦ଟି ଦିନିକିଆ ବ୍ରଏଲର କୁକୁଡ଼ା ଚିଆଁ ପାଳନ କରିବା ପାଇଁ ସହାୟତା ପାଇବେ। ରାଜ୍ୟ ସରକାର ପ୍ରତ୍ୟେକ ହିତାଧିକାରୀଙ୍କୁ ୭୨ ହଜାର ଟଙ୍କା (ଖର୍ଚ୍ଚ ଅଟକଳର ୪୦ ପ୍ରତିଶତ) ରିହାତି ଆକାରରେ ପ୍ରଦାନ କରିବେ।

**ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ବ୍ରଏଲର କୁକୁଡ଼ା ପାଳନ:**
ଏହି ଯୋଜନାରେ ୧୦୦୦ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଜରିଆରେ ସମୁଦାୟ ୧୦,୦୦୦ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ସହାୟତା ପାଇବେ। କୁକୁଡ଼ା ଘର, କୁକୁଡ଼ା ଚିଆଁ ଏବଂ ଆନୁଷଙ୍ଗିକ ଖର୍ଚ୍ଚକୁ ମିଶାଇ ଏହି ଯୋଜନାରେ ପ୍ରତ୍ୟେକ ୟୁନିଟ ପିଛା ୩ ଲକ୍ଷ ୬୦ ହଜାର ଟଙ୍କା ଖର୍ଚ୍ଚ ହେବ। ପ୍ରତ୍ୟେକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ୧୦୦୦ଟି ଦିନିକିଆ କୁକୁଡ଼ା ଚିଆଁ ପାଳନ କରିବା ପାଇଁ



ସହାୟତା ପାଇବେ। ରାଜ୍ୟ ସରକାର ପ୍ରତ୍ୟେକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ୧ ଲକ୍ଷ ୪୪ ହଜାର ଟଙ୍କା (ଖର୍ଚ୍ଚ ଅଟକଳର ୪୦ ପ୍ରତିଶତ) ରିହାତି ଆକାରରେ ପ୍ରଦାନ କରିବେ।

**ଅଣ୍ଡାଦିଆ କୁକୁଡ଼ା ପାଳନ:**
କୁକୁଡ଼ା ଘର, ପିଞ୍ଜରା, କୁକୁଡ଼ା ଚିଆଁ ଏବଂ ଆନୁଷଙ୍ଗିକ ଖର୍ଚ୍ଚକୁ ମିଶାଇ ଏହି ଯୋଜନାରେ ପ୍ରତ୍ୟେକ ୟୁନିଟ ପିଛା ୭ ଲକ୍ଷ ୫୯ ହଜାର ଟଙ୍କା ଖର୍ଚ୍ଚ ହେବ। ପ୍ରତ୍ୟେକ ହିତାଧିକାରୀ ୧୪ ସପ୍ତାହ ବୟସର ୧୦୦୦ଟି କଳିଙ୍ଗ ବ୍ରାଉନ କିମ୍ବା ରୋଡ ଆଇଲାଣ୍ଡ ରେଡ ପ୍ରଜାତିର ଅଣ୍ଡାଦିଆ କୁକୁଡ଼ା ପାଳନ କରିବା ପାଇଁ ସହାୟତା ପାଇବେ। ରାଜ୍ୟ ସରକାର ପ୍ରତ୍ୟେକ ହିତାଧିକାରୀଙ୍କୁ ୩ ଲକ୍ଷ ୩ ହଜାର ଟଙ୍କା (ଖର୍ଚ୍ଚ ଅଟକଳର ୪୦ ପ୍ରତିଶତ) ରିହାତି ଆକାରରେ ପ୍ରଦାନ କରିବେ।

**ବାଡ଼ି ଅଗଣାରେ କୁକୁଡ଼ା ପାଳନ:**
ଏହି ଯୋଜନାରେ ମୋଟ ୧୦,୦୦୦ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ସହାୟତା ପାଇବେ। ପ୍ରତ୍ୟେକ ହିତାଧିକାରୀ ୪ ସପ୍ତାହ ବୟସର ୫୦ଟି କୁକୁଡ଼ା ଚିଆଁ ପାଳନ କରିବା ପାଇଁ ସହାୟତା ପାଇବେ। ଏହା ସେମାନଙ୍କୁ ୩ ମାସ ବ୍ୟବଧାନ ରଖି (୨୫+୨୫) ହିସାବରେ ଦୁଇଟି ପର୍ଯ୍ୟାୟରେ ମିଳିବ। କୁକୁଡ଼ା ଚିଆଁ ଓ କୁକୁଡ଼ାଙ୍କ ରାତ୍ର ଆଶ୍ରୟସ୍ଥଳି ବାବଦ ଖର୍ଚ୍ଚକୁ ମିଶାଇ ୟୁନିଟ ପିଛା ୩୭୫୦ ଟଙ୍କା ଖର୍ଚ୍ଚ ହେବ। ୟୁନିଟର ସମସ୍ତ ଖର୍ଚ୍ଚ (୩୭୫୦ ଟଙ୍କା) ରାଜ୍ୟ ସରକାର ହିତାଧିକାରୀମାନଙ୍କୁ ପ୍ରଦାନ କରିବେ।

**ବତକ ପାଳନ:**
ଏହି ଯୋଜନାରେ ପ୍ରତ୍ୟେକ ହିତାଧିକାରୀ ୨ ସପ୍ତାହ ବୟସର ୫୦ଟି ବତକ ଚିଆଁ ପାଳନ କରିବା ପାଇଁ ସହାୟତା ପାଇବେ। ଏହା ସେମାନଙ୍କୁ ଦୁଇଟି ପର୍ଯ୍ୟାୟରେ ୩ ମାସ ବ୍ୟବଧାନ ରଖି (୨୫+୨୫) ହିସାବରେ ମିଳିବ। ବତକ ଚିଆଁ ଓ ବତକଙ୍କ ରାତ୍ର ଆଶ୍ରୟସ୍ଥଳି ବାବଦ ଖର୍ଚ୍ଚକୁ ମିଶାଇ ୟୁନିଟ ପିଛା ୪୦୦୦ ଟଙ୍କା ଖର୍ଚ୍ଚ ହେବ। ୟୁନିଟର ସମସ୍ତ ଖର୍ଚ୍ଚ (୪୦୦୦ ଟଙ୍କା) ରାଜ୍ୟ ସରକାର ହିତାଧିକାରୀମାନଙ୍କୁ ପ୍ରଦାନ କରିବେ।



**ରାଜ୍ୟର ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କୁକୁଡ଼ା ପାଳନ କ୍ଷେତ୍ରରେ ଉପରୋକ୍ତ ସ୍ୱତନ୍ତ୍ର ପଦକ୍ଷେପମାନ ଗ୍ରହଣ କରାଯାଇଛି। ପ୍ରାଣୀପାଳକ ଓ ଚାଷୀଙ୍କ ଉନ୍ନତି ରାଜ୍ୟର ବିକାଶକୁ ଉଚ୍ଚତର ସୋପାନରେ ପହଞ୍ଚାଇ ପାରିବ।**

ପ୍ରାଣୀପାଳକଙ୍କ ଆୟବୃଦ୍ଧି ନିମନ୍ତେ ରାଜ୍ୟ ସରକାର ନିରନ୍ତର ପ୍ରୟାସରତ

କୁକୁଡ଼ା ପାଳନ କରି ଆପଣ ନିଜ ପରିବାରକୁ ଜୀବିକା ଯୋଗାଇଦେବା ସାଙ୍ଗକୁ ରାଜ୍ୟର ଅର୍ଥନୈତିକ ବିକାଶରେ ଭାଗୀଦାର ହୁଅନ୍ତୁ।

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

OIPR-06014/13/0009/2122

**କଂଗ୍ରେସ ବିଧାୟକ ଦଳର ରାହୁଲଙ୍କୁ ଚିଠି**

**ଭୁବନେଶ୍ୱର,(ବ୍ୟୁରୋ):** କଂଗ୍ରେସ ବିଧାୟକ ଦଳ ପକ୍ଷରୁ ବୁଧବାର ରାହୁଲ ଗାନ୍ଧୀଙ୍କୁ ଏକ ଚିଠି ଲେଖାଯାଇଛି। ଏ ସଂକ୍ରାନ୍ତରେ ସୂଚନା ଦେଇ ବିଧାୟକ ତାରାପ୍ରସାଦ ବାହିନୀପତି ଗୁରୁବାର କହିଛନ୍ତି, ଦଳକୁ ସାଙ୍ଗଠନିକଭାବେ ସୁଦୃଢ କରିବା ପାଇଁ ବିଧାୟକଦଳ ପକ୍ଷରୁ ଗୋଟିଏ ଚିଠି ରାହୁଲ ଗାନ୍ଧୀଙ୍କୁ ଦିଆଯାଇଛି। ଏଥିରେ ଦଳକୁ ତୃଣମୂଳ ସ୍ତରରେ ମଜଭୁତ କରିବାପାଇଁ ଏହି ସମୟ ପ୍ରକୃଷ୍ଟ ରହିଥିବା କୁହାଯାଇଛି। ସମସ୍ତ ବିଧାୟକ ନିଜ କର୍ତ୍ତବ୍ୟକୁ ବୁଝି କାର୍ଯ୍ୟ କଲେ ଦଳକୁ ସଂଗଠିତ କରିହେବ। ଏଥିପାଇଁ ସମୟ ମଗାଯାଇଥିବା ବାହିନୀପତି କହିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- କଳିଙ୍ଗ ସାହିତ୍ୟ ମହୋତ୍ସବ, ସ୍ୱସ୍ତି ପ୍ରିମିୟମ, ସକାଳ ୯ଟା।
- ମାନବ ଅଧିକାର କର୍ମୀ ଓ ଅନୁଷ୍ଠାନ ପକ୍ଷରୁ ମାନବ ଶୃଙ୍ଖଳ, ରେଳ ସଦନ ସମ୍ମୁଖ, ଚନ୍ଦ୍ରଶେଖରପୁର, ସକାଳ ୯ଟା।
- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ମିନି ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ସକାଳ ୯ଟା।
- ବିଶ୍ୱ ମାନବ ଅଧିକାର ଦିବସ, ପିଜି ଡିପାର୍ଟମେଣ୍ଟ ଅଫ ଲ, ଉତ୍କଳ ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଉପକୂଳ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- କଲ୍ଲୋଳ ଶିଶୁ ମହୋତ୍ସବ, ହୋଟେଲ କ୍ରାଉନ, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ରଙ୍ଗବତୀ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ଏମ୍‌ସରେ ଅତ୍ୟାଧୁନିକ ୩-ଡି ଲାପାରୋସ୍କୋପିକ୍ ୟୁରୋଲୋଜି ସମ୍ପର୍କିତ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୯।୧୨ (ବ୍ୟୁରୋ):** ଏମ୍‌ସ ଭୁବନେଶ୍ୱର ୟୁରୋଲୋଜି ବିଭାଗ ପକ୍ଷରୁ ଉନ୍ନତ ୩-ଡି ଲାପାରୋସ୍କୋପିକ୍ ୟୁରୋଲୋଜି ପ୍ରକ୍ରିୟା ସମ୍ପର୍କିତ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାପାରୋସ୍କୋପିକ୍ ୟୁରୋଲୋଜି ସମ୍ପର୍କରେ ଅଧିକ ଜାଣିବା ଏବଂ ଏହାର ବିଭିନ୍ନ ଦିଗ ଉପରେ ଅତ୍ୟାଧୁନିକ ଗବେଷଣାଲବ୍ଧ ତଥ୍ୟ ସମ୍ପର୍କରେ ଅବଗତ ହେବା ନିମନ୍ତେ ଆୟୋଜିତ ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଅନୁଷ୍ଠାନରୁ ଚିକିତ୍ସକ, ଗବେଷକ, ଅଧ୍ୟାପକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏମ୍‌ସ ଭୁବନେଶ୍ୱର ୟୁରୋଲୋଜି ବିଭାଗ ମୁଖ୍ୟ ଡା. ପ୍ରଶାନ୍ତ ନାୟକ, ଡ. ମନୋଜ ଦାସ ଏବଂ ଡ. ପୂର୍ଣ୍ଣେନ୍ଦୁ ମଣ୍ଡଳ ଏକାଧିକ ଅସ୍ତ୍ରୋପଚାର ମାଧମରେ ପ୍ରଶିକ୍ଷଣ ଦେଇଥିଲେ। ଡ. ଭାସ୍କର ରାଓ, ଡ. ନିତିଶା ରୟଙ୍କୁ ନେଇ ଗଠିତ ଆନାସ୍ଥେସିଆ ଟିମ୍ ସହିତ ଅପରେଶନ ଥିଏଟରର ନର୍ସିଂ ଓ ବୈଷୟିକ କର୍ମଚାରୀ ସହଯୋଗ କରିଥିଲେ। ଏ ସମ୍ପର୍କରେ ବିଭାଗୀୟ ମୁଖ୍ୟ ଡା. ନାୟକ କହିଲେ, ଏମ୍‌ସ ଚିକିତ୍ସକଙ୍କ ସହିତ ଦେଶର ବିଭିନ୍ନ ଚିକିତ୍ସା ପ୍ରତିଷ୍ଠାନର ସହକର୍ମୀଙ୍କୁ ଏପରି ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପର୍କରେ ଶିକ୍ଷା ଦେବା ଜରୁରୀ। ଏହାଦ୍ୱାରା ରୋଗୀମାନେ ଜଟିଳ ରୋଗରେ ଆକ୍ରାନ୍ତ ଥିଲେ ମଧ ସହଜରେ ଆରୋଗ୍ୟ ହୋଇ ପାରିବେ। ପେସ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ମେଡ୍‌ଟ୍ରୋନିକ୍ ସଂସ୍ଥା ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏମ୍‌ସ ନିର୍ଦ୍ଦେଶିକା ପ୍ରଫେସର ଡା. ବି ଗୀତାଞ୍ଜଳି ୟୁରୋଲୋଜି ବିଭାଗର ଏପରି ଉଦ୍ୟମକୁ ପ୍ରଶଂସା କରିଥିଲେ।

## ସିଡିଏସ୍ ବିପିନ ରାୱତ୍‌ଙ୍କୁ ଓକିଲ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୯।୧୨(ବ୍ୟୁରୋ):** ଭାରତୀୟ ବାୟୁସେନା ହେଲିକପ୍ଟର ଦୁର୍ଘଟଣାରେ ବୁଧବାର ଭାରତର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ ରାୱତ, ତାଙ୍କ ସ୍ତ୍ରୀ ଓ ଅନ୍ୟ ସେନା ଅଧିକାରୀଙ୍କ ସମେତ ମୋଟ ୧୩ଜଣଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଗୁରୁବାର ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ଏକ ଶୋକସଭା ଆୟୋଜନ କରାଯାଇ ଜେନେରାଲ ରାୱତ ଓ ଅନ୍ୟମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏଥିସହ ସନ୍ଧ୍ୟାରେ ସଂଘ ପକ୍ଷରୁ ମହମବତି ଶୋଭାଯାତ୍ରା କରାଯାଇଥିଲା। ଆଇନଜୀବୀମାନେ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ବରିଷ୍ଠ ଆଇନ୍‌ଜୀବୀ ଶିବାନନ୍ଦ ରାୟ, ଭୁବନେଶ୍ୱର ଓକିଲ ସଂଘ ସଭାପତି ନିର୍ମଳ କିଶୋର ରଥ, ସମ୍ପାଦକ ରାଜକିଶୋର ଦାସ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ୩ ବସ୍ତା ଗଞ୍ଜେଇ, କାର୍ ଜବତ: ଚାଳକ ଅଟକ

**ବାଲିପାଟଣା,୯।୧୨(ଡି.ଏନ୍.ଏ.):** ବାଲିପାଟଣା ଥାନା ପୋଲିସ ଗୁରୁବାର ୩ବସ୍ତା ଗଞ୍ଜେଇ ସହ ଏକ କାର୍ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ପୋଲିସ କାର୍ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏକ କାର୍‌ରେ ଗଞ୍ଜେଇ ନିଆଳିରୁ ବନମାଳୀପୁର ଅଭିମୁଖେ ଯାଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଯୋଜନା ମୁତାବକ ପୋଲିସ ବାଙ୍କୁଆ ଛକରେ ଜଗି ରହିବା ସହ କାର୍ ଓ ଗଞ୍ଜେଇକୁ ଜବତ କରିଥିଲେ। ଏନେଇ ଥାନାରେ ଏକ ମାମଲା (୩୧୯/୨୧) ରୁଜୁ ହୋଇଛି। ଅଟକ ଚାଳକଙ୍କୁ ପଚରାଉଚରା ଚାଲିଛି ବୋଲି ଆଇଆଇସି କୃପାସିନ୍ଧୁ ବରାଡ଼ କହିଛନ୍ତି।








ବିଧାନସଭା ଘେରାଉ ପାଇଁ ଯିବାବେଳେ ଲୋୟର ପିଏମ୍‌ଜିରେ ଭାଜପା ଯୁବମୋର୍ଚ୍ଚା କର୍ମୀ ଓ ପୋଲିସ ପିଟାପିଟି ହେଉଛନ୍ତି। ଭାଜପା କର୍ମୀ ପକାଉଥିବା ଢେଲାର ସାମ୍ନା କରୁଛନ୍ତି ପୋଲିସ ଓ ଯବାନ। ବିକ୍ଷୋଭକାରୀଙ୍କୁ ପୋଲିସ ଉଠାଇ ନେଉଛି।

# ଭାଜପାର ଢେଲାକୁ ପୋଲିସର ଲାଠିମାଡ଼

**ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବି ଏବଂ ମାମଲାର ସିବିଆଇ ତଦନ୍ତ ଦାବିରେ ଗୁରୁବାର ଭାଜପା ଯୁବମୋର୍ଚ୍ଚା ଗର୍ଜନ କରିଛି। ବିଧାନସଭା ଘେରାଉବେଳେ ହଜାର ହଜାର କର୍ମୀଙ୍କ ଢେଲା ପଥର ମାଡ଼ରେ ପୋଲିସ କର୍ମଚାରୀ ସହ ଗଣମାଧମ କର୍ମଚାରୀ ମଧ ଆହତ ହୋଇଛନ୍ତି। ଫଳରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରାଜଧାନୀର ରାଜରାସ୍ତା ରଣକ୍ଷେତ୍ର ପାଲଟିଥିଲା। ଏଭଳି ଅପ୍ରୀତିକର ପରିସ୍ଥିତିକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ମମିତା ନାଁରେ ଭାଜପା ରାଜନୀତି କରୁଛି ବୋଲି ବିଜେଡ଼ି କହିଥିବାବେଳେ ମା' ଓ ଉଉଣୀଙ୍କ ଅସମ୍ମାନ କେବେ ସହ୍ୟ କରାହେବନି ବୋଲି ଭାଜପା ପକ୍ଷରୁ କୁହାଯାଇଛି।**

## ମାଡ଼ ଖାଇଲେ ସାଧାରଣ ଲୋକ




ଭାଜପା କର୍ମୀଙ୍କ ପଥର ମାଡ଼କୁ ପ୍ରତିହତ କରିବାକୁ ପୋଲିସ ଲାଠିମାଡ଼ କରିଥିଲା। ସେତେବେଳେ ଲାଠି ମାଡ଼ ଭୟରେ ଆନ୍ଦୋଳନକାରୀମାନେ ଏଣେତେଣେ ଦୌଡ଼ିବାକୁ ଆରମ୍ଭ କରିଥିଲେ। ସେମାନଙ୍କ ସଂସ୍ପର୍ଶରେ ସାଧାରଣ ଜନତା ମଧ ଆସିଯାଇଥିଲେ। ପୋଲିସ ସାଧାରଣଲୋକଙ୍କୁ ଆନ୍ଦୋଳନକାରୀ ଭାବି ପିଟି ଚାଲିଥିଲା। ଏପରି କି ମାଷ୍ଟରକ୍ୟାଣ୍ଟିନ୍ ନିକଟରେ ଥିବା ଏକ ହୋଟେଲ୍ ଭିତରେ ପଶି ଆଶ୍ରୟ ନେଇଥିବା ଜଣେ ଯୁବକଙ୍କୁ ପୋଲିସ ପିଟୁଥିବା ଦେଖିବାକୁ ମିଳିଥିଲା।







ଆହତ ଓଏସ୍ଏଫ୍ ଯବାନ, ଫଟୋ ଖବରଦାତା ଓ ଭାଜପା କର୍ମୀ।

## ସାଇରନ୍ ବଜାଇ ଭୟଭୀତ କରିବାକୁ ଚେଷ୍ଟା



ଆନ୍ଦୋଳନ କିମ୍ବା ବିକ୍ଷୋଭ ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ସାଇରନ୍ ବଜାଇ ଭୟଭୀତ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ତାଲିମ୍‌ପ୍ରାପ୍ତ ଏକ ଟିମ୍‌କୁ ଦାୟିତ୍ୱ ଦିଆଯାଇଛି। ଗୁରୁବାର ବିକ୍ଷୋଭ ସମୟରେ ସେମାନେ ସାମ୍ନାରେ ଠିଆହୋଇ ସାଇରନ୍ ବଜାଇଥିଲେ ମଧ ଆନ୍ଦୋଳନକାରୀମାନେ ଏହାକୁ ଖାତିର୍ କରି ନ ଥିବା ଦେଖିବାକୁ ମିଳିଥିଲା।

## ପୋଲିସ ଗାଡ଼ି ଭାଙ୍ଗି ନାଚିଲେ କର୍ମୀ



ଭାଜପା କର୍ମୀଙ୍କୁ ପୋଲିସ ଉଠାଇ ନେଇ ଭ୍ୟାନ୍‌ରେ ବସାଇବାବେଳେ ଅନ୍ୟ କର୍ମୀମାନେ ଉକ୍ତ ଭ୍ୟାନ୍‌କୁ ପଥର ପକାଇଥିଲେ। ଫଳରେ ଭ୍ୟାନ୍‌ର କାଚ ଭାଙ୍ଗି ରୁଜି ଯାଇଥିଲା। ପରିସ୍ଥିତି ଉତ୍ତେଜନାମୂଳକ ଥିବାବେଳେ ଜଣେ ଭାଜପା କର୍ମୀ ଉକ୍ତ ଭ୍ୟାନ୍ ଉପରକୁ ଚଢ଼ି ଯାଇଥିଲେ। କର୍ମୀ ଜଣକ ଭାଜପାର ଏକ ପତାକା ଧରି ଭ୍ୟାନ୍ ଉପରେ ନାଚିବା ଆରମ୍ଭ କରିଥିଲେ।

## ଢେଲା ମାଡ଼ରେ ଛାନିଆ: ପ୍ରସ୍ତୁତ ନ ଥିଲା ପୋଲିସ

ହଜାର ହଜାର ସଂଖ୍ୟାରେ ଭାଜପା କର୍ମୀ ଦଳୀୟ ଅଫିସରୁ ଆସୁଥିବାବେଳେ ପୋଲିସ ସେମାନଙ୍କୁ ବାଟ କଢ଼େଇ ଆଣିଥିଲେ। କିଛି ହିଂସାତ୍ମକ ଘଟଣା ଘଟିବାର ଆଶଙ୍କା କରାଯାଉଥିଲା। ହେଲେ ପୋଲିସ ଏଥିପାଇଁ ପ୍ରସ୍ତୁତି ନ ଥିଲା ଭଳି ଜଣାପଡୁଥିଲା। କାରଣ ଯେତେ ସଂଖ୍ୟାରେ ବିକ୍ଷୋଭକାରୀମାନେ ଥିଲେ ସେହି ତୁଳନାରେ ପୋଲିସ କର୍ମଚାରୀଙ୍କ ସଂଖ୍ୟା ବହୁତ କମ୍ ଥିଲା। ଏହାକୁ ଗୋଇନ୍ଦା ବିଭାଗର ବିଫଳତା ବୋଲି କୁହାଯାଇପାରିବ।

ଆନ୍ଦୋଳନବେଳେ ଭାଜପା ପକ୍ଷରୁ ବିକ୍ଷୋଭକାରୀମାନେ ହଠାତ୍ ଉତ୍କ୍ଷିପ୍ତ ହୋଇ ପୋଲିସ ଉପରକୁ ଢେଲା ମାଡ଼ କରିଥିଲେ। ଭାଜପା କର୍ମୀଙ୍କ ଅତର୍କିତ ଆକ୍ରମଣ ତଥା ଢେଲା ମାଡ଼ରେ ପୋଲିସର ସେଫ୍ଟି ଶିଲ୍ଡ ଭାଙ୍ଗିଯାଇଥିଲା। ଫଳରେ ସାମ୍ନାରେ ଥିବା ପୋଲିସ କର୍ମୀମାନେ କିଛି ସମୟ ପାଇଁ ପଛକୁ ହଟିଯାଇଥିଲେ। ଆନ୍ଦୋଳନକରୀଙ୍କ ଆକ୍ରମଣକୁ ପ୍ରତିହତ କରିବା ପାଇଁ ପୁଣି ସରଞ୍ଜାମ ସହ ପୋଲିସ ଆଗଭର ହୋଇଥିଲା।

## ଭୁଲିଗଲେ କରୋନା କଟକଣା, ମୁହଁରେ ନ ଥିଲା ମାସ୍କ



କରୋନା ସଂକ୍ରମଣ ମାତ୍ରା କମିଥିଲେ ମଧ ଭୟ କମିନାହିଁ। ସାରା ବିଶ୍ୱରେ କରୋନାର ନୂଆ ପ୍ରଜାତି 'ଓମିକ୍ରନ୍' ବ୍ୟାପକ ଭାବରେ ମାଡ଼ି ଚାଲିଛି। ଏଥିପାଇଁ ଦେଶର ନାଗରିକଙ୍କୁ ସଚେତନ କରାଯିବା ସହ ମାସ୍କ ବାଧ୍ୟତାମୂଳକ କରାଯାଇଛି। ହେଲେ ଗୁରୁବାର ବିକ୍ଷୋଭ ସମୟରେ ପୋଲିସ କି ଭାଜପା କର୍ମୀ କରୋନା କଟକଣାକୁ ସମ୍ପୂର୍ଣ୍ଣ ଭାବେ ଭୁଲିଯାଇଥିଲେ। ଅଧିକାଂଶ ମୁହଁରେ ମାସ୍କଟିଏ ଦେଖିବାକୁ ମିଳି ନ ଥିଲା। ଏହା କରୋନାକୁ ଆମନ୍ତ୍ରଣ ଦେଲା ଭଳି ମନେ ହେଉଥିଲା।

## କୃଷିର ବ୍ୟବସାୟିକ ଦିଗ ନିରୂପଣ ଚାଷୀଙ୍କୁ ଲାଭ ଦେବ

### ବଜାର ସମସ୍ୟା ସମାଧାନ ପାଇଁ ସ୍ୱତନ୍ତ୍ର ଋଣ ନୀତି ଆବଶ୍ୟକ

**ଭୁବନେଶ୍ୱର, ୯।୧୨ (ବ୍ୟୁରୋ)**

କୃଷି ବିବିଧତା ଓ ଅମଳ ବୃଦ୍ଧି ସହ କୃଷିର ବ୍ୟବସାୟିକ ଦିଗ ନିରୂପଣ କୃଷକମାନଙ୍କୁ ଲାଭାନ୍ୱିତ କରିବ। ଅଣଧାନ କୃଷିର ବଣ୍ଟନ ଓ ବଜାରକୁ ନେଇ ରହିଥିବା ସମସ୍ୟାର ସମାଧାନ ନିମନ୍ତେ ସ୍ୱଳ୍ପମିଆଦୀ ଓ ଦୀର୍ଘମିଆଦୀ ଋଣ ନୀତି ପ୍ରସ୍ତୁତ କରିବାକୁ ହେବ। ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆପିକଲ୍‌ରେ ମାନବସମ୍ବଳକୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ତେଣୁ ଏ ସଂକ୍ରାନ୍ତରେ ତୁରନ୍ତ ମୁଖ୍ୟ ଶାସନ ସଚିବଙ୍କ ଅନୁମୋଦନ ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀ କହିଛନ୍ତି।

କୃଷି ବିବିଧତା ଓ ଅମଳ ବୃଦ୍ଧି ସହ କୃଷିର ବ୍ୟବସାୟିକ ଦିଗ ଉପରେ ଗୁରୁତ୍ୱ ଦେବା ପାଇଁ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଅସିତ କହିଲେ, ଅଣଧାନ ଚାଷ ପ୍ରତି ମନ ବଳାଉଥିବା ଚାଷୀଙ୍କୁ ସୁବିଧା ଉପଲବ୍ଧ କରାଗଲେ ସେମାନଙ୍କ ସହ ଅନ୍ୟମାନେ ମଧ ଧାନ ଚଷ କରିବାକୁ ଆଗ୍ରହ ପ୍ରକାଶ କରିବେ। ଆଗକୁ ଓରମାସ ସହାୟତାରେ ଜିଆଇଏସ୍ ସମ୍ମିଳିତ ଶସ୍ୟଗୁଡ଼ିକର ଡାଟାବେସ୍ ପରିଚାଳନା ପଦ୍ଧତିର ବିକାଶ ପାଇଁ ସମବାୟ ବିଭାଗ ଓ କୃଷି ବିଭାଗ ଏକ ବିଶ୍ଳେଷଣ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା । ବିଟି କଟନ୍ ମଞ୍ଜି ବଣ୍ଟନ ଓ ରାଜ୍ୟରେ ତା'ର ପ୍ରଭାବ ଉପରେ ଅନୁଧାନ କରିବା ସହିତ ଆଗ୍ରୋ ସେବା କେନ୍ଦ୍ର ପ୍ରତିଷ୍ଠା, ମାଟିର ଉର୍ବରତା ନିମନ୍ତେ ନଳିତା ଚାଷ, କୃଷି ସ୍ୱାସ୍ଥ୍ୟ କାର୍ଡ ପ୍ରଚଳନ ବ୍ୟବସ୍ଥା କରିବାକୁ ପଦକ୍ଷେପ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏ ସଂକ୍ରାନ୍ତରେ ବିଶେଷ ଆଲୋଚନା ପାଇଁ ଆସନ୍ତା ୧୮ ତାରିଖରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଖାଦ୍ୟ ଉତ୍ପାଦନ ସଂଗଠନଗୁଡ଼ିକୁ ନେଇ ଏକ ବୈଠକ ବସିବ। ସେହିଭଳି କେଉଁଝର ଓ ମୟୂରଭଞ୍ଜଠାରେ 'ଇଣ୍ଡଷ୍ଟ୍ରି କେୟାର' କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପ୍ରମୁଖ ଖାଦ୍ୟ ଉତ୍ପାଦନ ସଂଗଠନ ଓ ଉଦ୍ୟୋଗୀମାନଙ୍କ ସହ ଆପିକଲର ପରିଚାଳନା ନିର୍ଦ୍ଦେଶକ ଏବଂ ଶିଳ୍ପ ବିଭାଗର ଅଧିକାରୀମାନେ ମତ ବିନିମୟ କରିବେ। ଏହି ଆଲୋଚନାରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଶାସନ ସଚିବ ବୀର ବିକ୍ରମ ଯାଦବ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓସାମ୍ ବୋର୍ଡର ସଦସ୍ୟ ସଚିବ ବିଶ୍ୱରଞ୍ଜନ ସାସମଲ, କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗର ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର, ଉଦ୍ୟାନ କୃଷି ବିଭାଗ ନିର୍ଦ୍ଦେଶକ ରୋହିତ ଲେଙ୍କା ପ୍ରମୁଖ ଭାଗ ନେଇଥିଲେ।

## ଏଜି କ୍ଲବ ସେମିରେ

**ବାରଙ୍ଗ,୯।୧୨(ଡି.ଏନ୍.ଏ.)**

ୟୁନାଇଟେଡ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଗଣ୍ଡରପୁର ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର ଫୁଟବଲ କପ ଟୁର୍ନାମେଣ୍ଟର ଗୁରୁବାର ଥିଲା ଚତୁର୍ଥ ଦିବସ। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ୩ଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତା ହୋଇଥିଲା। ପ୍ରଥମ ମ୍ୟାଚ୍ ପ୍ରତାପ କ୍ଲବ ୩-୦ ଗୋଲରେ ବାଞ୍ଛାମଣି କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚରେ ସୁପ୍ରିମ ଫୁଟବଲ କ୍ଲବ ୧-୦ ଗୋଲରେ ଗବବସ୍ତକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ବବୁଲ ରାଉତ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ହାପି ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ତୃତୀୟ ମ୍ୟାଚ ସହରାଞ୍ଚଳରେ ହୋଇଥିଲା। ଏଥିରେ ଏଜି କ୍ଲବ ଭୁବନେଶ୍ୱର ୧-୦ ଗୋଲରେ କୋଲକାତାର ରେଣୁଆ ଆଦିବାସୀ ଟିମ୍‌କୁ ହରାଇସେମିଫାଇନାଲରେପ୍ରବେଶକରିଛି।

## ଲୁମିନସ୍ ପକ୍ଷରୁ ଗ୍ରାହକ ସମ୍ମିଳନୀ




ସମ୍ମିଳନୀରେ ଉପସ୍ଥିତ କମ୍ପାନୀ ଅଧିକାରୀ ଓ ଅତିଥି।

**ଭୁବନେଶ୍ୱର,୯।୧୨**

ଦେଶର ପ୍ରମୁଖ ବିଦ୍ୟୁତ୍ ସାମଗ୍ରୀ ବିତରକ କମ୍ପାନୀ 'ଲୁମିନସ୍' ପକ୍ଷରୁ ନିକଟରେ ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ହୋଟେଲରେ ଗ୍ରାହକ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ଭାରତର ଉତ୍ତରପଶ୍ଚିମ ରାଜ୍ୟଗୁଡିକର ପ୍ରମୁଖ ଡିଲରମାନଙ୍କୁ ନେଇ କମ୍ପାନୀ ଏଭଳି ଏକ କାର୍ଯ୍ୟକ୍ରମ ସହ ବନ୍ଧୁମିଳନ କରିଥିଲା। ଏହି ଅବସରରେ କମ୍ପାନୀର ପିଏସ୍‌ବି-ଜିଏମ୍ (ଇଷ୍ଟ) ଅର୍ଣ୍ଣବ ପାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ଓ କମ୍ପାନୀ କାରବାର ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେହିଭଳି ଆସନ୍ତା ଦିନରେ କମ୍ପାନୀର କାରବାର କିଭଳି ଭଲ କରିବ ସେ ନେଇ ମଧ ଡିଲର ଓ କମ୍ପାନୀ କର୍ମଚାରୀଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ମାର୍କେଟିଂ ମ୍ୟାନେଜର (ଇଷ୍ଟ) ଜାହିଦ ହୁସେନ କହିଛନ୍ତି, କମ୍ପାନୀର ନର୍ଥଇଷ୍ଟ ବଜାର ହେଉଛି ଅତି ଗୁରୁତ୍ୱପୂର୍ଣ୍ଣ। ଏହା କିପରି ପୂର୍ବପରି ଆହୁରି ଭଲ କରିବ ସେଥିପାଇଁ ସମସ୍ତଙ୍କ ସହଯୋଗ ଓ ଆତ୍ମବିଶ୍ୱାସ ରହିବା ଆବଶ୍ୟକ। କମ୍ପାନୀର କାରବାର ଅଭିବୃଦ୍ଧି ସାଙ୍ଗକୁ ବଜାରକୁ ଦେଖି କାରବାର ବୃଦ୍ଧି ଓ ସମ୍ପ୍ରସାରଣ ଭଳି ଯୋଜନା କରିବାର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। କମ୍ପାନୀ ବର୍ତ୍ତମାନ ଇନ୍‌ଭର୍ଟର, ବ୍ୟାଟେରି, ସୋଲାର ପ୍ରଡକ୍ଟ ସାଙ୍ଗକୁ ଅନ୍ୟ ବିଦ୍ୟୁତ୍ ସାମଗ୍ରୀ ବଜାରରେ ଉପଲବ୍ଧ କରାଇଛି। କମ୍ପାନୀ ଗ୍ରାହକଙ୍କ ଭଲ ପାଇବା ସହ ନିଜର ବ୍ୟବସାୟିକ କାରବାରକୁ ଏକ ମଜଭୁତ ସ୍ଥିତରେ ରଖିପାରିଛି। ଏହି ସମ୍ମିଳନୀକୁ କମ୍ପାନୀର ଓଡ଼ିଶା ଶାଖା ମୁଖ୍ୟ ଅଭିଷେକ ସିଂହ ପରିଚାଳନା କରିବା ସହ କମ୍ପାନୀ ପକ୍ଷରୁ ଉପସ୍ଥିତ ଥିବା ସମସ୍ତ ଅଧିକାରୀ ଓ ଡିଲରମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## 'ସନ୍ତାନ ମାତାପିତାଙ୍କୁ ଭକ୍ତି କଲେ ସଫଳତା ପାଇବେ'

### ଡ୍ରିମ୍‌ସରେ ଇଚ୍ଛାବତୀ ରଥ ସ୍ମୃତି ସମାରୋହ

**କଟକ ଅଫିସ, ୯।୧୨**




ସ୍ମୃତି ସମାରୋହରେ ଅତିଥିଙ୍କ ସହ ଅନ୍ୟମାନେ।

କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍‌ସ ପରିସରରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ସ୍ତ୍ରୀ ଇଚ୍ଛାବତୀ ରଥଙ୍କ ୫ମ ପୁଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ 'ସ୍ମୃତିରେ ଇଚ୍ଛାବତୀ' ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଧନେଶ୍ୱର ରଥ ଫାଉଣ୍ଡେଶନ ଓ ଡ୍ରିମ୍‌ସ ପରିବାର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଯୋଗ ବେଦାନ୍ତ ଆଶ୍ରମର ପ୍ରଚାରକ ସ୍ୱାମୀ ବ୍ରହ୍ମସ୍ୱରୂପାନନ୍ଦ ପୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ମାତାପିତା ଆଦର୍ଶବାଦୀ ହେଲେ ସନ୍ତାନସନ୍ତତିଙ୍କ ଉପରେ ଏହାର ସୁପ୍ରଭାବ ପଡିଥାଏ। ମାତାପିତାଙ୍କୁ ଭକ୍ତି ଓ ଯଥୋଚିତ ସମ୍ମାନ ଦେଲେ ସନ୍ତାନ ଜୀବନରେ ସୁଖ ଓ ସଫଳତା ପ୍ରାପ୍ତ ହୁଏ। ଇଚ୍ଛାବତୀଙ୍କ ପୁଅ ତଥା ଡ୍ରିମ୍‌ସ ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ମାତାପିତାଙ୍କ ପ୍ରତି ଶ୍ରଦ୍ଧା ଓ ଅତୁଟ ଭକ୍ତି ରଖି ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଫାଉଣ୍ଡେଶନ୍‌ର କାର୍ଯ୍ୟକାରୀ ଅଧକ୍ଷ ବଳରାମ କର ଏଥିରେ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ଇଚ୍ଛାବତୀ ଓ ଭାରତର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ(ସିଡିଏସ୍) ଜେନେରାଲ ବିପିନ ରାୱତଙ୍କ ମୃତ୍ୟୁରେ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ହୃଦରୋଗ ବିଶେଷଜ୍ଞ ଶିଶୁଶଙ୍କର ମିଶ୍ର, ଡ. କପିଳେଶ୍ୱର ମିଶ୍ର, ଅବସରପ୍ରାପ୍ତ ବିଚାରପତି ବୈଷ୍ଣମ୍ପାୟନ କର, ଡ. ସ୍ନିଗ୍ଧମଧୁସୂଦନ ଦାସ, ଡ. ପି. କଙ୍ଗନେଶ୍ୱରୀ, ପ୍ରାଧ୍ୟାପକ ଆଶିଷ ସ୍ୱାଇଁ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଇଂ. ସୁଧାଂଶୁ ଭୂଷଣ କର, ସଚିବ ଚନ୍ଦ୍ରକାନ୍ତ ପଣ୍ଡା, ପ୍ରାଣବନ୍ଧୁ ନାୟକଙ୍କ ସମେତ ରଥ ପରିବାରର ସଦସ୍ୟ ଯୋଗଦେଇଥିଲେ। ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘ ପକ୍ଷରୁ ଧାରଣା

**ଭୁବନେଶ୍ୱର,୯।୧୨(ବ୍ୟୁରୋ)**

ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘ ପକ୍ଷରୁ ଗୁରୁବାର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଥିଲା। ସଂଘ ପକ୍ଷରୁ ମାସିକ ବେତନ ୧୮ହଜାର ଟଙ୍କା ସହ ଡିଏ, ଏଡିଏ, ଗ୍ରେଡ୍ ପେ, ଇଏସ୍ଏ, ପିଏସ୍ଆଇ ଆଦି ସରକାରୀ ସୁବିଧା ସୁଯୋଗ, ଭିଲେଜ ଗାର୍ଡ ପରିବର୍ତ୍ତେ ଭିଲେଜ୍ ପୋଲିସର ମାନ୍ୟତା, ଖାଲିଥିବା ଗ୍ରାମରକ୍ଷୀ ପଦବୀ ପୂରଣ, ପୋଲିସ ପ୍ରଶିକ୍ଷଣ, ଡ୍ରେସ ପ୍ରଦାନ, ପଦବୀରେ ଥାଇ ମୃତ୍ୟୁ ହେଲେ ଅନ୍ୟୁନ ୧୨ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବାକୁ ଦାବି କରାଯାଇଛି। ଗ୍ରାମରକ୍ଷୀମାନେ ଥାନାବାବୁଙ୍କୁ ସମସ୍ତ ଗୁପ୍ତ ସୂଚନା ଦେଉଥିବାରୁ ସେମାନଙ୍କୁ ମାଓବାଦୀ ହତ୍ୟା କରୁଥିବା ସଂଘ ସଭାପତି ଅମରେଶ୍ୱର ମଲ୍ଲିକ କହିଛନ୍ତି। ମିଳୁଥିବା ଦରମାରେ ଘର ପରିବାର ଚଳିବା ଅତ୍ୟନ୍ତ କଷ୍ଟ ହୋଇ ପଡୁଛି। ସରକାର ଦାବି ଶୁଣିବେ ବୋଲି ଗ୍ରାମରକ୍ଷୀମାନେ ଆଶା ରଖିଥିବା ସଂଘ ପକ୍ଷରୁ କୁହାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୦ ଡିସେମ୍ବର, ୨୦୨୧



**ଚିତ୍ରଶିଳ୍ପୀ ବିଭୂତି କାନୁନ୍‌ଗୋଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

ଭୁବନେଶ୍ୱର,(ବ୍ୟୁରୋ): ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ପ୍ରଖ୍ୟାତ ଚିତ୍ରଶିଳ୍ପୀ ସ୍ୱର୍ଗତ ବିଭୂତି କାନୁନ୍‌ଗୋଙ୍କ ୧୦୦ତମ ଜୟନ୍ତୀ ଉତ୍ସବ ଏକାଡେମୀ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ସଚିବ ପଞ୍ଚାନନ ସାମଲଙ୍କ ସମେତ ବହୁ ବିଶିଷ୍ଟ ଚିତ୍ରଶିଳ୍ପୀ ଯୋଗଦେଇ ଚିତ୍ରକଳା କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ମତ ଦେଇଥିଲେ। ଏହି ଅବସରରେ କାନୁନ୍‌ଗୋଙ୍କ ଦ୍ୱାରା ପ୍ରସ୍ତୁତ ବୃତ୍ତ ଚିତ୍ର ପ୍ରସାରିତ ହୋଇଥିଲା।

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ବାରଙ୍ଗ,୯।୧୨(ଡି.ଏନ୍.ଏ.): ନନ୍ଦନକାନନ ଥାନା ଅଧୀନ ଗଣ୍ଡରପୁର ଗ୍ରାମରୁ ଗୁରୁବାର ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତା ହେଲେ କଳ୍ପନା ସେନାପତି(୪୯)। ସୂଚନା ମୁତାବକ, ସବୁଦିନ ପରି ବୁଧବାର ରାତିରେ କଳ୍ପନା ଖାଇ ସାରିବା ପରେ ଶୋଇଥିଲେ। ଗୁରୁବାର ଭୋରୁ କଳ୍ପନାଙ୍କ ମୃତଦେହ ଘର ଫ୍ୟାନରେ ଝୁଲୁଥିବା ତାଙ୍କ ପୁଅ ଦେଖିବାକୁ ପାଇଥିଲେ। ଏନେଇ ପରିବାର ପକ୍ଷରୁ ନନ୍ଦନକାନନ ଥାନାକୁ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। କଳ୍ପନାଙ୍କ ସ୍ୱାମୀ ରବୀନ୍ଦ୍ର ସେନାପତି ଦେଢ଼ବର୍ଷ ପୂର୍ବେ ମୃତ୍ୟୁବରଣ କରିଥିବା ବେଳେ ପାରିବାରିକ ଅଭାବ ଅନଟନ ସହି ନ ପାରି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

### ପାରସ୍ପରିକ ବୁଝାମଣାରେ ପରିବାର ସମସ୍ୟାର ସମାଧାନକୁ ଗୁରୁତ୍ୱ

ଭୁବନେଶ୍ୱର,୯।୧୨(ବ୍ୟୁରୋ): ଓଡିଶା ରେଡ୍‌କ୍ରସ୍ ପରିବାର ପରାମର୍ଶ କେନ୍ଦ୍ର ପକ୍ଷରୁ ଅନ୍ଧାରୁଆ ଗାଁରେ ପରିବାର ପରାମର୍ଶ ସମ୍ପର୍କିତ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନ୍ଧାରୁଆ ଗାଁର ବହୁ ମହିଳା ଓ ଯୁବତୀ ଅଂଶଗ୍ରହଣ କରିଥିଲେ। ପରିବାର ପରାମର୍ଶ କେନ୍ଦ୍ରର ପରାମର୍ଶଦାତ୍ରୀ ବିଜୟଲକ୍ଷ୍ମୀ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମାଜରେ ଘଟୁଥିବା ବିଭିନ୍ନ ପାରିବାରିକ ସମସ୍ୟା ଓ ତା'ର ନିରାକରଣ ସମ୍ପର୍କରେ ବିଜୟଲକ୍ଷ୍ମୀ ସମସ୍ତଙ୍କୁ ଅବଗତ କରାଇଥିଲେ। ପରିବାର ସମସ୍ୟାର ସମାଧାନ କରିବା ପାଇଁ ରେଡ୍‌କ୍ରସ୍‌ସ୍ଥିତ ପରିବାର କେନ୍ଦ୍ର ସହାୟତାରେ ପାରସ୍ପରିକ ବୁଝାମଣା ପାଇଁ ପରାମର୍ଶ ଦେଇଥିଲେ। ସମାଜରେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର, ଏହାର ନିରାକରଣ ଏବଂ ଏଥିପାଇଁ ଥିବା ଆଇନ ଧାରା ସମ୍ପର୍କରେ ସେ ଆଲୋଚନା କରିଥିଲେ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଗୁରୁବାର ଆରମ୍ଭ ହୋଇଥିବା ପଶ୍ଚିମ ଓଡ଼ିଶା ନୃତ୍ୟ, ସଙ୍ଗୀତ ଉତ୍ସବ 'ରଙ୍ଗବତୀ'ରେ କଳାକାରମାନେ 'ଚୁଟ୍‌କୁଚୁଟା' ପରିବେଷଣ କରୁଛନ୍ତି।

# ପଶ୍ଚିମ ଓଡ଼ିଶା ନୃତ୍ୟ ସଙ୍ଗୀତରେ ଦୁଲୁକିଲା ମଞ୍ଚ

## ଆରମ୍ଭ ହେଲା 'ରଙ୍ଗବତୀ'

ଭୁବନେଶ୍ୱର, ୯।୧୨ (ବ୍ୟୁରୋ)

ଢୋଲ, ମାଦଳ, ତାସା, ଟିମିକିଡି ଆଦି ବିଭିନ୍ନ ବାଦ୍ୟର ତାଳେ ତାଳେ କମ୍ପି ଉଠିଥିଲା ପ୍ରେକ୍ଷାଳୟ। ପଶ୍ଚିମ ଓଡ଼ିଶାର ଲୋକପ୍ରିୟ ସଙ୍ଗୀତ ସାଙ୍ଗକୁ ଶିଳ୍ପୀଙ୍କ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ଆମୋଦିତ କରିଥିଲା। ଅବସର ଥିଲା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ପଶ୍ଚିମ ଓଡ଼ିଶା ନୃତ୍ୟ, ସଙ୍ଗୀତ ଉତ୍ସବ 'ରଙ୍ଗବତୀ'। ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲିବ।

ଉଦ୍‌ଘାଟନୀ ସନ୍ଧ୍ୟାର ପ୍ରଥମ ପରିବେଷଣରେ ଡାପ୍ ନୃତ୍ୟକୁ ନେଇ ମଞ୍ଚକୁ ଆସିଥିଲେ ସମ୍ବଲପୁରର ଲହରି ଅନୁଷ୍ଠାନର ମୋହିତ୍ ସ୍ୱାଇଁ ଓ ସାଥୀ। ଏହାପରେ ସୁବର୍ଣ୍ଣପୁରର ପଏଁରା ଅନୁଷ୍ଠାନର ଚୌଧୁରୀ ବିଭାର ଓ ସାଥୀଙ୍କ ଦ୍ୱାରା 'ଚୁଟ୍‌କୁଚୁଟା' ପରିବେଷିତ ହୋଇଥିଲା। ତାଙ୍କ ପରେ ବରଗଡ ଜିଲାର ସମ୍ବଲପୁରୀ ଫୋକ୍ ଏକାଡେମୀର ରବିରତନ ସାହୁ ଓ ସାଥୀଙ୍କ ଦ୍ୱାରା 'ଗୁକେଲର କଥା' ଏବଂ କଳାହାଣ୍ଡି କେସିଙ୍ଗାର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅକ୍ଷୟ କୁମାର ଦାଶ ଓ ସାଥୀଙ୍କ ଦ୍ୱାରା 'ପଞ୍ଚରସୀ' ପ୍ରଦର୍ଶିତ ହୋଇଥିଲା।

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ସୁଶାନ୍ତ ସିଂ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସମେତ ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ଉପସ୍ଥିତ ଥିଲେ।

# ୨୭ଲକ୍ଷ ଟିକାକରଣ ପାର୍ କଲା ବିଏମ୍‌ସି

ଭୁବନେଶ୍ୱର, ୯।୧୨(ବ୍ୟୁରୋ): କରୋନା ସଂକ୍ରମଣରୁ ଲୋକଙ୍କୁ ସୁରକ୍ଷା ଦେବାପାଇଁ ଗାଇଡ୍‌ଲାଇନ୍ ପାଳନ ସହିତ ଟିକାକରଣକୁ ଗୁରୁତ୍ୱ ଦିଆଯାଉଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମଧ୍ୟ ରାଜଧାନୀର ଟିକାକରଣକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛି। ଫଳରେ ଟିକାକରଣ କ୍ଷେତ୍ରରେ ବିଏମ୍‌ସି ଆଉଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ଭୁବନେଶ୍ୱରରେ ଏଯାବତ୍ ମୋଟ ୨୭ଲକ୍ଷ ୩ହଜାର ୩୩୩ ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରେ ୧୪ଲକ୍ଷ ୧୫ହଜାର ୫୦୬ଜଣ ପ୍ରଥମ ଡୋଜ୍ ନେଇଥିବାବେଳେ ୧୨ଲକ୍ଷ ୮୭ହଜାର ୮୨୭ଜଣ ଦୁଇଟି ଯାକ ଡୋଜ୍ ନେଇଛନ୍ତି। ସେହିପରି ୧୮ରୁ ୪୪ବର୍ଷୀୟ ବର୍ଗଙ୍କ ମଧ୍ୟରୁ ୮ଲକ୍ଷ ୪୧ହଜାର ୧୭୮ଜଣ ପ୍ରଥମ ଓ ୭ଲକ୍ଷ ୬୭ହଜାର ୩୪ଜଣ ଦ୍ୱିତୀୟ ଡୋଜ୍, ୪୫ରୁ ୫୯ ବର୍ଷୀୟ ବର୍ଗଙ୍କ ମଧ୍ୟରେ ୩ଲକ୍ଷ ୧୮ହଜାର ୬୭୬ଜଣ ପ୍ରଥମ ଓ ୨ଲକ୍ଷ ୮୯ହଜାର ୩୬୮ଜଣ ଉଭୟ ଡୋଜ୍ ନେଇଛନ୍ତି। ଏହା ବ୍ୟତୀତ ୬୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମଧ୍ୟରୁ ୧ଲକ୍ଷ ୫୮ହଜାର ୨୧୫ଜଣ ପ୍ରଥମ ଓ ୧ଲକ୍ଷ ୪୨ହଜାର ୩୨୭ ଜଣ ଦ୍ୱିତୀୟ ଡୋଜ୍ ନେଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି।

# ନୂଆ ରୂପ ନେବ ନନ୍ଦନକାନନ ବସ୍‌ଷ୍ଟାଣ୍ଡ

## ରହିବ ମାର୍କେଟ କମ୍ପ୍ଲେକ୍ସ

### ନନ୍ଦନକାନନ ଟିକେଟ କାଉଣ୍ଟର ପର୍ଯ୍ୟନ୍ତ ଅଣ୍ଡରପାସ୍

ବାରଙ୍ଗ,୯।୧୨(ଡି.ଏନ୍.ଏ.)

ନୂଆ ରୂପ ନେବ ନନ୍ଦନକାନନ ବସ୍‌ଷ୍ଟାଣ୍ଡ। ଏହାର ଉନ୍ନତୀକରଣ କରାଯିବ। ବସ୍‌ଷ୍ଟାଣ୍ଡରେ ରହିବ ମାର୍କେଟ କମ୍ପ୍ଲେକ୍ସ। ମାର୍କେଟ କମ୍ପ୍ଲେକ୍ସରେ ନନ୍ଦନକାନନ ବସ୍‌ଷ୍ଟାଣ୍ଡ ବଣିକ ସଂଘର ବ୍ୟବସାୟୀଙ୍କୁ ଥଇଥାନ କରାଯିବ। ଏନେଇ ନନ୍ଦନକାନନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଭୁବନେଶ୍ୱର ଆର୍‌ଆଣ୍ଡବି ବିଭାଗ ଦ୍ୱାରା ଏହାର କାର୍ଯ୍ୟ କରାଯିବା ସହ ୧ବର୍ଷ ମଧ୍ୟରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି।




ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଆହ୍ୱାନକ୍ରମେ କନ୍‌ଫରେନ୍ସ ହଲ୍‌ରେ ବଣିକ ସଂଘର କର୍ମକର୍ତ୍ତାଙ୍କୁ ନେଇ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଣିକ ସଂଘ ସଭାପତି ସନ୍ତୋଷ ରାଉତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୈଠକରେ ଯୋଗ ଦେଇଥିଲେ। ବସ୍‌ଷ୍ଟାଣ୍ଡକୁ ନେଇ ନନ୍ଦନକାନନ ପକ୍ଷରୁ କରାଯାଇଥିବା ମାଷ୍ଟର ପ୍ଲାନ ସହ ବ୍ୟବସାୟୀଙ୍କ ଥଇଥାନ ଉପରେ ଆଲୋଚନା ହୋଇଥିଲା। ବିଶେଷକରି ପର୍ଯ୍ୟଟକମାନେ ଯେପରି ଉନ୍ନତମାନର ସେବା ପାଇପାରିବେ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ପର୍ଯ୍ୟଟକଙ୍କ ସହ ଗାଡ଼ି ଚାଳକଙ୍କ ପରିସ୍ରାଗାର, ପାନୀୟଜଳର ବ୍ୟବସ୍ଥା କରାଯିବ। ବସ୍‌ଷ୍ଟାଣ୍ଡରୁ ନନ୍ଦନକାନନ ଟିକେଟ କାଉଣ୍ଟର ପର୍ଯ୍ୟନ୍ତ ଯିବା ପାଇଁ ଏକ ଅଣ୍ଡରପାସର ବ୍ୟବସ୍ଥା ହେବ। ଏହି ଅଣ୍ଡରପାସ୍‌ରେ ୪ଟି ଦୋକାନ ରହିବ, ଯେଉଁଥିରେ ବ୍ୟବସାୟୀମାନେ ଶୁଖିଲା ଖାଦ୍ୟ ବିକ୍ରି କରିବେ। ମାର୍କେଟ କମ୍ପ୍ଲେକ୍ସରେ ହେବାକୁ ଥିବା ବିଭିନ୍ନ ଦୋକାନରେ ପର୍ଯ୍ୟଟକମାନେ ଖାଦ୍ୟ ଖାଇବାର ବ୍ୟବସ୍ଥା କରାଯିବ। ଗାର୍ଡେନର ମଧ୍ୟ ବ୍ୟବସ୍ଥା ରହିବ। ପୁରୀ, ବଙ୍ଗୀୟ, ଲୋକାଲ ଆଦି ୩ଟି ରୋ କରାଯାଇ ବସ୍‌ଗୁଡିକ ରଖାଯିବା ନେଇ ବ୍ୟବସ୍ଥା କରାଯାଇଛି। ବସ୍‌ଷ୍ଟାଣ୍ଡର ଚତୁଃପାର୍ଶ୍ୱକୁ ଆବଦ୍ଧ ସହ ଗୋଟେ ପଟେ ପ୍ରବେଶ ଓ ଅନ୍ୟପଟେ ପ୍ରସ୍ଥାନର ବ୍ୟବସ୍ଥା ରହିବ। ବୈଠକରେ ଭୁବନେଶ୍ୱର ଆଞ୍ଚଳିକ ବନ ସଂରକ୍ଷକ ତଥା ପୂର୍ବତନ ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ମହାପାତ୍ର ମାଷ୍ଟରପ୍ଲାନ ଉପରେ ବଣିକ ସଂଘର ପ୍ରତିନିଧିଙ୍କୁ ବୁଝାଇବା ସହ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଉଦ୍ୟମକୁ ବଣିକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ମନୋଜ ଭି ନାୟାର, ଉପ-ନିର୍ଦ୍ଦେଶକ ସଞ୍ଜିତ୍ କୁମାର, ସହକାରୀ ନିର୍ଦ୍ଦେଶକ ଶରତ ବେହେରା, ଜିଲା ପରିଷଦ ସଦସ୍ୟ, ଆର୍‌ଆଣ୍ଡବି ସହକାରୀ ଯନ୍ତ୍ରୀଙ୍କ ସମେତ ନନ୍ଦନକାନନ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଜାଗା ମିଶନକୁ ବିଶ୍ୱସ୍ତରୀୟ ପୁରସ୍କାର

ଭୁବନେଶ୍ୱର,୯।୧୨(ବ୍ୟୁରୋ): ରାଜ୍ୟ ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବିକାଶ(ଏଚ୍‌ଆଣ୍ଡୟୁଡି) ବିଭାଗ ଅଧୀନରେ ଚାଲିଥିବା ଜାଗା ମିଶନ କାର୍ଯ୍ୟକ୍ରମକୁ ଗୁରୁବାର ବିଶ୍ୱସ୍ତରୀୟ ଏସିଆ ପାସିଫିକ୍ ହାଉସିଂ ଫୋରମ୍ ଇନୋଭେଶନ ଆୱାର୍ଡ-୨୦୨୧ ମିଳିଛି। ଜାଗା ମିଶନର ବସ୍ତି ଉନ୍ନତୀକରଣ କାର୍ଯ୍ୟକ୍ରମକୁ ସ୍ୱୀକୃତି ପ୍ରଦାନ ନୀତିରେ ନବୀକରଣ ସକାଶେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ବିଭିନ୍ନ ଦେଶରେ ଚାଲିଥିବା ୫୦ଟି କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ତର୍ଜାତୀୟ ବିଚାରକମଣ୍ଡଳୀ ଜାଗା ମିଶନ କାର୍ଯ୍ୟକ୍ରମକୁ ଚୟନ କରିଛନ୍ତି। ସହରଗୁଡ଼ିକରେ ଅସ୍ଥାୟୀଭାବେ ଗଢ଼ିଉଠୁଥିବା ବସତିଗୁଡ଼ିକର ଉନ୍ନତି ନିମନ୍ତେ ବିଭିନ୍ନ ଦେଶର ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆସିବା ଜରୁରୀ ବୋଲି ଏହି ମିଶନ ପ୍ରତିପାଦିତ କରିଛି। ବସ୍ତିରେ ରହୁଥିବା ଲୋକମାନଙ୍କୁ ଜବରଦଖଲକାରୀଭାବେ ବିବେଚନା କରି ଉଚ୍ଛେଦ କରିବା ପରିବର୍ତ୍ତେ ସେମାନଙ୍କ ଜାଗାର ସୁରକ୍ଷା ଏବଂ ସହାବସ୍ଥାନ ସଶକ୍ତ ହେବା ଜରୁରୀ ବୋଲି ଜାଗା ମିଶନ କାର୍ଯ୍ୟକ୍ରମର ସନ୍ଦେଶ ରହିଛି। ଓଡ଼ିଶାରେ ବସ୍ତିରେ ରହୁଥିବା ପ୍ରାୟ ୧.୭୫ ଲକ୍ଷ ପରିବାରକୁ ବାସସ୍ଥାନର ସୁରକ୍ଷା ଦିଆଯାଇଛି। ୨୮ଟି ସହରାଞ୍ଚଳରେ ୫୫୦ବସ୍ତିକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ୨୦୧୯ରେ ଜାଗା ସୁରକ୍ଷାରେ ସଫଳତା ପାଇଁ ଜାଗା ମିଶନ କାର୍ଯ୍ୟକ୍ରମକୁ ୱାର୍ଲଡ ହାବିଟାଟ ଆୱାର୍ଡ ଦିଆଯାଇଥିଲା। ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ପାଇଁ ଜାଗା ମିଶନ କାର୍ଯ୍ୟକ୍ରମ ପଥପ୍ରଦର୍ଶକ ପାଲଟିଛି।

### ବାଚସ୍ପତିଙ୍କୁ ସମାଜବାଦୀ ପାର୍ଟିର ସ୍ମାରକପତ୍ର

ଭୁବନେଶ୍ୱର,୯।୧୨(ବ୍ୟୁରୋ): ବ୍ରହ୍ମପୁର ଶୀତଳାପଲ୍ଲୀଠାରେ ରେଳ ଡବା କାରଖାନା ନିର୍ମାଣକୁ କେନ୍ଦ୍ରର ନା ପ୍ରତିବାଦରେ ବିଧାନସଭାରେ ନିନ୍ଦା ପ୍ରସ୍ତାବ ଆଗତ ସହ ବର୍ଷା କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ଆଦି ବିଭିନ୍ନ ଦାବି ନେଇ ସମାଜବାଦୀ ପାର୍ଟି ପକ୍ଷରୁ ଗୁରୁବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମାଜବାଦୀ ପାର୍ଟି ପକ୍ଷରୁ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ଦୁଇଜଣିଆ ପ୍ରତିନିଧି ଦଳ ବାଚସ୍ପତିଙ୍କୁ ଭେଟି ଆଲୋଚନା କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ବିଧାନସଭାରେ କେନ୍ଦ୍ରର ଏହି ବୈମାତୃକ ମନୋଭାବ ବିରାଧରେ ଓଡ଼ିଶାର ବିଧାୟକମାନେ ଦଳମତ ନିର୍ବିଶେଷରେ ଏକ ନିନ୍ଦା ପ୍ରସ୍ତାବ ଆଗତ କରିବାକୁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦାବି କରାଯାଇଛି। ସେହିପରି ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କ ଋଣ ଛାଡ କରିବା ସହ ତୁରନ୍ତ କ୍ଷତିପୂରଣ ପ୍ରଦାନ, ରବି ଋତୁ ପାଇଁ ବିନା ସୁଧରେ ଚାଷୀଙ୍କୁ ଋଣ, ମାଗଣାରେ ବିହନ, ସାର ଓ କୀଟନାଶକ ଯୋଗାଣ ଏବଂ କ୍ଷତିଗ୍ରସ୍ତ ଅଞ୍ଚଳର ପିଲାଙ୍କ ସ୍କୁଲ ଓ କଲେଜ ଫି' ଛାଡ ପାଇଁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି।

**GOVT. OF ODISHA**
**DEPARTMENT OF WATER RESOURCES**
**O/o THE SUPERINTENDING ENGINEER, PRACHI DIVISION, BHUBANESWAR - 12**
E-mail: prachi.division@yahoo.co.in, Phone: 0674-2562427, Fax: 0674-2562472
No. 6242 Dt.8.12.21

**e-PROCUREMENT NOTICE NO. - SEPRD - 19/2021-22**

No.A-710:- Bid Documents consisting of work, estimate cost, cost of tender paper, EMD, time of completion, clas of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.

| | | |
|---|---|---|
| 01. | Nature of work | Canal works, emabankment works & structure works |
| 02. | No. of Works | 31 Nos. |
| 03. | Bid Identification No. | SEPRD - 19/2021-22 |
| 04. | Estimated Cost | 8.00 Lakhs to 35.00 Lakhs |
| 05. | Earnest Money Deposit | Referred to DTCN |
| 06. | Cost of Tender Paper | Referred to DTCN |
| 07. | Period of Completion | Referred to DTCN |
| 08. | Date & time of availability of bid documents in the Portal | From 10.12.2021 (11.00 AM) to 17.12.2021 (5.00 PM) |
| 09. | Date and time of Opening of Tender Documents & online bids | 18.12.2021 at 11.00 AM |
| 10. | Date of Lottery (In case of situation arises) | 27.12.2021 at 11.00 AM |
| 11. | Name and Address of the Officer inviting Bid | Superintending Engineer, Prachi Division, Bhubaneswar-12, E-mail: prachi.division@yahoo.co.in Phone: 0674-2562427, Fax: 0674-2562472 |

Further details can be seen from the State Govt. Portal www.tendersorissa.gov.in

Sd./- Superintending Engineer, Prachi Division, Bhubaneswar
OIPR-32096/11/0006/2122

No.A-712
**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, DRAINAGE DIVISION, CUTTACK-753003**
**e-Procurement Notice No.- EE-DD-CTC-05/2021-22**
e-mail Id:- eeddcuttack@gmail.com

| | | | |
|---|---|---|---|
| 1. | Total Number of Works | : | **01 (One) No.** |
| 2. | Nature of work | : | Drain Work |
| 3. | Estimated cost of Individual package ranging from | : | **₹14.54 Lakhs** |
| 4. | Date of opening of Bid | : | **16.12.2021, 11.00 AM.** |

5. Other details as follows:

| Procurement Officer | Bid Identification No. | Availability of Tender Online | | Last date & time for seekng tender clarification in e-Procurement portal | Date & Time of Opening of tender at Office Premises of Executive Engineer, Drainage Division, Cuttack | Date of Lottery (if required) |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Drainage Division, Gandarpur, Cuttack-753003 | EE-DD-CTC No.05/ 2021-22 | 06.12.2021 4.00 PM. | 15.12.2021 5.00 PM. | From 06.12.2021 4.00 PM. to 14.12.2021 up to 5.00 PM. during office hours | 16.12.2021 at 11.00 AM. | 22.12.2021 at 11.00 A.M. |

The bidders have to participate in on-line bidding only. Further details can be seen from the Govt. website www.tendersorissa.gov.in. Any Addencum/ Corrigendum/ Cancellation of tender can also be seen in the same website. If the office happens to be closed on the date of lottery the same process will be held on next working day in same time and venue.

Sd./- Executive Engineer, Drainage Division, Cuttack

**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, DRAINAGE DIVISION, CUTTACK-753003**
**e-Procurement Notice No.- EE-DD-CTC-06/2021-22**
e-mail Id:- eeddcuttack@gmail.com

| | | | |
|---|---|---|---|
| 1. | Total Number of Works | : | **01 (One) No.** |
| 2. | Nature of work | : | Drain and Structure work |
| 3. | Estimated cost of Individual package ranging from | : | **₹74.07 Lakhs** |
| 4. | Date of opening of Bid | : | **16.12.2021, 11.00 AM.** |

5. Other details as follows:

| Procurement Officer | Bid Identification No. | Availability of Tender Online | | Last date & time for seekng tender clarification in e-Procurement portal | Date & Time of Opening of tender at Office Premises of Executive Engineer, Drainage Division, Cuttack | Date of Lottery (if required) |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Drainage Division, Gandarpur, Cuttack-753003 | EE-DD-CTC No.06/ 2021-22 | 06.12.2021 4.00 PM. | 15.12.2021 5.00 PM. | From 06.12.2021 4.00 PM. to 14.12.2021 up to 5.00 PM. during office hours | 16.12.2021 at 11.00 AM. | 22.12.2021 at 11.00 A.M. |

The bidders have to participate in on-line bidding only. Further details can be seen from the Govt. website www.tendersorissa.gov.in. Any Addencum/ Corrigendum/ Cancellation of tender can also be seen in the same website. If the office happens to be closed on the date of lottery the same process will be held on next working day in same time and venue.

OIPR-32201/11/0007/2122
Sd./- Executive Engineer, Drainage Division, Cuttack

**OFFICE OF THE BLOCK DEVELOPMENT OFFICER, BASTA BLOCK, Dist. Balasore**
E-mail: ori-basta@nic.in
**TENDER CALL NOTICE**
**Advt. No. 3686/ Basta/ Bls. of 2021-22** **Date: 08.12.2021**

No. i-251:- Sealed Tenders (Percentage Rates) in conformity with the DTCN are invited from the **"C"** and **"B"** Class Contractors registered with the State Govt./ Central Govt. for Execution of **01 no. of Civil work** of **Rs. 22.83 lakhs per unit** for Construction of New HWC Sub-Centre Building at **Silda** under **Basta Block**, in the Dist. of **Balasore**. The tender documents (DTCN & BOQ) can be obtained (Download) from district NIC website (**www.baleswar.nic.in**) from Dated: **09.12.2021 to 22.12.2021 till 5 P.M.** The tenders will **Received up to Dated: 23.12.2021 till 5 P.M.** and **Opened on 24.12.2021 at 11.30 A.M.** and Address to Office of the BDO, Basta, Panchayat Samiti, Basta Block, Dist. Balasore through **Registered post/ Speed Post/ Courier service** only. The incomplete Bid in any form is liable for rejection. The detail terms and conditions can be downloaded at NIC Website (www.baleswar.nic.in).

OIPR-19171/11/0002/2122
Sd./- BDO, Basta Block

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, PANIKOILI (R&B) DIVISION, PANIKOILI**
Phone/Fax: 06726-240120, Email ID: eepwd.pkl@rediffmail.com
**CORRIGENDUM NOTICE TO**
**RFP Identification No. RFP - 02/2021-22**
**No. 6731** **Dt.08.12.2021**

No. B-787: The RFP Identification No. 02/2021-22 is hereby cancelled due to unavoidable circumstances.

Sd./- Superintending Engineer
Panikoili (R&B) Division
OIPR-34067/11/0026/2122

**INSTITUTE OF MATHEMATICS AND APPLICATIONS, BHUBANESWAR**
**(Science & Technology Department, Govt. of Odisha)**
Andharua, Bhubaneswar-751029. www.iomaorissa.ac.in
**No. IMA-13/951/2021** **Dt.09.12.2021**
**EMPANELMENT OF AGENCIES TO SUPPLY INDIAN AND FOREIGN JOURNALS/PERIODICALS**

No.CAD-2242:- The applications are invited for empanelment of Agencies for procurement of Indian and foreign journals/ periodicals for Library of **Institute of Mathematics and Applications (IMA), Bhubaneswar** for a period of 03 years. Application must be submitted **by 5.00 P.M. on 24.12.2021**. The filled-in applications along with necessary documents are required to be submitted in sealed envelope to:

**The Registrar,**
**Institute of Mathematics and Applications, Bhubaneswar,**
**Andharua, Bhubaneswar, Odisha, PIN-751029**

Complete application and other information can be downloaded from the Institute's website - **www.iomaorissa.ac.in**

Sd./- Registrar
Institute of Mathematics & Applications
Bhubaneswar
OIPR-28006/11/0008/2122

**OFFICE OF THE NOTIFIED AREA COUNCIL, KARANJIA, DIST.- MAYURBHANJ**
Phone No./Fax No. 06796-220401, Email ID: karanjian.hud@ori.nic.in
**No. 2982/NAC** **Date: 08.12.2021**
**"e" Procurement Notice**
**Bid Identification No. NAC-KJA-07/2021-22**

No. C-1543: Bid documents consisting of Work, Estiamted cost, cost of tender paper, EMD and time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

| | | | |
|---|---|---|---|
| 1. | Name of the work | : | Civil construction works as mentioned in website |
| 2. | No. of works | : | As per DTCN |
| 3. | Estimated Cost | : | As per DTCN |
| 4. | Class of Contractor | : | As per DTCN |
| 5. | Period of Completion | : | As per DTCN |
| 6. | Date & time of availability of Bid document in the portal | : | Dt.09.12.2021 to 16.12.2021 upto 5.00 P.M. |
| 7. | Last date/time for receipt of bids in the portal | : | Dt.16.12.2021 at 5.00 P.M. |
| 8. | Submission of Original document | : | Dt.17.12.2021 during office hours |
| 9. | Date & time of opening of Bids. | : | Dt.18.12.2021 at 11.00 A.M. |
| 10. | Name and address of the Officer Inviting Bid | : | Executive Officer, Karanjia N.A.C. |

If the rate quoted by the bidder is less than 15% of the tender amount then such a bid shall be rejected. The authority reserves right to reject any or all the tenders without assigning any reason thereof. Futher details can be seen from the procurement portal i.e. **www.tendersorissa.gov.in**.

Sd./- Executive Officer,
Karanjia N.A.C.
OIPR-13119/11/0009/2122

**ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର**
**ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା-୨୦୨୧ରେ ଭାଗନେବା ସମ୍ବନ୍ଧରେ**

No. PP-80: ଚଳିତ ବର୍ଷ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ତା୨୦।୧୨।୨୦୨୧ରିଖରୁ ତା୦୧।୦୧।୨୦୨୨ରିଖ ପର୍ଯ୍ୟନ୍ତ ଜନତା ମଇଦାନ, ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବା ପାଇଁ ତା୧୬।୧୧।୨୦୨୧ ଏବଂ ତା୧୭।୧୧।୨୦୨୧ରିଖ ଦିନ ଦୈନିକ ଓଡ଼ିଆ ଖବରକାଗଜ ''ସମାଜ'' ଓ ''ଧରିତ୍ରୀ''ରେ ପ୍ରକାଶ ପାଇଥିଲା। କିନ୍ତୁ ଅନିବାର୍ଯ୍ୟ କାରଣବଶତଃ ଉକ୍ତ ମେଳାଟିକୁ ସ୍ଥଗିତ କରାଗଲା। ଏହି ମେଳା ଅନୁଷ୍ଠିତ ହେବା ପୂର୍ବରୁ ବିଜ୍ଞାପନ ଜରିଆରେ ପୁନଶ୍ଚ ଜଣାଇ ଦିଆଯିବ। ଏହା ସମସ୍ତଙ୍କ ସଦୟ ଅବଗତି ନିମନ୍ତେ ଜଣାଇଦିଆଗଲା।

ସ୍ୱା./- ନିର୍ଦ୍ଦେଶକ, ବୟନଶିଳ୍ପ ନିର୍ଦ୍ଦେଶାଳୟ
ଓଡ଼ିଶା, ଭୁବନେଶ୍ୱର
OIPR-31003/11/0020/2122

**Rogi Kalyan Samiti**
**OFFICE OF THE MEDICAL OFFICER I/C, C.H.C., SINAPALI**
**At/Po/Ps - Sinapali, Dist.- Nuapada**
Telefax: 06671-236160, E-mail: bpmsusinapali@gmail.com
Letter No.704 Date: 06.12.2021
**NOTICE INVITING BID**

No.E-710:- Sealed tenders are invited from eligible bidders for supply of **Winger Ambulance** to CHC, Sinapali, Dist- Nuapada. The bid document with all information relating to the bidding process including cost of bid document, EMD, Eligiblity criteria and terms & conditions are available in the website: **www.nuapada.nic.in**. Interested eligible bidder can submit the bid on or before **16.12.2021 by 5 P.M. through Regd. Post/Speed Post** at office of the Medical Officer I/C, CHC, Sinapali. The tender will be opened on **17.12.2021 at 11 A.M.** in the office of the undersigned. The Authority reserves the right to accept/ reject any part thereof or all the bids without assigning any reason thereof.

Sd./- Medical Officer I/c
OIPR-10055/11/0024/2122
CHC, Sinapali, Dist.- Nuapada

**OFFICE OF THE DIVISIONAL FOREST OFFICER, DHENKANAL FOREST DIVISION**
Tele Fax No.-06762 226717, e-mail Id- dfo.dhenkanal@odisha.gov.in
**SHORT TENDER NOTICE**
**Bid Identification No.06/2021-22, Date: 08.12.2021**

No.MM-281:- The Divisional Forest Officer, Dhenkanal Forest Division whishes to procure **Tranquilizer Gun** & **Jab Stick** for use in Dhenkanal Division. Sealed quotations are invited from reputed intending Bidders as per the list in the tender documents. The tender documents can be downloaded from the website **www.dhenkanal.nic** from 10th December, 06:00 P.M onwards or can be obtained from the Office of the undersigned from 10th December, 2021, 2:00 PM onwards after payment of requisite fee Rs.100/-. With all requisite documents, the bids can be submitted at the above mentioned address on or before 17th December, 2021 latest by 5.00 PM by speed post/ registered post/by hand only. The tender will be opened in the office of the undersigned on 18th December, 2021 at 11:00 AM.

Sd./- DIVISIONAL FOREST OFFICER
OIPR-08037/11/0010/2122
DHENKANAL DIVISION

**ZILLA SWASTHYA SAMITI, BARGARH**
**TENDER CALL NOTICE**
**Advt. No. 12202/MDA/BGH/2021-22** **Date: 08.12.2021**

No. E-712: Sealed tenders are invited from reputed firms/ manufacturer/dealers/trader having valid PAN and GST. No for supply of following items to the office of CDM & PHO, Bargarh.

| Sl. No. | Name of the Item | Details of item along with Technical Specification/Eligibility Criteria/Terms & Conditions is available in annexure. |
|---|---|---|
| 01 | Plastic Tub | Pls. refere Annexure No. I, II, III & IV and Cover - B for Finance Bid |
| 02 | Plastic Mug | |
| 03 | Soap | |
| 04 | Cotton Towel | |

Sealed quotation must reach to the office of the undersigned on or before Dt.29.12.2021 upto 4.00 P.M. either through **Speed Post/Registered Post/Courier** only and will be opened on **Dt.30.12.2021 at 11.30 A.M.** The bidders can download the tender documents directly from the district website **www.bargarh.nic.in** along with terms & conditions and Technical specifications. The authority reserves the right to accept or reject any or all the bids without assigning any reason thereof. The authority will not be responsible for any postal delay.

Sd./- Chief District Medical & Public
Health Officer, Bargarh
OIPR-10124/11/0019/2122

**'ପାଣି ମାଗିଥିଲେ ରାୱତ୍'**

ଏକ ଚା ବଗିଚାରେ କାମ କରୁଥିବା ନିଜ ଭାଇଙ୍କୁ ଭେଟିବା ପାଇଁ କଣ୍ଟ୍ରାକ୍ଟର ଶିବ କୁମାର ଯାଉଥିବାବେଳେ ଏମ୍ଆଇ-୧୭ଭି୫ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଥିଲା। ଶିବ କୁମାର ଓ ଅନ୍ୟମାନେ ଦୁର୍ଘଟଣାସ୍ଥଳକୁ ଯାଇଥିବାବେଳେ ସେଠାରେ ୩ ଶରୀର ପଡ଼ିଥିବା ଦେଖିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବଞ୍ଚିଥିଲେ। ସେ ପିଇବା ପାଇଁ ପାଣି ମାଗିଥିଲେ। ତାଙ୍କୁ ସେମାନେ ଏକ ବେଡ୍‌ଶିଟ୍ ଜରିଆରେ ଟାଣି ଉଦ୍ଧାର କରିଥିଲେ। କିଛି ସମୟ ପରେ ସେ ସିଡିଏସ୍ ରାୱତ୍ ବୋଲି କେହି ଜଣେ ତାଙ୍କୁ କହିଥିଲେ। ଏହାସହ ରାୱତ୍‌ଙ୍କ ଫଟୋ ମଧ୍ୟ ଦେଖାଇଥିଲେ।



## ସଂକ୍ଷେପରେ

### ପାର୍ଲାମେଣ୍ଟରେ ମମିତା ହତ୍ୟା ପ୍ରସଙ୍ଗ ଉଠାଇଲେ ଭାଜପା ଏମ୍‌ପି

ଭୁବନେଶ୍ୱର, ୯।୧୨(ବ୍ୟୁରୋ): କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲର ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାକୁ ନେଇ ଓଡିଶା ବିଧାନସଭା ଚାଲିପାରୁ ନ ଥିବାବେଳେ ଗୁରୁବାର ଏହି ପ୍ରସଙ୍ଗ ପାର୍ଲାମେଣ୍ଟରେ ବରଗଡ ଏମ୍‌ପି ସୁରେଶ ପୂଜାରୀ ଉଠାଇଛନ୍ତି। ଏହାସହ ସେ ମାହାଙ୍ଗା ଡବଲ ମର୍ଡର, ପରୀ, ଗୋବିନ୍ଦ କୁମ୍ଭାର କଥା ମଧ୍ୟ ଦର୍ଶାଇଛନ୍ତି। ମମିତା ହତ୍ୟା ଓ ମାହାଙ୍ଗା ହତ୍ୟା ମାମଲାରେ ଆଇନ ମନ୍ତ୍ରୀଙ୍କ ସମ୍ପୃକ୍ତି ଅଭିଯୋଗ ଅଛି। ପରୀ ମାମଲାରେ ମଧ ମନ୍ତ୍ରୀଙ୍କ ସମ୍ପୃକ୍ତି ଅଭିଯୋଗ ରହିଛି। ତେଣୁ ୪ଟି ମାମଲାରେ ରାଜ୍ୟଠାରୁ ରିପୋର୍ଟ ମାଗିବାକୁ ପୂଜାରୀ ଅନୁରୋଧ କରିଛନ୍ତି। ରାଜ୍ୟ ସରକାର ଏହି ମାମଲାକୁ ସମ୍ଭାଳି ପାରୁନାହାନ୍ତି। ତେଣୁ ସିବିଆଇକୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ପାର୍ଲାମେଣ୍ଟ ବାହାରେ ପୂଜାରୀ କହିଛନ୍ତି, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ସେଠି ମା, ଭଉଣୀ, ଝିଅ ସୁରକ୍ଷିତ ନାହାନ୍ତି। ଦଳିତ ଓ ଶିଶୁ ମଧ ରାଜ୍ୟରେ ସୁରକ୍ଷିତ ନାହାନ୍ତି। ତାଙ୍କ ଗାଁ ତୋରାର ଗୋବିନ୍ଦ କୁମ୍ଭାରଙ୍କୁ ରାତି ୨ଟା ବେଳେ ପୋଲିସଉଠାଇ ନେଇଗଲା। ସକାଳ ୬ଟା ବେଳେ ତାଙ୍କର ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କଲେ। ହାଜତରେ ତାର ମୃତ୍ୟୁ ହେଲା ଏଥିରେ ପୋଲିସର ସମ୍ପୃକ୍ତି ରହିଛି। ହେଲେ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଠିକ୍ ସେହିପରି ମମିତା ମେହେର ହତ୍ୟା ଘଟଣା ଓଡ଼ିଶାର ଏକ ସ୍ପର୍ଶକାତରପ୍ରସଙ୍ଗ। ଏହାକୁ ନେଇ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱରରେ ଆନ୍ଦୋଳନ ଚାଲିଛି। ଏଥିରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ନାଁ ରହିଛି। ନୟାଗଡ ପରୀ ହତ୍ୟା ମାମଲାରେ ଶିକ୍ଷାମନ୍ତ୍ରୀଙ୍କ ନାଁ ଆସିଲା। ତେଣୁ ଲୋକମାନେ କିପରି ନ୍ୟାୟ ପାଇବେ ବୋଲି ସେ ପ୍ରଶ୍ନ କରିଛନ୍ତି।

### ଆମାଜନକୁ ୯୬୬ କୋଟି ଟଙ୍କାର ଫାଇନ

ଭୁବନେଶ୍ୱର,୯।୧୨: ଇଟାଲୀରେ ଲୋକପ୍ରିୟ ଅନଲାଇନ ବ୍ୟବସାୟ କମ୍ପାନୀ ଆମାଜନ ଉପରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଇଟାଲୀ ପ୍ରତିଯୋଗିତା ପ୍ରାଧିକରଣ ଆମାଜନ ଉପରେ ୨.୧୩ ଆରବ ୟୁରୋ ବା (ଭାରତୀୟ ମୁଦ୍ରାରେ ୯୬୬କୋଟି ଟଙ୍କା) ଜରିମାନା କରିଥିବା ସୂଚନା ମିଳିଛି। ଏହା ସହ ଆମାଜନର ସମସ୍ତ ବ୍ୟାବସାୟିକ ପରିଚାଳନା କାର୍ଯ୍ୟ ଉପରେ କଡା ଦୃଷ୍ଟି ଦେବା ପାଇଁ ଏକ ଟ୍ରଷ୍ଟକୁ ଦାୟିତ୍ୱ ଦିଆଯାଇଛି। ଆମାଜନ ନିଜ ବ୍ୟବସାୟିକ ବଜାରରେ ନିଜର କ୍ଷମତାର ଦୁରୁପଯୋଗ କରିଥିବାରୁ ପ୍ରାଧିକରଣ ଏହି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆମାଜନ ବ୍ୟବସାୟିକ ନିୟମ ଉଲଙ୍ଘନ କରି ନିଜର ଲୋକପ୍ରିୟତା ବଢ଼ାଇ ଅନ୍ୟ ଇ-କମର୍ସ ବ୍ୟବସାୟରେ କ୍ଷତି ପହଞ୍ଚାଇ ଥିବାରୁ ପ୍ରାଧିକରଣ ଏହି ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏ ସମ୍ପର୍କରେ ପ୍ରାଧିକରଣ କହିଛି ଆମାଜନ ତାର ବ୍ୟାବସାୟିକ ଭୁଲ ପଦକ୍ଷେପ ଅକ୍ଷମଣୀୟ ଥିଲା। ସେଥିପାଇଁ କମ୍ପାନୀ ଉପରେ ଏଭଳି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପଡିଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣଶ ଉପରେ ଆମାଜନ କୌଣସି ପ୍ରତିକ୍ରିୟା ଦେଇନାହିଁ।

# ଚିହ୍ନଟ ହୋଇନି ୯ ମୃତଦେହ

ନୂଆଦିଲ୍ଲୀ,୯।୧୨

ବାୟୁସେନାର ଏମ୍ଆଇ-୧୭ଭି୫ ହେଲିକପ୍ଟରରେ ତାମିଲନାଡୁର ୱେଲିଂଟନସ୍ଥିତ ଡିଫେନ୍ସ ଷ୍ଟାଫ୍ କଲେଜକୁ ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଥିବା ସିଡିଏସ୍ ଜେନେରାଲ ବିପିନ ରାୱତ୍, ତାଙ୍କ ସ୍ତ୍ରୀ ମଧୁଲିକା ରାୱତ୍ ଏବଂ ବ୍ୟକ୍ତିଗତ ସୁରକ୍ଷା

### ଦିଲ୍ଲୀରେ ରାୱତ୍‌ଙ୍କ ପାର୍ଥିବ ଶରୀର, ଆଜି ଶେଷକୃତ୍ୟ

ଅଧିକାରୀମାନଙ୍କ ପାର୍ଥିବ ଶରୀର ଗୁରୁବାର ରାତିରେ ଦିଲ୍ଲୀରେ ପହଞ୍ଚିଛି। ମୃତଦେହଗୁଡ଼ିକୁ ନେଇ ବାୟୁସେନାର ସି-୧୩୦ଜେ ଏୟାରକ୍ରାଫ୍ଟ ରାତି ୭ଟା ୩୫ରେ ପାଲାମ ଏୟାରପୋର୍ଟରେ ପହଞ୍ଚିଥିଲା। ସେଠାରେ ରାୱତ୍‌ଙ୍କ ଦୁଇଝିଅ କ୍ରିତିକା ଓ ତାରିଣୀଙ୍କ ସହ ସେନା ଅଧିକାରୀମାନେ ସିଡିଏସ୍ ଏବଂ ମଧୁଲିକାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଶୁକ୍ରବାର ସିଡିଏସ୍ ଓ ତାଙ୍କ ସ୍ତ୍ରୀଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ଜଣାପଡ଼ିଛି।

ଦୁର୍ଘଟଣାରେ ୧୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅଦ୍ୟାବଧି କେବଳ ସିଡିଏସ୍, ମଧୁଲିକା, ବ୍ରିଗେଡିୟର ଏଲ୍ଏସ୍ ଲିଡ୍ଡେର ଓ ଲାନ୍ସ ନାଏକ ବିବେକ କୁମାରଙ୍କ ମୃତଦେହ ଚିହ୍ନଟ କରାଯାଇପାରିଛି। ଲୁଟ୍‌ନାଣ୍ଟ କଲୋନେଲ ହର୍‌ଜିନ୍ଦର ସିଂ, ୱିଙ୍ଗ୍ କମାଣ୍ଡର ପି.ଏସ୍. ଚୌହାନ, ସ୍କ୍ୱାଡ୍ରନ୍ ଲିଡର କେ. ସିଂ, ଜେଡବ୍ଲ୍ୟୁଓ ରାଣାପ୍ରତାପ ଦାସ, ଜେଡବ୍ଲ୍ୟୁଓ ପ୍ରଦୀପ ଏ., ହାବିଲଦାର ସତପାଲ, ନାଏକ ଗୁରସେବକ ସିଂ, ନାଏକ ଜିତେନ୍ଦ୍ର କୁମାର ଏବଂ ଲାନ୍ସ ନାଏକ ସାଇ ତେଜାଙ୍କ ମୃତଦେହଗୁଡ଼ିକୁ ଚିହ୍ନଟ କରାଯାଇପାରି ନ ଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି।



ଦିଲ୍ଲୀର ପାଲମ ଏୟାରପୋର୍ଟରେ ସିଡିଏସ୍ ବିପିନ ରାୱତ୍ ଓ ଅନ୍ୟମାନଙ୍କ ମୃତଦେହ।



ଗ୍ରୁପ୍ କ୍ୟାପଟେନ ବରୁଣ ସିଂ

### ବରୁଣ ସିଂଙ୍କୁ ବେଙ୍ଗାଲୁରୁ ଏୟାରଲିଫ୍ଟ

ଏମ୍ଆଇ-୧୭ଭି୫ ହେଲିକପ୍ଟର ଦୁର୍ଘଟଣାରେ ବର୍ତ୍ତିଯାଇଥିବା ଗ୍ରୁପ୍ କ୍ୟାପଟେନ ବରୁଣ ସିଂଙ୍କୁ ଅଧିକ ଚିକିତ୍ସା ପାଇଁ ତାମିଲନାଡୁର ୱେଲିଂଟନ ବେସ୍ ହସ୍ପିଟାଲରୁ ବେଙ୍ଗାଲୁରୁକୁ ନିଆଯାଇଛି। ବରୁଣଙ୍କ ଶରୀରର ୮୦ ଭାଗ ପୋଡ଼ିହୋଇ ଯାଇଥିବାରୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏୟାରଲିଫ୍ଟ କରିବା ପୂର୍ବରୁ ତାଙ୍କୁ ଚିକିତ୍ସା ଲାଗି ଏକ ଗାଡ଼ିରେ ସୁଲୁର ନିଆଯାଇଥିଲା। ବେଙ୍ଗାଲୁରୁକୁ ସ୍ଥାନାନ୍ତର କରାଯାଇଥିଲା।



ଜେଡବ୍ଲ୍ୟୁଓ ପ୍ରଦୀପ ଆରାକ୍କଲ

### ପୁଅ ମୃତ୍ୟୁ ଖବର ବାପା ଜାଣିନାହାନ୍ତି

ଦୁର୍ଘଟଣାରେ ଜୁନିୟର ୱାରେଣ୍ଟ ଅଫିସର (ଜେଡବ୍ଲ୍ୟୁଓ) ପ୍ରଦୀପ ଆରାକ୍କଲଙ୍କ ମୃତ୍ୟୁ ଘଟିଥିବା ଖବର ତାଙ୍କ ବାପା ଜାଣିନାହାନ୍ତି। କେରଳର ଥ୍ରିସୁର ବାସିନ୍ଦା ପ୍ରଦୀପଙ୍କ ରୋଗୀଣା ବାପା ରାଧାକ୍ରିଷ୍ଣନ୍ ଆରାକ୍କଲ ଅକ୍ସିଜେନ ସପୋର୍ଟରେ ଥିବାବେଳେ ଲୋକେ ତାଙ୍କ ଘରେ ଭିଡ଼ ଜମାଉଛନ୍ତି। ତେଣୁ ତାଙ୍କୁ ପୁଅଙ୍କ ମୃତ୍ୟୁ ଖବର ଦିଆଯାଇ ନାହିଁ। ପ୍ରଦୀପ କିଛିଦିନ ତଳେ ଘରକୁ ଯାଇ ବାପାଙ୍କୁ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ।



ବ୍ରିଗେଡିୟର ଲଖୱିନ୍ଦର ସିଂ

### ପଦୋନ୍ନତି ପାଇଥାନ୍ତେ ବ୍ରିଗେଡିୟର

ପ୍ରାଣ ହରାଇଥିବା ଭାରତୀୟ ବାୟୁସେନାର ବ୍ରିଗେଡିୟର ଲଖୱିନ୍ଦର ସିଂ ଲିଡ୍ଡେର ଜଣେ ସାହସୀ ଓ ଉତ୍ସର୍ଗୀକୃତ ଅଧିକାରୀ ଥିଲେ। ହରିୟାଣାର ପଞ୍ଚକୁଲା ନିବାସୀ ଲଖୱିନ୍ଦର ସିଡିଏସ୍ ଜେନେରାଲ ବିପିନ ରାୱତ୍‌ଙ୍କ ଡିଫେନ୍ସ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଲଖୱିନ୍ଦରଙ୍କୁ ମେଜର ଜେନେରାଲ ଭାବେ ପଦୋନ୍ନତି ମିଳିବା ପାଇଁ ସ୍ଥିର ହୋଇଥିଲା। ଏଥିଲାଗି ସେ ପ୍ରସ୍ତୁତି ଚଳାଇଥିଲେ। କିନ୍ତୁ ବିଧିର ବିଧାନ କିଛି ଅଲଗା ଥିଲା।

# ଅଶ୍ରୁ ଗଡ଼ାଉଛି କଣ୍ଟୋଳ ଆଖି

ତାଳଚେର/ ଅନୁଗୋଳ ଅଫିସ, ୯।୧୨

କୋହ ସମ୍ଭାଳିପାରୁନି କୃଷ୍ଣଚନ୍ଦ୍ରପୁର। କାନ୍ଦରେ ଫାଟିପଡୁଛି କଣ୍ଟୋଳ ପଞ୍ଚାୟତ। ବୁଧବାର ସନ୍ଧ୍ୟାରୁ ଅଞ୍ଚଳବାସୀଙ୍କ ଆଖିରୁ ଗଡ଼ିଚାଲିଛି ଅଶ୍ରୁ। ବାୟୁସେନାର ବୀର ପୁଅ ରାଣାପ୍ରତାପ ଦାସଙ୍କୁ ହରାଇ ଯେପରି ବାଷ୍ପରୁଦ୍ଧ ହୋଇଯାଇଛି ସମସ୍ତଙ୍କ କଣ୍ଠ। ଗାଁ ଦାଣ୍ଡ, ମନ୍ଦିର ବେଢ଼ାରେ ନୀରବତା ଛାଇଯାଇଥିବା ବେଳେ ଶୋକରେ ବୁଡ଼ିଛି ସମ୍ପୂର୍ଣ୍ଣ ତାଳଚେର।

ବୁଧବାର ସନ୍ଧ୍ୟାରୁ ରାଣାଙ୍କ ମୃତ୍ୟୁ ସମ୍ପର୍କରେ ଜାଣିଥିଲେ ସମ୍ପର୍କୀୟ। ଗ୍ରାମବାସୀଙ୍କୁ ମଧ ଖବର ମିଳିଯାଇଥିଲା। ହେଲେ ଯବାନ ପୁଅ ପ୍ରାଣ ହରାଇଥିବା ସମ୍ପର୍କରେ କୁହାଯାଇ ନ ଥିଲା ତାଙ୍କ ବାପା ଶ୍ରୀବତ୍ସ କି ମା' ସୁଷମାଙ୍କୁ। କାଳେ କିଛି ଅଘଟଣ ଘଟିଯିବ ସେହି ଭୟରେ ଚୁପ୍ ରହିଥିଲେ ପଡ଼ୋଶୀ। ତେବେ ଗୁରୁବାର ସକାଳେ ରାଣାଙ୍କ ଘର ନିକଟରେ ଭିଡ଼ ବଢ଼ିବା ପରେ ଝିଅ ଓ ଜ୍ୱାଇଁଙ୍କ ଠାରୁ ପୁଅର ମୃତ୍ୟୁ ସମ୍ପର୍କରେ ଅବଗତ ହୋଇଥିଲେ ମା' ବାପା। ଏହାପରେ ବୁକୁଫଟା କ୍ରନ୍ଦନରେ ଫାଟିପଡ଼ିଥିଲା ପରିବାର। କିପରି ବୃଦ୍ଧ ମାତାପିତାଙ୍କୁ ସାନ୍ତ୍ୱନା ଦେବେ ଜାଣିପାରି ନ ଥିଲେ କେହି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପ୍ରତିକୂଳ ପରିସ୍ଥିତିର କିପରି ସମ୍ମୁଖୀନ ହେବାକୁ ହୁଏ ତାହା ରାଣାଙ୍କୁ ବେଶ୍ ଜଣାଥିଲା। ବାୟୁସେନାରେ ଚାକିରି କରୁଥିଲେ ମଧ ସେ ଗାଁରେ ରହୁଥିବା ମା' ବାପାଙ୍କ ସେବା କରିବାକୁ ବାରମ୍ବାର ଆସୁଥିଲେ। ଅସୁବିଧା ସମୟରେ ଡାକିଲେ ଗାଁ ଲୋକଙ୍କ ନିକଟରେ ଛିଡ଼ା ହେଉଥିଲେ। ମେଳାପି ସ୍ୱଭାବର ହୋଇଥିବାରୁ ସେ ସମସ୍ତଙ୍କ ସହ ମିଶିଯାଉଥିଲେ। ଗତ ଦୁର୍ଗାପୂଜା ବେଳେ ୨୦ ଦିନିଆ ଛୁଟି ନେଇ ଗାଁ ଆସି ସାଙ୍ଗସାଥୀଙ୍କ ସହ ଖୁବ୍ ମଜା କରିଥିଲେ। ସମ୍ପର୍କୀୟଙ୍କ ଘରକୁ ଯାଇ ବୁଲାବୁଲି କରିଥିଲେ। ନୂଆବର୍ଷରେ ଆଉ ଥରେ ଛୁଟିରେ ଆସିବେ ବୋଲି କହିଯାଇଥିଲେ। ହେଲେ ବିଧାତା ଏପରି ବୀର ପୁଅକୁ ଅକାଳରେ ଝଡ଼ାଇଦେଲା ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।



ସମ୍ପର୍କୀୟମାନଙ୍କ ଗହଣରେ ମୂକ ପାଲଟିଯାଇଥିବା ମା' ସୁଷମା।



ସ୍ତ୍ରୀ ଓ ପୁଅଙ୍କ ସହ ରାଣାପ୍ରତାପ ଦାସ।

### ବିହାରରେ କରିଥିଲେ ପ୍ରେମ ବିବାହ

ଚାକିରି କରିବା ସମୟରେ ବିହାର ରାଜ୍ୟ ଗୟାର ଶିବାଙ୍ଗୀ ସିଂହଙ୍କ ସହ ରାଣାଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଶିବାଙ୍ଗୀ ବିହାର ବାୟୁସେନାରେ ଡେଣ୍ଟିଷ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୭ରେ ରାଣା ତାଙ୍କୁ ବିବାହ କରିଥିଲେ। ଗାଁ ଲୋକଙ୍କ ପାଇଁ ଭୋଜିଭାତର ଆୟୋଜନ କରିଥିଲେ। ଦେଢ଼ବର୍ଷର ପୁଅ ଡୁଗୁ, ସ୍ତ୍ରୀ ଓ ମା' ବାପାଙ୍କ ସହ ସମୟ କାଟିବାକୁ ସେ ଆଉ ୨ ବର୍ଷ ପରେ ବାୟୁସେନାରୁ ଅବସର ନେବାର ଯୋଜନା କରିଥିଲେ।

### ରହିଗଲା ବହୁ ଅଧୁରା ସ୍ୱପ୍ନ



ହେଲିକପ୍ଟର ନିକଟରେ ରାଣାଙ୍କ ମା' ବାପା ଓ ସ୍ତ୍ରୀ।

ବାୟୁସେନାରେ ୧୮ ବର୍ଷ ଚାକିରି କରିବା ପରେ ୨୦୨୩ରେ ସେ ଅବସର ନେଇ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିଥାନ୍ତେ। ସେହିପରି ଅସୁସ୍ଥ ଥିବା ମା' ଓ ବାପାଙ୍କୁ ନିଜ ପାଖକୁ ନେଇ ଚିକିତ୍ସା କରିଥାନ୍ତେ। ବାପାଙ୍କ ଅପରେଶନ ପରେ ସେ ଅବସର ନେଇ ଭୁବନେଶ୍ୱରରେ ରହିବାର ନିଷ୍ପତ୍ତି କରିଥିଲେ। ହେଲେ ସବୁ ସ୍ୱପ୍ନ ତାଙ୍କର ଅଧୁରା ରହିଗଲା ବୋଲି ଭଉଣୀ ସୁଶ୍ରୀ ଦାସ କହିଛନ୍ତି।

### ଏନ୍‌ସିସି ପ୍ରତି ଥିଲା ଦୁର୍ବଳତା

ଏଫ୍‌ସିଆଇ ସ୍କୁଲରେ ପଢ଼ିବା ବେଳେ ସ୍କାଉଟ୍ସ ଓ ଏନ୍‌ସିସି ପ୍ରତି ତାଙ୍କର ଦୁର୍ବଳତା ଥିଲା। ଏନ୍‌ସିସି କ୍ୟାଡେଟ୍‌ଙ୍କୁ ଦେଖି ସେ ତାଙ୍କ ପରି ହେବାକୁ ପିଲାବେଳୁ ଇଚ୍ଛୁକ ଥିଲେ। ଅନୁଗୋଳ କଲେଜରେ ପଢ଼ିବା ସମୟରେ ଏନ୍‌ସିସି ନେଇଥିଲେ, ଯାହା ତାଙ୍କୁ ଭାରତୀୟ ବାୟୁସେନାରେ ଭର୍ତ୍ତି ହେବାକୁ ସୁଯୋଗ ଦେଇଥିଲା। ପିଲା ଦିନରୁ ମେଧାବୀ ଥିବା ରାଣାପ୍ରତାପ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ ସହ ଅନ୍ୟାନ୍ୟ କାର୍ଯ୍ୟରେ ମଧ ନିଜକୁ ନିୟୋଜିତ କରୁଥିଲେ।

## ପ୍ରଥମ ପୃଷ୍ଠାରୁ...

### ହଇଗୋଳରେ ଖର୍ଚ୍ଚ ...

ସହାୟକ ଅନୁଦାନ ଅଧୀନରେ ପାନୀୟ ଜଳ (ପାଇପ୍ ଦ୍ୱାରା ଜଳ ଯୋଗାଣ) ପାଇଁ ୧୨୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ନଳକୂପ ବ୍ୟବସ୍ଥା (ସୌର ଶକ୍ତି) ପାଇଁ ୪୧ କୋଟି ୬୬ ଲକ୍ଷ, ସବୁଦିନିଆ ରାସ୍ତା ସଂଯୋଗୀକରଣ ନିମନ୍ତେ ୯୭ କୋଟି ୬୯ ଲକ୍ଷ, ଗ୍ରାମପଞ୍ଚାୟତ ସଦର ମହକୁମାରେ ସୁବିଧା ସୁଯୋଗ ପାଇଁ ୧ଶହ ୧୩ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ରାସ୍ତା ଆଲୋକୀକରଣ ପାଇଁ ୫୬ କୋଟି ୬୬ ଲକ୍ଷ, ଗ୍ରାମୀଣ ହାଟ ବିକାଶ ପାଇଁ ୫୦ କୋଟି, ପ୍ରମୁଖ ସମ୍ପତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ ସକାଶେ ୫୮ କୋଟି ୩୩ ଲକ୍ଷ, ପ୍ରାଥମିକ ବିଦ୍ୟାଳୟ ଗୃହ ରକ୍ଷଣାବେକ୍ଷଣ ପାଇଁ ୫୨ କୋଟି ୩୩ ଲକ୍ଷ, ଜଳଭଣ୍ଡାର ସଂରକ୍ଷଣ ଓ ଉନ୍ନତୀକରଣ ନିମେନ୍ତ ୨୦ କୋଟି ୮୩ ଲକ୍ଷ, ଆୟ ବୃଦ୍ଧିକାରୀ ସମ୍ପତ୍ତି ସୃଷ୍ଟି ନିମନ୍ତେ ୧ଶହ ୪୧ କୋଟି ୬୬ ଲକ୍ଷ, ପଞ୍ଚାୟତିରାଜ ଅନୁଷ୍ଠାନ ତଥା ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାଙ୍କ ନିମନ୍ତେ ଜିଲାସ୍ତରରେ ଡାଟା ସେଣ୍ଟର ପ୍ରତିଷ୍ଠା ପାଇଁ ୨୫ କୋଟି, ପଞ୍ଚାୟତ ସଦରରେ ବ୍ୟାଙ୍କିଙ୍ଗ୍ ସୁବିଧା ନିମନ୍ତେ ଭିତ୍ତିଭୂମି ବିକାଶ ଲାଗି ୨୦ କୋଟି ୮୩ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି।

### ରାଜ୍ୟରେ ୧୦୩୩ ...

ମଞ୍ଜୁରୀପ୍ରାପ୍ତ ୧୪୪ ପଦବୀରୁ ଆସିଷ୍ଟାଣ୍ଟ ପ୍ରଫେସର ୨୬, ଆସୋସିଏଟ ପ୍ରଫେସର ୨୨ ଓ ପ୍ରଫେସର ପଦବୀ ୨୦ (ମୋଟ ୬୮)ଖାଲି ପଡିଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ୧୩୮ ପଦବୀରୁ ଆସିଷ୍ଟାଣ୍ଟ ପ୍ରଫେସର ୬୫, ଆସୋସିଏଟ ପ୍ରଫେସର ୨୮ ଓ ପ୍ରଫେସର ୯ (ମୋଟ ୧୦୨) ଖାଲି ରହିଛି। ଫକୀରମୋହନ ବିଶ୍ୱବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ୧୧୭ ପଦବୀରୁ ଆସିଷ୍ଟାଣ୍ଟ ପ୍ରଫେସର ୧୫, ଆସୋସିଏଟ ପ୍ରଫେସର ୧୫ ଓ ପ୍ରଫେସର ୧୨ (ମୋଟ ୪୨) ପଦବୀ ଖାଲି ପଡିଛି। ତେବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ୧୨୬ ଓ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ୧୧୨ ବିଭିନ୍ନ ପ୍ରଫେସର ନିଯୁକ୍ତ ହେବା କଥା। ହେଲେ ଏହି ୨ ବିଶ୍ୱବିଦ୍ୟାଳୟରେ ଜଣଙ୍କୁ ବି ଏଯାଏ ନିଯୁକ୍ତି ଦିଆଯାଇ ନାହିଁ। ଏଭଳି ସ୍ଥିତିରେ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକ ଚାଲିଛି। ଲକ୍ଷାଧିକ ଛାତ୍ରୀଛାତ୍ର ଉପରୋକ୍ତ ବିଶ୍ୱବିଦ୍ୟାଳୟ ଉପରେ ନିର୍ଭର କରନ୍ତି । ଅଭିଭାବକମାନେ ବି ନିଜ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନିଜ ରାଜ୍ୟର ବିଶ୍ୱବିଦ୍ୟାଳୟ ଉପରେ ଭରସା କରିଥାନ୍ତି। ହେଲେ ଏବେ ଆବଶ୍ୟକ ପ୍ରଫେସର ପଦବୀ ପୂରଣ ହୋଇ ପାରୁ ନ ଥିବାରୁ ଏହିସବୁ ଶିକ୍ଷାନୁଷ୍ଠାନ ପୂର୍ବ ଗୌରବ ହରାଇ ବସିଛି। ଏଥିପାଇଁ ଛାତ୍ରୀଛାତ୍ରମାନେ କଲେଜରେ ଅଧ୍ୟୟନ କରିବାକୁ ସେତେଟା ଆଗ୍ରହ ପ୍ରକାଶ କରୁ ନାହାନ୍ତି। ସେଲ୍ଫ ଫାଇନାନ୍ସିଂ ସ୍କିମ୍ ନାମରେ ଗଢି ଉଠିଥିବା ବହୁ ଘରୋଇ କଲେଜ ଏଥିପାଇଁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଆକର୍ଷିତ କରିବାରେ ସଫଳ ହେଉଛନ୍ତି। ତେବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ତାଙ୍କ ଉତ୍ତରରେ ଆହୁରି ଦର୍ଶାଇଛନ୍ତି ଯେ, ସରକାରୀ ମହାବିଦ୍ୟାଳୟରେ ଅଧାପକମାନେ ପଦୋନ୍ନତି ଭିତ୍ତିରେ ପ୍ରଫେସର ପଦବୀ ହାସଲ କରିଥାନ୍ତି। ବିଗତ ଦିନରେ ୭୬ ଜଣ ଅଧ୍ୟାପକଙ୍କୁ ପଦୋନ୍ନତି ଦିଆଯାଇ ପ୍ରଫେସର ପଦବୀରେ ଅବସ୍ଥାପିତ କରାଯାଇଛି।

### ୨୦୨୩ରେ ଇସ୍ରୋର ...

ମିଶନ ଟେଷ୍ଟ ସମ୍ପୂର୍ଣ୍ଣ ହେବ। ଆସନ୍ତା ବର୍ଷ ଶେଷ ସୁଦ୍ଧା ଇସ୍ରୋ ଦ୍ୱାରା ବିକଶିତ ମାନବ-ରୋବୋ 'ବୌମିତ୍ର'କୁ ମହାକାଶ ପଠାଯିବ। ଏହା ପରେ ପ୍ରଥମ ମାନବଯୁକ୍ତ ମିଶନ ଗଗନୟାନ ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏଥିନିମନ୍ତେ ଆବଶ୍ୟକ ସ୍ପେସ୍‌ସୁଟ୍, କ୍ରିଉ ସିଟ୍, ଭ୍ୟୁପୋର୍ଟ ଶୀଘ୍ର ରୁଷିଆରୁ ଆସିବ। ସ୍ୱାସ୍ଥ୍ୟ ଏବଂ ରିସର୍ଚ୍ଚ ମଡ୍ୟୁଲ ସମେତ ଗଗନୟାନ ମିଶନର ଶୁଭାରମ୍ଭ ପାଇଁ ୫ ଶହରୁ ଅଧିକ ଶିଳ୍ପର ଯୋଗଦାନ ରହିଛି। ଭାରତକୁ ଏକ ପ୍ରତିଯୋଗିତାପୂର୍ଣ୍ଣ ସ୍ପେସ୍ ବଜାରରେ ପରିଣତ ପାଇଁ ବ୍ୟକ୍ତିଗତ ଭାବେ ଅଂଶୀଦାର ହେବା ନିମନ୍ତେ ବନ୍ଦ ଥିବା ରାସ୍ତା ଉନ୍ମୁକ୍ତ ହେବା ପରେ ୭୦ ବର୍ଷରେ ପ୍ରଥମ ଥର ପାଇଁ ଏପରି ହେବାକୁ ଯାଉଛି ବୋଲି ମନ୍ତ୍ରୀ ସିଂ କହିଥିଲେ।

### ଏକ୍ସପାଏରି ଔଷଧ ...

ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବିଶେଷ ଭାବେ ପଶ୍ଚିମବଙ୍ଗରୁ କେତେଜଣ କ୍ୱାକ୍ ସାଇକେଲ ଯୋଗେ ଗାଁକୁ ଗାଁ ବୁଲି ରୋଗୀମାନଙ୍କୁ ଶୋଷଣ କରୁଥିବା କୁହାଯାଇଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟର ଚିକିତ୍ସାଧିକାରିଣୀ ଡା. ଅନିତା ପଟ୍ଟନାୟକଙ୍କୁ ପଚାରିବାରେ ଯଦି ଏହି ଘଟଣା ସତ୍ୟ ହୋଇଥାଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ରାୱତଙ୍କ ସ୍ମୃତି ବଖାଣିଲେ ଶ୍ରୀମନ୍ଦିର ପଣ୍ଡା

ପୁରୀ ଅଫିସ,୯।୧୨

ତାମିଲନାଡୁର କୁନ୍ନୁରଠାରେ ହେଲିକପ୍ଟର ଦୁର୍ଘଟଣାରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ ରାୱତଙ୍କ ସମେତ ୧୩ଜଣଙ୍କ ମୃତ୍ୟୁ ଘଟିଛି। ରାୱତଙ୍କୁ ଝୁରୁଛନ୍ତି ଦେଶବାସୀ। ଓଡ଼ିଶା ମାଟି ସହ ରାୱତଙ୍କର ସମ୍ପର୍କ ରହିଛି। ତାଙ୍କ ସଂସ୍ପର୍ଶରେ ଆସିଥିବା ପୁରୀ ଶ୍ରୀମନ୍ଦିରର ଜଣେ ପଣ୍ଡା ନିଜ ସ୍ମୃତି ବଖାଣିଛନ୍ତି।

୨୦୧୭ ନଭେମ୍ବର ୨୫ରେ ରାୱତ ସହଧର୍ମିଣୀ ମଧୁଲିକାଙ୍କ ସହିତ ଗୋପାଳପୁର ଏଡି କଲେଜର ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଓଡ଼ିଶା ଆସିଥିଲେ। ଏହାପରେ ସସ୍ତ୍ରୀକ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସେହି ସମୟରେ ଡିଫେନ୍ସ ପଣ୍ଡା ରାମଚନ୍ଦ୍ର ପୁରାଣପଣ୍ଡା ତାଙ୍କୁ ଦର୍ଶନରେ ସହାୟତା କରିବା ସହିତ ଶ୍ରୀମନ୍ଦିର ଭିତରେ ଥିବା ବିଭିନ୍ନ ମନ୍ଦିର ଓ ସ୍ଥାନର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବା ବେଳେ ସେ ନିଜ ପାଇଁ କିଛି ମାଗି ନ ଥିଲେ। ଯବାନ, ତାଙ୍କ ପରିବାର ଓ ସାରା ଦେଶବାସୀଙ୍କ ମଙ୍ଗଳ କାମନା କରିଥିଲେ। ସେହିପରି ମୋ' ସହ କଥା ହେବାବେଳେ 'ଲଭ୍ ଅଫ୍ ଗଡ୍' ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହାର ଅର୍ଥ ମଣିଷ ପ୍ରତି ଭଗବାନଙ୍କ ପ୍ରେମକୁ ଅନୁଭବ କରିବା। ମୁଁ ମୋ' ଜୀବନରେ ଅନେକ ଅଫିସରଙ୍କୁ ନେଇ ଶ୍ରୀମନ୍ଦିର ବୁଲାଇଛି, ମାତ୍ର ରାୱତ ଥିଲେ ଭିନ୍ନ ମଣିଷ। ଦେଶ ପାଇଁ ଲଢ଼େଇ କରିବାର ଇଚ୍ଛାଶକ୍ତିକୁ ତାଙ୍କ ସହ କଥାବାର୍ତ୍ତା କରୁଥିବା ଲୋକେ ସହଜରେ ଠଉରେଇ ପାରିବେ। ଏଭଳି ଜଣେ ମଣିଷକୁ ଆମେ ହରାଇ ସାରିଛେ। ଆଗାମୀ ଦିନରେ ଏଭଳି ବୀରପୁତ୍ର ପୁଣି ଥରେ ଫେରିଆସନ୍ତୁ ଏହା ହିଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି। କିଛି ଦିନ ତଳେ ସେ ତାଙ୍କ ସହ ଫୋନ୍‌ରେ କଥା ହୋଇ ପୁଣି ପୁରୀ ଆସିବାକୁ କହିଥିଲେ ବୋଲି ପ୍ରକାଶ କରିଛନ୍ତି।



ଶ୍ରୀମନ୍ଦିର ଦର୍ଶନ ଆସିଥିବା ଅବସରରେ ସହଧର୍ମିଣୀଙ୍କ ସହ ବିପିନ୍ ରାୱତ।

# ଓଏମ୍‌ସି ପକ୍ଷରୁ ଗ୍ରାହକ ସମ୍ମିଳନୀ




ଭୁବନେଶ୍ୱର,୯।୧୨

କର୍ପୋରେଶନର ବାଣିଜ୍ୟିକ କାରବାର ବୃଦ୍ଧି କରିବା ସହିତ ନୂତନ ଗ୍ରାହକ ସୃଷ୍ଟି ଲକ୍ଷ୍ୟରେ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପକ୍ଷରୁ ଏକ ଗ୍ରାହକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ବୁଧବାର ସ୍ଥାନୀୟ ଜୟଦେବବିହାରର ଏକ ହୋଟେଲ ପରିସରରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଏମ୍‌ସିର ଅଧ୍ୟକ୍ଷ ଦେଓରଞ୍ଜନ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଉକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଓଏମ୍‌ସିଠାରୁ ଲୁହାପଥର, କ୍ରୋମ ଓ ବକ୍ସାଇଟ କ୍ରୟ କରୁଥିବା ବିଭିନ୍ନ ପ୍ରତିନିଧି ଏଥିରେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଦେଓରଞ୍ଜନ କହିଥିଲେ, ଓଡ଼ିଶାରେ ଖଣିଭିତ୍ତିକ ଶିଳ୍ପକୁ ପ୍ରୋତ୍ସାହିତ କରିବା ନିଗମର ମୂଳ ଲକ୍ଷ୍ୟ। ସେହିଭଳି ଓଡ଼ିଶାରେ ପ୍ରତିଷ୍ଠିତ ଶିଳ୍ପ ସଂସ୍ଥାକୁ କିପରି ସହଜ ଓ ସୁବିଧା ବଜାର ଦରରେ ଖଣିଜ ସାମଗ୍ରୀ ମିଳିପାରିବ ସେଥିଲାଗି ଓଏମ୍‌ସି ଚେଷ୍ଟା ଜାରି ରଖିଛି। ଅନ୍ୟମାନଙ୍କ ମଧ୍ୟରେ ଓଏମ୍‌ସିର ଏମ୍‌ଡି ବଲୱନ୍ତ ସିଂ ସ୍ୱାଗତ ଭାଷଣ ସହ ଏହି ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଭାବେ କହିଥିଲେ। ସେହିପରି ଉକ୍ତ ବୈଠକରେ ଜିନ୍ଦଲ ଷ୍ଟିଲ୍ ଲିମିଟେଡ୍, ଭିସା ଷ୍ଟିଲ୍, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ, ଆରତୀ ଷ୍ଟିଲସ, ଭୂଷଣ ପାୱାର ଆଣ୍ଡ ଷ୍ଟିଲସ, ଏମ୍‌ଏସ୍‌ପି ସ୍ପଞ୍ଜ ଆଇରନ, ଟାଟା ଷ୍ଟିଲ ବିଏସ୍‌ଏଲ୍, ଇମ୍ଫା, ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡ୍, ବେଦାନ୍ତ ଲିମିଟେଡ୍, ଆର୍‌ଡେଣ୍ଟ ଷ୍ଟିଲ, ବି.ସି. ମହାନ୍ତି ଆଣ୍ଡ ସନ୍ସ ଭଳି କମ୍ପାନୀର ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ ଏମ୍‌ସି ଗ୍ରାହକମାନଙ୍କ ଠାରୁ ସେମାନଙ୍କ ସମସ୍ୟା ଓ ମତାମତ ସଂଗ୍ରହକରି ସେ ସବୁର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଓଏମ୍‌ସି କର୍ତ୍ତୃପକ୍ଷ କହିଛନ୍ତି। ଓଏମ୍‌ସି ଏହାର ଟେକ୍ନିକାଲ ଓ ଡିଜିଟାଲ ଅପ୍‌ଗ୍ରେଡେଶନ କରୁଥିବାରୁ ଗ୍ରାହକମାନେ ସନ୍ତୋଷ ପ୍ରକାଶ କରିଥିଲେ। ଓଏମ୍‌ସିର ଏଭଳି ଆଭିମୁଖ୍ୟ ଓ ଗ୍ରାହକମାନଙ୍କ ପ୍ରତି ସଦ୍‌ଭାବନା ଜାରି ରହିବ ବୋଲି ବିଭିନ୍ନ କମ୍ପାନୀର ପ୍ରତିନିଧିମାନେ ମତବ୍ୟକ୍ତ କରିଛନ୍ତି।







ଟ୍ରଫି ସହ ଚାମ୍ପିୟନ ଆର୍ଜେଣ୍ଟିନା ଦଳ

## କଳିଙ୍ଗରେ ଜୁନିୟର ହକି ବିଶ୍ୱକପ
# ନୂଆ ଫର୍ଦ୍ଦ

**କୋଭିଡ୍-୧୯ କଟକଣା ଓ ବାତ୍ୟା ଜୱାଦ ଜନିତ ଚ୍ୟାଲେଞ୍ଜ ସତ୍ତ୍ୱେ କଳିଙ୍ଗ ଷ୍ଟାଡିୟମରେ ଏଫ୍ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ୍ ସଫଳତାର ସହ ଆୟୋଜିତ ହୋଇଛି। ପୂର୍ବରୁ ଏକାଧିକ ଗ୍ଲୋବାଲ ଇଭେଣ୍ଟ ଆୟୋଜନ କରି ବିଶ୍ୱ କ୍ରୀଡ଼ାରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା କଳିଙ୍ଗ ଷ୍ଟାଡିୟମ ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଫର୍ଦ୍ଦ ଯୋଡ଼ି ହୋଇଛି।**

କଳିଙ୍ଗ ଷ୍ଟାଡିୟମରେ ନିକଟରେ ଶେଷ ହୋଇଛି ଏଫ୍ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ୍। ଏଥି ସହିତ କଳିଙ୍ଗ ଷ୍ଟାଡିୟମର ହକି ଇତିହାସରେ ଯୋଡ଼ି ହୋଇଛି ଏକ ନୂଆ ଫର୍ଦ୍ଦ। ପୂର୍ବରୁ ସିନିୟର ସ୍ତରରେ ପୁରୁଷ ହକି ବିଶ୍ୱକପ, ଚାମ୍ପିୟନ୍ସ ଟ୍ରଫି, ଏଫ୍ଆଇଏଚ୍ ହକି ୱାର୍ଲ୍ଡ ଲିଗ୍, ହକି ସିରିଜ ଫାଇନାଲ୍ସ, ଅଲିମ୍ପିକ୍ କ୍ୱାଲିଫାୟର୍ସ, ଏଫ୍ଆଇଏଚ୍ ପ୍ରୋ ଲିଗ୍ ଆଦି ବଡ଼ ଟୁର୍ନାମେଣ୍ଟ ଆୟୋଜନ କରି ପ୍ରଶଂସା ସାଉଁଟିଥିବା ଓଡ଼ିଶା ଏଥର ବିଶ୍ୱର ରାଇଜିଂ ଷ୍ଟାର (୨୧ ବର୍ଷରୁ କମ୍)ଙ୍କୁ ନେଇ ଜୁନିୟର ହକି ବିଶ୍ୱକପ୍‌କୁ ସଫଳ ଏବଂ ସୁରକ୍ଷିତଭାବେ ଶେଷ କରି ଆଉ ଏକ ଉଦାହରଣ ସୃଷ୍ଟି କରିଛି। ନଭେମ୍ବର ୨୪ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଡିସେମ୍ବର ୫ ପର୍ଯ୍ୟନ୍ତ ଚାଲିଥିଲା। ବିଶ୍ୱ ହକିର ଭବିଷ୍ୟତ ବିବେଚିତ ହେଉଥିବା ପ୍ରତିଭାମାନେ ଏହି ଟୁର୍ନାମେଣ୍ଟରେ ନିଜ ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳ ୬ ଥର ଚାମ୍ପିୟନ ଜର୍ମାନୀ ଏଥର ମଧ୍ୟ ଅପରାଜେୟଭାବେ ଫାଇନାଲରେ ପ୍ରବେଶ କରିଥିଲା। ମାତ୍ର ଟାଇଟଲ ମୁକାବିଲାରେ ବାଜି ମାରିଥିଲା ଆର୍ଜେଣ୍ଟିନା। ଫାଇନାଲରେ ଜର୍ମାନୀକୁ ୪-୨ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା ଏହି ଦଳ। ୨୦୦୫ ପରେ ଅର୍ଥାତ୍ ୧୬ ବର୍ଷ ବ୍ୟବଧାନରେ ପୁଣି ଜୁନିୟର ବିଶ୍ୱକପ ଟ୍ରଫି ସ୍ୱଦେଶ ନେଇଥିଲା ଆର୍ଜେଣ୍ଟିନା ଦଳ। ଘରୋଇ ପରିବେଶରେ ଭଲ ପ୍ରଦର୍ଶନ କରି ଭାରତ ସେମିଫାଇନାଲରେ ପ୍ରବେଶ କରିଥିଲା। ମାତ୍ର ଏହି ପର୍ଯ୍ୟାୟରେ ଜର୍ମାନୀଠାରୁ ହାରି ବ୍ରୋଞ୍ଜ ପଦକ ପାଇଁ ମୁକାବିଲା କରିଥିଲା। ମାତ୍ର ସେହି ମ୍ୟାଚରେ ମଧ୍ୟ ଭାରତ ଫ୍ରାନ୍ସଠାରୁ ହାରି ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲା। ଆର୍ଜେଣ୍ଟିନା ସ୍ୱର୍ଣ୍ଣ, ଜର୍ମାନୀରେ ରୌପ୍ୟ ଓ ଫ୍ରାନ୍ସ ବ୍ରୋଞ୍ଜ ପଦକ ପାଇଥିଲା। ଅଂଶଗ୍ରହଣକାରୀ ଅନ୍ୟ ୧୨ ଦଳ ମଧ୍ୟରୁ ନେଦରଲାଣ୍ଡସ୍, ବେଲଜିୟମ, ସ୍ପେନ, ମାଲେସିଆ, ଦକ୍ଷିଣ ଆଫ୍ରିକା, ଦକ୍ଷିଣ କୋରିଆ, ପାକିସ୍ତାନ, ପୋଲାଣ୍ଡ, କାନାଡ଼ା, ଚିଲି, ଆମେରିକା ଓ ଇଜିପ୍ଟ ଯଥାକ୍ରମେ ୫ମରୁ ୧୬ତମ ସ୍ଥାନରେ ରହିଥିଲେ।

ବାତ୍ୟା ଜୱାଦର ପ୍ରଭାବ ଯୋଗୁ ଟୁର୍ନାମେଣ୍ଟର ଶେଷ ଦୁଇଦିନର କେତେକ ମ୍ୟାଚ ବର୍ଷା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝିପିଝିପି ବର୍ଷାରେ ଭିଜି ଖେଳାଳିମାନେ ମ୍ୟାଚ ଖେଳିଥିଲେ। କୋଭିଡ୍ ୧୯ ମହାମାରୀ ଯୋଗୁ ଏଥର ଷ୍ଟାଡିୟମ ମଧ୍ୟକୁ ସାଧାରଣ ଦର୍ଶକଙ୍କୁ ପ୍ରବେଶ ସୁଯୋଗ ନ ଥିଲା। କେବଳ ଖେଳାଳିଙ୍କ ପରିବାର, ସ୍ୱେଚ୍ଛାସେବୀ, କର୍ମକର୍ତ୍ତା, ଅତିଥି ଓ ସେମାନଙ୍କ ପରିବାର ଖେଳ ଦେଖିବାର ସୁଯୋଗ ପାଇଥିଲେ। ଗାଇଡ୍‌ଲାଇନ୍ ଅନୁସାରେ ଆରଟି-ପିସିଆର ଟେଷ୍ଟିଂକୁ ଗୁରୁତ୍ୱ ଦିଆ ଯାଇଥିଲା। ଖେଳାଳିଙ୍କଠାରୁ ଆରମ୍ଭ କରି ସପୋର୍ଟ ଷ୍ଟାଫ୍ କର୍ମକର୍ତ୍ତା, ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କର ନିୟମିତ ବ୍ୟବଧାନରେ ଟେଷ୍ଟ କରା ଯାଇଥିଲା। ଟୁର୍ନାମେଣ୍ଟକୁ ସୁରକ୍ଷିତ ଭାବେ ଆୟୋଜନ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା। ତେବେ ସବୁକିଛି ଠିକ୍‌ଠାକ୍ ରହିଥିଲା। ଟୁର୍ନାମେଣ୍ଟ ସଫଳ ଆୟୋଜନ ହେବା ସହ ବିଦେଶରୁ ଆସିଥିବା ୧୫ ଦେଶର ଖେଳାଳି ଓ କର୍ମକର୍ତ୍ତା ସୁଖଦ ଅନୁଭୂତି ନେଇ ସ୍ୱଦେଶ ଫେରିଥିଲେ। ଟୁର୍ନାମେଣ୍ଟ ଅବସରରେ ଅନେକ ବିଦେଶୀ ଦର୍ଶକ (ଖେଳାଳିଙ୍କ ପରିବାର) ଷ୍ଟାଡିୟମରେ ମ୍ୟାଚ ଉପଭୋଗ କରିଥିଲେ।




ଶ୍ରେଷ୍ଠ ଖେଳାଳି ଫ୍ରାନ୍ସର ଟିମୋଥି କ୍ଲିମେଣ୍ଟ

### ୪୮ ମ୍ୟାଚ: ୩୨୭ ଗୋଲ

ଗତ ଜୁନିୟର ହକି ବିଶ୍ୱକପରେ ମୋଟ ୪୮ଟି ମ୍ୟାଚ ଖେଳାଯାଇଥିବାବେଳେ ୩୨୭ଟି ଗୋଲ ହୋଇଥିଲା। ଏହା ମଧ୍ୟରେ ୧୭୨ ଫିଲ୍ଡ, ୧୩୯ ପେନାଲ୍ଟି କର୍ନର ଏବଂ ୧୬ ପେନାଲ୍ଟି ଷ୍ଟ୍ରୋକ୍ ଗୋଲ ସାମିଲ ଥିଲା। ମ୍ୟାଚ ମଧ୍ୟରେ ସଂଘର୍ଷ ସମୟରେ ଜାଣତରେ ହେଉ କି ଅଜାଣତରେ ଭୁଲ୍ ହୋଇଥାଏ। ତେଣୁ ଖେଳାଳିଙ୍କୁ କାର୍ଡ ମିଳିବା ସ୍ୱାଭାବିକ। ଏଥର ଖେଳାଳିଙ୍କୁ ୧୪୩ ଗ୍ରୀନ୍ ଏବଂ ୫୧ ୟେଲୋ କାର୍ଡ ପ୍ରଦର୍ଶିତ ହୋଇଥିଲା। ତେବେ ଜଣେ ହେଲେ ଖେଳାଳି ରେଡ୍‌କାର୍ଡ ପାଇ ନ ଥିଲେ। ଦଳ ଭାବରେ ନେଦରଲାଣ୍ଡ୍ସ ସର୍ବାଧିକ ୪୫ ଗୋଲ ଦେଇଥିବାବେଳେ ଭାରତ ସବୁଠାରୁ ଆକ୍ରମଣାତ୍ମକ ଖେଳି ପ୍ରତିପକ୍ଷ ଗୋଲପୋଷ୍ଟ ଏରିଆ ମଧ୍ୟରେ ସର୍ବାଧିକ ୧୭୫ ଥର ଏଣ୍ଟ୍ରି କରିଥିଲା। ଏକ ଲିଗ୍ ମ୍ୟାଚରେ ପାକିସ୍ତାନ ୧୮-୨ ଗୋଲରେ ଆମେରିକାକୁ ହରାଇ ରେକର୍ଡ କରିଥିଲା। ଜୁନିୟର ହକି ବିଶ୍ୱକପରେ କୌଣସି ଏକ ଦଳ ଗୋଟିଏ ମ୍ୟାଚରେ ଏତେ ସଂଖ୍ୟକ ଗୋଲ କରିବା ଏହା ପ୍ରଥମ ଥିଲା। ଏହି ମ୍ୟାଚରେ ସର୍ବାଧିକ ୨୦ଟି ଗୋଲ ସ୍କୋର ହୋଇଥିଲା। ବ୍ୟକ୍ତିଗତଭାବେ ଦେଖିବାକୁ ଗଲେ ନେଦରଲାଣ୍ଡ୍ସର ମାଇଲ୍ସ ବୁକେନ୍ସ ୬ ମ୍ୟାଚରେ ସର୍ବାଧିକ ୧୮ ଗୋଲ କରି ଟପ୍ ସ୍କୋରର ରହିଥିଲେ। ଫ୍ରାନ୍ସର ଟିମୋଥି କ୍ଲିମେଣ୍ଟ ୧୪ ଓ ଭାରତର ସଞ୍ଜୟ ୮ ଗୋଲ ଦେଇ ପରବର୍ତ୍ତୀ ୨ ସ୍ଥାନରେ ରହିଥିଲେ। ଦଳଗତଭାବେ ମଧ୍ୟ ନେଦରଲାଣ୍ଡ୍ସ ୬ ମ୍ୟାଚରେ ସର୍ବାଧିକ ୪୫ ଗୋଲ ସ୍କୋର କରିଥିଲା। ସ୍ପେନ ୩୬, ପାକିସ୍ତାନ ୩୪, ଫ୍ରାନ୍ସ ୩୦ ଓ ଭାରତ ୨୯ ଗୋଲ କରି ପରବର୍ତ୍ତୀ ୪ ସ୍ଥାନରେ ରହିଥିଲା। ଜର୍ମାନୀର ଜୋହାନେସ ସ୍କିମିଜ ଶ୍ରେଷ୍ଠ କୋଚ୍, ଦଳଗତ ସର୍ବାଧିକ ଗୋଲ ପାଇଁ ନେଦରଲାଣ୍ଡ୍ସ, ଇଜିପ୍ଟର ମହମ୍ମଦ ସଲିମ ଶ୍ରେଷ୍ଠ ଗୋଲ ସେଭ୍, ଚିଲି ଫେୟାର ପ୍ଲେ, ଆର୍ଜେଣ୍ଟିନାର ଇଗ୍ନାସିଓ ନାର୍ଡୋଲିନା ଫ୍ୟାନ୍ସ ଚଏସ୍ ଶ୍ରେଷ୍ଠ ଗୋଲ, ଜର୍ମାନୀର ଆଣ୍ଟୋନ ବ୍ରିଙ୍କମ୍ୟାନ ଶ୍ରେଷ୍ଠ ଗୋଲକିପର, ଟପ୍ ସ୍କୋରର ନେଦରଲାଣ୍ଡ୍ସର ମାଇଲ୍ସ ବୁକେନ୍ସ ଏବଂ ଫ୍ରାନ୍ସର ଟିମୋଥି କ୍ଲିମେଣ୍ଟ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ମୋଟାମୋଟି ଭାବେ ଜୁନିୟର ହକି ବିଶ୍ୱକପ୍ ସମସ୍ତଙ୍କ ମନରେ ସ୍ମରଣୀୟ ସ୍ମୃତି ଛାଡ଼ିବାରେ ସଫଳ ହୋଇଥିଲା।

– ତପନ ସ୍ୱାଇଁ

### କଳିଙ୍ଗରେ ବଡ଼ ହକି ଟୁର୍ନାମେଣ୍ଟ

* ୨୦୧୪ ଡିସେମ୍ବର ୬ରୁ ୧୪: ହକି ଚାମ୍ପିୟନ୍ସ ଟ୍ରଫି
* ୨୦୧୭ ଡିସେମ୍ବର ୧ରୁ ୧୦: ଏଫ୍ଆଇଏଚ୍ ହକି ୱାର୍ଲ୍ଡ ଲିଗ୍ (ପୁରୁଷ)
* ୨୦୧୮ ନଭେମ୍ବର ୨୮ରୁ ଡିସେମ୍ବର ୧୬: ପୁରୁଷ ହକି ବିଶ୍ୱକପ
* ୨୦୧୯ ଜୁନ ୬ରୁ ୧୬: ହକି ସିରିଜ ଫାଇନାଲ୍ସ (ପୁରୁଷ)
* ୨୦୧୯ ନଭେମ୍ବର ୧ ଓ ୨: ଏଫ୍ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ (ମହିଳା ଓ ପୁରୁଷ)
* ୨୦୨୦ ଜାନୁୟାରୀ ୧୮ରୁ ମେ ୨୪: ଏଫ୍ଆଇଏଚ୍ ପ୍ରୋ ଲିଗ୍
* ୨୦୨୧ ନଭେମ୍ବର ୨୪ରୁ ଡିସେମ୍ବର ୫: ଏଫ୍ଆଇଏଚ୍ ପୁରୁଷ ଜୁନିୟର ହକି ବିଶ୍ୱକପ

### ଟୁର୍ନାମେଣ୍ଟ ରେକର୍ଡ

୪୮ ମ୍ୟାଚ: ୩୨୭ ଗୋଲ
ଫିଲ୍ଡ ଗୋଲ: ୧୭୨
ପେନାଲ୍ଟି କର୍ନର ଗୋଲ: ୧୩୯
ପେନାଲ୍ଟି ଷ୍ଟ୍ରୋକ୍ ଗୋଲ: ୧୬
ମୋଟ କାର୍ଡ ପ୍ରଦର୍ଶନ: ୧୯୪
ଗ୍ରୀନ୍ କାର୍ଡ: ୧୪୩
ୟେଲୋ କାର୍ଡ: ୫୧
ରେଡ୍ କାର୍ଡ: ୦
ସର୍ବାଧିକ ଗୋଲ: ନେଦରଲାଣ୍ଡ୍ସ-୪୫
ସର୍ବାଧିକ ସର୍କଲ ଏଣ୍ଟ୍ରି: ଭାରତ- ୧୭୫
ମୋଷ୍ଟ ଡିଫେନ୍ସିଭ: ୨୮ ସେଭ୍ସ
ଗୋଟିଏ ମ୍ୟାଚରେ ସର୍ବାଧିକ ଗୋଲ: ୨୦ (ପାକିସ୍ତାନ ୧୮-୨ ଆମେରିକା)

### କେଉଁ ଦଳ କେତେ ଗୋଲ୍

| ଦଳ | ମ୍ୟାଚ | ଗୋଲ ସ୍କୋର | ଫିଲ୍ଡ ଗୋଲ | ପେନାଲ୍ଟି କର୍ନର | ପେନାଲ୍ଟି ଷ୍ଟ୍ରୋକ୍ | ଗୋଲ ବରଣ |
|---|---|---|---|---|---|---|
| ନେଦରଲାଣ୍ଡ୍ସ | ୬ | ୪୫ | ୨୫ | ୧୮ | ୨ | ୭ |
| ସ୍ପେନ | ୬ | ୩୬ | ୨୩ | ୧୧ | ୨ | ୩ |
| ପାକିସ୍ତାନ | ୬ | ୩୪ | ୨୦ | ୧୩ | ୧ | ୧୦ |
| ଫ୍ରାନ୍ସ | ୬ | ୩୦ | ୧୪ | ୧୬ | ୦ | ୬ |
| ଭାରତ | ୬ | ୨୯ | ୧୫ | ୧୩ | ୧ | ୮ |
| ଜର୍ମାନୀ | ୬ | ୨୭ | ୧୬ | ୯ | ୨ | ୪ |
| ଆର୍ଜେଣ୍ଟିନା | ୬ | ୨୬ | ୧୪ | ୧୦ | ୨ | ୬ |
| ଦ.ଆଫ୍ରିକା | ୬ | ୨୩ | ୧୪ | ୮ | ୧ | ୧୦ |
| ଦ.କୋରିଆ | ୬ | ୧୬ | ୫ | ୯ | ୨ | ୨୨ |
| ବେଲଜିୟମ | ୬ | ୧୫ | ୧୦ | ୪ | ୧ | ୨ |
| ମାଲେସିଆ | ୬ | ୧୧ | ୪ | ୭ | ୦ | ୫ |
| କାନାଡା | ୬ | ୧୧ | ୩ | ୬ | ୨ | ୨୫ |
| ପୋଲାଣ୍ଡ | ୬ | ୮ | ୩ | ୫ | ୦ | ୧୫ |
| ଇଜିପ୍ଟ | ୬ | ୬ | ୩ | ୩ | ୦ | ୨୮ |
| ଆମେରିକା | ୬ | ୫ | ୨ | ୩ | ୦ | ୩୬ |
| ଚିଲି | ୬ | ୫ | ୧ | ୪ | ୦ | ୧୦ |

### ଟପ୍ ଗୋଲ୍ ସ୍କୋରର

| ଖେଳାଳି | ମ୍ୟାଚ | ଗୋଲ୍ | ଫି.ଗୋଲ୍ | ପେ.ଗୋଲ୍ | ପେ.ଷ୍ଟ୍ରୋକ୍ |
|---|---|---|---|---|---|
| ବୁକେନ୍ସ ମାଇଲ୍ସ | ୬ | ୧୮ | ୧୦ | ୮ | ୦ |
| କ୍ଲିମେଣ୍ଟ ଟିମୋଥି | ୬ | ୧୪ | ୧ | ୧୩ | ୦ |
| ସଞ୍ଜୟ | ୬ | ୮ | ୧ | ୬ | ୧ |
| କୁନିଲ ପାଉ | ୬ | ୮ | ୦ | ୬ | ୨ |
| ରିଜୱାନ ଅଲୀ | ୬ | ୮ | ୦ | ୭ | ୧ |
| ଅବଦୁଲ ରାଣା | ୬ | ୭ | ୩ | ୪ | ୦ |
| ଇଗ୍ନାସିଓ-ସିମୋ | ୬ | ୬ | ୬ | ୦ | ୦ |
| ବ୍ରେଣ୍ଟ ବିଜନେନ | ୬ | ୬ | ୬ | ୦ | ୦ |
| ଲ୍ୟୁକ ଡୋମରଶୁଇଜେନ | ୫ | ୬ | ୦ | ୫ | ୦ |
| ଜିଅଙ୍ଗ ସୁନ୍ ସିଅଙ୍ଗ | ୬ | ୬ | ୦ | ୫ | ୧ |
| ଗୟ ମୋର୍ଗାନ | ୬ | ୬ | ୦ | ୫ | ୧ |
| ସେଲର କୋରେଣ୍ଟିନ | ୬ | ୫ | ୫ | ୦ | ୦ |
| ଉତ୍ତମ ସିଂ | ୬ | ୫ | ୫ | ୦ | ୦ |
| କାମେରନ ଫର୍ଷ୍ଟର | ୬ | ୫ | ୫ | ୦ | ୦ |
| ଭାନ୍ ଡର୍ ଭେନ୍ | ୬ | ୫ | ୪ | ୧ | ୦ |
| ଅରିଜିତ ହୁଣ୍ଡାଲ | ୬ | ୫ | ୩ | ୨ | ୦ |
| ପେପେ କୁନିଲ | ୬ | ୫ | ୧ | ୪ | ୦ |
| ଲୌଟାରୋ ଡୋମେନେ | ୬ | ୫ | ୦ | ୫ | ୦ |

# ସିନିୟରଙ୍କ ପାଇଁ ସତର୍କଘଣ୍ଟି

**ଗତ କେତୋଟି ସିରିଜରେ ଭାରତୀୟ ସିନିୟର କ୍ରିକେଟରମାନଙ୍କ ପ୍ରଦର୍ଶନ ଆଶାନୁରୂପ ହୋଇପାରିନାହିଁ। ଅନ୍ୟ ପଟେ କେତେଜଣ ପ୍ରତିଭାସମ୍ପନ୍ନ ଖେଳାଳିଙ୍କ ପ୍ରଭାବୀ ପ୍ରଦର୍ଶନରେ ଜାତୀୟ ଚୟନକର୍ତ୍ତା ପ୍ରଭାବିତ ହୋଇଛନ୍ତି। ଏହା ବରିଷ୍ଠ ଖେଳାଳିଙ୍କ ପାଇଁ ସତର୍କଘଣ୍ଟି ସଦୃଶ ହୋଇଛି...**



ନିର୍ମଳ କୁମାର ମିଶ୍ର

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଟିମ୍ ଇଣ୍ଡିଆର ଦମ୍‌ଦାର ବିଜୟ ହୋଇଛି। ସିରିଜ ଜିତି ଡବ୍ଲୁଟିସି ଫାଇନାଲ ପରାଜୟର ପ୍ରତିଶୋଧ ନେଇଛି। ଅଳ୍ପକେ କ୍ଲିନ୍ ସୁଇପ୍‌ରୁ ବଞ୍ଚିତ ହୋଇଥିଲେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ ମାଧ୍ୟମରେ ଯୁବ ଖେଳାଳିଙ୍କୁ ନେଇ ଭଲ ପ୍ରଦର୍ଶନ ଅବ୍ୟାହତ ରଖିଛି ଟିମ୍ ଇଣ୍ଡିଆ। ଯୁବ ଖେଳାଳିମାନଙ୍କର ଏପରି ପ୍ରଦର୍ଶନ ସିନିୟର ଖେଳାଳିମାନଙ୍କ ପାଇଁ ସ୍ଥାନ ବଜାୟ ରଖିବାକୁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଟି୨୦ ସିରିଜରେ କ୍ଲିନ୍ ସୁଇପ୍ କରିବା ଫଳରେ ଭାରତ ଆଇସିସି ଟି୨୦ ବିଶ୍ୱକପ୍ ପରାଜୟର ମଧ୍ୟ ମଧୁର ପ୍ରତିଶୋଧ ନେଇଛି।

ଶିଖର ଧାୱନ ଭାରତୀୟ ଦଳର ବ୍ୟାଟିଂ ଅର୍ଡରର ଏକଦା ଦୃଢ଼ ମେରୁଦଣ୍ଡ ଥିଲେ। କିନ୍ତୁ ଏହି ଦକ୍ଷ ବ୍ୟାଟରଙ୍କୁ ୨୦୧୮ ପରଠାରୁ ଟେଷ୍ଟ କ୍ରିକେଟରେ ଆଉ ଦେଖିବାକୁ ମିଳୁନାହିଁ। ତାଙ୍କ ପରେ ଲୋକେଶ ରାହୁଲ ଏବଂ ମୟଙ୍କ ଅଗ୍ରୱାଲ ଭାରତ ପାଇଁ ଅନେକ ଇନିଂସ ଖେଳି ସଫଳତା ପାଇଛନ୍ତି। ଏପରି ପରିସ୍ଥିତିରେ ଅନେକ ଭେଟେରାନ୍ ଖେଳାଳିଙ୍କ ଟେଷ୍ଟ କ୍ୟାରିୟର ବିପଦରେ ଥିବା ପରି ମନେହୁଏ। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ପାଇଁ ଘୋଷିତ ଭାରତୀୟ ଧାୱନଙ୍କ ସମେତ ଏକାଧିକ ବରିଷ୍ଠ ଖେଳାଳି ସ୍ଥାନ ପାଇନାହାନ୍ତି। ଭାରତର ଅନ୍ୟତମ ତାରକା ବ୍ୟାଟର ସୁଇଂ ବୋଲର ଭୁବନେଶ୍ୱର କୁମାର ଗତ ୩ବର୍ଷ ଧରି ଟିମ୍ ଇଣ୍ଡିଆ ଟେଷ୍ଟ ଦଳରୁ ଦୂରେଇ ଯାଇଛନ୍ତି। ତାଙ୍କ ବୋଲିଂରେ ଆଉ ଆଗପରି ଚମକ ନଜରକୁ ଆସୁନାହିଁ। ତାଙ୍କ ସ୍ଥାନରେ ମହମ୍ମଦ ସିରାଜ, ନବଦୀପ ସଇନୀ ଏବଂ ପ୍ରସିଦ୍ଧ କ୍ରିଷ୍ଣାଙ୍କ ପରି ବୋଲରମାନେ ଟିମ୍ ଇଣ୍ଡିଆ ପାଇଁ ନିୟମିତ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ତାଙ୍କର ରେଡ୍‌ବଲ ଫର୍ମାଟକୁ ଫେରିବା ଅସମ୍ଭବ ମନେହେଉଛି।

ସେହିପରି ଦ୍ରୁତ ବୋଲର ଇଶାନ୍ତ ଶର୍ମା ଭାରତ ପାଇଁ ୧୦୦ରୁ ଅଧିକ ଟେଷ୍ଟ ଖେଳିଥିବା ବେଳେ ତାଙ୍କ ବୋଲିଂରେ ଆଉ ସେପରି ଚମକ ଦେଖିବାକୁ ମିଳୁନାହିଁ। ଟିମ୍ ଇଣ୍ଡିଆରେ ପ୍ରତିଯୋଗିତା କ୍ରମାଗତ ଭାବେ ବୃଦ୍ଧି ପାଇଛି। ଅନେକ ଯୁବ ବୋଲର ସ୍ଥାନ ପକ୍କା କରିବାରେ ଲାଗିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ୨ୟ ଟେଷ୍ଟ ମ୍ୟାଚରେ ଇଶାନ୍ତଙ୍କ ସ୍ଥାନରେ ମହମ୍ମଦ ସିରାଜ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଯଦିଓ ଭାରତୀୟ ଦଳ ସହ ସେ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଉଛନ୍ତି ତେବେ ତାଙ୍କ ଟେଷ୍ଟ କ୍ୟାରିୟର ଖୁବ୍‌ଶୀଘ୍ର ସରିବାକୁ ଯାଉଛି ବୋଲି କୁହାଯାଇପାରେ।

ଋତୁରାଜ ଗାଏକ୍‌ୱାର୍ଡ, ଦେବଦତ୍ତ ପଡିକାଲ, ଇଶାନ୍ କିଶନ, ଶ୍ରେୟସ ଆୟାର, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ଆଭେଶ ଖାଁ, ଇମ୍ରାନ୍ ମଲ୍ଲିକ (ଜମ୍ମୁ ଓ କଶ୍ମୀର), କାର୍ତ୍ତିକ ତ୍ୟାଗୀ (ଉତ୍ତର ପ୍ରଦେଶ), ରିୟାନ ପରାଗ (ଆସାମ), ହର୍ଷାଲ ପଟେଲ ଏବଂ ରିଷଭ ପନ୍ତଙ୍କ ପରି ଯୁବ ଖେଳାଳି ଭାରତୀୟ କ୍ରିକେଟର ଭବିଷ୍ୟତ ବିବେଚିତ ହେଉଛନ୍ତି। ଆଇପିଏଲ ୧୫ରେ ଏମାନେ ସେମାନଙ୍କର ଫ୍ରାଞ୍ଚାଇଜ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବା ଆଶା ରହିଛି।

ଉଭୟ ଟେଷ୍ଟ ଏବଂ ଟି୨୦ ର୍‌ୟାଙ୍କିଙ୍ଗ ଅନୁଯାୟୀ ଦକ୍ଷତା ପ୍ରଦର୍ଶନ କରି ନ ପାରିବା, ଟି୨୦ ଅଧିନାୟକ




ଅଜିଙ୍କ୍ୟ ରାହାନେ ଓ ଚେତେଶ୍ୱର ପୂଜାରା।

ପଦରୁ ବିରାଟ କୋହଲିଙ୍କ ପଦତ୍ୟାଗ, ରବି ଶାସ୍ତ୍ରୀଙ୍କ କୋଚ୍ ପଦରୁ ଅବ୍ୟାହତି, ହ୍ୱାଇଟ ବଲ ସ୍ପେଶାଲିଷ୍ଟ ହିଟ୍ ମ୍ୟାନ ରୋହିତ ଶର୍ମାଙ୍କ ଟି୨୦ ଓ ଦିନିକିଆ ଅଧିନାୟକ ଦାୟିତ୍ୱ ଏବଂ ଅନ୍ୟତମ ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଟିମ୍ ଇଣ୍ଡିଆର ମେଣ୍ଟର ଦାୟିତ୍ୱ ଗ୍ରହଣ ଇତି ମଧ୍ୟରେ ଚର୍ଚ୍ଚାରେ ରହିଛି। ଅଜିଙ୍କ୍ୟ ରାହାନେ ଏକଦା ତିନୋଟି ଫର୍ମାଟରେ ଟିମ୍ ଇଣ୍ଡିଆ ପାଇଁ ଖେଳିଥିଲେ। ସେ ଛୋଟ ଫର୍ମାଟରୁ ବାଦ ପଡିଛନ୍ତି। ଟେଷ୍ଟ କ୍ରିକେଟରେ ମଧ୍ୟ ରାହାନେଙ୍କୁ ସଂଘର୍ଷ କରୁଥିବା ପରିଲକ୍ଷିତ ହେଉଛି। ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ରାହାନେ ଫ୍ଲପ୍ ହୋଇଥିଲେ। ତାଙ୍କୁ ୨ୟ ଟେଷ୍ଟରେ ଖେଳିବାକୁ ସୁଯୋଗ ମିଳି ନ ଥିଲା। ଇଂଲଣ୍ଡ ଗସ୍ତ ସମୟରେ ମଧ୍ୟ ସେ ରନ୍ ସ୍କୋର କରିବାକୁ ସକ୍ଷମ ହୋଇପାରି ନ ଥିଲେ। ଏଥି ମଧ୍ୟରେ ଅନେକ ଯୁବ ଖେଳାଳି ଚମତ୍କାର ପ୍ରଦର୍ଶନ ମାଧ୍ୟମରେ ଟିମ୍ ଇଣ୍ଡିଆ ପାଇଁ ନିଜର ସ୍ଥାନ ସୁରକ୍ଷିତ କରିବାକୁ ସକ୍ଷମ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ସିରିଜ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିଲେ ହେଁ ରାହାନେଙ୍କ ଟେଷ୍ଟ କ୍ୟାରିୟର ମଧ୍ୟ ଆଶଙ୍କା ଘେରକୁ ଯିବାପରି ଲାଗୁଛି। ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରାଙ୍କର ମଧ୍ୟ ସମଦଶା ହୋଇଛି। ଦକ୍ଷିଣ ଆଫ୍ରିକା ଗସ୍ତରେ ଭାରତ ୩ଟି ଲେଖାଏ ଟେଷ୍ଟ ଓ ଏକଦିବସୀୟ ମ୍ୟାଚ ଖେଳିବ। ପରେ ୪ଟି ଟି୨୦ ମ୍ୟାଚ ପରବର୍ତ୍ତୀ ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଯୁବ ଖେଳାଳିଙ୍କୁ ନେଇ ଟିମ୍ ଇଣ୍ଡିଆ ନିଶ୍ଚିତ ଭଲ ଖେଳିବ ବୋଲି ଆଶା କରାଯାଏ। ଡିସେମ୍ବର ୨୬ରୁ ଏହି ସିରିଜ ଆରମ୍ଭ ହେବ। ଦକ୍ଷିଣ ଆଫ୍ରିକାରେ ଏହି ସିରିଜ ନିଶ୍ଚିତ ଟିମ୍ ଇଣ୍ଡିଆ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ଆଗାମୀ ସିରିଜରେ ଯୁବ ଖେଳାଳିଙ୍କୁ ଦକ୍ଷତା ଦେଖାଇବାକୁ ହେବ। ସେମାନଙ୍କ ସଫଳତା ନିଶ୍ଚିତରୂପେ ସିନିୟରଙ୍କ ପାଇଁ ସତର୍କଘଣ୍ଟି ସଦୃଶ ହେବ।

# ଓଡ଼ିଶା-ନର୍ଥ ଇଷ୍ଟ ମୁକାବିଲା ଆଜି



ଓଡ଼ିଶା ଏଫ୍‌ସି ଖେଳାଳିଙ୍କ ଅଭ୍ୟାସ।

**ଭାସ୍କୋ,୯।୧୨:** ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ଅଷ୍ଟମ ସଂସ୍କରଣରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଓ ନର୍ଥ ଇଷ୍ଟ ୟୁନାଇଟେଡ ଏଫ୍‌ସି ପରସ୍ପରକୁ ଭେଟିବେ। ଦେଶର ଏହି ସର୍ବବୃହତ୍ ଫୁଟବଲ ଲିଗ୍‌ରେ ଓଡ଼ିଶା ତା'ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଥିଲା। ଗତ ସଂସ୍କରଣରେ ଓଡ଼ିଶା ପଏଣ୍ଟ ତାଲିକାର ନିମ୍ନରେ ରହିଥିଲା। ଏଥର ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ୩-୧ ଗୋଲରେ ବେଙ୍ଗାଲୁରୁ ଏଫସିକୁ ଓ ଦ୍ୱିତୀୟ ମ୍ୟାଚ୍‌ରେ ଇଷ୍ଟ ବେଙ୍ଗଲକୁ ୬-୪ ଗୋଲରେ ହରାଇଥିଲା। ତେବେ ତୃତୀୟ ମ୍ୟାଚ୍‌ରେ ଓଡ଼ିଶା କେରଳ ବ୍ଲାଷ୍ଟର୍ସଠାରୁ ୨-୧ ଗୋଲରେ ହାରିଥିଲା। ୬ ପଏଣ୍ଟ ପାଇ ଓଡ଼ିଶା ପଏଣ୍ଟ ତାଲିକାର ଷଷ୍ଠ ସ୍ଥାନରେ ରହିଛି। କୋଚ୍ କିକୋ ରାମିରେଜଙ୍କ ନେତୃତ୍ୱରେ ଓଡ଼ିଶା ପୁଣିଥରେ ବିଜୟଧାରାକୁ

## ଆଇଏସ୍ଏଲ୍

ଫେରିବା ଲକ୍ଷ୍ୟରେ ରହିଛି। ଅନ୍ୟପଟେ କୋଚ୍ ଖଲିଦ ଜମିଲଙ୍କ ତତ୍ତ୍ୱାବଧାନରେ ନର୍ଥଇଷ୍ଟ ୪ଟି ମ୍ୟାଚ ଖେଳି ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ୨ଟି ମ୍ୟାଚ୍‌ରେ ପରାଜୟ ବରଣ କରି ୪ ପଏଣ୍ଟ ହାସଲ କରି ତାଲିକାର ଅଷ୍ଟମ ସ୍ଥାନରେ ରହିଛି। ନର୍ଥଇଷ୍ଟ କେରଳ ବିପକ୍ଷ ମ୍ୟାଚ୍‌କୁ ଗୋଲ ଶୂନ୍ୟ ଭାବେ ଡ୍ର ରଖିବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ଏଫ୍‌ସିଠାରୁ ୨-୧ ଗୋଲରେ ପରାସ୍ତ ହୋଇଥିଲା। ତେବେ ତୃତୀୟ ମ୍ୟାଚ୍‌ରେ ଗୋଆ ୨-୧ ଗୋଲରେ ପରାସ୍ତ କରିଥିଲା। ଦଳର ତାରକା ଖେଳାଳି ଫେଡେରିକୋ ଗାଲେଗୋ ଚେନ୍ନାଇନ ବିପକ୍ଷ ମ୍ୟାଚ୍‌ରେ ଆହତ ହୋଇ ପୂରା ସେସନରୁ ବାଦ୍ ପଡିଛନ୍ତି। ଫଳରେ ଦଳକୁ ଝଟକା ଲାଗିଛି। ଉରୁଗୁଏର ଏହି ଖେଳାଳିଙ୍କ ପ୍ରଦର୍ଶନ ବଳରେ ନର୍ଥ ଇଷ୍ଟ ଅତୀତରେ ସେମିଫାଇନାଲରେ ପ୍ରବେଶ କରିଥିଲା। ଦଳର ଭଲ ପ୍ରଦର୍ଶନ ନେଇ ଜମିଲ ଆଶାବାଦୀ ଅଛନ୍ତି।

# ହେଡ୍‌ଙ୍କ ଦ୍ରୁତ ଶତକ: ଅଷ୍ଟ୍ରେଲିଆ ଅଗ୍ରଣୀ

## ଆଶେସ ପ୍ରଥମ ଟେଷ୍ଟ

**ବ୍ରିସ୍‌ବେନ,୯।୧୨**

ଇଂଲଣ୍ଡ ବିପକ୍ଷ ପ୍ରଥମ ଆଶେସ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି। ଗୁରୁବାର ଦ୍ୱିତୀୟ ଦିବସରେ ପ୍ରଥମ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ୨୭ ବର୍ଷୀୟ ମିଡଲ ଅର୍ଡର ବ୍ୟାଟର ଟ୍ରାଭିସ ହେଡ୍‌ଙ୍କ ଅପରାଜିତ ଦ୍ରୁତ ଶତକ, ଓପନର ଡେଭିଡ୍ ୱାର୍ନର ଓ ମାର୍ନସ ଲାବୁସେନଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ବଡ଼ ସ୍କୋର ହାସଲ କରିବାର ସମ୍ଭାବନା ସୃଷ୍ଟି କରିଛି। ଟସ୍ ଜିତି ଇଂଲଣ୍ଡ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ଇନିଂସରେ ୫୦.୧ ଓଭରରେ ୧୪୭ ରନକରି ଅଲଆଉଟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଆରମ୍ଭ କରି ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୮୪ ଓଭରରେ ୭ ଉଇକେଟ ହରାଇ ୩୪୩ ରନ ସଂଗ୍ରହ କରିଛି। ଫଳରେ ୩ ଉଇକେଟ ହାତରେ ରଖି ଅଷ୍ଟ୍ରେଲିଆ ୧୯୬ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଟ୍ରାଭିସ ହେଡ୍ ୧୧୨ ରନ ଓ ମିଚେଲ ଷ୍ଟାର୍କ ୧୦ ରନକରି ଅପରାଜିତ ରହିଛନ୍ତି। ହେଡ ୯୫ଟି ବଲର ସମ୍ମୁଖୀନ ହୋଇ ୧୨ ଚୌକା ଓ ୨ ଛକା ମାରି ଦ୍ରୁତ ଅପରାଜିତ ଇନିଂସ ଖେଳିଥିଲେ। ଏଥିସହ ହେଡ୍ କ୍ୟାରିୟରର ତୃତୀୟ ଟେଷ୍ଟ ଶତକ ଅର୍ଜନ କରିଛନ୍ତି।

### ୫ଟି ଜୀବନଦାନ ସତ୍ତ୍ୱେ ୱାର୍ନର ଶତକରୁ ବଞ୍ଚିତ

ପ୍ରଥମ ଦିନରେ ଇଂଲଣ୍ଡ ଅଲଆଉଟ ହେବା ପରେ ବର୍ଷା ହୋଇଥିଲା ଓ ଖେଳ ସମ୍ଭବ ହୋଇପାରି ନ ଥିଲା। ଅଷ୍ଟ୍ରେଲିଆ ବୁଧବାର ସକାଳୁ ପ୍ରଥମ ଇନିଂସ ଆରମ୍ଭ କରି ମାର୍କସ ହାରିସ୍‌ଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ପାଇଥିଲା। ହାରିସ୍ ତୃତୀୟ ସ୍ଲିପ୍‌ରେ ଡାଭିଡ ମଲାନଙ୍କୁ କ୍ୟାଚ୍ ଦେଇ ଓଲି ରବିନସନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ଦ୍ୱିତୀୟ ଉଇକେଟ ୱାର୍ନର ଓ ମାର୍ନସ ଲାବୁସେନ ୨୫୪ଟି ବଲରୁ ୧୫୬ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବା ସହ ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ତେବେ ଲାବୁସେନ ୭୪ ରନ କରି କ୍ରିଜରେ ଜମି ଆସୁଥିବା ବେଳେ ଜ୍ୟାକ ଲିଚ୍‌ଙ୍କ ବଲ୍‌ରେ ପଏଣ୍ଟରେ ମାର୍କ ଉଡଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଦ୍ୱିତୀୟ ଦିବସରେ ୱାର୍ନର ଚର୍ଚ୍ଚିତ ଖେଳାଳି ଥିଲେ। ୫ଟି ଜୀବନଦାନ ପାଇଥିଲେ ମଧ୍ୟ ସେ ଶତକ ପୂରଣ କରିପାରି ନ ଥିଲେ। ସେ ୧୭୬ଟି ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୨ ଛକା ସହ ୯୪ ରନ ସଂଗ୍ରହ କରି ରବିନସନଙ୍କ ବଲ୍‌ରେ କଭରରେ ବେନ୍ ଷ୍ଟୋକ୍‌ସଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ୱାର୍ନର ୧୭ରନ କରିଥିବା ବେଳେ ଷ୍ଟୋକ୍‌ସଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ ମଧ୍ୟ ନୋବଲ କାରଣରୁ ଆଉଟ ହୋଇ ନ ଥିଲେ। ଏହାପରେ ୪୯ ରନରେ ତାଙ୍କ କ୍ୟାଚ୍ ଛାଡିଥିଲେ ରୋରି ବର୍ନ୍ସ। ଏହାପରେ ୬୦ ରନରେ ସେ ରନ୍ ଆଉଟ୍‌ରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ଏହାପରେ ତାଙ୍କର ଆଉ ଦୁଇଟି କ୍ୟାଚ୍ ସ୍ଲିପ୍ ଓ ମିଡ୍‌ଉଇକେଟରେ ହାତଛଡ଼ା ହୋଇଥିଲା। ୱାର୍ନର କ୍ୟାରିୟରର ୩୧ତମ ଅର୍ଦ୍ଧଶତକ ହାସଲ କରିଛନ୍ତି।

ଏହାପରେ ଅଷ୍ଟ୍ରେଲିଆର ମିଡିଲ ଅର୍ଡର ବିପର୍ଯ୍ୟୟ ଘଟିଥିଲା। ଏହି କ୍ରମରେ ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍, ଆଲେକ୍ସ କାରେ ଓ ଅଧିନାୟକ ପ୍ୟାଟ କୁମିନ୍ସ ପ୍ରତ୍ୟେକ ୧୨ ରନ ଲେଖାଏ ସଂଗ୍ରହ କରି ଆଉଟ ହୋଇଥିଲେ। ସ୍ମିଥ୍ ଉଇକେଟକିପର ଜୋଶ ବଟଲରଙ୍କୁ କ୍ୟାଚ୍ ଦେଇଥିବା ବେଳେ କାରେ ମିଡ୍‌ଉଇକେଟରେ ଓଲି ପୋପ୍‌ଙ୍କୁ କ୍ୟାଚ୍ ଦେଇ କ୍ରିସ୍ ୱୋକ୍ସଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି କୁମିନ୍ସ ଜୋ ରୁଟ୍‌ଙ୍କ ବଲ୍‌ରେ ଲେଗ୍ ସ୍ଲିପ୍‌ରେ ହାସିବ ହମିଦଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ସପ୍ତମ ଉଇକେଟରେ ପ୍ୟାଟ୍ କୁମିନ୍ସ ଓ ହେଡ୍‌ଙ୍କ ମଧ୍ୟରେ ୬୯ ବଲରୁ ୭୦ ରନର ଭାଗୀଦାରି ସ୍ଥାପନ ହୋଇଥିଲା। ବୋଲିଂରେ ଇଂଲଣ୍ଡ ତରଫରୁ ରବିନସନ ୩, ୱୋକ୍ସ, ମାର୍କ ଉଡ, ଜ୍ୟାକ ଲିଚ୍ ଓ ରୁଟ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଶତକ ହାସଲ ପରେ ଟ୍ରାଭିସ ହେଡ୍।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ- ୫୦.୧ ଓଭରରେ ୧୪୭ ଅଲଆଉଟ। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୮୪ ଓଭରରେ ୩୪୩/୭ (ଟ୍ରାଭିସ ହେଡ- ୧୧୨*, ଡେଭିଡ୍ ୱାର୍ନର- ୯୪, ମାର୍ନସ ଲାବୁସେନ- ୭୪, ଓଲି ରବିନସନ- ୩/୪୮, ମାର୍କ ଉଡ- ୧/୫୭, ଜ୍ୟାକ ଲିଚ୍- ୧/୯୫, ଜୋ ରୁଟ- ୧/୨୯)।



ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ଟାଇଟଲ ବିଜୟୀ ମଣିପୁର ଦଳ ଟ୍ରଫି ସହ।

# 'ବିରାଟଙ୍କ ପରି କ୍ୱାଲିଟି ବ୍ୟାଟର ଦଳରେ ଆବଶ୍ୟକ'

**ନୂଆଦିଲ୍ଲୀ, ୯।୧୨(ପି.ଟି.)**

ବିରାଟ କୋହଲିଙ୍କ ପରି ଜଣେ କ୍ୱାଲିଟି ବ୍ୟାଟର ଏବଂ ତାଙ୍କ ପରି ନେତୃତ୍ୱ ଦକ୍ଷତାସମ୍ପନ୍ନ ବ୍ୟକ୍ତି ଦଳରେ ଆବଶ୍ୟକ ବୋଲି ଭାରତୀୟ ଦଳର ନୂଆ ଦିନିକିଆ ଅଧିନାୟକ ରୋହିତ ଶର୍ମା ପ୍ରକାଶ କରିଛନ୍ତି। ପୂର୍ବରୁ ଟି୨୦ ଅଧିନାୟକ ଥିବା ରୋହିତ ଏବେ ଦିନିକିଆ ଦାୟିତ୍ୱ ନେଇଛନ୍ତି। ''ତାଙ୍କ ପରି କ୍ୱାଲିଟି ଖେଳାଳି ସବୁବେଳେ ଦଳ ଆବଶ୍ୟକ କରିଥାଏ। ଟି୨୦ ଫର୍ମାଟରେ ୫୦ରୁ ଉର୍ଦ୍ଧ୍ୱ ଆଭରେଜ ସହଜ ନୁହେଁ। ନିଜ ଅଭିଜ୍ଞତାର ଉପଯୋଗ କରି କୋହଲି ଅନେକ ସମୟରେ ଭାରତକୁ ସଙ୍କଟସ୍ଥିତିରୁ ଉଦ୍ଧାର କରିଛନ୍ତି'' ବୋଲି ରୋହିତ କହିଛନ୍ତି। ରୋହିତଙ୍କ ମତରେ ଜଣେ ଅଧିନାୟକ ନିଜ ଦାୟିତ୍ୱକୁ ପ୍ରଥମେ ବୁଝିବା ବହୁ ଗୁରୁତ୍ୱପୂର୍ଣ୍ଣ। ଦଳରେ ଯେପରି ଠିକ୍ ଖେଳାଳି ଚୟନ ହୁଅନ୍ତି, ଟିମ୍ କମ୍ବିନେଶନ ଏବଂ ଅନେକ ଚାତୁର୍ଯ୍ୟ ଦିଗପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ। ଜଣେ ଅଧିନାୟକ ପ୍ରଥମେ ନିଜ ପ୍ରଦର୍ଶନ ପ୍ରତି ସଚେତନ ରହିବା ଜରୁରୀ। କାରଣ ସେ ହେଉଛି ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ। ଅନ୍ୟ ଖେଳାଳିମାନେ ମଧ୍ୟ ତାଙ୍କୁ ଉପଯୁକ୍ତ ସହାୟତା କରିବା ଆବଶ୍ୟକ। ରୋହିତଙ୍କ ଅନୁସାରେ ଜଣେ ଅଧିନାୟକ ପଡ଼ିଆ ମଧ୍ୟରେ ୨୦ ପ୍ରତିଶତ ଏବଂ ପଡ଼ିଆ ବାହାରେ ୮୦ ପ୍ରତିଶତ କାର୍ଯ୍ୟ କରିଥାଏ। ''ମୋ ଭୂମିକା ପଡ଼ିଆ ଭିତର ଅପେକ୍ଷା ବାହାରେ ଅଧିକ। ଏହି ଅବସରରେ ସବୁ ଖେଳାଳିଙ୍କ ସହିତ ଭାବ ବିନିମୟ ହୋଇପାରିବ। ପଡ଼ିଆ ଭିତରେ ମାତ୍ର ୩ ଘଣ୍ଟା ସମୟ ମିଳିବ ଏବଂ କେବଳ ୧୧ ଖେଳାଳିଙ୍କୁ ଅନୁଧ୍ୟାନ କରିବାକୁ ସୁଯୋଗ ମିଳିବ। ପଡ଼ିଆ ଭିତରେ କେହି ଅଧିକ ପରିବର୍ତ୍ତନ କରି ପାରିବେନି'' ବୋଲି ନୂଆ ଅଧିନାୟକ ପ୍ରକାଶ କରିଛନ୍ତି। ଗତ ୩ଟି ଆଇସିସି ଇଭେଣ୍ଟ ୨୦୧୭ ଚାମ୍ପିୟନ୍ସ ଟ୍ରଫି, ୨୦୧୯ ବିଶ୍ୱକପ୍ ଏବଂ ଚଳିତ ବର୍ଷର ଟି୨୦ ବିଶ୍ୱକପ୍‌ରେ ପ୍ରକୃତରେ କ'ଣ ଭୁଲ ରହିଲା ତାହାର ମୂଳ ଖୋଜିବାକୁ ସେ ଚାହାନ୍ତି ନାହିଁ। ''ଏହି ପ୍ରତିଯୋଗିତାଗୁଡ଼ିକରେ ଆମେ ପ୍ରାରମ୍ଭିକ ପର୍ଯ୍ୟାୟରେ ମ୍ୟାଚ ହାରିଥିଲୁ। ଯଦି ୧୦ ରନରେ ୩ଟି ଉଇକେଟ ପଡ଼ିଯାଏ ତେବେ ୪ର୍ଥ, ୫ମ ଓ ୬ଷ୍ଠ ବ୍ୟାଟର ମଧ୍ୟ ପ୍ରସ୍ତୁତ ରହିବା ଆବଶ୍ୟକ। କେଉଁଠାରେ ଲେଖା ଯାଇନାହିଁ ଯେ ୧୦ ରନରେ ୩ ଉଇକେଟ ପଡ଼ିଗଲେ ୧୯୦ ରନ ସ୍କୋର ହୋଇ ପାରିବ ନାହିଁ। ଯଦି ଆମେ ପ୍ରଥମ ଦୁଇ ଓଭରରେ ୧୦ ରନରେ ୨ଟି ଉଇକେଟ ହରାଇଲୁ ତେବେ କ'ଣ କରିବାକୁ ହେବ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ଆମକୁ ଏଭଳି ପରିସ୍ଥିତିର ମୁକାବିଲା କରିବା ପାଇଁ ନିଜକୁ ପ୍ରସ୍ତୁତ ରହିବାକୁ ହେବ'' ବୋଲି ରୋହିତ କହିଛନ୍ତି। ରୋହିତଙ୍କ ମତରେ ପାକିସ୍ତାନ ବିପକ୍ଷରେ ୨ଥର ଏବଂ ନ୍ୟୁଜିଲାଣ୍ଡ ବିପକ୍ଷରେ ଥରେ ମୋଟ ୩ ଥର ଏଭଳି ଘଟଣା ଘଟିଛି। ସେହି ମ୍ୟାଚଗୁଡ଼ିକରେ ବୋଲିଂ କ୍ୱାଲିଟି ଚମତ୍କାର ଥିଲା। ଚତୁର୍ଥ ଥର ପାଇଁ ଏଭଳି ହେବନାହିଁ ବୋଲି ସେ ଆଶା କରିଛନ୍ତି।



ରୋହିତ ଶର୍ମା ଓ ବିରାଟ କୋହଲି।

## କୋହଲିଙ୍କ ନେତୃତ୍ୱକୁ ବିସିସିଆଇର ପ୍ରଶଂସା

ଏକଦିବସୀୟ କ୍ରିକେଟ ଅଧିନାୟକ ପଦରୁ ବିଦା କରିବାର ଗୋଟିଏ ଦିନ ପରେ ବିରାଟ କୋହଲିଙ୍କ ନେତୃତ୍ୱକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରଶଂସା କରିଛି। ବିରାଟ ନିଜ କାର୍ଯ୍ୟକାଳ ସମୟରେ ଆବେଗ ଏବଂ ସଂକଳ୍ପବଦ୍ଧତା ଦେଖାଇଛନ୍ତି ବୋଲି ବିସିସିଆଇ ପକ୍ଷରୁ ଟୁଇଟ କରାଯାଇଛି। ବୁଧବାର କୋହଲିଙ୍କ ସ୍ଥାନରେ ରୋହିତ ଶର୍ମାଙ୍କୁ ଭାରତୀୟ ଦିନିକିଆ ଦଳର ଅଧିନାୟକ ମନୋନୀତ କରାଯାଇଥିଲା। କେବଳ ସେତିକି ନୁହେଁ ରୋହିତଙ୍କୁ ଟେଷ୍ଟ ଉପ-ଅଧିନାୟକ କରାଯାଇଥିବା ସମ୍ପର୍କରେ ମଧ୍ୟ ବିସିସିଆଇ ପକ୍ଷରୁ ଏକ ରିଲିଜ ମାଧ୍ୟମରେ ଜଣାଇ ଦିଆଯାଇଥିଲା। କୋହଲି ଟି୨୦ ଅଧିନାୟକ ପଦ ଛାଡ଼ିବା ପରେ ରୋହିତ ଏବେ ଏହି ଫର୍ମାଟରେ ଟିମ୍ ଇଣ୍ଡିଆର ନେତୃତ୍ୱ ନେଉଛନ୍ତି। କୋହଲି ୨୦୧୭ରେ ଭାରତୀୟ ଦଳର ନେତୃତ୍ୱ ନେବା ଆରମ୍ଭ କରିଥିଲେ। ତାଙ୍କ ନେତୃତ୍ୱରେ ଭାରତ ୯୫ଟି ମ୍ୟାଚ ଖେଳିଥିବାବେଳେ ୬୫ଟିରେ ବିଜୟ ହାସଲ କରିଥିଲା। ବିଜୟ ହାର ଥିଲା ୭୦.୪୩। ଟି୨୦ ବିଶ୍ୱକପରେ ଭାରତ ନକ୍‌ଆଉଟ ପ୍ରବେଶରେ ବିଫଳ ହୋଇଥିଲା। ଏହିଠାରୁ କୋହଲିଙ୍କ ଟି୨୦ ଅଧିନାୟକ କାର୍ଯ୍ୟକାଳ ଶେଷ ହୋଇ ଯାଇଥିଲା। ରୋହିତଙ୍କ ନେତୃତ୍ୱରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମେ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳି ୩-୦ରେ ବିଜୟୀ ହୋଇଥିଲା। ଦକ୍ଷିଣ ଆଫ୍ରିକା ଗସ୍ତରେ ଦିନିକିଆ ସିରିଜ ତାଙ୍କ ପାଇଁ ପରବର୍ତ୍ତୀ ବଡ଼ ଚ୍ୟାଲେଞ୍ଜ ହେବ।

# ଓହରିଲା ମହିଳା ହକି ଦଳ

## ଏସିଆନ ଚାମ୍ପିୟନ୍ସ ଟ୍ରଫି

**ଡଙ୍ଗ୍‌ହେ (ଦକ୍ଷିଣ କୋରିଆ), ୯।୧୨ (ପି.ଟି.):** ଭାରତୀୟ ମହିଳା ହକି ଦଳ ଚଳିତ ଏସିଆନ ଚାମ୍ପିୟନ୍ସ ଟ୍ରଫିରୁ ଓହରିଯିବା ଲାଗି ବାଧ୍ୟ ହୋଇଛି। ଦଳର ଜଣେ ଖେଳାଳି କୋଭିଡ୍ ପଜିଟିଭ୍ ଚିହ୍ନଟ ହେବାପରେ ମହିଳା ଦଳ ଗୁରୁବାର ଏହି ନିଷ୍ପତ୍ତି ନେଇଛି। ପୂର୍ବରୁ ମାଲେସିଆର ଜଣେ ଖେଳାଳି କରୋନା ସଂକ୍ରମିତ ଜଣାପଡ଼ିବା ପରେ ଦଳ ପ୍ରତିଯୋଗିତାରୁ ଓହରିଯାଇ ସାରିଥିଲା। ଭାରତୀୟ ମହିଳା ହକି ଦଳ ବର୍ତ୍ତମାନ କ୍ୱାରାଣ୍ଟାଇନ୍‌ରେ ଅଛି। ଫଳରେ ଦଳ ଗତଥରର ଚାମ୍ପିୟନ କୋରିଆ ଓ ଚାଇନା ବିପକ୍ଷ ମ୍ୟାଚ ଖେଳିପାରି ନାହିଁ। କୋଭିଡ୍ ସଂକ୍ରମିତ ଖେଳାଳିଙ୍କ ପରିଚୟ ଏପର୍ଯ୍ୟନ୍ତ ଦିଆଯାଇ ନାହିଁ। ଭାରତ ଏହି ଟୁର୍ନାମେଣ୍ଟର କେବଳ ଗୋଟିଏ ମ୍ୟାଚ ଥାଇଲାଣ୍ଡ ବିପକ୍ଷରେ ଖେଳିଥିଲା। ଏହି ମ୍ୟାଚରେ ଦଳ ଏକତରଫା ୧୩-୦ ଗୋଲ୍‌ରେ ଜିତି ନେଇଥିଲା। ଗୁରଜିତ କୌର ଏକାକୀ ୫ ଗୋଲ ସ୍କୋର କରିଥିଲେ। ଅନ୍ତର୍ଜାତୀୟ ହକି ମହାସଂଘ ମହିଳା ର୍‌ୟାଙ୍କିଙ୍ଗରେ ୯ମ ସ୍ଥାନରେ ରହିଥିବା ଭାରତ ଏସିଆନ ମହିଳା ଚାମ୍ପିୟନ୍ସ ଟ୍ରଫିରେ ସର୍ବୋଚ୍ଚ ର୍‌ୟାଙ୍କିଙ୍ଗପ୍ରାପ୍ତ ଦଳ ଥିଲା। ଏହି ଇଭେଣ୍ଟ ପ୍ରକୃତରେ ୨୦୨୦ରେ ହେବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର କୋଭିଡ୍ କାରଣରୁ ବହୁଥର ସ୍ଥଗିତ ରଖିବାକୁ ପଡ଼ିଥିଲା।

# ଇଣ୍ଡିଆ-ଏ'କୁ ମହିଳା ଚ୍ୟାଲେଞ୍ଜର ଟ୍ରଫି

**ବିଜୟୱାଡା, ୯।୧୨ (ପି.ଟି.):** ବ୍ୟାଟର ୟାସ୍ତିକା ଭାଟିଆ ଓ ତାଲା ଝାନ୍‌ସୀ ଲକ୍ଷ୍ମୀଙ୍କ ଚମତ୍କାର ଅର୍ଦ୍ଧଶତକ ସହାୟତାରେ ଏଠାରେ ଅନୁଷ୍ଠିତ ମହିଳା ଚ୍ୟାଲେଞ୍ଜର ଟ୍ରଫି ଫାଇନାଲରେ ଇଣ୍ଡିଆ-ଏ' ୩ ଉଇକେଟରେ ଇଣ୍ଡିଆ-ଡି'କୁ ପରାସ୍ତ କରିଛି। ଚାରୋଟି ଦଳକୁ ନେଇ ଅନୁଷ୍ଠିତ ଏହି ଇଭେଣ୍ଟରେ ପୂଜା ବସ୍ତ୍ରକାରଙ୍କ ନେତୃତ୍ୱାଧୀନ ଇଣ୍ଡିଆ-ଡି' ଏକମାତ୍ର ଅପରାଜିତ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ବିନିମୟରେ ୨୧୯ରନ କରିଥିଲା। ଦଳ ପକ୍ଷରୁ ଫର୍ମରେ ଥିବା ଓପନର ଏସ୍. ମେଘନା ୪୪ ବଲ୍‌ରୁ ୪୫ରନ ଏବଂ ଲୋୟର ଅର୍ଡର ବ୍ୟାଟର ଅମନଜୋତ କୌର ୭୪ ବଲ୍‌ରୁ ୫୫ ରନ କରିଥିଲେ। ଜବାବରେ ସ୍ନେହ ରାଣାଙ୍କ ନେତୃତ୍ୱାଧୀନ ଇଣ୍ଡିଆ ଏ' ୪୫.୪ ଓଭରରେ ୭ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଟପ୍ ଅର୍ଡରରେ ଭାଟିଆ ୧୦୨ ବଲ୍‌ରେ ୮୬ ଏବଂ ଲକ୍ଷ୍ମୀ ୭୦ ବଲ୍‌ରୁ ୬୪ ରନ କରିଥିଲେ। ଅଷ୍ଟ୍ରେଲିଆରେ ମହିଳା ବିଗ୍ ବାଶ୍ ଟି୨୦ରେ ଭାଗ ନେଇଥିବା ଅଧିକାଂଶ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଥିଲା। ଭାରତୀୟ ଦଳର ବହୁ ଖେଳାଳି ଏହି ଟୁର୍ନାମେଣ୍ଟରେ ଭାଗ ନେଇଥିଲେ।

# ରାଜ୍ୟ ସିନିୟର ବାସ୍କେଟବଲ ଆରମ୍ଭ

**ଭୁବନେଶ୍ୱର, ୯।୧୨(କ୍ରୀଡ଼ା ପ୍ରତିନିଧି)**

ନାଲ୍‌କୋ କପ୍ ରାଜ୍ୟ ସିନିୟର ବାସ୍କେଟବଲ ଚାମ୍ପିୟନଶିପ୍‌ର ୬୨ତମ ସଂସ୍କରଣ ଗୁରୁବାର ଆରମ୍ଭ ହୋଇଛି। କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ଏବଂ ବାରବାଟୀ ଷ୍ଟାଡିୟମର ବାସ୍କେଟବଲ କମ୍ପ୍ଲେକ୍ସରେ ମ୍ୟାଚଗୁଡ଼ିକ ଅନୁଷ୍ଠିତ ହେବ। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ, ଅନ୍ତର୍ଜାତୀୟ ଖେଳାଳି ଏସ.ସି. ମାଲି ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ବାସ୍କେଟବଲ ଆସୋସିଏଶନ ସଭାପତି ଜି.ଆର. ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ପାଦକ ଅଶୋକ ସାହୁ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରତିଯୋଗିତାରେ ୧୮ ମହିଳା ଓ ୩୦ ପୁରୁଷ ଦଳ ଅଂଶଗ୍ରହଣ କରିଛନ୍ତି। ୪ ଦିନଧରି ହେବାକୁ ଥିବା ମ୍ୟାଚଗୁଡ଼ିକୁ ବାସ୍କେଟବଲ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ)ର ୧୫ ଓ ୧୦ ଜଣ ରାଜ୍ୟ ଅଫିସିଆଲ ପରିଚାଳନା କରିବେ। ଗତ ସଂସ୍କରଣରେ ପୁରୁଷ ବିଭାଗରେ ଓଏସସି ଚାମ୍ପିୟନ ଓ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ରନର୍ସଅପ୍ ହୋଇଥିଲା। ସେହିପରି ମହିଳା ବିଭାଗରେ ଭୁବନେଶ୍ୱର ଚାମ୍ପିୟନ ଏବଂ ଆରଏସ୍‌ପି ରନର୍ସଅପ୍ ହୋଇଥିଲା।



ରାଜ୍ୟ ବାସ୍କେଟବଲ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିବା ଖେଳାଳିମାନେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୯।୧୨।୨୦୨୧

| | |
|---|---|
| ୩,୬୦,୭୫୩ ଟଙ୍କା | |
| ସୁନା | ୧.୪୩୦ ଗ୍ରାମ |
| ରୁପା | ୧୪.୧୦୦ ଗ୍ରାମ |

## ଆଜି କ'ଣ କେଉଁଠି

**ପୁରୀ**

- ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ସାଧାରଣ ବୈଠକ, ଅବକାଶ ଲେନ୍ ଭୁବନେଶ୍ୱରୀ ମନ୍ଦିର, ପୂର୍ବାହ୍ନ ୧୧ଟା।
- ଉତ୍କଳ ବିଦ୍ୱତ୍ ପରିଷଦ ପକ୍ଷରୁ ବ୍ରାହ୍ମଣଙ୍କୁ କମ୍ବଳ ବଣ୍ଟନ, ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ସମ୍ମୁଖ, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ଶିଶୁପୁତ୍ର ଜନ୍ମଦେଲେ ନାବାଳିକା ଛାତ୍ରୀ

ଡେଲାଙ୍ଗ,୯।୧୨(ଡି.ଏନ୍.ଏ.): ପୁରୀ ଜିଲା ଡେଲାଙ୍ଗ ବ୍ଲକ ଅଞ୍ଚଳର ଜଣେ ନାବାଳିକା ତଥା ନବମ ଶ୍ରେଣୀରେ ପଢୁଥିବା ଛାତ୍ରୀ ଏକ ଶିଶୁପୁତ୍ରକୁ ଘରେ ଜନ୍ମ ଦେଇଛନ୍ତି। ଏନେଇ ଛାତ୍ରୀଙ୍କ ମା' ଗ୍ରାମର ଜେଣ ଯୁବକଙ୍କ ନାଁରେ ଡେଲାଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ.୨୮୧/୨୧)ରୁଜୁକରି ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅନ୍ୟପଟେ ପୋଲିସ ଛାତ୍ରୀଙ୍କୁ ଘଟଣା ସମ୍ପର୍କରେ ପଚାରିବାକୁ ସେ ଅନ୍ୟ ଜଣେ ଯୁବକଙ୍କ ନାଁ କହୁଛନ୍ତି। ଯାହାକୁ ନେଇ ପୋଲିସ ଦ୍ୱନ୍ଦରେ ପଡ଼ିଯାଇଛି। ପୋଲିସ ପକ୍ଷରୁ ଡିଏନ୍ଏ ଟେଷ୍ଟ କରାଯାଉ। ରିପୋର୍ଟ ଆସିବା ପରେ ପ୍ରକୃତ ଅଭିଯୁକ୍ତ ଧରାପଡ଼ିବ ବୋଲି ଅଟକ ଯୁବକଙ୍କ ପରିବାରଲୋକେ କହିଛନ୍ତି। ଘଟଣାର ତଦନ୍ତ ଚାଲିଛି ପ୍ରକୃତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ଆଇଆଇସି ଅନୀଲ କୁମାର ମହାନ୍ତି କହିଛନ୍ତି।

### କୃତୀ ପ୍ରତିଯୋଗୀ ପୁରସ୍କୃତ

ପୁରୀ ଅଫିସ, ୯।୧୨: ସୁଧା, ଆମ୍ବେଦକର ଫାଉଣ୍ଡେଶନ ଏବଂ ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ ମିଳିତ ଆନୁକୂଲ୍ୟରେ ଆମ୍ବେଡକରଙ୍କ ପରିନିର୍ବାଣ ଦିବସରେ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ୟୁଥ୍ ହଷ୍ଟେଲ ପରିସରରେ ଆୟୋଜିତ ହୋଇଯାଇଛି। ୨୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରକଳା, ବକ୍ତୃତା ଓ ରଚନା ପ୍ରତିଯୋଗିତା ହୋଇଥିଲା। ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା କଲ୍ୟାଣ ଅଧିକାରୀ ବିକାଶ ଚନ୍ଦ୍ର ମହାନ୍ତି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ନାୟକ, ପୁରୀ ଓଡ଼ିଶା ଚାରୁକଳା ମହାବିଦ୍ୟାଳୟର ସଭାପତି ଭକ୍ତଚରଣ ଦାସ, ଅଧକ୍ଷ ଦୁର୍ଗାମାଧବ କର ଏବଂ କଥାକାର ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସୁଧା ଅଧକ୍ଷ ସଞ୍ଜୟ କୁମାର ମିଶ୍ର ପରିଚାଳନା କରିଥିଲେ।

### କଳାହାଣ୍ଡିର ନିଖୋଜ ଯୁବକ ପିପିଲିରୁ ଉଦ୍ଧାର

ପିପିଲି,୯।୧୨(ସ୍ୱ.ପ୍ର.): ଦେଢବର୍ଷ ଧରି ନିଖୋଜ ଥିବା କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ସନ୍ଧିକୁଲିଆରି ଗ୍ରାମର ଜିତେନ୍ଦ୍ର ବେହେରା(୨୪) ପିପିଲିରୁ ଉଦ୍ଧାର ହୋଇଛନ୍ତି। ପିପିଲି ବ୍ଲକ ଛକ ନିକଟରୁ ଦୁର୍ଗାଦାସପୁର ପଞ୍ଚାୟତର ସାମାଜିକ କର୍ମୀ ଭାଗୀରଥି ନାୟକ ଉଦ୍ଧାର କରି ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନରେ ଜିତେନ୍ଦ୍ର ପିପିଲି ବ୍ଲକ ଛକ ନୀଳକଣ୍ଠ ନଗରରେ ବୁଲୁଥିଲେ। ତାଙ୍କ ଉପରେ ସନ୍ଦେହ ହେବାରୁ ଭାଗୀରଥି ତାଙ୍କୁ ପରିଚୟ ପଚାରିଥିଲେ। ପରେ ଜିତେନ୍ଦ୍ର ତାଙ୍କ ପରିଚୟ କହିଥିଲେ। ଭାଗିରଥୀ ସ୍ଥାନୀୟ ଲୋକଙ୍କ ସହାୟତାରେ ଜିତେନ୍ଦ୍ରଙ୍କୁ ସେଠାରୁ ଉଦ୍ଧାର କରି ପିପିଲି ଥାନାରେ ଜିମା ଦେଇଥିଲେ। କଳାହାଣ୍ଡି ଧର୍ମଗଡ ଥାନା ଅଞ୍ଚଳର ଖବରଦାତାଙ୍କ ସହ ଯୋଗାଯୋଗ କରାଯାଇ ଜିତେନ୍ଦ୍ରଙ୍କ ଫଟୋ ପରିବାର ଲୋକଙ୍କୁ ଦେଇଥିଲେ। ଖବରପାଇ ଜିତେନ୍ଦ୍ରଙ୍କ ବାପା ଅଲେଖ ବେହେରା ଓ ବଡଭାଇ ବଂଶୀଧର ବେହେରା ଗୁରୁବାର ପିପିଲିରେ ପହଞ୍ଚି ଥାନାରୁ ପୁଅକୁ ନେଇଥିଲେ। ଦେଢବର୍ଷ ଧରି ନିଖୋଜ ଥିବା ପୁଅକୁ ପାଇ ବାପା ଏବଂ ଭାଇ ବହୁତ ଖୁସି ହୋଇ ଭାଗୀରଥିଙ୍କୁ ପ୍ରଶଂସା କରିଥିଲେ।

# ସହାୟତା ଅପେକ୍ଷାରେ ଚାଷୀ

**ପୁରୀ ଅଫିସ,୯।୧୨**

ବାତ୍ୟା ଜୱାଦର ପ୍ରଭାବ ସେତେଟା ଜନଜୀବନ ଉପରେ ପଡିନି ସତ କିନ୍ତୁ ବାତ୍ୟାଜନିତ ଲଗାଣବର୍ଷା ସମ୍ପୂର୍ଣ୍ଣ ଧୋଇ ନେଇଛି ଚାଷୀଙ୍କ ବର୍ଷକର ସୁନାର ଧାନଫସଲ। ବର୍ଷାଜଳରେ ଏବେ ବି କ୍ଷେତରେ ପଡ଼ିରହିଛି ପାଚିଲା ଧାନ। ଧାନ ଅମଳ ସମୟରେ ଚାଷୀମାନଙ୍କୁ ଦୁଃଖ ଦେଇଯାଇଛି ଏହି ଲଗାଣବର୍ଷା। କ୍ଷତିଗ୍ରସ୍ତ ହୋଇଥିବା ଚାଷୀକୁଳ ଏବେ ସହାୟତା ଅପେକ୍ଷାରେ ଅଛନ୍ତି। ଲଗାଣ ବର୍ଷାରେ କ୍ଷେତରେ ବୁଡି ରହିଛି ହେକ୍ଟର ହେକ୍ଟର ଫସଲ ଧାନ। ଜିଲାର ୧୧ଟି ବ୍ଲକରେ ଚଳିତବର୍ଷ ମୋଟ ୧ଲକ୍ଷ ୫୦ହଜାର ହେକ୍ଟର ଧାନ ଚାଷ ହୋଇଥିଲା। କିନ୍ତୁ ଏହି ବର୍ଷା ଜିଲାର ମୋଟ ୭୦ ପ୍ରତିଶତ ଧାନକୁ ନଷ୍ଟ କରିଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଧାନ ଅମଳଠାରୁ ପରିବାର ପୋଷିବା, ଋଣ ଶୁଝିବା ପର୍ଯ୍ୟନ୍ତ ଏହିସବୁକୁ ନେଇ ଚିନ୍ତାରେ ଜିଲାର ଚାଷୀମାାନେ। ବାତ୍ୟା ଫନୀ ପୁରୀ ଜିଲାର ଚାଷୀଙ୍କୁ ସର୍ବସ୍ୱାନ୍ତ କରାଇଦେଇଥିବା ବେଳେ ଏବେ

## ୧ ଲକ୍ଷ ହେକ୍ଟର ଜମିର ଧାନ ଫସଲ ନଷ୍ଟ

ପୁଣି ବାତ୍ୟା ଜୱାର ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। କେବଳ ଧାନ ଚାଷ ନୁହେଁ ଜିଲାରେ ଏକର ଏକର ପରିବା ଚାଷ, ବିରି, ମୁଗ ଓ ଚିନାବାଦାମ ଚାଷ ମଧ ନଷ୍ଟ ହୋଇଛି। ବ୍ରହ୍ମଗିରି, କଣାସ, ସତ୍ୟବାଦୀ, ପିପିଲି ଓ ନିମାପଡ଼ା ଅଞ୍ଚଳରେ ଅଧିକ ମାତ୍ରାରେ ପରିବା ଚାଷ ସହ ଧାନ ଫସଲ ନଷ୍ଟ ହୋଇଛି। କିନ୍ତୁ କ୍ଷତିଗ୍ରସ୍ତ ଅଞ୍ଚଳରେ ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଥିସହ ପାଣିରେ ବୁଡି ରହିଥିବା ଧାନ ଧୀରେ ଧୀରେ ଗଜା ହେବାକୁ ଲାଗିଥିବା ଚାଷୀ କହିଛନ୍ତି। ଅନେକ ଚାଷୀ ଋଣ କରି ଚାଷ କରିଥିବାରୁ ସରକାର ତାଙ୍କର ଋଣ ଛାଡ କରନ୍ତୁ ବୋଲି ଅନୁରୋଧ କରିଛନ୍ତି। କ୍ଷୟକ୍ଷତି ସମ୍ପର୍କରେ ଜିଲା କୃଷି ଅଧିକାରୀ ଅନିଲ ଦାସ କହିଛନ୍ତି, ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଚାଷୀମାନଙ୍କୁ କ୍ଷତିପୂରଣ ଦିଆଯିବ। ଖୁବଶୀଘ୍ର କ୍ଷୟକ୍ଷତିର ଆକଳନ କରାଯିବ। ବାତ୍ୟାର ପ୍ରଭାବ କାରଣ ଜିଲାରେ ୩ଦିନ ଧରି ଯଥାକ୍ରମେ ୪୦, ୨୫ ଏବଂ ୫୭ ମିଲି ମିଟର ହାରାହାରି ବର୍ଷା ହୋଇଥିବା ଆକଳନ କରାଯାଇଛି। ଚଳିତ ବର୍ଷ ଜିଲାରେ ଥିବା ପ୍ରାୟ ୧ ଲକ୍ଷ ୫୦ ହଜାର ହେକ୍ଟର ଚାଷଜମି ମଧ୍ୟରୁ ୧ ଲକ୍ଷ ୩୦ ହଜାର ହେକ୍ଟର ଚାଷ ଜମିରେ ଧାନ ଚାଷ ହୋଇଥିଲା। ସେଥିମଧ୍ୟରୁ ୩୦ ହଜାର ହେକ୍ଟର ଜମିରୁ ଚାଷୀମାନେ ଧାନ କାଟି ସୁରକ୍ଷିତ ସ୍ଥାନରେ ରଖିଛନ୍ତି। ବାକି ପ୍ରାୟ ୧ ଲକ୍ଷ ହେକ୍ଟର ଜମିରେ ଚାଷ ହୋଇଥିବା ଧାନ ନଷ୍ଟ ହୋଇଛି। ତେବେ ସେଥିମଧ୍ୟରୁ ୪୦ହଜାର ହେକ୍ଟର ଜମିରେ ସେତେଟା କ୍ଷତି ହୋଇ ନ ଥିବାବେଳେ, କେବଳ ବର୍ଷା ପାଇଁ ଯାହା କ୍ଷତି ହୋଇଛି। ତେବେ ଜମିରୁ ପାଣି ଛାଡିବା ପରେ କ୍ଷୟକ୍ଷତିର ଆକଳନ ଠିକ କରାଯାଇପାରିବ। ସେହିପରି ପରିବା ଚାଷ ମଧ କ୍ଷତି ହୋଇଛି। ଅପରପକ୍ଷେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ବିଭିନ୍ନ ଅଞ୍ଚଳ ବୁଲି କ୍ଷୟକ୍ଷତିର ଆକଳନ କରିଥିବା ବେଳେ ସମସ୍ତ କ୍ଷତିଗ୍ରସ୍ତଙ୍କୁ ଯେପରି କ୍ଷତିପୂରଣ ପ୍ରଦାନ କରାଯିବ ସେ ସମ୍ପର୍କରେ ପଦକ୍ଷେପ ନେବା ସହ ସରକାରଙ୍କୁ ଜଣାଇବେ ବୋଲି ସୂଚନା ଦେଇଛନ୍ତି।



ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଘୋଡଲାଗି ବେଶର ପ୍ରତୀକାତ୍ମକ ଚିତ୍ର ।

# ମହାପ୍ରଭୁ ପରିଧାନ କଲେ ଶୀତବସ୍ତ୍ର

**ପୁରୀ ଅଫିସ, ୯।୧୨:**

## ଶ୍ରୀମନ୍ଦିରରେ ଘୋଡ଼ ଲାଗି ନୀତି

ମାର୍ଗଶିର ମାସ ଶୁକ୍ଲପକ୍ଷ ଓଢ଼ଣ ଷଷ୍ଠୀରେ ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଘୋଡ଼ ଲାଗି ନୀତି ସମ୍ପନ୍ନ ହୋଇଛି। ଏହି ଅବସରରେ ମହାପ୍ରଭୁ ଶୀତବସ୍ତ୍ରରେ ସଜ୍ଜିତ ହୋଇଥିଲେ । ସକାଳ ଧୂପ ବଢ଼ିବା ପରେ ମଇଲମ କରାଯାଇଥିଲା। ପୂର୍ବ ରାତିରୁ ଭୋଗମଣ୍ଡପ ପରେ ଅଧିବାସିତ ହୋଇଥିବା ଘୋଡ଼ମାନଙ୍କୁ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ଶ୍ରୀମନ୍ଦିର ଚାରିପାଖରେ ତିନିଘେରା ପ୍ରଦକ୍ଷିଣ କରାଇ ରତ୍ନସିଂହାସନକୁ ବିଜେ କରାଯାଇଥିଲା। ଶ୍ରୀବିଗ୍ରହମାନଙ୍କୁ ପାଗ ଓ ଘୋଡ଼ଲାଗି କରାଯାଇ ଛଅ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ପ୍ରସାଦ ଲାଗି ସହ ତିନିବାଡ଼ରେ ବନ୍ଦାପନା ପରେ ଶ୍ରୀବିଗ୍ରହମାନଙ୍କୁ ହଳଦିଆ ରଙ୍ଗର ଘୋଡ଼ଲାଗି କରାଯାଇଥିଲା। ପ୍ରତ୍ୟହ ସକାଳ ଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟାଧୂପ ଓ ବଡ଼ସିଂହାର ବେଶରେ ମହାପ୍ରଭୁଙ୍କୁ ଘୋଡ଼ ଲାଗି କରାଯାଇଥାଏ। ବିଶ୍ୱାସ ରହିଛି, ମହାପ୍ରଭୁ ପଞ୍ଚମୀ ତିଥିରେ ଶୀତ ସହିତ ଯୁଦ୍ଧ କରି ହାରିଯାଇଥାନ୍ତି। ତେଣୁ ପଞ୍ଚମୀ ତିଥିରେ ମହାପ୍ରଭୁଙ୍କ ଦୁଇଥର ବଡ଼ସିଂହାର ବେଶ ଅନୁଷ୍ଠିତ ହୋଇଥିଲା। ତେଣୁ ମହାପ୍ରଭୁ ଷଷ୍ଠୀ ତିଥିରୁ ଘୋଡ଼ଲାଗି ହୋଇଥାନ୍ତି। ସପ୍ତାହର ୭ ଦିନରେ ବାର ଅନୁଯାୟୀ ମହାପ୍ରଭୁ ୭ ପ୍ରକାର ରଙ୍ଗର ଘୋଡ଼ ପରିଧାନ କରିଥାନ୍ତି।

# ଘୋଡ଼ଲାଗି ହେଲେ ସାକ୍ଷୀଗୋପାଳ: ଏବେ ଶ୍ରୀମୁଖ ଦର୍ଶନ

**ସାକ୍ଷୀଗୋପାଳ, ୯।୧୨(ଡି.ଏନ୍.ଏ.):**



ମାର୍ଗଶିର ମାସ ଓଢଣଷଷ୍ଠୀ ତିଥି ଗୁରୁବାର ଠାରୁ ସାକ୍ଷୀଗୋପାଳ ଠାକୁରଙ୍କ ଘୋଡଲାଗି ବେଶ ଆରମ୍ଭ ହୋଇଛି। ମାଘ ମାସ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ସାକ୍ଷୀଗୋପାଳ ଠାକୁର ଓ ରାଧାରାଣୀଙ୍କର କେବଳ ଶ୍ରୀମୁଖ ଦର୍ଶନ ସମ୍ଭବ ବୋଲି ବରିଷ୍ଠ ସେବାୟତମାନେ କହିଛନ୍ତି। ଶୀତରୁ ରକ୍ଷା ପାଇବା ପାଇଁ ରେଶମ କପଡାରେ ପ୍ରସ୍ତୁତ ନୂତନ ଘୋଡ଼ ଏବଂ ମଫଲରରେ ଠାକୁରଙ୍କ ଶ୍ରୀଅଙ୍ଗ ଆଚ୍ଛାଦିତ କରାଯାଇଛି। ଏଥିନିମନ୍ତେ ଦ୍ୱିପ୍ରହର ଧୂପରେ ଛାଡି, ଡ୍ରାସ, ତେଲିଙ୍ଗି ବାଜା, ମହୁରି, କାହାଳି ଓ ଘଣ୍ଟ ବଜାଇ ନୂତନ ଘୋଡଲାଗି, ଜାତଭୋଗ, ଉପଚାର, ଆଳତି ରତ୍ନ ସିଂହାସନ ଉପରେ ପୂଜାପଣ୍ଡା ସେବାୟତ ଘୋଡ଼ଲାଗି ବେଶ କରିଥିଲେ। ପ୍ରତ୍ୟହ ସକାଳଠାରୁ ରାତ୍ରି ପହୁଡ ପର୍ଯ୍ୟନ୍ତ ଠାକୁରଙ୍କ ଘୋଡଲାଗି ବେଶରେ ଦର୍ଶନ ଦେବେ। ପାର୍ଶ୍ୱ ଦେବଦେବୀଙ୍କ ମଧ୍ୟରେ ମହାଲକ୍ଷ୍ମୀ, ଗୋପୀନାଥ, ରାଧିକା, ମଦନ ମୋହନ, ଗରୁଡ, ଶୁକର, ନୃସିଂହ, ଗଣେଶ, ନବଗ୍ରହ, ହନୁମାନଙ୍କ ସହିତ ଠାକୁରଙ୍କୁ ଘୋଡଲାଗି କରାଯାଇଛି। ମନ୍ଦିର ଦର୍ଜି ସେବାୟତ ସତ୍ୟବାଦୀ ମହାପାତ୍ର ପବିତ୍ରତା ସହ ଘୋଡ଼ ତିଆରି କରିଥିଲେ। ସେହିପରି ପ୍ରତ୍ୟେକ ଗ୍ରାମର ଦେବଦେବୀଙ୍କୁ ଘୋଡଲାଗି କରାଯାଇଛି।

## ଆଇନଜୀବୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ନିମାପଡ଼ା,୯।୧୨(ଡି.ଏନ୍.ଏ.):**

ନିମାପଡ଼ା ଥାନା ଅନ୍ତର୍ଗତ ନୀଳଗିରିସାହି ଗ୍ରାମର ଆଇନଜୀବୀ ସୁଧିଚରଣ ମହାନ୍ତି (୭୦)ଙ୍କୁ ସ୍ଥାନୀୟ ତହସିଲଦାର ଦୁର୍ବ୍ୟବହାର କରିଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏକ ଜମିର ପଟ୍ଟା ପାଇବା ସମ୍ପର୍କରେ ଆଇନଜୀବୀ ମହାନ୍ତି ତହସିଲ ଅଫିସର ରେକର୍ଡ ରୁମକୁ ଯିବା ବେଳେ ସେଠାରେ ମଧ ଜଣେ ଅମିନ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ସେ ତାଙ୍କ ଅଭିଯୋଗପର୍ତ୍ତରେ ଦର୍ଶାଇଛନ୍ତି। ଏନେଇ ଆଇନଜୀବୀ ମହାନ୍ତି ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାଙ୍କୁ ଅବଗତ କରାଇଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶନୀ କହିଛନ୍ତି, କୌଣସି ଆଇନଜୀବୀ କିମ୍ବା ବରିଷ୍ଠ ନାଗରିକଙ୍କୁ ଦୁର୍ବ୍ୟବହାର କରିନାହିଁ। ରେକର୍ଡ ରୁମରେ ଆଇନଜୀବୀ ଜଣଙ୍କ ଅମିନଙ୍କୁ ଗାଳିଗୁଲଜ କରିବା ସହ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ସେ କହିଛନ୍ତି।

## କ୍ଷତିଗ୍ରସ୍ତ ଚାଷୀଙ୍କ ଚିହ୍ନଟ କାର୍ଯ୍ୟ ଆରମ୍ଭ

**କଣାସ,୯।୧୨(ସ୍ୱ.ପ୍ର.):**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲାପାଳ ସମସ୍ତ ତହସିଲଦାରଙ୍କୁ ୫ଦିନ ମଧ୍ୟରେ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ଚିହ୍ନଟ କରି କ୍ଷୟକ୍ଷତି ଫସଲ ଆକଳନ କରି ତାଲିକା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ କଣାସ ତହସିଲ ପକ୍ଷରୁ ବୁଧବାର ଠାରୁ କ୍ଷୟକ୍ଷତିର ଆକଳନ କାର୍ଯ୍ୟ ଆରମ୍ଭ ହୋଇଛି। ତହସିଲଦାର ଲକ୍ଷ୍ମୀଧର ମହାରଣାଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଆର୍ଆଇ, କୃଷି ବିଭାଗ, ଉଦ୍ୟାନ ବିଭାଗର କର୍ମଚାରୀଙ୍କୁ ନେଇ ୮ଟି ଟିମ୍ ଗଠନ କରାଯାଇ ଫସଲ କ୍ଷୟକ୍ଷତିର ଆକଳନ କରାଯାଉଛି। ଏହି କ୍ଷୟକ୍ଷତି ଆକଳନ ୫ଦିନ ମଧ୍ୟରେ ଶେଷ କରାଯାଇ ଜିଲାପାଳଙ୍କୁ ରିପୋର୍ଟ ଦିଆଯିବ ବୋଲି ତହସିଲଦାର ମହାରଣା କହିଛନ୍ତି।

## ଆଉ ୮ ଉଚ୍ଚ ବିଦ୍ୟାଳୟ ହେବ ରୂପାନ୍ତର

**କଣାସ,୯।୧୨(ସ୍ୱ.ପ୍ର.):**

ପୁରୀ ଜିଲା କଣାସ ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୪ଟି ଉଚ୍ଚ ବିଦ୍ୟାଳୟକୁ ସାମିଲ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୮ଟି ଉଚ୍ଚ ବିଦ୍ୟାଳୟକୁ ସାମିଲ କରାଯାଇଥିବା ଜଣାପଡ଼ିଛି। ଉକ୍ତ ବିଦ୍ୟାଳୟ ଗୁଡିକ ହେଲା କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ, ଓହ୍ଳାଣ ଗ୍ରାମେଶ୍ୱର ବିଦ୍ୟାପୀଠ, କରମଳା ଶ୍ରୀ ଅଭିରାମ ନୋଡାଲ ବିଦ୍ୟାପୀଠ, ଗଡବଡପୁଟ ନୋଡାଲ ଉଚ୍ଚ ବିଦ୍ୟାଳୟ, ତିପୁରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟ, ଗଡ଼ିଶାଗୋଦା ଗୋପୀନାଥ ଉଚ୍ଚ ବିଦ୍ୟାଳୟ, ଉତ୍କଳମଣି ଗୋପବନ୍ଧୁ ବିଦ୍ୟାନିକେତନକୁ ସାମିଲ କରାଯାଇଛି। ବିଡିଓ ଲୋଚନ ଦାସ ଓ ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣି ଖଟେଇ ଉକ୍ତ ବିଦ୍ୟାଳୟଗୁଡିକ ପରିଦର୍ଶନ କରିଥିବା ଜଣାପଡ଼ିଛି। ଗୁରୁବାର ୫-ଟି ସଚିବ ଭି.କେ.ପାଣ୍ଡିଆନ୍ ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ କେତେଜଣ ଛାତ୍ରଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି।





ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଆୟୋଜିତ ଅନୁରାଗ ସାହିତ୍ୟ ସଂଗୋଷ୍ଠୀର ବାର୍ଷିକ ଉତ୍ସବ ସମାରୋହରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା ।

# ଅନୁରାଗ ସାହିତ୍ୟ ସଂଗୋଷ୍ଠୀର ବାର୍ଷିକ ଉତ୍ସବ

**ପୁରୀ ଅଫିସ, ୯।୧୨:**

ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଗୁରୁବାର ଅନୁରାଗ ସାହିତ୍ୟ ସଂଗୋଷ୍ଠୀର ବାର୍ଷିକ ଉତ୍ସବ ସମାରୋହ ଆୟୋଜିତ ହୋଇଯାଇଛି। ଏଥିରେ କବୟିତ୍ରୀ ବିଜୟଲକ୍ଷ୍ମୀ ଦାଶ ସଭାପତିତ୍ୱ କରିଥିଲେ। କାର୍ଯ୍ୟକାରୀ ସଭାପତି କବି ଶ୍ୟାମସୁନ୍ଦର ମିଶ୍ର ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଡ. ଭଗବାନ ଜୟସିଂହ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଲିଙ୍ଗରାଜ ରଥ ଓ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦାସ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସହସମ୍ପାଦକ ଦୟାନିଧି ପଣ୍ଡା ବେଦ ପାଠ କରିଥିଲେ। ପରେ ଓଡ଼ିଆ ସଙ୍ଗୀତ ପରିଷଦର ଛାତ୍ରଛାତ୍ରୀଙ୍କ ପକ୍ଷରୁ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ସାଧାରଣ ସମ୍ପାଦକ ଅନାମ ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ଅନୁରାଗ' ଓ 'ଫୁଲ ସମ୍ଭାର' ପୁସ୍ତକ ଉନ୍ମୋଚନ ସହ ସଂଗୋଷ୍ଠୀର କାର୍ଯ୍ୟକାରୀ ସମିତି ସଦସ୍ୟ ସାରଙ୍ଗଧର ଷଡ଼ଙ୍ଗୀଙ୍କ 'ଶ୍ରୀକ୍ଷେତ୍ର ଐତିହ୍ୟ' ପୁସ୍ତକ ଲୋକାର୍ପିତ ହୋଇଥିଲା। ସାହିତ୍ୟ ସାଧକ ସଦାଶିବ ମିଶ୍ର, ରତ୍ନାକର ବେହେରା ଏବଂ ଆଲୋକ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କାଶୀନାଥ ଖୁଣ୍ଟିଆ, ସତ୍ୟନାରାୟଣ ମିଶ୍ର, ବିଶ୍ୱମ୍ଭର ସାହୁ, କ୍ରିଷ୍ଣା ମହାରଣା, ଆଶାଲତା ପ୍ରଧାନ, ସାରଙ୍ଗଧର ଷଡ଼ଙ୍ଗୀ, ଯୋଗେନ୍ଦ୍ର ସାହୁ, ଉଷା ଦେବୀ, ହେମାଙ୍ଗିନୀ ମହାନ୍ତି, ଅଶୋକ କୁମାର ଆଢ଼୍ୟ, ସହଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ନାରାୟଣ ଚନ୍ଦ୍ର ସିହ୍ନା ଧନ୍ୟବାଦ ଦେଇଥିଲେ।

# ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଦୀପଦାନ

**ପୁରୀ ଅଫିସ, ୯।୧୨:**

ଦେଶର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ବିପିନ୍ ରାୱତ ଓ ତାଙ୍କ ସହଧର୍ମିଣୀଙ୍କ ସମେତ ସେନା ଅଧିକାରୀ ଏବଂ ଯବାନଙ୍କ ଅକାଳ ବିୟୋଗରେ ଗୁରୁବାର ପୁରୀ ଫଟୋ ଓ ଭିଡିଓ ସାମ୍ବାଦିକ ସଂଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶହୀଦ ଯବାନଙ୍କ ଅମର ଆତ୍ମାର ସଦଗତି ଏବଂ ଆହତ ଯବାନ ବରୁଣ ସିଂହଙ୍କ ଆଶୁ ଆରୋଗ୍ୟ କାମନା କରି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ କରାଯାଇଛି। ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ ଓ କ୍ୟାପଟେନ୍ ଡି. କେ. ମିଶ୍ରଙ୍କ ସମେତ ସଂଘର ସଦସ୍ୟମାନେ ଯୋଗଦେଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଫଟୋ ସାମ୍ବାଦିକ ରାଜେନ୍ଦ୍ର ମହାପାତ୍ର, ଯଜ୍ଞେଶ୍ୱର ମହାନ୍ତି, କାର୍ତ୍ତିକ ସେନାପତି, ଗଣେଶ ଦାସ, ସନ୍ତୋଷ ବରାଳ, ଶିବକିଶୋର ପଲେଇ, ସମ୍ବିତ୍ ମିଶ୍ର, ପ୍ରୀତମ୍ ମହାନ୍ତି, ଦିବ୍ୟରଞ୍ଜନ ବିଶୋଇ, ରଞ୍ଜିତ୍ ସିଂହ, ଅବିନାଶ ମହାନ୍ତି, ସନ୍ତୋଷ ଦାସ, ପ୍ରଦୀପ ପ୍ରଧାନ, ସାମ୍ବାଦିକ ରଞ୍ଜିତ ମିଶ୍ର, ଶୈଳେନ୍ଦ୍ର ଆଚାର୍ଯ୍ୟ, ଆଲୋକ ଆଶୁତୋଷ ନାୟକ, ଶ୍ୟାମସୁନ୍ଦର ମହାପାତ୍ର, ସୁଜିତ ନାୟକ, ପ୍ରଦୀପ ନାୟକ, ସରୋଜ ମଲ୍ଲିକ୍, ଶିବପ୍ରସାଦ ଦାସ, ସନ୍ତୋଷ କୁମାର ଦାସ ଏବଂ ଅଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି 'ଆପଣଙ୍କ ସେବାରେ' ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଇଛି। ଅନୁଷ୍ଠାନର ରାଜ୍ୟ ସଚିବ ମନୋଜ ରଥ, ବିଜୟକୃଷ୍ଣ ବ୍ରହ୍ମା, ବିରଞ୍ଚି ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ମନୋଜ ବିହାରୀ ମିଶ୍ର, ଗୋପିନାଥ ସାହୁ, ଅର୍ଚ୍ଚନା ରଥ, ସନ୍ତୋଷ ରଥ, ଅନୁପମା କର ଓ ଚିନ୍ମୟ କବିରାଜ ଉପସ୍ଥିତ ଥିଲେ। 'ସେଣ୍ଟ୍ ଜନ୍ ଆମ୍ବୁଲାନ୍ସ' ପକ୍ଷରୁ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ସମ୍ପାଦକ ଲାଲା ଅନନ୍ତ କୁମାର ସିଂ, ମଧୁସୂଦନ ମିଶ୍ର, ବଦ୍ରି ମିଶ୍ର, ନାରାୟଣ ସିହ୍ନା ଓ ଭାସ୍କର ପୂଜାରୀ ଉପସ୍ଥିତ ଥିଲେ।

# ଗାଁ ସାଥୀଙ୍କ ସମସ୍ୟା ବୁଝୁନାହାନ୍ତି ସରକାର

## ୧୩, ୧୪ରେ ବିଧାନସଭା ଘେରାଉ କରିବ ସଂଘ

**ପୁରୀ ଅଫିସ, ୯।୧୨:**





ଖବରଦାତା ସମ୍ମିଳନୀରେ ଗାଁ ସାଥୀ (ମେଟ୍ ) ସଂଘର କର୍ମକର୍ତ୍ତା ।

ଗାଁ ସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପୁରୀ ଜିଲା ଶାଖା ପକ୍ଷରୁ ବିଭିନ୍ନ ସମସ୍ୟା ଓ ଦାବି ନେଇ ଗୁରୁବାର ବଡ଼ଶଙ୍ଖସ୍ଥିତ ଶାରଦା ମଣ୍ଡପ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି କୁଳମଣି ମେଣ୍ଡା ଏବଂ ସମ୍ପାଦକ ତପନ କୁମାର ମହାନ୍ତି କହିଛନ୍ତି, ଦୀର୍ଘ ୧୩ ବର୍ଷ ହେବ ଶିକ୍ଷାଗତ ଯୋଗ୍ୟତା ଆଧାରରେ କାର୍ଯ୍ୟରତ ଗାଁ ସାଥୀମାନେ ନିଯୁକ୍ତି ପାଇଁ ଦାବି କରି ଆସୁଛନ୍ତି। ଏହି ୧୩ ବର୍ଷ ମଧ୍ୟରେ ସଂଘ ପକ୍ଷରୁ ଅନେକ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ସରକାର କେବଳ ମିଛ ପ୍ରତିଶ୍ରୁତି ଦେଇ ଆସୁଛନ୍ତି। ମାତ୍ର କୌଣସି ଦାବି ପୂରଣ କରୁନାହାନ୍ତି କି ସମସ୍ୟା ବୁଝୁନାହାନ୍ତି। ଏ ନେଇ କିଛିଦିନ ତଳେ ସଂଘ ପକ୍ଷରୁ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ପଞ୍ଚାୟତିରାଜ ବିଭାଗରେ ସ୍ଥାୟୀ ନିଯୁକ୍ତି, ମାସକୁ ସର୍ବନିମ୍ନ ୮ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି ପ୍ରଦାନ, ଜବକାର୍ଡଧାରୀଙ୍କ ନିଶ୍ଚିତ କର୍ମ ନିଯୁକ୍ତି ଯୋଗାଣ ଦିବସ ୨୦୦ ଦିନକୁ ବୃଦ୍ଧି, ମେଟ ପରିବର୍ତ୍ତେ ଗାଁ ସାଥୀ ପଦ କାଏମ ରଖିବା ପ୍ରଭୃତି ଦାବି ନେଇ ଧାରଣା ଦିଆଯାଇ ଆସୁଛି। ୩ମାସ ତଳେ ପଞ୍ଚାୟତିରାଜ ମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକ ଡାକି ୧୫ ଦିନ ମଧ୍ୟରେ ସମସ୍ତ ଦାବି ପୂରଣ ହେବ ବୋଲି ସୂଚନା ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ଦାବି ପୂରଣ ହୋଇନାହିଁ। ତେଣୁ ଗାଁ ସାଥୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଦାବି ନେଇ ସଂଘ ପକ୍ଷରୁ ଆସନ୍ତା ୧୩ ତାରିଖରେ ବିଧାନସଭା ଘେରାଉ କରାଯିବା ସହ ୧୪ ତାରିଖରେ ବିଶାଳ ସମାବେଶ କରି ଦାବି ଉପସ୍ଥାପନ କରାଯିବାକୁ ନିଷ୍ପତ୍ତି ହୋଇଛି ବୋଲି ସଭାପତି ଏବଂ ସମ୍ପାଦକ କହିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ଖଗେଶ୍ୱର ପଲେଇ, ଭ୍ରମରବର ପ୍ରଧାନ, ରାମରଞ୍ଜନ ନାୟକ, ଶଶିକାନ୍ତ ବେହେରା, ଅଜୟ କୁମାର ରାୟ, ଉଲ୍ଲାସ କାଣ୍ଡି, ପୁରୁଷୋତ୍ତମ ହରିଚନ୍ଦନ, ସୁକାନ୍ତ ବେହେରା, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କୋଣାର୍କରେ ବିପିନ ରାୱତଙ୍କୁ ଶ୍ରଦ୍ଧାଞ୍ଜଳି

**କୋଣାର୍କ,୯।୧୨(ଡି.ଏନ୍.ଏ):**

କୋଣାର୍କର ବିଭିନ୍ନ ସଙ୍ଗଠନ ପକ୍ଷରୁ ସିଡିଏସ୍ ଜେନେରାଲ ବିପିନ ରାୱତ୍‌ଙ୍କ ସମେତ ୧୩ଜଣଙ୍କୁ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଗୁରୁବାର ସନ୍ଧ୍ୟାରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ନୀରବ ପ୍ରାର୍ଥନା ସହ ଦୀପଦାନ କରାଯାଇଥିଲା। ପାରାଦୀପ ପୋର୍ଟର ଅବସରପ୍ରାପ୍ତ ଇଲେକ୍ଟ୍ରିକାଲ ମୁଖ୍ୟଯନ୍ତ୍ରୀ ସୁନୀଲ ପଟ୍ଟନାୟକ, ପ୍ରଫୁଲ୍ଲ ସାହୁ, ଆଦିତ୍ୟ ଅବଧୂତ, ଶକ୍ତିଦେବ ଶତପଥୀ, ଭାଗୀରଥି ସ୍ୱାଇଁ, ଶତ୍ରୁଜିତ ନାୟକ, ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ, ରଶ୍ମିରଞ୍ଜନ ବିଶ୍ୱାଳ, ରବୀନ୍ଦ୍ରନାଥ ବାହିନୀପତିଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ଗାଇଡ୍, ଫୋଟୋଗ୍ରାଫର ଓ ସ୍ଥାନୀୟ ଅଞ୍ଚଳର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।





ସିଡିଏସ୍ ଜେନେରାଲ୍ ବିପିନ ରାୱତ ଏବଂ ମୃତ ଯବାନଙ୍କ ଉଦ୍ଦେଶ୍ୟରେ ପୁରୀ ଫଟୋ ଓ ଭିଡିଓ ସାମ୍ବାଦିକ ସଂଘ ପକ୍ଷରୁ ସମୂହ ଦୀପଦାନ ।



ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ନୂଆ ୱେବ ଆପ୍ଲିକେଶନ୍‌କୁ ଜିଲାପାଳ ସମର୍ଥ ବର୍ମା ଲୋକାର୍ପଣ କରୁଛନ୍ତି।

# ନୂଆ ରୂପ ନେବ ନନ୍ଦନକାନନ ବସ୍‌ଷ୍ଟାଣ୍ଡ

■ ରହିବ ମାର୍କେଟ କମ୍ପ୍ଲେକ୍ସ
■ ନନ୍ଦନକାନନ ଟିକେଟ କାଉଣ୍ଟର ପର୍ଯ୍ୟନ୍ତ ଅଣ୍ଡରପାସ୍

ବାରଙ୍ଗ,୯।୧୨(ଡି.ଏନ୍.ଏ.)




ନୂଆ ରୂପ ନେବ ନନ୍ଦନକାନନ ବସ୍‌ଷ୍ଟାଣ୍ଡ। ଏହାର ଉନ୍ନତୀକରଣ କରାଯିବ। ବସ୍‌ଷ୍ଟାଣ୍ଡରେ ରହିବ ମାର୍କେଟ କମ୍ପ୍ଲେକ୍ସ। ମାର୍କେଟ କମ୍ପ୍ଲେକ୍ସରେ ନନ୍ଦନକାନନ ବସ୍‌ଷ୍ଟାଣ୍ଡ ବଣିକ ସଂଘର ବ୍ୟବସାୟୀଙ୍କୁ ଥଇଥାନ କରାଯିବ। ଏନେଇ ନନ୍ଦନକାନନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଭୁବନେଶ୍ୱର ଆର୍‌ଆଣ୍ଡବି ବିଭାଗ ଦ୍ୱାରା ଏହାର କାର୍ଯ୍ୟ କରାଯିବା ସହ ୧ବର୍ଷ ମଧ୍ୟରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି।

ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଆହ୍ୱାନକ୍ରମେ କନ୍‌ଫରେନ୍ସ ହଲ୍‌ରେ ବଣିକ ସଂଘର କର୍ମକର୍ତ୍ତାଙ୍କୁ ନେଇ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଣିକ ସଂଘ ସଭାପତି ସନ୍ତୋଷ ରାଉତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୈଠକରେ ଯୋଗ ଦେଇଥିଲେ। ବସ୍‌ଷ୍ଟାଣ୍ଡକୁ ନେଇ ନନ୍ଦନକାନନ ପକ୍ଷରୁ କରାଯାଇଥିବା ମାଷ୍ଟର ପ୍ଲାନ ସହ ବ୍ୟବସାୟୀଙ୍କ ଥଇଥାନ ଉପରେ ଆଲୋଚନା ହୋଇଥିଲା। ବିଶେଷକରି ପର୍ଯ୍ୟଟକମାନେ ଯେପରି ଉନ୍ନତମାନର ସେବା ପାଇପାରିବେ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ପର୍ଯ୍ୟଟକଙ୍କ ସହ ଗାଡ଼ି ଚାଳକଙ୍କ ପରିସ୍ରାଗାର, ପାନୀୟଜଳର ବ୍ୟବସ୍ଥା କରାଯିବ। ବସ୍‌ଷ୍ଟାଣ୍ଡରୁ ନନ୍ଦନକାନନ ଟିକେଟ କାଉଣ୍ଟର ପର୍ଯ୍ୟନ୍ତ ଯିବା ପାଇଁ ଏକ ଅଣ୍ଡରପାସର ବ୍ୟବସ୍ଥା ହେବ। ଏହି ଅଣ୍ଡରପାସ୍‌ରେ ୪ଟି ଦୋକାନ ରହିବ, ଯେଉଁଥିରେ ବ୍ୟବସାୟୀମାନେ ଶୃଙ୍ଖଳା ଖାଦ୍ୟ ବିକ୍ରି କରିବେ। ମାର୍କେଟ କମ୍ପ୍ଲେକ୍ସରେ ହେବାକୁ ଥିବା ବିଭିନ୍ନ ଦୋକାନରେ ପର୍ଯ୍ୟଟକମାନେ ଖାଦ୍ୟ ଖାଇବାର ବ୍ୟବସ୍ଥା କରାଯିବ। ଗାର୍ଡେନର ମଧ୍ୟ ବ୍ୟବସ୍ଥା ରହିବ। ପୁରୀ, ବଙ୍ଗୀୟ, ଲୋକାଲ ଆଦି ୩ଟି ରୋ କରାଯାଇ ବସ୍‌ଗୁଡିକ ରଖାଯିବା ନେଇ ବ୍ୟବସ୍ଥା କରାଯାଇଛି। ବସ୍‌ଷ୍ଟାଣ୍ଡର ଚତୁଃପାର୍ଶ୍ୱକୁ ଆବଦ୍ଧ ସହ ଗୋଟେ ପଟେ ପ୍ରବେଶ ଓ ଅନ୍ୟପଟେ ପ୍ରସ୍ଥାନର ବ୍ୟବସ୍ଥା ରହିବ। ବୈଠକରେ ଭୁବନେଶ୍ୱର ଆଞ୍ଚଳିକ ବନ ସଂରକ୍ଷକ ତଥା ପୂର୍ବତନ ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ମହାପାତ୍ର ମାଷ୍ଟରପ୍ଲାନ ଉପରେ ବଣିକ ସଂଘର ପ୍ରତିନିଧିଙ୍କୁ ବୁଝାଇବା ସହ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଉଦ୍ୟମକୁ ବଣିକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ମନୋଜ ଭି ନାୟାର, ଉପ-ନିର୍ଦ୍ଦେଶକ ସଞ୍ଜିତ୍ କୁମାର, ସହକାରୀ ନିର୍ଦ୍ଦେଶକ ଶରତ ବେହେରା, ଜିଲା ପରିଷଦ ସଦସ୍ୟ, ଆର୍‌ଆଣ୍ଡବି ସହକାରୀ ଯନ୍ତ୍ରୀଙ୍କ ସମେତ ନନ୍ଦନକାନନ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ବାଦ୍ୟ, ନୃତ୍ୟରେ ଦୁଲୁକିଲା ମଞ୍ଚ

## ଆରମ୍ଭ ହେଲା 'ରଙ୍ଗବତୀ'

ଭୁବନେଶ୍ୱର, ୯।୧୨ (ବ୍ୟୁରୋ)

ଢୋଲ, ମାଦଳ, ତାସା, ଟିମିକିଡି ଆଦି ବିଭିନ୍ନ ବାଦ୍ୟର ତାଳେ ତାଳେ କମ୍ପି ଉଠିଥିଲା ପ୍ରେକ୍ଷାଳୟ। ପଶ୍ଚିମ ଓଡ଼ିଶାର ଲୋକପ୍ରିୟ ସଙ୍ଗୀତ ସାଙ୍ଗକୁ ଶିଳ୍ପୀଙ୍କ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ଆମୋଦିତ କରିଥିଲା। ଅବସର ଥିଲା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ପଶ୍ଚିମ ଓଡ଼ିଶା ନୃତ୍ୟ, ସଙ୍ଗୀତ ଉତ୍ସବ 'ରଙ୍ଗବତୀ'। ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲିବ। ଉଦ୍‌ଘାଟନୀ ସନ୍ଧ୍ୟାର ପ୍ରଥମ ପରିବେଷଣରେ ଢ଼ାପ ନୃତ୍ୟକୁ ନେଇ ମଞ୍ଚକୁ ଆସିଥିଲେ ସମ୍ବଲପୁରର ଲହରୀ ଅନୁଷ୍ଠାନର ମୋହିତ୍ ସ୍ୱାଇଁ ଓ ସାଥୀ। ଏହାପରେ ସୁବର୍ଣ୍ଣପୁରର ପଏଁରା ଅନୁଷ୍ଠାନର ଚୌଧୁରୀ ବିଭାର ଓ ସାଥୀଙ୍କ ଦ୍ୱାରା 'ଚୁଟ୍‌କୁଚୁଟା' ପରିବେଷିତ ହୋଇଥିଲା। ତାଙ୍କ ପରେ ବରଗଡ ଜିଲାର ସମ୍ବଲପୁରୀ ଫୋକ୍ ଏକାଡେମୀର ରବିରତନ ସାହୁ ଓ ସାଥୀଙ୍କ ଦ୍ୱାରା 'ଟୁକେଲର କଥା' ଏବଂ କଳାହାଣ୍ଡି କେସିଙ୍ଗାର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅକ୍ଷୟ କୁମାର ଦାଶ ଓ ସାଥୀଙ୍କ ଦ୍ୱାରା 'ପଞ୍ଚରସୀ' ପ୍ରଦର୍ଶିତ ହୋଇଥିଲା। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ସୁଶାନ୍ତ ସିଂ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସମେତ ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ଉପସ୍ଥିତ ଥିଲେ।



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।




ପୁରୀ ବେଳାଭୂମିରେ ଗୁରୁବାର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ପାରସ୍ପରିକ ବୁଝାମଣାରେ ପରିବାର ସମସ୍ୟାର ସମାଧାନକୁ ଗୁରୁତ୍ୱ

ଭୁବନେଶ୍ୱର, ୯।୧୨(ବ୍ୟୁରୋ)

ଓଡ଼ିଶା ରେଡ୍‌କ୍ରସ୍ ପରିବାର ପରାମର୍ଶ କେନ୍ଦ୍ର ପକ୍ଷରୁ ଅନ୍ଧାରୁଆ ଗାଁରେ ପରିବାର ପରାମର୍ଶ ସମ୍ପର୍କିତ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନ୍ଧାରୁଆ ଗାଁର ବହୁ ମହିଳା ଓ ଯୁବତୀ ଅଂଶଗ୍ରହଣ କରିଥିଲେ। ପରିବାର ପରାମର୍ଶ କେନ୍ଦ୍ରର ପରାମର୍ଶଦାତ୍ରୀ ବିଜୟଲକ୍ଷ୍ମୀ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମାଜରେ ଘଟୁଥିବା ବିଭିନ୍ନ ପାରିବାରିକ ସମସ୍ୟା ଓ ତା'ର ନିରାକରଣ ସମ୍ପର୍କରେ ବିଜୟଲକ୍ଷ୍ମୀ ସମସ୍ତଙ୍କୁ ଅବଗତ କରାଇଥିଲେ। ପରିବାର ସମସ୍ୟାର ସମାଧାନ କରିବା ପାଇଁ ରେଡ୍‌କ୍ରସ୍‌ସ୍ଥିତ ପରିବାର କେନ୍ଦ୍ର ସହାୟତାରେ ପାରସ୍ପରିକ ବୁଝାମଣା ପାଇଁ ପରାମର୍ଶ ଦେଇଥିଲେ। ସମାଜରେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର, ଏହାର ନିରାକରଣ ଏବଂ ଏଥିପାଇଁ ଥିବା ଆଇନ ଧାରା ସମ୍ପର୍କରେ ସେ ଆଲୋଚନା କରିଥିଲେ।

# ୪ ବିଦ୍ୟାଳୟ ହେବ ରୂପାନ୍ତର

ଅସ୍ତରଙ୍ଗ,୯।୧୨(ଡି.ଏନ୍.ଏ.)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ଆଉ ୪ଟି ବିଦ୍ୟାଳୟକୁ ସ୍ମାର୍ଟ ବିଦ୍ୟାଳୟରେ ସାମିଲ କରାଯାଇଛି। ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ, ସୁରେନ୍ଦ୍ର ନାଥ ବିଦ୍ୟାପୀଠ, ତାଳଦା ପଡ଼ିଆରୀ ବିଦ୍ୟାପୀଠ, ଐଶାନେଶ୍ୱର ବିଦ୍ୟାପୀଠ ଗୁଡିକର ରୂପାନ୍ତର କରାଯିବ। ଏହି ବିଦ୍ୟାଳୟଗୁଡିକର ଭିତ୍ତିଭୂମି ବିକାଶ ସହିତ ଇ-ଲାଇବ୍ରେରୀ, ଉନ୍ନତ ଜ୍ଞାନ କୌଶଳ ଯୁକ୍ତ ବିଜ୍ଞାନଗାର, ଶୌଚାଳୟ, ପାନୀୟଜଳ ପ୍ରକଳ୍ପ, ଉନ୍ନତ ଖେଳ ପଡିଆ ଉପଲବ୍ଧ ହେବ ବୋଲି ବ୍ଲକ ଅଧ୍ୟକ୍ଷ ସାଧୀନ କୁମାର ନାୟକ କହିଛନ୍ତି। ଏହି ବିଦ୍ୟାଳୟଗୁଡିକ ସମ୍ପର୍କରେ ଜିଲାପାଳ ବିଡିଓ ବେବିତା ମଞ୍ଜରୀ ନାୟକଙ୍କ ସହିତ ଭିଡିଓ କନଫରେନ୍ସ ମାଧ୍ୟମରେ ରୂପାନ୍ତର ସମ୍ପର୍କରେ ଆଲୋଚନା କରିଥିଲେ। ଗୁରୁବାର ୫-ଟି ସଚିବ ଭି. କେ.ପଣ୍ଡିଆନ ବିଡିଓଙ୍କ ଉପସ୍ଥିତରେ ଛାତ୍ରୀ ଛାତ୍ରଙ୍କ ସମେତ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ସ୍ଥାନୀୟ ସରପଞ୍ଚଙ୍କ ସହିତ ଭିଡିଓ କନଫରେନ୍ସରେ କଥା ହୋଇଥିଲେ। ଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହିତ ମଧ୍ୟ କଥା ହୋଇଥିଲେ। ନଇଁଗୁଆଁ ସରପଞ୍ଚ ମାନସ କୁମାର ସାହୁ, କେନ୍ଦ୍ରାପଟି ସରପଞ୍ଚ ମଙ୍ଗୁଳି ପ୍ରଧାନ, କୋରଣା ସରପଞ୍ଚ ଅର୍ଣ୍ଣପୂର୍ଣା ପ୍ରଧାନ, ଝାଡ଼ାଲିଙ୍ଗ ସରପଞ୍ଚ ସୁମିତ୍ରା ବେହେରା, ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ପ୍ରଧାନ, ମୀର ମୁଖୀ, ରାଜକିଶୋର ତରାଇ, ସର୍ବେଶ୍ୱର ମହାନ୍ତି, ଅନ୍ୱେଶା ସ୍ୱାଇଁ, ଶିବୁ ବାରିକ, ପ୍ରତ୍ୟୁଷ କୁମାର ବରାଳ, ସୋନାଲି ପ୍ରଧାନ, ଉମାଶାଙ୍କର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ନ୍ୟାୟ ଦାବିରେ ଯୁବକଙ୍କ ଅନଶନ

କୋଣାର୍କ,୯।୧୨(ଡି.ଏନ୍.ଏ.): ନିଯୁକ୍ତି କ୍ଷେତ୍ରରେ ହୋଇଥିବା ଅନ୍ୟାୟର ତଦନ୍ତ ଦାବି ତଥା ନ୍ୟାୟ ଦାବିରେ ବୁଧବାର କୋଣାର୍କ ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ଆଗରେ ମହଲପଡା ପଞ୍ଚାୟତର ସାନକୁନ୍ଦୁରା ଗ୍ରାମର ପ୍ରଶାନ୍ତ କୁମାର ବେହେରା ଆମରଣ ଅନଶନରେ ବସିଛନ୍ତି। ପ୍ରକାଶ ଯେ, ୨୦୦୪ ମସିହାରେ ଏରବଙ୍ଗ ଉଚ୍ଚ ବିଦ୍ୟାଳୟଠାରେ ଜବାହର ନବୋଦୟ ବିଦ୍ୟାଳୟ ଆରମ୍ଭ ହୋଇଥିଲା। ଉକ୍ତ ବିଦ୍ୟାଳୟର ତତ୍କାଳୀନ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଶାନ୍ତଙ୍କୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ନିଯୁକ୍ତି କରିଥିଲେ। ୪ବର୍ଷ ଧରି କାର୍ଯ୍ୟ କରିବା ପରେ ବିଦ୍ୟାଳୟର ତତ୍କାଳୀନ କର୍ତ୍ତୃପକ୍ଷ ପ୍ରଶାନ୍ତଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ଆସିଥିବା ପଦବୀରେ ନିଯୁକ୍ତି ଦେଇ ନ ଥିଲେ। ଏହା ବଦଳରେ ଜଣେ ଧନୀକ ଶ୍ରେଣୀର ଜଣେ ଯୁବକଙ୍କୁ ଏହି ପଦବୀରେ ବେଆଇନ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ପ୍ରଶାନ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ତଦନ୍ତ ଦାବିରେ ସେ ଜିଲାପାଳଙ୍କ ସମେତ ବିଭିନ୍ନ ଅଧିକାରୀଙ୍କୁ ଅଭିଯୋଗ ଜଣାଇଛନ୍ତି।


**OFFICE OF THE BLOCK DEVELOPMENT OFFICER, BASTA BLOCK, Dist. Balasore**

E-mail: ori-basta@nic.in

**TENDER CALL NOTICE**

**Advt. No. 3686/ Basta/ Bls. of 2021-22** **Date: 08.12.2021**

No. i-251:- Sealed Tenders (Percentage Rates) in conformity with the DTCN are invited from the **"C"** and **"B"** Class Contractors registered with the State Govt./ Central Govt. for Execution of **01** no. of **Civil work** of **Rs. 22.83 lakhs per unit** for Construction of New HWC Sub-Centre Building at **Silda** under **Basta Block**, in the Dist. of **Balasore**. The tender documents (DTCN & BOQ) can be obtained (Download) from district NIC website (**www.baleswar.nic.in**) from Dated: **09.12.2021 to 22.12.2021 till 5 P.M.** The tenders will **Received up to Dated: 23.12.2021 till 5 P.M.** and **Opened** on **24.12.2021 at 11.30 A.M.** and Address to Office of the BDO, Basta, Panchayat Samiti, Basta Block, Dist. Balasore through **Registered post/ Speed Post/ Courier service** only. The incomplete Bid in any form is liable for rejection. The detail terms and conditions can be downloaded at NIC Website (**www.baleswar.nic.in**).

OIPR-19171/11/0002/2122 **Sd./- BDO, Basta Block**



# ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର

**ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା-୨୦୨୧ରେ ଭାଗନେବା ସମ୍ବନ୍ଧରେ**

No. PP-80: ଚଳିତ ବର୍ଷ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ତା୨୦।୧୨।୨୦୨୧ରିଖରୁ ତା୦୧।୦୧।୨୦୨୨ରିଖ ପର୍ଯ୍ୟନ୍ତ ଜନତା ମଇଦାନ, ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବା ପାଇଁ ତା୧୬।୧୧।୨୦୨୧ ଏବଂ ତା୧୭।୧୧।୨୦୨୧ରିଖ ଦିନ ଦୈନିକ ଓଡ଼ିଆ ଖବରକାଗଜ ''ସମାଜ'' ଓ ''ଧରିତ୍ରୀ''ରେ ପ୍ରକାଶ ପାଇଥିଲା। କିନ୍ତୁ ଅନିବାର୍ଯ୍ୟ କାରଣବଶତଃ ଉକ୍ତ ମେଳାଟିକୁ ସ୍ଥଗିତ କରାଗଲା। ଏହି ମେଳା ଅନୁଷ୍ଠିତ ହେବା ପୂର୍ବରୁ ବିଜ୍ଞାପନ ଜରିଆରେ ପୁନଶ୍ଚ ଜଣାଇ ଦିଆଯିବ। ଏହା ସମସ୍ତଙ୍କ ସଦୟ ଅବଗତି ନିମନ୍ତେ ଜଣାଇଦିଆଗଲା।

ସ୍ୱା./- ନିର୍ଦ୍ଦେଶକ, ବୟନଶିଳ୍ପ ନିର୍ଦ୍ଦେଶାଳୟ
ଓଡ଼ିଶା, ଭୁବନେଶ୍ୱର

OIPR-31003/11/0020/2122



GOVT. OF ODISHA
**DEPARTMENT OF WATER RESOURCES**
**O/o THE SUPERINTENDING ENGINEER, PRACHI DIVISION, BHUBANESWAR - 12**

E-mail: prachi.division@yahoo.co.in, Phone: 0674-2562427, Fax: 0674-2562472

No. 6242 Dt.8.12.21

**e-PROCUREMENT NOTICE NO. - SEPRD - 19/2021-22**

No.A-710:- Bid Documents consisting of work, estimate cost, cost of tender paper, EMD, time of completion, clas of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.

| | | |
|---|---|---|
| 01. | Nature of work | Canal works, emabankment works & structure works |
| 02. | No. of Works | 31 Nos. |
| 03. | Bid Identification No. | SEPRD - 19/2021-22 |
| 04. | Estimated Cost | 8.00 Lakhs to 35.00 Lakhs |
| 05. | Earnest Money Deposit | Referred to DTCN |
| 06. | Cost of Tender Paper | Referred to DTCN |
| 07. | Period of Completion | Referred to DTCN |
| 08. | Date & time of availability of bid documents in the Portal | From 10.12.2021 (11.00 AM) to 17.12.2021 (5.00 PM) |
| 09. | Date and time of Opening of Tender Documents & online bids | 18.12.2021 at 11.00 AM |
| 10. | Date of Lottery (In case of situation arises) | 27.12.2021 at 11.00 AM |
| 11. | Name and Address of the Officer inviting Bid | Superintending Engineer, Prachi Division, Bhubaneswar-12, E-mail: prachi.division@yahoo.co.in Phone: 0674-2562427, Fax: 0674-2562472 |

Further details can be seen from the State Govt. Portal www.tendersorissa.gov.in

**Sd./- Superintending Engineer, Prachi Division, Bhubaneswar**

OIPR-32096/11/0006/2122



GOVT. OF ODISHA
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, PANIKOILI (R&B) DIVISION, PANIKOILI**

Phone/Fax: 06726-240120, Email ID: eepwd.pkl@rediffmail.com

**CORRIGENDUM NOTICE TO**

RFP Identification No. RFP - 02/2021-22

No. 6731 Dt.08.12.2021

No. B-787: The RFP Identification No. 02/2021-22 is hereby cancelled due to unavoidable circumstances.

Sd./- Superintending Engineer
Panikoili (R&B) Division

OIPR-34067/11/0026/2122



**Rogi Kalyan Samiti**
**OFFICE OF THE MEDICAL OFFICER I/C, C.H.C., SINAPALI**
**At/Po/Ps - Sinapali, Dist.- Nuapada**

Telefax: 06671-236160, E-mail: bpmsusinapali@gmail.com

Letter No.704 Date: 06.12.2021

**NOTICE INVITING BID**

No.E-710:- Sealed tenders are invited from eligible bidders for supply of **Winger Ambulance** to CHC, Sinapali, Dist- Nuapada. The bid document with all information relating to the bidding process including cost of bid document, EMD, Eligiblity criteria and terms & conditions are available in the website: **www.nuapada.nic.in.** Interested eligible bidder can submit the bid on or before **16.12.2021 by 5 P.M. through Regd. Post/Speed Post** at office of the Medical Officer I/C, CHC, Sinapali. The tender will be opened on **17.12.2021 at 11 A.M.** in the office of the undersigned. The Authority reserves the right to accept/ reject any part thereof or all the bids without assigning any reason thereof.

**Sd./- Medical Officer I/c**
**CHC, Sinapali, Dist.- Nuapada**

OIPR-10055/11/0024/2122



**INSTITUTE OF MATHEMATICS AND APPLICATIONS, BHUBANESWAR**

**(Science & Technology Department, Govt. of Odisha)**

Andharua, Bhubaneswar-751029. www.iomaorissa.ac.in

**No. IMA-13/951/2021** **Dt.09.12.2021**

**EMPANELMENT OF AGENCIES TO SUPPLY INDIAN AND FOREIGN JOURNALS/PERIODICALS**

No.CAD-2242:- The applications are invited for empanelment of Agencies for procurement of Indian and foreign journals/ periodicals for Library of **Institute of Mathematics and Applications (IMA), Bhubaneswar** for a period of 03 years. Application must be submitted by **5.00 P.M. on 24.12.2021**. The filled-in applications along with necessary documents are required to be submitted in sealed envelope to:

**The Registrar,**
**Institute of Mathematics and Applications, Bhubaneswar, Andharua, Bhubaneswar, Odisha, PIN-751029**

Complete application and other information can be downloaded from the Institute's website - **www.iomaorissa.ac.in**

**Sd./- Registrar**
**Institute of Mathematics & Applications**
**Bhubaneswar**

OIPR-28006/11/0008/2122



**OFFICE OF THE DIVISIONAL FOREST OFFICER, DHENKANAL FOREST DIVISION**

Tele Fax No.-06762 226717, e-mail Id- dfo.dhenkanal@odisha.gov.in

**SHORT TENDER NOTICE**

**Bid Identification No.06/2021-22, Date: 08.12.2021**

No.MM-281:- The Divisional Forest Officer, Dhenkanal Forest Division whishes to procure **Tranquilizer Gun** & **Jab Stick** for use in Dhenkanal Division. Sealed quotations are invited from reputed intending Bidders as per the list in the tender documents. The tender documents can be downloaded from the website **www.dhenkanal.nic** from 10th December, 06:00 P.M onwards or can be obtained from the Office of the undersigned from 10th December, 2021, 2:00 PM onwards after payment of requisite fee Rs.100/-. With all requisite documents, the bids can be submitted at the above mentioned address on or before 17th December, 2021 latest by 5.00 PM by speed post/ registered post/by hand only. The tender will be opened in the office of the undersigned on 18th December, 2021 at 11:00 AM.

**Sd./- DIVISIONAL FOREST OFFICER**
OIPR-08037/11/0010/2122 **DHENKANAL DIVISION**



No.A-712

GOVT. OF ODISHA
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, DRAINAGE DIVISION, CUTTACK-753003**
**e-Procurement Notice No.- EE-DD-CTC-05/2021-22**

e-mail Id:- eeddcuttack@gmail.com

| | | | |
|---|---|---|---|
| 1. | Total Number of Works | : | **01 (One) No.** |
| 2. | Nature of work | : | Drain Work |
| 3. | Estimated cost of Individual package ranging from | : | **₹14.54 Lakhs** |
| 4. | Date of opening of Bid | : | **16.12.2021, 11.00 AM.** |

5. Other details as follows:

| Procurement Officer | Bid Identification No. | Availability of Tender Online | | Last date & time for seekng tender clarification in e-Procurement portal | Date & Time of Opening of tender at Office Premises of Executive Engineer, Drainage Division, Cuttack | Date of Lottery (if required) |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Drainage Division, Gandarpur, Cuttack-753003 | EE-DD-CTC No.05/ 2021-22 | 06.12.2021 4.00 PM. | 15.12.2021 5.00 PM. | From 06.12.2021 4.00 PM. to 14.12.2021 up to 5.00 PM. during office hours | 16.12.2021 at 11.00 AM. | 22.12.2021 at 11.00 A.M. |

The bidders have to participate in on-line bidding only. Further details can be seen from the Govt. website **www.tendersorissa.gov.in**. Any Addencum/ Corrigendum/ Cancellation of tender can also be seen in the same website. If the office happens to be closed on the date of lottery the same process will be held on next working day in same time and venue.

**Sd./- Executive Engineer, Drainage Division, Cuttack**

GOVT. OF ODISHA
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, DRAINAGE DIVISION, CUTTACK-753003**
**e-Procurement Notice No.- EE-DD-CTC-06/2021-22**

e-mail Id:- eeddcuttack@gmail.com

| | | | |
|---|---|---|---|
| 1. | Total Number of Works | : | **01 (One) No.** |
| 2. | Nature of work | : | Drain and Structure work |
| 3. | Estimated cost of Individual package ranging from | : | **₹74.07 Lakhs** |
| 4. | Date of opening of Bid | : | **16.12.2021, 11.00 AM.** |

5. Other details as follows:

| Procurement Officer | Bid Identification No. | Availability of Tender Online | | Last date & time for seekng tender clarification in e-Procurement portal | Date & Time of Opening of tender at Office Premises of Executive Engineer, Drainage Division, Cuttack | Date of Lottery (if required) |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Drainage Division, Gandarpur, Cuttack-753003 | EE-DD-CTC No.06/ 2021-22 | 06.12.2021 4.00 PM. | 15.12.2021 5.00 PM. | From 06.12.2021 4.00 PM. to 14.12.2021 up to 5.00 PM. during office hours | 16.12.2021 at 11.00 AM. | 22.12.2021 at 11.00 A.M. |

The bidders have to participate in on-line bidding only. Further details can be seen from the Govt. website **www.tendersorissa.gov.in**. Any Addencum/ Corrigendum/ Cancellation of tender can also be seen in the same website. If the office happens to be closed on the date of lottery the same process will be held on next working day in same time and venue.

OIPR-32201/11/0007/2122 **Sd./- Executive Engineer, Drainage Division, Cuttack**



**OFFICE OF THE NOTIFIED AREA COUNCIL, KARANJIA, DIST.- MAYURBHANJ**

**Phone No./Fax No. 06796-220401, Email ID: karanjian.hud@ori.nic.in**

**No. 2982/NAC** **Date: 08.12.2021**

**"e" Procurement Notice**

**Bid Identification No. NAC-KJA-07/2021-22**

No. C-1543: Bid documents consisting of Work, Estiamted cost, cost of tender paper, EMD and time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

1. Name of the work : Civil construction works as mentioned in website
2. No. of works : As per DTCN
3. Estimated Cost : As per DTCN
4. Class of Contractor : As per DTCN
5. Period of Completion : As per DTCN
6. Date & time of availability of Bid document in the portal : Dt.09.12.2021 to 16.12.2021 upto 5.00 P.M.
7. Last date/time for receipt of bids in the portal : Dt.16.12.2021 at 5.00 P.M.
8. Submission of Original document : Dt.17.12.2021 during office hours
9. Date & time of opening of Bids. : Dt.18.12.2021 at 11.00 A.M.
10. Name and address of the Officer Inviting Bid : Executive Officer, Karanjia N.A.C.

If the rate quoted by the bidder is less than 15% of the tender amount then such a bid shall be rejected. The authority reserves right to reject any or all the tenders without assigning any reason thereof. Futher details can be seen from the procurement portal i.e. **www.tendersorissa.gov.in**.

**Sd./- Executive Officer,**
**Karanjia N.A.C.**

OIPR-13119/11/0009/2122



**ZILLA SWASTHYA SAMITI, BARGARH**

**TENDER CALL NOTICE**

**Advt. No. 12202/MDA/BGH/2021-22** **Date: 08.12.2021**

No. E-712: Sealed tenders are invited from reputed firms/ manufacturer/dealers/trader having valid PAN and GST. No for supply of following items to the office of CDM & PHO, Bargarh.

| Sl. No. | Name of the Item | Details of item along with Technical Specification/Eligibility Criteria/Terms & Conditions is available in annexure. |
|---|---|---|
| 01 | Plastic Tub | Pls. refere Annexure No. I, II, III & IV and Cover - B for Finance Bid |
| 02 | Plastic Mug | |
| 03 | Soap | |
| 04 | Cotton Towel | |

Sealed quotation must reach to the office of the undersigned on or before Dt.29.12.2021 upto 4.00 P.M. either through **Speed Post/Registered Post/Courier** only and will be opened on **Dt.30.12.2021 at 11.30 A.M.** The bidders can download the tender documents directly from the district website **www.bargarh.nic.in** along with terms & conditions and Technical specifications. The authority reserves the right to accept or reject any or all the bids without assigning any reason thereof. The authority will not be responsible for any postal delay.

**Sd./- Chief District Medical & Public Health Officer, Bargarh**

OIPR-10124/11/0019/2122

## ସଂକ୍ଷେପରେ

### ଶାଳକଙ୍କୁ ମାଡ଼ମାରି ଭିଣୋଇ ଗିରଫ

ଯାଁଳା,୯।୧୨(ଡି.ଏନ୍.ଏ.): ଶାଳକଙ୍କୁ ମାଡ଼ ମାରିବା ଅଭିଯୋଗରେ ଯାଁଳା ଫାଣ୍ଡି ପୋଲିସ ଗୁରୁବାର ଭିଣୋଇ ବଳରାମ ସାହୁ ଓରଫ ବଳିଆଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ଏହି ଫାଣ୍ଡି ଅନ୍ତର୍ଗତ ଦେଉଳିଆ ପାଟଣା ଗ୍ରାମର ପ୍ରଶାନ୍ତ ଓ ବଳରାମ ଏକାଠି ରୁହନ୍ତି। ଗତ ୭ ତାରିଖରେ ଘରେ କେହି ନ ଥିବା ବେଳେ ବଳରାମ ଗ୍ରାମର କେତେଜଣ ଯୁବକଙ୍କୁ ଡାକି ଘରେ ବୈଠକ କରିଥିଲେ। ଏହାକୁ ପ୍ରଶାନ୍ତ ବିରୋଧ କରିଥିଲେ। ଉଭୟଙ୍କ ମଧ୍ୟରେ ବଚସା ପରେ ବଳରାମ ଏକ ଠେଙ୍ଗାରେ ପ୍ରଶାନ୍ତଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିଲା। ଏନେଇ ପ୍ରଶାନ୍ତ ଫାଣ୍ଡିରେ ଅଭିଯୋଗ କରିଥିଲେ। ଗୁରୁବାର ପୋଲିସ ଓ ଗ୍ରାମର କେତେଜଣ ବୟୋଜ୍ୟେଷ୍ଠ ଲୋକଙ୍କୁ ନେଇ ବୁଝାମଣା କରାଯାଇଥିଲା। ତେବେ ସେଥିରେ କୌଣସି ସଫଳତା ନ ମିଳିବାରୁ ପୋଲିସ ଭିଣୋଇ ବଳରାମଙ୍କୁ ଗିରଫ କରିଥିଲା।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ବାରଙ୍ଗ,୯।୧୨(ଡି.ଏନ୍.ଏ.): ନନ୍ଦନକାନନ ଥାନା ଅଧୀନ ଗଣ୍ଡରପୁର ଗ୍ରାମରୁ ଗୁରୁବାର ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତା ହେଲେ କଳ୍ପନା ସେନାପତି(୪୯)। ସୂଚନା ମୁତାବକ, ସବୁଦିନ ପରି ବୁଧବାର ରାତିରେ କଳ୍ପନା ଖାଇ ସାରିବା ପରେ ଶୋଇଥିଲେ। ଗୁରୁବାର ଭୋରୁ କଳ୍ପନାଙ୍କ ମୃତଦେହ ଘର ଫ୍ୟାନରେ ଝୁଲୁଥିବା ତାଙ୍କ ପୁଅ ଦେଖିବାକୁ ପାଇଥିଲେ। ଏନେଇ ପରିବାର ପକ୍ଷରୁ ନନ୍ଦନକାନନ ଥାନାକୁ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। କଳ୍ପନାଙ୍କ ସ୍ୱାମୀ ରବୀନ୍ଦ୍ର ସେନାପତି ଦେଢ଼ବର୍ଷ ପୂର୍ବେ ମୃତ୍ୟୁବରଣ କରିଥିବା ବେଳେ ପାରିବାରିକ ଅଭାବ ଅନଟନ ସହି ନ ପାରି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ଘରୋଇ ପରିଚାରିକାଙ୍କ ପାଇଁ ଆଇନ ପ୍ରଣୟନ କରାଯାଉ

ଭୁବନେଶ୍ୱର,୯।୧୨(ବ୍ୟୁରୋ): ଘରୋଇ ପରିଚାରିକାଙ୍କ ସମସ୍ୟା ଏକ ବଡ଼ ସମସ୍ୟା। ରାଜ୍ୟ ସରକାର ଏ ବିଷୟକୁ ଗୁରୁତ୍ୱ ଦେବା ସହ ଏ ନେଇ ଆଇନ ପ୍ରଣୟନ କରିବା ଦରକାର ବୋଲି ବିଧାୟକ ପ୍ରଫୁଲ୍ଲ ସାମଲ କହିଛନ୍ତି। ନିର୍ମଳା ନିକେତନ ଦିଲ୍ଲୀ ତରଫରୁ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗଦେଇ ବିଧାୟକ ସାମିଲ କହିଲେ, ଘରୋଇ ପରିଚାରିକାଙ୍କ ସମସ୍ୟା ବିଷୟରେ ଶ୍ରମ ମନ୍ତ୍ରୀ ଏବଂ ଶ୍ରମ କମିଶନଙ୍କ ସହିତ ଆଲୋଚନା କରାଯାଇ ସମାଧାନ କରାଯିବ। ନିର୍ମଳା ନିକେତନର ଲିଗାଲ ପରାମର୍ଶଦାତା ଶୁଭାଶିଷ ଭଞ୍ଜନଗର କହିଛନ୍ତି, ଘରୋଇ କାର୍ଯ୍ୟ କରୁଥିବା ମହିଳାଙ୍କ ଉପରେ ଶାରୀରିକ, ମାନସିକ ଓ ଆର୍ଥିକ ନର୍ଯ୍ୟାତନା ବଢି ବଢି ଚାଲିଛି। ଏଥିରୁ ମୁକ୍ତି ମିଳିବାକୁ ହେଲେ ଆଇନ୍ ପ୍ରଣୟନ ଜରୁରୀ। ଏକ ୭ଜଣିଆ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇ ସମସ୍ତ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବ ବୋଲି ସେ କହିଥିଲେ।

### ମାଗଣା ଚକ୍ଷୁ ଚିକିତ୍ସା ଶିବିର

ବେଗୁନିଆ,୯।୧୨(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅନ୍ତର୍ଗତ ଡଙ୍ଗରପଡ଼ା ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ୟୁନାଇଟେଡ୍ କ୍ଲବ ଆନୁକୂଲ୍ୟରେ ଜିଲା ମୁଖ୍ୟ ଚକ୍ଷୁ ଚିକିତ୍ସାଳୟ ଓ ଭୁବନେଶ୍ୱରସ୍ଥିତ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟର ମିଳିତ ସହଯୋଗରେ ଆୟୋଜିତ ଶିବିରରେ ୬୨ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିରୁ ୨୨ ଜଣଙ୍କର ମୋତିଆବିନ୍ଦୁ ରହିଥିବା ଜଣାପଡିଥିଲା। ଅନ୍ୟ ୪୦ଜଣ ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ସୁବିଧା ଯୋଗାଇଦେବା ସହ ଚଷମା ଏବଂ ଔଷଧ ବଣ୍ଟନ କରାଯାଇଥିଲା। ଚିହ୍ନଟ ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ଲାୟନ୍ସ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଜିଲା ପ୍ରୋଗ୍ରାମ ଅଧିକାରୀ ଅଜୟ କୁମାର ସିଂହ, ଡା. ପ୍ରସନ୍ନ ମହାନ୍ତି ଏବଂ ଡା. ଏସ୍.କେ. ନିଜାମୁଦ୍ଦିନ ଚିକିତ୍ସା ସେବା ଯୋଗାଇଥିଲେ। ଦୀନବନ୍ଧୁ ବିଶ୍ୱାଳ ଶିବିର ପରିଚାଳନା କରିଥିଲେ। ଉଭୟ ଚିକିତ୍ସାଳୟର କର୍ମଚାରୀ ଏବଂ ଶ୍ରୀନିବାସ ବାରିକ, କେଦାରନାଥ ରାଉତରାୟ, ପ୍ରଶାନ୍ତ ବିଶ୍ୱାଳ, ପ୍ରକାଶ ବାରିକଙ୍କ ସହ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

# ଭାଜପାର ଢେଲାକୁ ପୋଲିସର ଲାଠିମାଡ଼

**ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବି ଏବଂ ମାମଲାର ସିବିଆଇ ତଦନ୍ତ ଦାବିରେ ଗୁରୁବାର ଭାଜପା ଯୁବମୋର୍ଚ୍ଚା ଗର୍ଜନ କରିଛି। ବିଧାନସଭା ଘେରାଉବେଳେ ହଜାର ହଜାର କର୍ମୀଙ୍କ ଢେଲା ପଥର ମାଡ଼ରେ ପୋଲିସ କର୍ମଚାରୀ ସହ ଗଣମାଧ୍ୟମ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ଫଳରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରାଜଧାନୀର ରାଜରାସ୍ତା ରଣକ୍ଷେତ୍ର ପାଲଟିଥିଲା। ଏଭଳି ଅପ୍ରୀତିକର ପରିସ୍ଥିତିକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ମମିତା ନାଁରେ ଭାଜପା ରାଜନୀତି କରୁଛି ବୋଲି ବିଜେଡ଼ି କହିଥିବାବେଳେ ମା' ଓ ଉଉଣୀଙ୍କ ଅସମ୍ମାନ କେବେ ସହ୍ୟ କରାହେବନି ବୋଲି ଭାଜପା ପକ୍ଷରୁ କୁହାଯାଇଛି।**

## ମାଡ଼ ଖାଇଲେ ସାଧାରଣ ଲୋକ




ଭାଜପା କର୍ମୀଙ୍କ ପଥର ମାଡ଼କୁ ପ୍ରତିହତ କରିବାକୁ ପୋଲିସ ଲାଠିମାଡ଼ କରିଥିଲା। ସେତେବେଳେ ଲାଠି ମାଡ଼ ଭୟରେ ଆନ୍ଦୋଳନକାରୀମାନେ ଏଣେତେଣେ ଦୌଡ଼ିବାକୁ ଆରମ୍ଭ କରିଥିଲେ। ସେମାନଙ୍କ ସଂସ୍ପର୍ଶରେ ସାଧାରଣ ଜନତା ମଧ୍ୟ ଆସିଯାଇଥିଲେ। ପୋଲିସ ସାଧାରଣଲୋକଙ୍କୁଆନ୍ଦୋଳନକାରୀ ଭାବି ପିଟି ଚାଲିଥିଲା। ଏପରି କି ମାଷ୍ଟରକ୍ୟାଣ୍ଟିନ୍ ନିକଟରେ ଥିବା ଏକ ହୋଟେଲ୍ ଭିତରେ ପଶି ଆଶ୍ରୟ ନେଇଥିବା ଜଣେ ଯୁବକଙ୍କୁ ପୋଲିସ ପିଟୁଥିବା ଦେଖିବାକୁ ମିଳିଥିଲା।





## ସାଇରନ୍ ବଜାଇ ଭୟଭୀତ କରିବାକୁ ଚେଷ୍ଟା



ଆନ୍ଦୋଳନ କିମ୍ବା ବିକ୍ଷୋଭ ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ସାଇରନ୍ ବଜାଇ ଭୟଭୀତ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ତାଲିମ୍‌ପ୍ରାପ୍ତ ଏକ ଟିମ୍‌କୁ ଦାୟିତ୍ୱ ଦିଆଯାଇଛି। ଗୁରୁବାର ବିକ୍ଷୋଭ ସମୟରେ ସେମାନେ ସାମ୍ନାରେ ଠିଆହୋଇ ସାଇରନ୍ ବଜାଇଥିଲେ ମଧ୍ୟ ଆନ୍ଦୋଳନକାରୀମାନେ ଏହାକୁ ଖାତିର୍ କରି ନ ଥିବା ଦେଖିବାକୁ ମିଳିଥିଲା।

## ପୋଲିସ ଗାଡ଼ି ଭାଙ୍ଗି ନାଚିଲେ କର୍ମୀ



ଭାଜପା କର୍ମୀଙ୍କୁ ପୋଲିସ ଉଠାଇ ନେଇ ଭ୍ୟାନ୍‌ରେ ବସାଇବାବେଳେ ଅନ୍ୟ କର୍ମୀମାନେ ଉକ୍ତ ଭ୍ୟାନ୍‌କୁ ପଥର ପକାଇଥିଲେ। ଫଳରେ ଭ୍ୟାନ୍‌ର କାଚ ଭାଙ୍ଗି ରୁଜି ଯାଇଥିଲା। ପରିସ୍ଥିତି ଉତ୍ତେଜନାମୂଳକ ଥିବାବେଳେ ଜଣେ ଭାଜପା କର୍ମୀ ଉକ୍ତ ଭ୍ୟାନ୍ ଉପରୁ ଚଢ଼ି ଯାଇଥିଲେ। କର୍ମୀ ଜଣକ ଭାଜପାର ଏକ ପତାକା ଧରି ଭ୍ୟାନ୍ ଉପରେ ନାଚିବା ଆରମ୍ଭ କରିଥିଲେ।

## ଢେଲାମାଡ଼ରେ ଛାନିଆ: ପ୍ରସ୍ତୁତ ନ ଥିଲା ପୋଲିସ

ହଜାର ହଜାର ସଂଖ୍ୟାରେ ଭାଜପା କର୍ମୀ ଦଳୀୟ ଅଫିସରୁ ଆସୁଥିବାବେଳେ ପୋଲିସ ସେମାନଙ୍କୁ ବାଟ କଢ଼େଇ ଆଣିଥିଲେ। କିଛି ହିଂସାତ୍ମକ ଘଟଣା ଘଟିବାର ଆଶଙ୍କା କରାଯାଉଥିଲା। ହେଲେ ପୋଲିସ ଏଥିପାଇଁ ପ୍ରସ୍ତୁତି ନ ଥିଲା ଭଳି ଜଣାପଡୁଥିଲା। କାରଣ ଯେତେ ସଂଖ୍ୟାରେ ବିକ୍ଷୋଭକାରୀମାନେ ଥିଲେ ସେହି ତୁଳନାରେ ପୋଲିସ କର୍ମଚାରୀଙ୍କ ସଂଖ୍ୟା ବହୁତ କମ୍ ଥିଲା। ଏହାକୁ ଗୋଇନ୍ଦା ବିଭାଗର ବିଫଳତା ବୋଲି କୁହାଯାଇପାରିବ।

ଆନ୍ଦୋଳନବେଳେ ଭାଜପା ପକ୍ଷରୁ ବିକ୍ଷୋଭକାରୀମାନେ ହଠାତ୍ ଉତ୍‌କ୍ଷିପ୍ତ ହୋଇ ପୋଲିସ ଉପରକୁ ଢେଲା ମାଡ଼ କରିଥିଲେ। ଭାଜପା କର୍ମୀଙ୍କ ଅତର୍କିତ ଆକ୍ରମଣ ତଥା ଢେଲା ମାଡ଼ରେ ପୋଲିସର ସେଫ୍ଟି ଶିଲ୍ଡ ଭାଙ୍ଗିଯାଇଥିଲା। ଫଳରେ ସାମ୍ନାରେ ଥିବା ପୋଲିସ କର୍ମୀମାନେ କିଛି ସମୟ ପାଇଁ ପଛକୁ ହଟିଯାଇଥିଲେ। ଆନ୍ଦୋଳନକରୀଙ୍କ ଆକ୍ରମଣକୁ ପ୍ରତିହତ କରିବା ପାଇଁ ପୁଣି ସରଞ୍ଜାମ ସହ ପୋଲିସ ଆଗଭର ହୋଇଥିଲା।

## ଭୁଲିଗଲେ କରୋନା କଟକଣା, ମୁହଁରେ ନ ଥିଲା ମାସ୍କ



କରୋନା ସଂକ୍ରମଣ ମାତ୍ରା କମିଥିଲେ ମଧ୍ୟ ଭୟ କମିନାହିଁ। ସାରା ବିଶ୍ୱରେ କରୋନାର ନୂଆ ପ୍ରଜାତି 'ଓମିକ୍ରନ୍' ବ୍ୟାପକ ଭାବରେ ମାଡ଼ି ଚାଲିଛି। ଏଥିପାଇଁ ଦେଶର ନାଗରିକଙ୍କୁ ସଚେତନ କରାଯିବା ସହ ମାସ୍କ ବାଧ୍ୟତାମୂଳକ କରାଯାଇଛି। ହେଲେ ଗୁରୁବାର ବିକ୍ଷୋଭ ସମୟରେ ପୋଲିସ କି ଭାଜପା କର୍ମୀ କରୋନା କଟକଣାକୁ ସମ୍ପୂର୍ଣ୍ଣ ଭାବେ ଭୁଲିଯାଇଥିଲେ। ଅଧିକାଂଶ ମୁହଁରେ ମାସ୍କଟିଏ ଦେଖିବାକୁ ମିଳି ନ ଥିଲା। ଏହା କରୋନାକୁ ଆମନ୍ତ୍ରଣ ଦେଲା ଭଳି ମନେ ହେଉଥିଲା।

## ୩ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ବାଲିପାଟଣା,୯।୧୨(ଡି.ଏନ୍.ଏ.)

ବାଲିପାଟଣା ଥାନା ପୋଲିସ ଗୁରୁବାର ୩ବସ୍ତା ଗଞ୍ଜେଇ ସହ ଏକ କାର୍ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ପୋଲିସ କାର୍ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏକ କାର୍‌ରେ ଗଞ୍ଜେଇ ନିଆଳିରୁ ବନମାଳୀପୁର ଅଭିମୁଖେ ଯାଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଯୋଜନା ମୁତାବକ ପୋଲିସ ବାଙ୍କୁଆ ଛକରେ ଜଗି ରହିବା ସହ କାର୍ ଓ ଗଞ୍ଜେଇକୁ ଜବତ କରିଥିଲେ। ଏନେଇ ଥାନାରେ ଏକ ମାମଲା (୩୧୯/୨୧) ରୁଜୁ ହୋଇଛି। ଅଟକ ଚାଳକଙ୍କୁ ପଚରାଉଚରା ଚାଲିଛି ବୋଲି ଆଇଆଇସି କୃପାସିନ୍ଧୁ ବରାଡ଼ କହିଛନ୍ତି।

## ନାବାଳିକାଙ୍କୁ ଅପହରଣ, ଅଭିଯୁକ୍ତ କୋର୍ଟଚାଲାଣ

ଯାଁଳା,୯।୧୨(ଡି.ଏନ୍.ଏ.)

ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଯାଁଳା ଫାଣ୍ଡି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଚନ୍ଦକା ଥାନା ଅନ୍ତର୍ଗତ ଜାମୁଝରୀ ଗ୍ରାମର ସୁଶୀଲ ନାୟକ(୩୫)। ସୂଚନା ମୁତାବକ, ସୁଶୀଲଙ୍କ ଜଣେ ସମ୍ପର୍କୀୟ ଜଟଣୀ ଥାନା ଅଞ୍ଚଳରେ ରୁହନ୍ତି। ସେ ତାଙ୍କ ଘରକୁ ନିୟମିତ ଯିବାଆସିବା କରିଥାନ୍ତି। ଗତ ୧ ତାରିଖ ସନ୍ଧ୍ୟାରେ ଶୁଶିଲ ସମ୍ପର୍କୀୟ ଘରକୁ ଆସି ୧୭ ବର୍ଷୀୟ ଝିଅକୁ ନେଇ ଜଟଣୀ ବୁଲି ଯିବା କହି ନେଇଥିଲେ। କିନ୍ତୁ ଆଉ ଫେରି ନ ଥିଲେ। ପରିବାରଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ଉଭୟଙ୍କ ସନ୍ଧାନ ପାଇ ନ ଥିଲେ। ଏନେଇ ପରିବାରଲୋକେ ୭ ତାରିଖରେ ଯାଁଳା ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ନାୟକ ଘଟଣାର ତଦନ୍ତ କରିବା ସହ ଜଟଣୀ ନିକଟ ଏକ ଗ୍ରାମରେ ଉଭୟ ଥିବା ଜାଣିବାକୁ ପାଇଥିଲେ। ଗୁରୁବାର ପୋଲିସ ସେଠାରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହିତ ସୁଶୀଲଙ୍କୁ ଧରିଥିଲା। ପୋଲିସ ଏକ ବାଇକ୍ ଜବତ କରିବା ସହ ଏକ ମାମଲା (ନଂ.୬୫୫/୨୧) ରୁଜୁକରିତଦନ୍ତଚଳାଇଛି।

## ସୁସ୍ଥ ଶରୀର ପାଇଁ ପୁଷ୍ଟିକର ଖାଦ୍ୟ ଆବଶ୍ୟକ

ଖୋର୍ଦ୍ଧା ଅଫିସ/ଯାଁଳା/୯।୧୨(ଡି.ଏନ୍.ଏ.)



ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ମହିଳା ମହାସଂଘ ପକ୍ଷରୁ ଗୁରୁବାର ଓଡ଼ିଶା ପୁଷ୍ଟି ମହୋତ୍ସବ ପାଳିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମମତା ବଡ଼ଜେନା ସଭାପତିତ୍ୱ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ସାମନ୍ତରାୟ, ଟାଙ୍ଗିଆପଡ଼ା ସରପଞ୍ଚ କଲ୍ୟାଣୀ ଦଳେଇ, ବ୍ଲକ ପ୍ରକଳ୍ପ ଅଧିକାରୀ ପ୍ରିୟଦର୍ଶୀ ଦାସ, ୱାର୍ଡ ସଭ୍ୟା ଜ୍ୟୋସ୍ନାରାଣୀ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ। ସୁସ୍ଥ ଶରୀର ପାଇଁ ଦୈନନ୍ଦିନ ପୁଷ୍ଟିକର ଖାଦ୍ୟ ଆବଶ୍ୟକ। ତଟକା ସବୁଜ ପରିବା ଶରୀର ପାଇଁ ହିତକର। ପ୍ରତି ପରିବାରର ମା'ମାନେ ଚାହିଁଲେ ନିଜ ବାଡ଼ିବଗିଚାରେ ପରିବା ଚାଷ କରି ସେଥିରୁ ତଟକା ପନିପରିବା ପାଇପାରିବେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରେ କେତେଜଣ ମହିଳା ନିଜ ବାଡ଼ିବଗିଚାରେ ଚାଷ କରିଥିବା ପରିବା ଓ ପ୍ରତିଦିନ ଖାଉଥିବା ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରି ଆଣିଥିଲେ। ବୁଧବାର କୁମାରବସ୍ତ ଗ୍ରାମରେ ଏବଂ ଗୁରୁବାର ଅରାଙ୍ଗ ଓ ଉଇଲକିଶନ ନଗରରେ ପୁଷ୍ଟି ମହୋତ୍ସବ ପାଳନ କରାଯାଇଛି। ମହିଳାମାନଙ୍କୁ ପୁଷ୍ଟିକର ଖାଦ୍ୟ ବିଷୟରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ୫୦ ମହିଳା ଉପସ୍ଥିତ ଥିଲେ। ତୁଳସୀ ସାହୁ, ରଞ୍ଜିତା ସୁବୁଦ୍ଧି, ସନ୍ତୋଷିନୀ ସାହୁ ପ୍ରମୁଖ ସହଯୋଗ କରିଥିବାବେଳେ ସଚଳା ପ୍ରଧାନ ଧନ୍ୟବାଦ ଦେଇଥିଲେ। ସାରା ରାଜ୍ୟରେ ଡିସେମ୍ବର ୬ରୁ ଆରମ୍ଭ ହୋଇଥିବା ପୁଷ୍ଟି ମହୋତ୍ସବ ୧୨ ତାରିଖରେ ଶେଷ ହେବ।

### ଓଡ଼ିଶା ପୁଷ୍ଟି ମହୋତ୍ସବ

ସେହିପରି ଯାଁଳା ପଞ୍ଚାୟତରେ ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ପୁଷ୍ଟି ଉପାଦାନ ଏବଂ ଉପକାରିତା ସମ୍ପର୍କରେ ମହିଳାଙ୍କୁ ସୂଚନା ଦିଆଯିବ। ଏଥିସହ ଲୋକମାନଙ୍କୁ ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ମହୋତ୍ସବର ମୁଖ୍ୟ ଲକ୍ଷ୍ୟ। ମହିଳା ଗୋଷ୍ଠୀ ସଭ୍ୟଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଝୋଟି ଚିତା ପ୍ରଦର୍ଶିତ ହୋଇଥିଲା। ଏହି ପଞ୍ଚାୟତର ଉତ୍ତରମୁଣ୍ଡ ମୁହାଣର ସିଆରପି ସୁକାନ୍ତି ମିଶ୍ରଙ୍କ ତତ୍ତ୍ୱାବଧାନରେ ମହୋତ୍ସବ ପାଳନ ହୋଇଥିବା ବେଳେ ଅଙ୍ଗନୱାଡି କର୍ମୀ କଳ୍ପନା ଦାଶ, ଇତିଶ୍ରୀ ମହାନ୍ତି, ସୁବାସିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଘର ଆଗରୁ ବାଇକ୍ ଚୋରି

ବାରଙ୍ଗ,୯।୧୨(ଡି.ଏନ୍.ଏ.)

ନନ୍ଦନକାନନ ଥାନା ଅନ୍ତର୍ଗତ ବିଶିକାଣ୍ଡିପାଟଣା ଗ୍ରାମର ଏକ ଘର ଆଗରୁ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏହି ଗ୍ରାମର କୁନା ଭଞ୍ଜ ସବୁଦିନ ରାତିରେ ବାଇକ୍ (ଓଡି ୩୩ଜି ୧୮୮୦) ଘର ଆଗରେ ରଖିଥା'ନ୍ତି। ଗତ ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ବାଇକ୍ ଚୋରି କରିନେଇଥିବା ବେଳେ ସେ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି।

## ଫୁଟ୍‌ବଲ: ଏଜି କ୍ଲବ ସେମିଫାଇନାଲରେ

ବାରଙ୍ଗ,୯।୧୨(ଡି.ଏନ୍.ଏ.)

ୟୁନାଇଟେଡ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଗଣ୍ଡରପୁର ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର ଫୁଟବଲ କପ ଟୁର୍ଣ୍ଣାମେଣ୍ଟର ଗୁରୁବାର ଥିଲା ଚତୁର୍ଥ ଦିବସ। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ପ୍ରତାପ କ୍ଲବ ୩-୦ ଗୋଲରେ ବାଞ୍ଛାମଣି କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚରେ ସୁପ୍ରିମ ଫୁଟବଲ କ୍ଲବ ୧-୦ ଗୋଲରେ ଗବବସ୍ତକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ତୃତୀୟ ମ୍ୟାଚ ସହରାଞ୍ଚଳରେ ହୋଇଥିଲା। ଏଥିରେ ଏଜି କ୍ଲବ ଭୁବନେଶ୍ୱର ୧-୦ ଗୋଲରେ କୋଲକାତାର ରେଣୁଆ ଆଦିବାସୀ ଟିମ୍‌କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି।

## ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘ ପକ୍ଷରୁ ଧାରଣା

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘ ପକ୍ଷରୁ ଗୁରୁବାର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଥିଲା। ସଂଘ ପକ୍ଷରୁ ମାସିକ ବେତନ ୧୮ହଜାର ଟଙ୍କା ସହ ଡିଏ, ଏଡିଏ, ଗ୍ରେଡ୍ ପେ, ଇଏସ୍ଏ, ପିଏସ୍ଆଇ ଆଦି ସରକାରୀ ସୁବିଧା ସୁଯୋଗ, ଭିଲେଜ ଗାର୍ଡ ପରିବର୍ତ୍ତେ ଭିଲେଜ୍ ପୋଲିସର ମାନ୍ୟତା, ଖାଲିଥିବା ଗ୍ରାମରକ୍ଷୀ ପଦବୀ ପୂରଣ, ପୋଲିସ ପ୍ରଶିକ୍ଷଣ, ଡ୍ରେସ ପ୍ରଦାନ, ପଦବୀରେ ଥାଇ ମୃତ୍ୟୁ ହେଲେ ଅନ୍ୟୁନ ୧୨ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବାକୁ ଦାବି କରାଯାଇଛି ବୋଲି ସଂଘ ସଭାପତି ଅମରେଶ୍ୱର ମଲ୍ଲିକ କହିଛନ୍ତି।

# ବୋଲଗଡ଼ ମାଟିରେ ଥାଇଲାଣ୍ଡ ବରକୋଳି

ଖୋର୍ଦ୍ଧା ଅଫିସ, ୯।୧୨



- ଦୁଇ ଭାଇ ମିଶି କରିଛନ୍ତି ଚାଷ
- ସୋସିଆଲ ମିଡିଆ ଦେଲା ପ୍ରେରଣା

ଦେଶୀ ମାଟିରେ ଫଳୁଛି ବିଦେଶୀ ମାଟିର ବରକୋଳି। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଧୀନ ସାନକୁମ୍ଭାରୀ ଗାଁରେ ଥାଇଲାଣ୍ଡର ମିଠା ବରକୋଳି ଫଳୁଛି। ଏହି ଗ୍ରାମର ଦୁଇ ଭାଇ ରମେଶ ସେନାପତି ଓ ସୁବାସ ଚନ୍ଦ୍ର ସେନାପତି ମିଶି ଥାଇଲାଣ୍ଡ ବରକୋଳି ଚାଷ କରୁଛନ୍ତି। ଜୈବିକ ସାର ପ୍ରୟୋଗ କରି ଦୁଇ ଭାଇ ଏହି ଚାଷରୁ ଲାଭାନ୍ୱିତ ହେବା ସହ ଅନ୍ୟ ପାଇଁ ପ୍ରେରଣା ପାଲଟିଛନ୍ତି।

ରମେଶ ଓ ସୁବାସ ମିଳିମିଶି ନିଜର ୪ଏକର ଜମିରେ ଥାଇଲାଣ୍ଡ ବରକୋଳି ଚାଷ କରିଛନ୍ତି। ସୋସିଆଲ ମିଡିଆରୁ ଦୁହେଁ ଏହି ଚାଷ ସମ୍ପର୍କରେ ଜାଣିବା ପରେ ଏଥିପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। କୋଲକାତାର ଏକ ନର୍ସରୀରୁ ଅନ୍‌ଲାଇନରେ ୪ଟି ପ୍ରଜାତି ଯଥା ରେଡ୍ ଆପଲ୍, ଥାଇରେଡ୍ ବଲ୍ ଆପଲ୍, ଥାଇ ରେଡ୍ ସିଡ୍‌ଲେସ ଏବଂ ଗ୍ରୀନ ବରକୋଳିର ପ୍ରାୟ ୨ହଜାର ଚାରା ମଗାଇ ରୋପଣ କରିଥିଲେ। ରାସାୟନିକ ସାର ପରିବର୍ତ୍ତେ ଜୈବିକ ଖତ ପ୍ରୟୋଗ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ୨.୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ଚାରା ରୋପଣର ୪ମାସ ପରେ ଫୁଲ ଧରିବା ଆରମ୍ଭ କରିଥିଲା। ୭ରୁ ୮ ମାସ ପରେ ଗଛ ବଢି ଫଳ ଧରିଛି। ଦୁଇ ଭାଇ ପ୍ରଥମେ ଫଳ ଫଳିବା ନେଇ ଆଶଙ୍କା କରିଥିଲେ, ତେବେ ସେଓ ଅନୁରୂପ ଫଳ ଫଳିବା ଦେଖିବା ପରେ ଆନନ୍ଦିତ ହୋଇଥିଲେ। ଗଛରେ ଝୁଲୁଛି ସବୁଜ ଓ ଲାଲ ରଙ୍ଗର ବରକୋଳି। ଏବେ ଏହି ବରକୋଳି ଚାଷ କରିବାକୁ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଆଗ୍ରହ ବଢିଛି।

ରମେଶ କହିଛନ୍ତି, ପ୍ରତି ଗଛର ଉଚ୍ଚତା ପ୍ରାୟ ୮ରୁ ୧୦ ଫୁଟ। ପ୍ରତି ଗଛରୁ ପାଖାପାଖି ୨୦ରୁ ୨୫ କେଜି କୋଳି ବାହାରିବା ଆଶା ରହିଛି। ଗୋଟିଏ ଗ୍ରୀନ ବରକୋଳିର ଓଜନ ପ୍ରାୟ ୭୦ରୁ ୮୦ଗ୍ରାମ ଏବଂ ଲାଲ ବରକୋଳିର ଓଜନ ପ୍ରାୟ ୫୦ରୁ ୭୦ଗ୍ରାମ ରହିବ। ପ୍ରଥମ କରି ସେଓ ଆକାରର ଏହି ବରକୋଳି ବୋଲଗଡ଼ ମାଟିରେ ଫଳିଥିବାରୁ ବଜାରରେ ଭଲ ବିକ୍ରି ହେବ ବୋଲି ସେ ଆଶା କରିଛନ୍ତି। ସେହିପରି ଏହି ଚାଷ ମାଧ୍ୟମରେ ବର୍ଷକୁ ପ୍ରାୟ ୪ରୁ ୫ଲକ୍ଷ ଟଙ୍କା ରୋଜଗାର ଆଶା ରହିଛି। ରମେଶ ଆହୁରି କହିଛନ୍ତି, କରୋନାର ପ୍ରଥମ ଲହରରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ବହୁ କ୍ଷତି ସହିଥିଲୁ। ବଜାରକୁ ଉତ୍ପାଦିତ ପନିପରିବା ଯାଇପାରିଲା ନାହିଁ। ଖର୍ଚ୍ଚ ତୁଳନାରେ କ୍ଷତି ଅଧିକ ହୋଇ ଗଲା। ଏପଟେ ଋଣଭାର ବଢିଚାଲିଥିଲା। ଏଭଳି ସ୍ଥଳେ ଆମେ ଦୁଇ ଭାଇ କ'ଣ କରିବୁ ବୋଲି ଚିନ୍ତା କରି ଭାଙ୍ଗି ପଡ଼ିଥିଲୁ। ତେବେ ହଠାତ୍ ଦିନେ ସୋସିଆଲ ମିଡିଆରେ ଏହି ବରକୋଳି ଚାଷ ସମ୍ପର୍କରେ ଜାଣିବାକୁ ପାଇଲୁ। ପୂର୍ବରୁ ଚାଷକାର୍ଯ୍ୟରେ କ୍ଷତି ସହିଥିବାରୁ ଫଳପ୍ରଦ ହେବା ନେଇ ମନରେ ଆଶଙ୍କା ଥିଲା। ଏହାର ଚାରା ମଧ୍ୟ ଓଡ଼ିଶାରେ ଉପଲବ୍ଧ ନ ଥିଲା। ତେବେ ପ୍ରଥମେ ପରୀକ୍ଷାମୂଳକ ଭାବେ ଚାଷ କରିବା ପାଇଁ ଚିନ୍ତା କରି ଆଗକୁ ବଢିଲୁ। ସେହିପରି ତାଙ୍କ ଭାଇ ସନ୍ତୋଷ କହିଛନ୍ତି, କେବଳ ଉଚ୍ଚଶିକ୍ଷା ଲାଭ କରି ଚାକିରୀ ପଛରେ ଦୌଡ଼ିବା ପରିବର୍ତ୍ତେ ନୂତନ ଜ୍ଞାନକୌଶଳ ଏବଂ ଜୈବିକ ପଦ୍ଧତିରେ ଚାଷ କଲେ ସଫଳତା ହାସଲ ସହ ସ୍ୱାବଲମ୍ବୀ ହୋଇପାରିବ। କେବଳ ଚାଷଜମିରେ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ମିଶ୍ରିତ ଚାଷ କଲେ ଚାଷୀ ଲାଭାନ୍ୱିତ ହୋଇପାରିବେ। ସେ ଆହୁରି କହିଛନ୍ତି, ପ୍ରତିବର୍ଷ ଅଦିନିଆ ବର୍ଷା, ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଧାନ ଓ ପନିପରିବା ଚାଷରେ କ୍ଷତି ସହିଲୁ। ଉକ୍ତ ଚାଷ ସମ୍ପର୍କରେ ଜାଣିବା ପରେ ଏଥିପ୍ରତି ମନ ଦେଉଛୁ। ଏହାର ବଜାର ଚାହିଦାକୁ ଦେଖି ଆଗକୁ ବ୍ୟାପକ କରିବାର ଯୋଜନା ରହିଥିବା ସନ୍ତୋଷ ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

କଟକ

- କାଷ୍ଟ ଓ ଜୟ ମହାବୀର ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର, ବୁଢି ମଙ୍ଗଳା ମନ୍ଦିର ପରିସର, ପାଟରା ସାହି, ସକାଳ ୯ଟା ।
- ବାଳକୃଷ୍ଣ ମହାପାତ୍ରଙ୍କ ଭକ୍ତିଗୀତ ସଙ୍କଳନ 'ବଂଶୀସ୍ୱନ'ର ଉନ୍ମୋଚନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ।

## ସଂକ୍ଷେପରେ

### ୭୦ କେଜି ଗଞ୍ଜେଇ ଜବତ, ୨ ଗିରଫ

**କଟକ ଅଫିସ,୯।୧୨:** କଟକ ଗୋପାଳପୁର ଛକରେ ଗୁରୁବାର ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଇ ଏକ କାର୍ ସହ ୭୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ପଶ୍ଚିମବଙ୍ଗ ନଦିଆ ଥାନା ରାଣାଘାଟ ଅଞ୍ଚଳର ପପୁ ଦାସ(୩୩) ଓ ସୁମନ ଦାସ(୨୪)ଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନା ମୁତାବକ, ସକାଳ ୬ଟାରେ ୨ଜଣ ଯୁବକ ଏକ କାରରେ ଖୋର୍ଦ୍ଧାରୁ ପଶ୍ଚିମବଙ୍ଗ ଗଞ୍ଜେଇ ଚାଲାଣ କରୁଥିଲେ। ଗୋପାଳପୁର ଛକରେ ଉକ୍ତ କାର୍ ପହଞ୍ଚିବା ପରେ ସ୍କ୍ୱାଡ୍ ପକ୍ଷରୁ ଯାଞ୍ଚ କରାଯିବାରୁ ସେଥିରେ ୩ ବସ୍ତା ଗଞ୍ଜେଇ ଥିବା ଜଣାପଡିଥିଲା। ଏହି ଚଢ଼ାଉରେ ସ୍କ୍ୱାଡ୍ ଅଧୀକ୍ଷକ ଦେବାଶିଷ ପଟେଲ, ଆଇଆଇସି ସରୋଜ କୁମାର ପରିଡ଼ା, ଉମାକାନ୍ତ ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

### ସ୍କୁଲ ସମସ୍ୟା ଶୁଣିଲେ ରାଜ୍ୟ ସଭା ସଦସ୍ୟ

**କଟକ ଅଫିସ,୯।୧୨:** ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ସ୍ଥାନୀୟ ରଘୁନାଥଜୀଉ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ୫-ଟି ଆନୁକୂଲ୍ୟରେ ହେବାକୁ ଥିବା ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରି, ଇ-ଟଏଲେଟ୍, ଇ-ବିଜ୍ଞାନାଗାର କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ପ୍ରଧାନ ଶିକ୍ଷୟିତ୍ରୀ ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ସିଂଙ୍କୁ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଧର୍ମେଶ ନାୟକ, ବିଜୟ ବେହେରା, ପ୍ରଦୀପ୍ତ ବାରିକ, ବିଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଅବକାରୀ ଚଢ଼ାଉ: ମଦ, ପୋଚ ଜବତ

**ଖୁଣ୍ଟୁଣୀ,୯।୧୨(ଡି.ଏନ.ଏ.):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ ଗ୍ରାମ ସଂଲଗ୍ନ ଜଙ୍ଗଲରେ ଗୁରୁବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୩୮୦ ଲିଟର ଦେଶୀମଦ ଓ ୪୮୬୦ ଲିଟର ପୋଚ ଜବତ କରାଯାଇଛି। ହେଲେ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ଡାଲୁଆ ଗ୍ରାମ ଜଙ୍ଗଲରେ କିଛି ମାସ ହେବ ବ୍ୟାପକ ଭାବେ ଦେଶୀ ମଦ ପ୍ରସ୍ତୁତ କରାଯାଇ କଟକ, ବାରଙ୍ଗ, ଚୌଦ୍ୱାର ଓ ଢେଙ୍କାନାଳ ଅଞ୍ଚଳକୁ ଚାଲାଣ କରାଯାଉଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖବରପାଇ ଅବକାରୀ ବିଭାଗ ଚଢ଼ାଉ କରି ତାହାକୁ ଜବତ କରିଥିଲା।

### ପେଟାନାଳ ପୁନରୁଦ୍ଧାର ଦାବିରେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର



**କଟକ ଅଫିସ,୯।୧୨:** ସିଡିଏ ସ୍ଥିତ ପେଟାନାଳର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ଦାବିରେ ପୂର୍ବତନ କର୍ପୋରେଟର ଚିତ୍ତରଞ୍ଜନ ଦାସ ଗତ ୨ ତାରିଖରେ ଦିଲ୍ଲୀରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି, ପେଟାନାଳ ସିଡିଏ ସେକ୍ଟର-୬ରୁ ବାହାରି ସେକ୍ଟର-୧୦ ପର୍ଯ୍ୟନ୍ତ ଲମ୍ବିଛି। ପ୍ରତିଦିନ ଏହା ମଧ୍ୟକୁ ପ୍ରଦୂଷିତ ଜଳ ଓ ଜନବସତିର ଆବର୍ଜନା ପ୍ରବେଶ କରୁଛି। ମାତ୍ର ଏହାକୁ ସଫା କରାଯାଉ ନ ଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି । ଫଳରେ ଏହା ମଶାଙ୍କ ଉତ୍ପତ୍ତି ସ୍ଥଳ ପାଲଟିଛି। ପ୍ରଶାସନର ଅବହେଳା ଯୋଗୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସିଡିଏକୁ ସାଟ୍‌ଲାଇଟ ସହର ଭାବେ ଗଢ଼ିବା ପାଇଁ ହୋଇଥିବା ଯୋଜନା କେବଳ ଯୋଜନାରେ ସୀମିତି ରହିଯାଇଛି ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ।

# ୨୩ ଅଧିକାରୀଙ୍କ ଗାଡ଼ି ଖର୍ଚ୍ଚ ମାସକୁ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

**କଟକ ଅଫିସ,୯।୧୨**

## କଟକ ମହାନଗର ନିଗମ

### ଖାଇବା ପାଇଁ କାର୍ ନେଇ ଯାଉଛନ୍ତି ଚାଳକ, ଭିଡିଓ ଭାଇରାଲ




କଟକ ମହାନଗର ନିଗମ(ସିଏମ୍‌ସି)ର ଅଧିକାରୀମାନେ ଗାଡ଼ି ଭଡ଼ା ଓ ଡିଜେଲ ବାବଦକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ସରକାରୀ କାର୍ଯ୍ୟ କରିବାକୁ ସିଏମ୍‌ସିର ୨୩ଜଣ ଅଧିକାରୀଙ୍କୁ କାର୍ ଯୋଗାଇ ଦିଆଯାଇଛି। କାର୍ ଭଡ଼ା ଓ ତେଲ ଖର୍ଚ୍ଚ ବାବଦକୁ ମାସକୁ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ହେଲେ କେତେକ କ୍ଷେତ୍ରରେ ଗାଡ଼ିକୁ ସରକାରୀ କାର୍ଯ୍ୟ ବ୍ୟତୀତ ଅନ୍ୟ କାମରେ ବ୍ୟବହାର କରାଯାଉଛି। ଏପରି କି ଗାଡ଼ି ବାବଦ ମିଳୁଥିବା ସର୍ବାଧିକ ତେଲ ଖର୍ଚ୍ଚ ହେଉଥିବା କାଗଜପତ୍ରରେ ଦର୍ଶାଯାଉଥିବାବେଳେ ବାସ୍ତବରେ ସେତିକି ଖର୍ଚ୍ଚ ହେଉଛି କି ନାହିଁ ସେନେଇ କାହା ପାଖରେ ତଥ୍ୟ ରହୁ ନ ଥିବା ଅଭିଯୋଗ ହେଉଛି।

ମିଳିଥିବା ତଥ୍ୟ ଅନୁଯାୟୀ, ସିଏମ୍‌ସି ପ୍ରଶାସକ ଅନିଲ କୁମାର ସାମଲଙ୍କୁ ଏର୍ଟିଗା ଓ କମିଶନର ଅନନ୍ୟା ଦାସଙ୍କୁ ସ୍କର୍ପିଓ ଗାଡି ଯୋଗାଇ ଦିଆଯାଇଛି। ଏହି ୨ ଗାଡ଼ି ବାବଦକୁ ମାସିକ ୩୦ ହଜାର ଟଙ୍କା ଲେଖାଏ ଭଡ଼ା ଦିଆଯାଉଥିବାବେଳେ କେତେ ଡିଜେଲ ଯୋଗାଇ ଦିଆଯାଉଛି, ତାହାର କୌଣସି ତଥ୍ୟ ପ୍ରଦାନ କରାଯାଇନାହିଁ। ସେହିପରି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ନଗର ଯନ୍ତ୍ରୀ ସୁବାରାଓ ପାତ୍ର ଓ ନିର୍ବାହୀ ଯନ୍ତ୍ରୀ ଭାଗ୍ୟଧର ସାହୁଙ୍କୁ ଯୋଗାଇ ଦିଆଯାଇଥିବା ଗାଡ଼ିର ଭଡ଼ା ବାବଦକୁ ଯଥାକ୍ରମେ ୧୬,୫୦୦, ୧୮,୦୦୦ ଓ ୧୬,୫୦୦ ପ୍ରଦାନ କରାଯାଉଛି। ସେମାନଙ୍କ ଭଡ଼ା ଗାଡି ପାଇଁ ମାସକୁ ୩୦୦ ଲିଟର ଲେଖାଏ ଡିଜେଲ ଯୋଗାଇ ଦିଆଯାଉଛି। ଅର୍ଥାତ୍ ମାସକୁ କାର ଭଡା ବ୍ୟତୀତ ଡିଜେଲ ଖର୍ଚ୍ଚ ୨୭,୯୦୦ ଟଙ୍କା। ପ୍ରତି ଅଧିକାରୀଙ୍କ ପିଛା ଗାଡି ବାବଦକୁ ପ୍ରାୟ ୪୫ ହଜାର ଟଙ୍କା ଖର୍ଚ୍ଚ ହେଉଛି। ସେହିପରି ସଚିବ ଲତାଶ୍ରୀ ବାଗ, ଡେପୁଟି କମିଶନର ସଞ୍ଜୀବିତା ରାୟଙ୍କ କାର୍ ବାବଦ ଭଡା ମାସକୁ ୧୬, ୫୦୦ ଟଙ୍କା ପ୍ରଦାନ ସହ ୨୦୦ ଲିଟର ଡିଜେଲ ମିଳୁଛି। ଯୁଗ୍ମ କମିଶନର ସୁମିତା ସରକାର, ମନୋଜ ରଞ୍ଜନ ମହାପାତ୍ର, ଡେପୁଟି କମିଶନର ଶ୍ୱେତପଦ୍ମା ଡି ଶତପଥୀ, ଅଜୟ କୁମାର ମହାନ୍ତି, ଅବିନାଶ ରାଉତ, ବସ୍ତି ଉନ୍ନୟନ ଅଧିକାରୀ ଅମୃତ ସରକାର, ବିତ୍ତ ଅଧିକାରୀ ଲୁସି ସ୍ୱାଇଁ, ଆଇନ ଅଧିକାରୀ ଦିଗମ୍ବର ସ୍ୱାଇଁ, ସହକାରୀ ପ୍ରବର୍ତ୍ତନ ଅଧିକାରୀ ସରୋଜ ଆଚାର୍ଯ୍ୟ, ନିର୍ବାହୀ ଯନ୍ତ୍ରୀ ଡି.ଆର. ତ୍ରିପାଠୀ, ଉପ ନିର୍ବାହୀଯନ୍ତ୍ରୀ ଏନ୍.କେ. ପାଲ, ପୁଣ୍ୟତୋୟା ପ୍ରିୟଦର୍ଶିନୀ, ଧୀରେନ୍ଦ୍ର ପ୍ରଧାନ, ଡେପୁଟି କମିଶନର(ପ୍ରବର୍ତ୍ତନ), ଯୋଜନା ଅଧିକାରୀ ଓ ଆର୍‌ଆର୍‌ଟି ଅଧିକାରୀଙ୍କ ଘରୋଇ ଭଡା ଗାଡି ବାବଦକୁ ମାସିକ ୧୬, ୫୦୦ ଓ ୧୫୦ ଲିଟର ଲେଖାଏ ଡିଜେଲ ଯୋଗାଇ ଦିଆଯାଉଛି। ଅର୍ଥାତ୍ ମାସକୁ କାର ଭଡ଼ା ବ୍ୟତୀତ ଡିଜେଲ ଖର୍ଚ୍ଚ ୧୩, ୯୦୦ ଟଙ୍କା। ପ୍ରତି ଅଧିକାରୀଙ୍କ ପିଛା ଗାଡି ବାବଦକୁ ପ୍ରାୟ ୩୦ ହଜାର ୪୦୦ ଟଙ୍କା ଖର୍ଚ୍ଚ ହେଉଛି। ଉପରୋକ୍ତ ସମସ୍ତ ଅଧିକାରୀ କେତେ ଡିଜେଲ ବା ପେଟ୍ରୋଲ ଭରିବେ, ତାହା ସମ୍ପୃକ୍ତ ଅଧିକାରୀ ନିଷ୍ପତ୍ତି ନେବେ। ଅଧିକାରୀମାନେ ସର୍ବାଧିକ ଅନୁମତି ଥିବା ତେଲ ପକାଉଛନ୍ତି, ହେଲେ ସେତିକି ପକାଉ ନ ଥିବା ଅଭିଯୋଗ ହେଉଛି।

ଇଣ୍ଡିଗୋ ଗାଡି (ନଂ. ଓଡି୦୫-ଜେ- ୩୭୫୧) ସିଏମ୍‌ସିର ରାପିଡ୍ ରେସ୍ପନ୍ସ ଟିମ୍(ଆର୍‌ଆର୍‌ଟି) କାର୍ଯ୍ୟରେ ଲାଗିଥିବା ସୂଚନା ଅଧିକାର ତଥ୍ୟ କହୁଛି। ହେଲେ ଏହାକୁ ଜଣେ ଯୁବକ ବୁଧବାର ଅପରାହ୍ଣ ୨ଟା ୪ରେ ସିଡିଏ ସେକ୍ଟର-୯ ଅଞ୍ଚଳରେ ନେଉଥିବା ଭିଡିଓ ଭାଇରାଲ ହେଉଛି। ସମ୍ପୃକ୍ତ ଯୁବକଙ୍କୁ ପଚାରିବାରେ ଉକ୍ତ ଗାଡ଼ିରେ ସିଏମ୍‌ସିର ଜଣେ ଡାକ୍ତରଙ୍କୁ ନେବା ଆଣିବା କରୁଥିବା କହିଛନ୍ତି। ଡାକ୍ତରଙ୍କୁ ସେକ୍ଟର ୧୦ରେ ଛାଡ଼ିଲି। ପରେ ସିଏମ୍‌ସି ଯିବି, ଖାଇ କି ଆସିବି। ପୁନଶ୍ଚ ଆସି ଡାକ୍ତରଙ୍କୁ ନେଇଯିବି ବୋଲି କାର୍ ଚାଳକଜଣକ କହୁଥିବା ଭିଡିଓରୁ ଜଣାପଡୁଛି। ଏହାଦ୍ୱାରା ଜଣେ କାର୍‌ଚାଳକ ଖାଇଯିବା ପାଇଁ ମଧ୍ୟ କାର ବ୍ୟବହାର କରୁଥିବା ସ୍ପଷ୍ଟ ହେଉଛି। ଏଥିରୁ ସରକାର ଗାଡ଼ିର କିଭଳି ଅପବ୍ୟବହାର କରାଯାଉଛି ତାହା ସହଜରେ ଅନୁମେୟ। ଏ ସମ୍ପର୍କରେ କମିଶନର ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ମତାମତ ମିଳିପାରି ନାହିଁ।



କେନ୍ଦ୍ର ସରକାର କୃଷି ଆଇନ ପ୍ରତ୍ୟାହାର କରିବା ପରେ କଟକ କଲେଜ ଛକଠାରେ ଗୁରୁବାର ଏସ୍‌ୟୁସିଆଇ(ସି) ପକ୍ଷରୁ ବିଜୟ ଦିବସ ପାଳନ।

## ଧନ୍ଦାମୂଳକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**କଟକ ଅଫିସ, ୯।୧୨**

ଜଗତପୁର ଥାନା ଅନ୍ତର୍ଗତ ଭୈରପୁର ଗ୍ରାମସ୍ଥିତ କଲ୍ୟାଣ ମଣ୍ଡପଠାରେ ଧନ୍ଦାମୂଳକ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜନଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶିକା ଅନିମା ଦାଶ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ସଂସ୍ଥାନର ଆଭିମୁଖ୍ୟ, ସହଯୋଗିତା, ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଆତ୍ମନିଯୁକ୍ତି ଦିଗରେ ଆଲୋକପାତ କରିଥିଲେ। ପ୍ରଶାନ୍ତି ୱେଲଫେୟାର ଫାଉଣ୍ଡେଶନର ରାଜ୍ୟ ଅଧକ୍ଷ ସୁବ୍ରତ କୁମାର ଭୂୟାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଶିବ ପ୍ରସାଦ ମହାପାତ୍ର ଯୋଗଦେଇ ଧନ୍ଦାମୂଳକ ପ୍ରଶିକ୍ଷଣ ମାଧ୍ୟମରେ ଦକ୍ଷତା ବୃଦ୍ଧି, ଅର୍ଥ ଉପାର୍ଜନ, ସ୍ୱାବଲମ୍ବୀ ଓ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ସସ୍ମିତ ମହାନ୍ତି ସ୍ୱାଗତ ଭାଷଣ ଓ ଲକ୍ଷ୍ମୀପ୍ରିୟା ଭୂୟାଁ ଧନ୍ୟବାଦ ଦେଇଥିଲେ। ସୌମେନ୍ଦ୍ର ରାୟ, ବିଦ୍ୟାଧର ଗୋଛାୟତ, ବିଶ୍ୱରଞ୍ଜନ ହାତୀ, ଅଙ୍କିତା ବେହୁରା, ପ୍ରଭାତୀ ବେହୁରା, ସୁଲୋଚନା ଦାସ, ରୋଜି ଭୋଇ, ଅର୍ଚ୍ଚନା ଭୋଇ, ହରପ୍ରିୟା ବାରିକ, ରଶ୍ମିରେଖା ହାତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## କୃଷକ ଆନ୍ଦୋଳନ ସଫଳ ପାଇଁ ବିଜୟ ଦିବସ

**କଟକ ଅଫିସ, ୯।୧୨**

କେନ୍ଦ୍ର ସରକାର କୃଷି ଆଇନ ପ୍ରତ୍ୟାହାର କରିବା ପରେ ଏସ୍‌ୟୁସିଆଇ(ସି) ପକ୍ଷରୁ କଟକ କଲେଜ ଛକଠାରେ ଗୁରୁବାର ବିଜୟ ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ସଙ୍ଗଠନ ପକ୍ଷରୁ ରାଣୀହାଟରୁ ଏକ ଶୋଭାଯାତ୍ରା ବାହାରି କଲେଜ ଛକ ପର୍ଯ୍ୟନ୍ତ ଯାଇଥିଲା। କଲେଜ ଛକଠାରେ ଅନୁଷ୍ଠିତ ସଭାରେ ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ସମ୍ପାଦକ ବିଶ୍ୱାବସୁ ଦାସ ଯୋଗଦେଇ କହିଥିଲେ, ଐତିହାସିକ ଚାଷୀ ଆନ୍ଦୋଳନ ଚାପରେ କେନ୍ଦ୍ର ସରକାର ଅନ୍ନଦାତାଙ୍କ ସମସ୍ତ ଦାବି ମାନିବାକୁ ବାଧ୍ୟ ହୋଇଛନ୍ତି। ପ୍ରଥମେ ୩ଟି କୃଷି ଆଇନ ପ୍ରତ୍ୟାହାର କରିବା ସହ ଏମ୍‌ଏସ୍‌ପି ପାଇଁ କମିଟି ଗଠନ, ଶହୀଦ ଚାଷୀଙ୍କ ପରିବାରକୁ କ୍ଷତିପୂରଣ, ଆନ୍ଦୋଳନରତ ଚାଷୀଙ୍କ ଉପରେ ଥିବା କେସ୍ ପ୍ରତ୍ୟାହାର ଆଦି ଦାବିକୁ କେନ୍ଦ୍ର ସରକାର ମାନିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି ବୋଲି ସେ କହିଥିଲେ। ଏହି ସଭାରେ ଏସ୍‌ୟୁସିଆଇ(ସି) ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ଜିଲା କମିଟି ସଭ୍ୟ ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ସିଦ୍ଧାର୍ଥ ରଥ, ବବି ବଳବନ୍ତରାୟ, ଭାଗ୍ୟରବି ଦାସ, ଦୀପକ ଦାସ, ବିନୋଦ ସେଠୀ, ତରୁଣସେନ ନାୟକ, ସଙ୍ଗଠକ ଇଶା ଧର, ସିପ୍ରା ମହାନ୍ତି, ଶୋଭା ଦେହୁରୀ ପ୍ରମୁଖ ସାମିଲ ହୋଇଥିଲେ।

## ସିଡିଏସ୍ ବିପିନ ରାୱତ୍‌ଙ୍କ ପରଲୋକରେ ମହମବତି ଶୋଭାଯାତ୍ରା

**କଟକ ଅଫିସ,୯।୧୨**

ଭାରତୀୟ ବାୟୁସେନା ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ଭାରତର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ (ସିଡିଏସ୍) ଜେନେରାଲ ବିପିନ ରାୱତଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ଆତ୍ମାର ସଦ୍‌ଗତି କାମନା କରି ଭାରତୀୟ ଜନତା ଯୁବମୋର୍ଚ୍ଚା ବାରବାଟୀ-କଟକ ପକ୍ଷରୁ ଏକ ମହମବତି ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା କାଠଗଡା ସାହିରୁ ବାହାରି ଗୌରୀଶଙ୍କର ପାର୍କଠାରେ ପହଞ୍ଚିଥିଲା। ସେଠାରେ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଦଳର ଯୁବନେତା ଗଗନ ଓଝାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଯତୀନ ମହାରଣା, ପବନ ଓଝା, ଦୀପକ ମହାରଣା, ବିଶ୍ୱରଞ୍ଜନ ସ୍ୱାଇଁ, ଅଜୟ ଓଝା, ସଞ୍ଜୀବ ଶୁକ୍ଳା, ଅବିନାଶ ଓଝାଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ସେହିପରି କଟକ ମହାନଗର ନିଗମ (ସିଏମ୍‌ସି)୩୪ନଂ. ୱାର୍ଡର ପୂର୍ବତନ କର୍ପୋରେଟର ନମିତା ମଞ୍ଜରୀ ସାହୁଙ୍କ ସହଯୋଗରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା। ପରେ ମାଛୁଆବଜାରସ୍ଥିତ ମା' ଜମ୍ବୁଦୁର୍ଗା ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ସଭାରେ ମୃତକଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସାହି ମୁରବି କୁଶ ସାହୁ, ସାମାଜିକ କର୍ମୀ କ୍ଷୀରୋଦ କୁମାର ସାହୁ, ରମାକାନ୍ତ ଦାସ, ଅଜୁ ସାହୁ, ସିବୁଲା ପୃଷ୍ଟି, ଜୟ ନାରାୟଣ ତ୍ରିପାଠି, ରବୀନ୍ଦ୍ର କୁମାର ସାହୁ, ଭ୍ରମର ବେହେରା, ସୁମତି ସାହୁ, ବାସନ୍ତୀ ଧଡ଼ି, ମମତା ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ସାଇନ୍‌ବୋର୍ଡ ଉପାଡ଼ିବାକୁ ନେଇ ଉତ୍ତେଜନା

**କଣ୍ଟାପଡା, ୯।୧୨(ଡି.ଏନ.ଏ.)**

### ଠିକାଦାର-ପୋଲିସ କଥାରେ ରହୁନି ତାଳମେଳ

କଣ୍ଟାପଡା ବ୍ଲକ ଅଧୀନ ବ୍ରାହ୍ମଣବାଟୀ ପଞ୍ଚାୟତର କେତେକ ଟ୍ରାନ୍ସଫର୍ମର ନିକଟରୁ ସାଇନ୍‌ବୋର୍ଡ ଓପାଡିବାକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଏହାକୁ ନେଇ ସ୍ଥାନୀୟ ପୋଲିସ ଓ ସାଇନ୍‌ବୋର୍ଡ ଲଗାଇଥିବା ଠିକାଦାରଙ୍କ କଥାରେ ତାଳମେଳ ରହୁ ନ ଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ର ସରକାରଙ୍କ ଅନୁଦାନରେ ଉକ୍ତ ପଞ୍ଚାୟତରେ ବସାଯାଇଥିବା କେତେକ ଟ୍ରାନ୍ସଫର୍ମର ନିକଟରୁ ୪ ଜଣ ଯୁବକ ଅପରାହ୍ଣରେ ୪ଟି ସାଇନ୍‌ବୋର୍ଡ ତାଡି ଏକ ଅଟୋ (ନଂ.ଓଡ଼ି୦୫ଭି-୫୦୯୮)ରେ ଲଦି ନେଇଯିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଯୁବକମାନେ ପଚାରିବାରୁ ସେମାନେ କିଛି ଉତ୍ତର ଦେଇ ନ ଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଯୁବକମାନେ ଅଟୋ ସହ ସାଇନ୍‌ବୋର୍ଡକୁ ଜବତ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକମାନଙ୍କୁ ଥାନାକୁ ନେଇଥିଲା। ଏ ସମ୍ପର୍କରେ ଗୋବିନ୍ଦପୁର ଥାନାଧିକାରୀ ଅନାମ ଚରଣ ନାୟକ କହିଛନ୍ତି, ଆଗକୁ ନିର୍ବାଚନ ଆସୁଛି। ଫଳରେ ଉକ୍ତ ସାଇନ୍‌ବୋର୍ଡ ଗୁଡିକରେ ପ୍ରଧାନମନ୍ତ୍ରୀଙ୍କ ଫଟୋ ଥିବାରୁ ତାହାକୁ କାଢ଼ି ନିଆଯାଉଛି। ଅପରପକ୍ଷେ ସାଇନ୍‌ବୋର୍ଡ ଲଗାଇଥିବା ଠିକାଦାର ଦୀପକ ସାହୁ କହିଛନ୍ତି, ଯୁବକମାନେ ଭୁଲରେ ଏଭଳି କରିଛନ୍ତି। ପୁନର୍ବାର ସେଗୁଡ଼ିକ ସେଠାରେ ଲଗାଇ ଦିଆଯିବ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ବାରଙ୍ଗ,୯।୧୨(ଡି.ଏନ୍.ଏ.)**

ନନ୍ଦନକାନନ ଥାନା ଅଧୀନ ଗଣ୍ଡରପୁର ଗ୍ରାମରୁ ଗୁରୁବାର ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତା ହେଲେ କଳ୍ପନା ସେନାପତି(୪୯)। ସୂଚନା ମୁତାବକ, ସବୁଦିନ ପରି ବୁଧବାର ରାତିରେ କଳ୍ପନା ଖାଇ ସାରିବା ପରେ ଶୋଇଥିଲେ। ଗୁରୁବାର ଭୋରୁ କଳ୍ପନାଙ୍କ ମୃତଦେହ ଘର ଫ୍ୟାନରେ ଝୁଲୁଥିବା ତାଙ୍କ ପୁଅ ଦେଖିବାକୁ ପାଇଥିଲେ। ଏନେଇ ପରିବାର ପକ୍ଷରୁ ନନ୍ଦନକାନନ ଥାନାକୁ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। କଳ୍ପନାଙ୍କ ସ୍ୱାମୀ ରବୀନ୍ଦ୍ର ସେନାପତି ଦେଢ଼ବର୍ଷ ପୂର୍ବେ ମୃତ୍ୟୁବରଣ କରିଥିବା ବେଳେ ପାରିବାରିକ ଅଭାବ ଅନଟନ ସହି ନ ପାରି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।


କଟକ ଶ୍ରୀରାମଚନ୍ଦ୍ର ଭବନରେ ଗୁରୁବାର ଅନୁଷ୍ଠିତ ଚିତ୍ରଶିଳ୍ପୀ ବିଭୂତି କାନୁନ୍‌ଗୋଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

## ଫୁଟ୍‌ବଲ: ସେମିଫାଇନାଲରେ ଏଜି କ୍ଲବ

**ବାରଙ୍ଗ,୯।୧୨(ଡି.ଏନ୍.ଏ.)**

ୟୁନାଇଟେଡ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଗଣ୍ଡରପୁର ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର ଫୁଟବଲ କପ ଟୁର୍ନାମେଣ୍ଟର ଗୁରୁବାର ଥିଲା ଚତୁର୍ଥ ଦିବସ। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ୩ଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତା ହୋଇଥିଲା। ପ୍ରଥମ ମ୍ୟାଚ୍ ପ୍ରତାପ କ୍ଲବ ୩-୦ ଗୋଲରେ ବାଞ୍ଛାମଣି କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚରେ ସୁପ୍ରିମ ଫୁଟବଲ କ୍ଲବ ୧-୦ ଗୋଲରେ ଗବବସ୍ତକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ବବୁଲ ରାଉତ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ହାପି ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ତୃତୀୟ ମ୍ୟାଚ ସହରାଞ୍ଚଳରେ ହୋଇଥିଲା। ଏଥିରେ ଏଜି କ୍ଲବ ଭୁବନେଶ୍ୱର ୧-୦ ଗୋଲରେ କୋଲକାତାର ରେଣୁଆ ଆଦିବାସୀ ଟିମ୍‌କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି।

## ଘର ଆଗରୁ ବାଇକ୍ ଚୋରି

**ବାରଙ୍ଗ,୯।୧୨(ଡି.ଏନ୍.ଏ.)**

ନନ୍ଦନକାନନ ଥାନା ଅନ୍ତର୍ଗତ ବିଶିକାଣ୍ଡିପାଟଣା ଗ୍ରାମର ଏକ ଘର ଆଗରୁ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏହି ଗ୍ରାମର କୁନା ଭଞ୍ଜ ସବୁଦିନ ରାତିରେ ବାଇକ୍ (ଓଡି ୩୩ଜି ୧୮୮୦) ଘର ଆଗରେ ରଖୁଥା'ନ୍ତି। ଗତ ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ବାଇକ୍ ଚୋରି କରିନେଇଥିବା ବେଳେ ସେ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି।

## ୨ ଘରୁ ସୁନା ଅଳଙ୍କାର, ଟଙ୍କା ଚୋରି

**ନିଶ୍ଚିନ୍ତକୋଇଲି,୯।୧୨(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ କିଶନନଗର ଥାନା ଅନ୍ତର୍ଗତ ମାହଳ ଫାଣ୍ଡି ଅଞ୍ଚଳରୁ ୨ ଜଣଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ସଫିପୁର ଗ୍ରାମର ଯଦୁନାଥ ସେଠୀ ଓ ବାରିମୂଳ ଗ୍ରାମର ଜାନକୀବଲ୍ଲଭ ପରିଡାଙ୍କ ଘରୁ ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି କରିନେଇଛନ୍ତି। ଚୋରି ସାମଗ୍ରୀର ମୂଲ୍ୟ ୫ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ସାଧାରଣରେ କୁହାଯାଇଛି। ରାତିରେ ଶୋଇଥିବାବେଳେ ଏହି ଚୋରି ହୋଇଥିଲା ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଏନେଇ ଅଭିଯୋଗପରେ ଫାଣ୍ଡି ଅଧିକାରୀ ଅଚ୍ୟୁତାନନ୍ଦ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ. ୨୦୦/୨୧ ଓ ୨୦୨/୨୧) ରୁଜୁ ହୋଇଛି। କିଶନନଗର ଥାନା ଅଞ୍ଚଳରେ ଗତ କିଛି ଦିନ ମଧ୍ୟରେ



ଦୁର୍ବୃତ୍ତମାନେ ପ୍ରାୟ ୧୦ଟି ଘରୁ କଳାକନା ବୁଲାଇ ଦେଇଛନ୍ତି। ଏହାସତ୍ତ୍ୱେ ଅଭିଯୁକ୍ତମାନଙ୍କୁ ଧରିବାରେ ପୋଲିସ ଏପର୍ଯ୍ୟନ୍ତ ସଫଳ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ କିଶନନଗର ଥାନା ଅଧିକାରୀ ସସ୍ମିତା ରଣା କୁହନ୍ତି, ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

## 'ସନ୍ତାନ ମାତାପିତାଙ୍କୁ ଭକ୍ତି କଲେ ସଫଳତା ପାଇବେ'

**କଟକ ଅଫିସ, ୯।୧୨**

କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍‌ସ ପରିସରରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ସ୍ତ୍ରୀ ଇଚ୍ଛାବତୀ ରଥଙ୍କ ୫ମ ପୁଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ 'ସ୍ମୃତିରେ ଇଚ୍ଛାବତୀ' ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଧନେଶ୍ୱର ରଥ ଫାଉଣ୍ଡେଶନ ଓ ଡ୍ରିମ୍‌ସ ପରିବାର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଯୋଗ ବେଦାନ୍ତ ଆଶ୍ରମର ପ୍ରଚାରକ ସ୍ୱାମୀ ବ୍ରହ୍ମସ୍ୱରୂପାନନ୍ଦ ପୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ମାତାପିତା ଆଦର୍ଶବାଦୀ ହେଲେ ସନ୍ତାନସନ୍ତତିଙ୍କ ଉପରେ ଏହାର ସୁପ୍ରଭାବ ପଡିଥାଏ। ମାତାପିତାଙ୍କୁ ଭକ୍ତି ଓ ଯଥୋଚିତ ସମ୍ମାନ ଦେଲେ ସନ୍ତାନ ଜୀବନରେ ସୁଖ ଓ ସଫଳତା ପ୍ରାପ୍ତ ହୁଏ। ଇଚ୍ଛାବତୀଙ୍କ ପୁଅ ତଥା ଡ୍ରିମ୍‌ସ ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ମାତାପିତାଙ୍କ ପ୍ରତି ଶ୍ରଦ୍ଧା ଓ ଅତୁଟ ଭକ୍ତି ରଖି ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଫାଉଣ୍ଡେଶନ୍‌ର କାର୍ଯ୍ୟକାରୀ ଅଧକ୍ଷ ବଳରାମ କର ଏଥିରେ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ଇଚ୍ଛାବତୀ ଓ ଭାରତର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ(ସିଡିଏସ୍) ଜେନେରାଲ ବିପିନ ରାୱତଙ୍କ ମୃତ୍ୟୁରେ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ହୃଦ୍‌ରୋଗ ବିଶେଷଜ୍ଞ ଶିଶୁଶଙ୍କର ମିଶ୍ର, ଡ. କପିଳେଶ୍ୱର ମିଶ୍ର, ଅବସରପ୍ରାପ୍ତ ବିଚାରପତି ବୈଷ୍ଣାୟନ କର, ଡ. ସ୍ନିଗ୍ଧମଧୁସୂଦନ ଦାସ, ଡ. ପି. କଙ୍ଗନେଶ୍ୱରୀ, ପ୍ରାଧ୍ୟାପକ ଆଶିଷ ସ୍ୱାଇଁ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଇଂ. ସୁଧାଂଶୁ ଭୂଷଣ କର, ସଚିବ ଚନ୍ଦ୍ରକାନ୍ତ ପଣ୍ଡା, ପ୍ରାଣବନ୍ଧୁ ନାୟକଙ୍କ ସମେତ ରଥ ପରିବାରର ସଦସ୍ୟ ଯୋଗଦେଇଥିଲେ। ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଡ୍ରିମ୍‌ସରେ ଅନୁଷ୍ଠିତ ଇଚ୍ଛାବତୀ ରଥ ସ୍ମୃତି ସମାରୋହରେ ଅତିଥିଙ୍କ ସହ ଅନ୍ୟମାନେ।

